# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ' ୬/୨୦୨୩ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, May 6/2023 Page 14 ₹ 7.00 | SAMBALPUR
୪୯ଶ ଭାଗ ୧୬୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 160 ମୂଲ୍ୟ ₹୭/-

# ଆତଙ୍କବାଦୀ ଆକ୍ରମଣରେ ୫ ଯବାନ ଶହୀଦ

**ଗତ ୫ ମାସ ମଧ୍ୟରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ୧୦ ଯବାନ ଶହୀଦ ହୋଇଥିବାବେଳେ ୬ ନାଗରିକଙ୍କ ମୃତ୍ୟୁ ଘଟିଛି। ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଆତଙ୍କବାଦ ଉପରେ ଲଗାମ ଲାଗିବ ବୋଲି କେନ୍ଦ୍ର ସରକାର ବାହୁସ୍ଫୋଟ ମାରିଥିଲେ। କିନ୍ତୁ ଏହି ସବୁ ଆକ୍ରମଣ ପରେ ଉପତ୍ୟକାରେ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନ ଉଠିଛି।**

| | | |
|---|---|---|
| ମେ' ୫ | ରାଜୌରି | ୫ ଯବାନ ମୃତ |
| ଏପ୍ରିଲ ୨୦ | ପୁଞ୍ଛ | ୫ ଯବାନ ମୃତ |
| ଜାନୁୟାରୀ ୧ ଓ ୨ | ଡଙ୍ଗ୍ରି | ୬ ନାଗରିକ ମୃତ |


ଆକ୍ରମଣ ପରେ ରାଜୌରି ଅଞ୍ଚଳରେ କଡ଼ା ପହରା।

**ଶ୍ରୀନଗର,୫ା୫**

ଜମ୍ମୁ-କଶ୍ମୀରର ରାଜୌରି ଜିଲାରେ ଶୁକ୍ରବାର ଆତଙ୍କବାଦୀ ଆକ୍ରମଣରେ ୫ ଯବାନ ଶହୀଦ ହୋଇଛନ୍ତି। ଏଥିରେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି। ଏପ୍ରିଲ ୨୦ରେ ରାଜୌରିରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୫ ଯବାନଙ୍କ ଜୀବନ ଯାଇଥିଲା। ସେହି ଆକ୍ରମଣ ଘଟାଇଥିବା ଆତଙ୍କବାଦୀମାନେ କାଣ୍ଡି ଅଞ୍ଚଳର କେଶରୀ ହିଲ୍‌ସ୍ଥିତ ଏକ ଗୁମ୍ଫାରେ ଲୁଚି ରହିଥିବା ନେଇ ସେନାକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଦୋଷାରୋପର ଖେଳ

**ଦେଶ ଡିଜିଟାଲ ହେଉଛି। ବିକଶିତ ଭାରତର ସ୍ୱପ୍ନ ବୁଣା ଚାଲିଛି। ହେଲେ ସେହି ସ୍ୱପ୍ନରେ ସାମିଲ ହୋଇପାରିନି ରାଜ୍ୟର ୪୫୪୯ ଗାଁ। କାରଣ ଦୂର ସଞ୍ଚାର ଠାରୁ ଦୂରରେ ରହିଛନ୍ତି ଏସବୁ ଗ୍ରାମବାସୀ। ମୋବାଇଲ ନେଟୱର୍କ କି ଇଣ୍ଟରନେଟ ସେବା ଉପଲବ୍ଧ ନ ଥିବାରୁ ଏଠାରେ ହୋଇପାରୁନି କ୍ୟାଶଲେସ କାରବାର। ଘରେ ବସି ମାତ୍ର କେଇ ସେକେଣ୍ଡରେ ନିଜ ଅସୁବିଧା ଦୂର କରିପାରୁନାହାନ୍ତି ଗ୍ରାମବାସୀ। ଇଣ୍ଟରନେଟ ଜରିଆରେ ରୋଜଗାର ତ ଦୂରର କଥା କାଗଜ ଓ ସମୟ ମଧ୍ୟ ସଞ୍ଚୟ ହୋଇପାରୁନି ଏମାନଙ୍କ ଦ୍ୱାରା। ବର୍ଷ ପରେ ବର୍ଷ ବିତୁଥିଲେ ମଧ୍ୟ ନା ଏମାନଙ୍କୁ ମିଳୁଛି କେନ୍ଦ୍ର ସରକାରଙ୍କ ସହଯୋଗ ନା ବିକାଶ ଦିଗରେ କରାଯାଉଛି ଆବଶ୍ୟକ ପ୍ରୟାସ। ସେଇଥିପାଇଁ ସାରା ଜଗତ ସହ ଏଯାଏ ଯୋଡ଼ି ହୋଇପାରିନାହାନ୍ତି ଏମାନେ।**

# ଦୂରସଞ୍ଚାରଠାରୁ ଦୂରରେ


ବେତର ଗାଁର ଏକ ଗଛରେ ମୋବାଇଲ ଫୋନ ଝୁଲାଯାଇଛି।

**ଅନୁଗୋଳ/ ଢେଙ୍କାନାଳ ଅଫିସ/ ଭୁବନେଶ୍ୱର (ବ୍ୟୁରୋ), ୫ା୫**

ବର୍ତ୍ତମାନ ସମୟରେ ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି ମୋବାଇଲ। ହେଲେ ଚିନ୍ତାର ବିଷୟ, ରାଜ୍ୟରେ ମୋଟ୍ ୫୧ ହଜାର ୧୭୬ ଗାଁ ମଧ୍ୟରୁ ୪ ହଜାର ୫୪୯ ଗ୍ରାମରେ ମୋବାଇଲ ନେଟୱର୍କ ନାହିଁ। କେବଳ ଅନୁଗୋଳ ଓ ଢେଙ୍କାନାଳ ଜିଲାକୁ ଦେଖିଲେ ଶତାଧିକ ଗ୍ରାମ ଏହି ତାଲିକାରେ ରହିଛି। ଅନୁଗୋଳର ୨୨୫ ପଞ୍ଚାୟତରେ ଥିବା ୧,୮୮୭ ଗାଁ ମଧ୍ୟରୁ ୯୫ ଗ୍ରାମରେ ଆସୁନି ନେଟୱର୍କ। ଜିଲା ସଦର ମହକୁମାଠାରୁ ୪୦ କିଲୋମିଟର ଦୂର ସାତକୋଶିଆ ☞ପୃଷ୍ଠା-୪






# 'ମନ୍ କୀ ବାତ୍' ନ ଶୁଣିବାରୁ ସ୍କୁଲ ପିଲାଙ୍କୁ ୧୦୦ ଲେଖାଏ ଜରିମାନା

**ଡେରାଡୁନ୍,୫।୫**

ଏପ୍ରିଲ ୩୦ରେ ପ୍ରସାରିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ର ୧୦୦ତମ ଅଧ୍ୟାୟକୁ ଦେଶବିଦେଶରେ ଶୁଣାଯାଇଥିଲା। ଏଥିପାଇଁ ଭାଜପା ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲା। କିନ୍ତୁ ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନ୍‌ରେ ଥିବା ଏକ ସ୍କୁଲରେ ଏହାର ବ୍ୟତିକ୍ରମ ଦେଖାଯାଇଥିଲା। ଛାତ୍ରୀଛାତ୍ରମାନେ 'ମନ୍ କୀ ବାତ୍' ଶୁଣିବା ପାଇଁ ସ୍କୁଲକୁ ଆସି ନ ଥିଲେ। ତେଣୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କଠାରୁ ଜଣ ପିଛା ୧୦୦ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ବିଦ୍ୟାଳୟର ହ୍ୱାଟ୍ସଆପ୍ ଗ୍ରୁପ୍ ଜରିଆରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କଠାରୁ ଜରିମାନା ଅସୁଲ କରିବା ଲାଗି ସ୍କୁଲ ମ୍ୟାନେଜମେଣ୍ଟ




ନିର୍ଦ୍ଦେଶ ଦେଇଛନ୍ତି। ନ୍ୟାଶନାଲ ଆସୋସିଏଶନ୍ ଫର୍ ପ୍ୟାରେଣ୍ଟ୍ସ ଆଣ୍ଡ ଷ୍ଟୁଡେଣ୍ଟ୍ସ ରାଇଟ୍ସ ଅଧ୍ୟକ୍ଷ ଆରିଫ୍ ଖାନ୍ ଏନେଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟର ମୁଖ୍ୟ ଶିକ୍ଷା ଅଧିକାରୀଙ୍କ ନିକଟକୁ ପତ୍ର ଲେଖିଛନ୍ତି। ଶିକ୍ଷା ବିଭାଗ ଏହା ଉପରେ ୩ ଦିନ ମଧ୍ୟରେ ଜବାବ ଦାଖଲ କରିବାକୁ ଉକ୍ତ ସ୍କୁଲକୁ ନୋଟିସ କରିଛି।

ଆରିଫ୍ ଖାନ୍ କହିଛନ୍ତି, ଡେରାଡୁନ୍‌ସ୍ଥିତ ଜିଆର୍‌ଡି ନିରଞ୍ଜନପୁର ଏକାଡେମୀ ରବିବାର 'ମନ୍ କୀ ବାତ୍' ଶୁଣିବା ପାଇଁ ସ୍କୁଲ ଆସି ନ ଥିବା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରିଛି। ଯେଉଁ ଛାତ୍ରୀଛାତ୍ର ସେଦିନ ସ୍କୁଲ ଆସି ନ ଥିଲେ ସେମାନେ ୧୦୦ ଟଙ୍କା ଜରିମାନା ଦେବେ ନଚେତ୍ ନିଜ ମେଡିକାଲ ସାର୍ଟିଫିକେଟ୍ ଦାଖଲ କରିବେ। ଅଭିଭାବକମାନେ ଉକ୍ତ ଅର୍ଡରର ସ୍କ୍ରିନ୍‌ଶର୍ଟ ମଧ୍ୟ ଶେୟାର କରିଛନ୍ତି। ଏନେଇ ମୁଖ୍ୟ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର କହିଛନ୍ତି, ସ୍କୁଲକୁ ଏକ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷ ୩ ଦିନ ମଧ୍ୟରେ ନିଜ ଆଭିମୁଖ୍ୟ ସ୍ପଷ୍ଟ ନ କଲେ, ବିଦ୍ୟାଳୟ ତରଫରୁ ଟଙ୍କା ଅସୁଲ କରାଯାଉଥିଲା ବୋଲି ଧରାଯିବ। ଏହାପରେ ବିଭାଗ କାର୍ଯ୍ୟାନୁଷ୍ଠାନ ନେବ।


ଜାପାନର ସୁଜୁ ସହରରେ ଭୂକମ୍ପ ଯୋଗୁ ଭାଙ୍ଗିଯାଇଥିବା କୋଠା ଏକ କାର୍ ଉପରେ ପଡ଼ିଛି।

## ଜାପାନରେ ଭୂକମ୍ପ: ଜଣେ ମୃତ

**ଟୋକିଓ,୫।୫**

କେନ୍ଦ୍ରୀୟ ଜାପାନରେ ଶୁକ୍ରବାର ଅପରାହ୍ଣରେ ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଏଥିରେ ସୁଜୁ ସହରରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ଅନେକ ଘର ଭାଙ୍ଗିଯାଇଛି। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୫ ମାପ କରାଯାଇଛି। ହୋନ୍‌ଶୁ ଦ୍ୱୀପ ଏହାର କେନ୍ଦ୍ରସ୍ଥଳ ବୋଲି ଆମେରିକା ଜିଓଲୋଜିକାଲ ସର୍ଭେ ପକ୍ଷରୁ କୁହାଯାଇଛି।

### ସଂକ୍ଷେପରେ

## ଜେଟ୍ ଏୟାରୱେଜ୍ ଅଫିସରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ,୫।୫:** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବ୍ୟାଙ୍କ ଠକେଇ ମାମଲାରେ ଶୁକ୍ରବାର ଜେଟ୍ ଏୟାରୱେଜ୍ ଅଫିସ ଓ ଏହାର ପ୍ରତିଷ୍ଠାତା ନରେଶ ଗୋୟଲଙ୍କ ମୁମ୍ବାଇ ବାସଭବନରେ ଚଢ଼ାଉ କରିଛି। ନରେଶଙ୍କ ବିରୋଧରେ କାନାରା ବ୍ୟାଙ୍କର ୫୩୮ କୋଟି ଟଙ୍କା ଠକେଇ ଅଭିଯୋଗ ରହିଛି। ତାଙ୍କ ସ୍ତ୍ରୀ ଅନିତା ଗୋୟଲ ଏବଂ ଏୟାରଲାଇନ୍ସର ପୂର୍ବତନ ଡାଇରେକ୍ଟର ଗୌରାଙ୍ଗ ସେଟ୍ଟୀଙ୍କ ଅଫିସ ଓ ଘରେ ମଧ୍ୟ ସିବିଆଇ ଅଧିକାରୀମାନେ ଚଢ଼ାଉ କରିଥିବା ଜଣାପଡ଼ିଛି। ଜେଟ୍ ଏୟାରୱେଜ୍ କାନାରା ବ୍ୟାଙ୍କରୁ ନେଇଥିବା ୮୪୮.୮୬ କୋଟି ଟଙ୍କାରୁ ୫୮୨.୬୨ କୋଟି ଅଦ୍ୟାବଧି ପରିଶୋଧ କରିନାହିଁ।

## ପରିବାରର ୬ ଜଣଙ୍କୁ ଗୁଳିକରି ହତ୍ୟା

**ଭୋପାଳ, ୫।୫:** ମଧ୍ୟପ୍ରଦେଶ ମୋରେନାସ୍ଥିତ ଲେପା ଗ୍ରାମରେ ଶୁକ୍ରବାର ଜମି ବିବାଦକୁ କେନ୍ଦ୍ରକରି ଗୋଟିଏ ପରିବାରର ୬ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତକଙ୍କ ମଧ୍ୟରେ ୩ ମହିଳା ଥିବାବେଳେ ୨ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜମିକୁ ନେଇ ଧୀର ସିଂ ତୋମାର ଓ ଗଜେନ୍ଦ୍ର ସିଂ ତୋମାରଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଅଳିଆ ଫିଙ୍ଗିବାକୁ ନେଇ ୨୦୧୩ରେ ଉଭୟଙ୍କ ପରିବାର ମଧ୍ୟରେ ବିବାଦ ହୋଇଥିଲା। ଏହାକୁ ନେଇ କେତେଜଣ ଯୁବକ ରାଇଫଲରୁ ଗୁଳି ଚଳାଇବାରୁ ଗଜେନ୍ଦ୍ରଙ୍କ ସମେତ ତାଙ୍କ ପରିବାରର ଆଉ ୫ ଜଣଙ୍କ ମୃତ୍ୟୁ ଘଟିଛି।

## ଆମେରିକାରେ ୪୦ ବିଲିୟନ ଡଲାର ନିବେଶ କରିଛନ୍ତି ଭାରତୀୟ କମ୍ପାନୀ

**ୱାଶିଂଟନ, ୫।୫:** ଆମେରିକାରେ ୧୬୩ ଭାରତୀୟ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୪୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ କରିଛନ୍ତି। ଏହାଦ୍ୱାରା ସେଠାରେ ୪,୨୫,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିବା ଏକ ସର୍ଭେରେ କୁହାଯାଇଛି। କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ 'ଇଣ୍ଡିଆନ ରୁଟ୍ସ, ଆମେରିକାନ୍ ସଏଲ' ନାମରେ ସର୍ଭେ କରାଯାଇଥିଲା, ଯାହାକୁ ବୁଧବାର ଆମେରିକାରେ ଭାରତର ରାଷ୍ଟ୍ରଦୂତ ତରନଜିତ ସିଂ ସାନ୍ଧୁ ଲଞ୍ଚ୍ କରିଛନ୍ତି। ଆମେରିକାରେ ଭାରତୀୟ କମ୍ପାନୀଗୁଡ଼ିକ କର୍ପୋରେଟ ସାମାଜିକ ଦାୟିତ୍ୱ ବାବଦରେ ୧୮୫ ନିୟୁତ ଡଲାର ଖର୍ଚ୍ଚ କରିଛନ୍ତି। ସେହିପରି ଆମେରିକାର ଗବେଷଣା ଓ ବିକାଶ ପ୍ରକଳ୍ପରେ ସେମାନେ ୧ ବିଲିୟନ ଡଲାର ବିନିଯୋଗ କରିଛନ୍ତି। ଭାରତୀୟ କମ୍ପାନୀ ନିବେଶ ଯୋଗୁ ଟେକ୍ସାସରେ ସର୍ବାଧିକ ୨୦,୯୦୬ ନିଯୁକ୍ତି ସୃଷ୍ଟି ହୋଇଥିବାବେଳେ ନ୍ୟୁୟର୍କରେ ୧୯,୧୦୬, ନ୍ୟୁଜର୍ସିରେ ୧୭,୭୧୩, ୱାଶିଂଟନରେ ୧୪,୫୨୫, ଜର୍ଜିଆରେ ୧୩,୯୪୫, ଓହିଓରେ ୧୨,୧୮୮, ମୋଣ୍ଟାନାରେ ୯,୬୦୩ ଏବଂ ଇଲିନୋଇସ୍‌ରେ ୮,୪୫୪ ନିଯୁକ୍ତି ସୃଷ୍ଟି ହୋଇଛି।

# ସର୍ବିଆରେ ପୁଣି ଗୁଳିକାଣ୍ଡ: ୮ ମୃତ

### ୪୮ ଘଣ୍ଟାରେ ଦ୍ୱିତୀୟ

**ବେଲ୍‌ଗ୍ରେଡ୍,୫।୫**

ସର୍ବିଆରେ ଦୁଇଦିନ ମଧ୍ୟରେ ଲଗାତର ଦୁଇଟି ବଡ଼ ଗୁଳିକାଣ୍ଡ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ପ୍ରଥମ ଆକ୍ରମଣରେ ୯ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଦ୍ୱିତୀୟ ଗୁଳିକାଣ୍ଡରେ ଆଉ ୮ ଜଣ ନିହତ ହୋଇଛନ୍ତି। ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଭୁସିସ୍ ସଦ୍ୟ ଗୁଳିକାଣ୍ଡକୁ ନିନ୍ଦା କରିବା ସହ ଦେଶରେ ଖୁବ୍‌ଶୀଘ୍ର ନୂଆ ବନ୍ଧୁକ ନିୟନ୍ତ୍ରଣ ଆଇନ ଆଣିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ସର୍ବିଆ ରାଜଧାନୀ ବେଲ୍‌ଗ୍ରେଡ୍‌ରୁ ପ୍ରାୟ ୬୦ କି.ମି. ଦୂର ମାଡେନୋଭାକ୍‌ରେ ଗୁରୁବାର ମଧ୍ୟରାତ୍ରିରେ ହଠାତ୍ ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳିଥିଲା। ଜଣେ ୨୧ ବର୍ଷୀୟ ବନ୍ଧୁକଧାରୀ ଏକ ଚଳନ୍ତା କାରରୁ ଆଖିବୁଜା ଗୁଳି ଚଳାଇଥିଲେ। ସେ ଏକ ଅଟୋମେଟିକ୍ ଅସ୍ତ୍ରରେ ଅବିଚାରିତ ଭାବେ ଗୁଳି ଚଳାଇ


ସର୍ବିଆ ଗୁଳିକାଣ୍ଡରେ ଆତ୍ମୀୟସ୍ୱଜନଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିବା ଲୋକେ କାନ୍ଦୁଛନ୍ତି।

ତିନୋଟି ଗ୍ରାମ ଅତିକ୍ରମ କରିଥିଲେ। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୪ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ବିଆ ପୋଲିସ ରାତି ସାରା ତାଙ୍କୁ ଖୋଜିବା ପରେ ଶୁକ୍ରବାର ଆକ୍ରମଣସ୍ଥଳରୁ ୯୦ କି.ମି. ଦୂର କ୍ରାଗଜେଭାକ୍‌ରେ ଗିରଫ କରିଛି। ତାଙ୍କ ନାମର ଶର୍ଟଫର୍ମ ହେଉଛି ୟୁ.ବି.। ସରକାରୀ ଟି.ଭି. ଚ୍ୟାନେଲ ଟିଆର୍‌ଏସ୍‌ରେ ପ୍ରସାରିତ ରିପୋର୍ଟ ଅନୁସାରେ ଅଭିଯୁକ୍ତଙ୍କୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୪ଟି ହ୍ୟାଣ୍ଡ୍ ଗ୍ରେନେଡ୍ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହା ପୂର୍ବରୁ ବୁଧବାର ପୂର୍ବାହ୍ଣ ୮ଟା ୪୦ରେ ରାଜଧାନୀ ବେଲ୍‌ଗ୍ରେଡ୍‌ର ଭ୍ଲାଡିସ୍ଲାଭ୍ ରିବ୍‌ନିକାର୍ ପ୍ରାଥମିକ ବିଦ୍ୟାଳୟରେ ଜଣେ ୧୪ ବର୍ଷୀୟ ବାଳକ ଉନ୍ମତ୍ତକାଣ୍ଡ ଭିଆଇଥିଲେ। ସେ ଗୁଳି ଚଳାଇବାରୁ ୮ ଶିଶୁ ଓ ସ୍କୁଲର ଜଣେ ସୁରକ୍ଷା କର୍ମୀ ନିହତ ଏବଂ ୬ ଶିଶୁଙ୍କ ସମେତ ଜଣେ ଶିକ୍ଷକ ଆହତ ହୋଇଥିଲେ। ନିଜ ବାପାଙ୍କ ବନ୍ଧୁକରୁ ଗୁଳିମାଡ଼ କରିଥିବା କେ.କେ.ଙ୍କୁ ସ୍କୁଲ ପରିସରରେ ପୋଲିସ ଗିରଫ କରିଥିଲା। ସର୍ବିଆରେ ବନ୍ଧୁକ ବ୍ୟବହାରକୁ ନେଇ କଠୋର ଆଇନ ଥିବାରୁ ଏଭଳି ଗୁଳିକାଣ୍ଡ ବିରଳ। ୨୦୧୩ରେ କେନ୍ଦ୍ରୀୟ ସର୍ବିଆର ଏକ ଗାଁରେ ଜଣେ ବାଲ୍‌କାନ୍ ଯୁଦ୍ଧ ଭେଟେରାନ୍ ଆଖିବୁଜା ଗୁଳି ଚଳାଇବାରୁ ୧୩ ଜଣ ନିହତ ହୋଇଥିଲେ। ଦୁଇଟି ଗୁଳିକାଣ୍ଡ ପରେ ସରକାର ବନ୍ଧୁକ ଆଇନକୁ ଆହୁରି ମଜଭୁତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ସ୍କୁଲଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରିବା ଲାଗି ୧,୨୦୦ ନୂଆ ପୋଲିସ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବ।

# ପାୱାର ଏନ୍‌ସିପି ଅଧ୍ୟକ୍ଷ ରହିବେ

**ମୁମ୍ବାଇ,୫।୫**



ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ୩ ଦିନ ପୂର୍ବେ ଦେଇଥିବା ଇସ୍ତଫାକୁ ଶୁକ୍ରବାର ପ୍ରତ୍ୟାହାର କରିନେଇଛନ୍ତି। ମୁମ୍ବାଇରେ ମଙ୍ଗଳବାର ନିଜ ଆତ୍ମଜୀବନୀ 'ଲୋକ୍ ମାଝେ ସଙ୍ଗତିର ନୂଆ ସଂସ୍କରଣ ଉନ୍ମୋଚନ ଅବସରରେ ପାୱାର ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିଥିଲେ। ଏଥିସହ ତାଙ୍କ ଉତ୍ତରାଧିକାରୀ ଚୟନ ପାଇଁ ଏକ କମିଟି ଗଢ଼ିଥିଲେ। ତେଣୁ ନୂଆ ଏନ୍‌ସିପି ମୁଖ୍ୟ କିଏ ହେବେ ସେନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପାୱାର ନିଜ ନିଷ୍ପତ୍ତି ପରିବର୍ତ୍ତନ କରନ୍ତୁ ବୋଲି ଦାବିକରି ଏନ୍‌ସିପି ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଇତିମଧ୍ୟରେ କେତେଜଣ ନେତା ମଧ୍ୟ ଦଳର ସାଙ୍ଗଠନିକ ପଦରୁ ଇସ୍ତଫା ଦେଇଥିଲେ। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପାୱାର କହିଛନ୍ତି, ଦଳୀୟ ସହକର୍ମୀ ଓ କର୍ମୀମାନଙ୍କ ଭାବାବେଗକୁ ସେ ଅସମ୍ମାନ କରିବାକୁ ଚାହୁଁନାହାନ୍ତି। ତାଙ୍କ ପ୍ରତି ଦଳୀୟ କର୍ମୀଙ୍କ ଭଲ ପାଇବା ଓ ଆସ୍ଥାକୁ ଦେଖି ସେ ଭାବବିହ୍ୱଳ ହୋଇଯାଇଛନ୍ତି। ସେ ସମସ୍ତଙ୍କ ଅନୁରୋଧକୁ ରକ୍ଷାକରି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଦଳରେ ସାଙ୍ଗଠନିକ ପରିବର୍ତ୍ତନକୁ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ମଣିପୁରର ସବୁ ଜିଲାରେ ହାଇ ଆଲର୍ଟ

**ଇମ୍ଫାଲ/ନୂଆଦିଲ୍ଲୀ,୫।୫**

ମଣିପୁର ରାଜଧାନୀ ଇମ୍ଫାଲରେ ବୁଧବାର ନାଗା ଓ କୁକି ସମ୍ପ୍ରଦାୟର ଲୋକେ 'ଆଦିବାସୀ ଏକତା ଶୋଭାଯାତ୍ରା' କରୁଥିବାବେଳେ ସଂଖ୍ୟାବହୁଳ ମେଇତି ଅଣଆଦିବାସୀଙ୍କ ପକ୍ଷରୁ ଟାର୍ଗେଟ କରାଯାଇଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଯୋଗୁ ସ୍ଥିତି ଅଣାୟତ୍ତ ହୋଇଥିଲା। ପୋଲିସ ଗୁଳିରେ ୬ ଜଣ ନିହତ ହେବା ପରେ ରାଜ୍ୟରେ ମୋବାଇଲ ଇଣ୍ଟରନେଟକୁ ବନ୍ଦ କରାଯିବା ସହ ହିଂସା ପ୍ରଭାବିତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା, ଯାହାକି ଶୁକ୍ରବାର ମଧ୍ୟ ବଳବତ୍ତର ରହିଛି। ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂ



ରାଜ୍ୟବାସୀଙ୍କୁ ଶାନ୍ତି ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କର୍ଣ୍ଣାଟକ ଗସ୍ତ ବାତିଲ କରି ମଣିପୁର ସ୍ଥିତି ଉପରେ ନଜର ରଖିଥିବା ଜଣାପଡ଼ିଛି। ଗୁରୁବାର ୯,୦୦୦ ଆଦିବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଶୁକ୍ରବାର ଭାରତୀୟ ବାୟୁସେନା ଆଉ ୫୦୦ ଲୋକଙ୍କୁ ଆସାମର କାଚର ଜିଲାକୁ ନେଇଛି। ମଣିପୁରର ସବୁ ଜିଲାରେ ହାଇ ଆଲର୍ଟ ଜାରି କରାଯାଇଛି।

# 'ଆତଙ୍କବାଦୀ ମାନସିକତାକୁ ସମର୍ଥନ କରୁଛି କଂଗ୍ରେସ'

### କର୍ଣ୍ଣାଟକରେ 'ଦି କେରଳା ଷ୍ଟୋରି' ପ୍ରସଙ୍ଗ ଉଠାଇଲେ ମୋଦି

**ବେଲ୍ଲାରି,୫।୫:** ବହୁ ବାଦବିବାଦ ପରେ ଶୁକ୍ରବାର 'ଦି କେରଳା ଷ୍ଟୋରି' ମୁକ୍ତିଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ଣ୍ଣାଟକର ବେଲ୍ଲାରିରେ ଏକ ସଭାକୁ ସମ୍ବୋଧିତ କରି ଏହି ଫିଲ୍ମର ଅବତାରଣା କରିଛନ୍ତି। ସେ କହିଛନ୍ତି, ଆତଙ୍କବାଦ ଷଡ଼ଯନ୍ତ୍ର ଉପରେ ପର୍ଯ୍ୟବସିତ 'ଦି କେରଳା ଷ୍ଟୋରି'କୁ କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ପାଇଁ ବିରୋଧ କରୁଛି। ଟେରର ଫଣ୍ଡିଂ ଜରିଆରେ ଉକ୍ତ ଫିଲ୍ମକୁ ବ୍ୟାନ୍ କରିବାକୁ ଉଦ୍ୟମ ଚଳାଇଥିବା ତତ୍ତ୍ୱଙ୍କୁ ବିରୋଧୀ ଦଳ ସମର୍ଥନ କରୁଛି। ବୋମା, ବନ୍ଧୁକ ଓ ପିସ୍ତଲ ପ୍ରଚଣ୍ଡ ଶବ୍ଦ ସୃଷ୍ଟି କରିଥାଏ। କିନ୍ତୁ ସମାଜରେ ଗହ୍ୱର ସୃଷ୍ଟିକାରୀ ଆତଙ୍କବାଦୀ ଷଡ଼ଯନ୍ତ୍ରର କୌଣସି ଶବ୍ଦ ଶୁଣାଯାଇ ନ ଥାଏ। ଏପରି କି ଅଦାଲତ ମଧ୍ୟ ଏହି ଧରଣର ଆତଙ୍କବାଦକୁ ନେଇ ଚିନ୍ତାବ୍ୟକ୍ତ କରିସାରିଛନ୍ତି। ଆଜିକାଲି 'ଦି କେରଳା ଷ୍ଟୋରି'କୁ ନେଇ ଅନେକ ଚର୍ଚ୍ଚା ଚାଲିଛି। ଏହି ଫିଲ୍ମ କେବଳ କେରଳରେ ଆତଙ୍କବାଦ ଷଡ଼ଯନ୍ତ୍ରକୁ ନେଇ ଗତିଶୀଳ ହୋଇଛି। ଲୋକଙ୍କୁ ବୋକା ବନାଇବା ପାଇଁ କଂଗ୍ରେସ ମିଥ୍ୟା ପ୍ରଚାର କରୁଛି ବୋଲି ମୋଦି ଟାର୍ଗେଟ କରିଛନ୍ତି।


କୁଇନ୍ ଅଫ୍ କନ୍‌ଶର୍ଟ କାମିଲା
ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟ

# ଆଜି କିଙ୍ଗ୍ ଚାର୍ଲ୍ସଙ୍କ ରାଜ୍ୟାଭିଷେକ

**ଲଣ୍ଡନ, ୫।୫**

ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟ ଏବଂ କୁଇନ୍ ଅଫ୍ କନ୍‌ଶର୍ଟ କାମିଲାଙ୍କ ରାଜ୍ୟାଭିଷେକ ଶନିବାର ଖୁବ୍ ଆଡମ୍ବର ସହକାରେ ପାଳନ ହେବାକୁ ଯାଉଛି। ସ୍ଥାନୀୟ ସମୟ ୧୦ଟା ୨୦ ମିନିଟ୍‌ରେ ଚାର୍ଲ୍ସଙ୍କ ପ୍ରଶେସନ ସେଣ୍ଟ୍ରାଲ ଲଣ୍ଡନସ୍ଥିତ ବକିଂହାମ ପ୍ୟାଲେସ୍‌ରୁ ୱେଷ୍ଟମିନଷ୍ଟର ଆବେ ଅଭିମୁଖେ ପାଖାପାଖି ୨ କିଲୋମିଟର ଦୂର ଯିବ। କିଙ୍ଗ୍ ଚାର୍ଲ୍ସ ଓ କାମିଲା ଡାଇମଣ୍ଡ ଜୁବିଲି ଷ୍ଟେଟ୍ କୋଚ୍ (ଘୋଡ଼ାଗାଡ଼ି)ରେ ବସି ଯାତ୍ରା କରିବେ। ୧୧ଟା ସମୟରେ କିଙ୍ଗ୍ ଚାର୍ଲ୍ସ ଓ ରାଣୀ ଭାବେ କାମିଲାଙ୍କ ରାଜ୍ୟାଭିଷେକ ପ୍ରକ୍ରିୟା ଆରମ୍ଭ କରାଯିବ। ଠିକ୍ ମଧ୍ୟାହ୍ନ ସମୟରେ ଇଂଲଣ୍ଡ ଚର୍ଚ୍ଚର ଉଚ୍ଚପଦରେ ଥିବା କ୍ଲେରିକ୍ ଏବଂ କାଣ୍ଟେରବରି ଜଷ୍ଟିନ୍ ୱେଲବିର ଆର୍ଚ୍ଚବିଶପ ଚାର୍ଲ୍ସଙ୍କୁ ରାଜମୁକୁଟ ପିନ୍ଧାଇବେ, ଯାହା ୧ ଘଣ୍ଟା ଧରି ଚାଲିବ। ୧,୦୦୦ ବର୍ଷର ଚିରାଚରିତ ପ୍ରଥାରେ ଚାର୍ଲ୍ସଙ୍କ ରାଜ୍ୟାଭିଷେକ କରାଯିବ। କାଣ୍ଟେରବରିର ଆର୍ଚ୍ଚବିଶପ୍ ଚାର୍ଲ୍ସଙ୍କୁ ଶପଥ ପାଠ କରାଇବେ। ଏହି ଅବସରରେ ସେ ରାଜାଙ୍କୁ କିଛି ପ୍ରଶ୍ନ କରିବେ, ଯାହାର ଉତ୍ତର ଚାର୍ଲ୍ସ ପବିତ୍ର ବାଇବେଲ୍ ଉପରେ ହାତ ରଖି ଦେବେ। ରାଜ୍ୟାଭିଷେକରେ ବ୍ୟବହାର ହେବାକୁ ଥିବା ଅଭିମନ୍ତ୍ରିତ ପବିତ୍ର ତେଲକୁ ଏକ ସୁନା ଆମ୍ପୁଲା (ପବିତ୍ର କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଏକ ପାତ୍ର) ଜରିଆରେ ଚାର୍ଲ୍ସଙ୍କ ଶରୀରରେ ଲଗାଯିବ। ଏହି ନୀତିକୁ କୌଣସି ବାହାରର ବ୍ୟକ୍ତି ଦେଖିପାରିବେ ନାହିଁ। ତେବେ ଦ୍ୱାଦଶ ଶତାବ୍ଦୀ ପୁରୁଣା ରୁପା ଚାମଚ ମଧ୍ୟ ଏଥିରେ ବ୍ୟବହାର କରାଯିବ। କିଙ୍ଗ୍ ଚାର୍ଲ୍ସଙ୍କୁ ପବିତ୍ର କରାଯିବା ପରେ ତାଙ୍କୁ ୧୩୦୦ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିବା ରାଜ୍ୟାଭିଷେକ ସିଂହାସନରେ ବସାଇ ସୁନାରେ ତିଆରି ମାଣିକ ଓ ମୂଲ୍ୟବାନ୍ ରତ୍ନପଥର ଖଚିତ ରାଜମୁକୁଟକୁ ଚାର୍ଲ୍ସଙ୍କୁ ପିନ୍ଧାଯିବ। ଏହାପରେ କାମିଲାଙ୍କୁ ଅନ୍ୟ ଏକ ଆସନରେ ବସାଇ ମୁକୁଟ ପିନ୍ଧାଯିବ। ଏହାପରେ ବିରାଟ ସମାରୋହ ଜରିଆରେ ବ୍ରିଟେନ୍ ରାଜା ଓ ରାଣୀ ଗୋଲ୍ଡ ଷ୍ଟେଟ୍ କୋଚ୍ (ଘୋଡ଼ାଗାଡ଼ି) ରେ ବସି ବକିଂହାମ ରାଜପ୍ରାସାଦକୁ ଫେରିବେ। ଏହି ଘୋଡ଼ାଗାଡ଼ିକୁ ୧୭୬୨ ରେ ନିର୍ମାଣ କରାଯାଇଥିଲା, ଯାହାର ଓଜନ ୪ ଟନ୍ ରହିଛି। ଅପରାହ୍ଣ ପ୍ରାୟ ୨ଟା ୧୫ ମିନିଟ୍‌ରେ ରାଜପ୍ରାସାଦ ବାଲ୍‌କୋନିରେ ବସି ରାଜା ଚାର୍ଲ୍ସ ଓ ରାଣୀ କାମିଲା ରୟାଲ୍ ଏୟାର ଫୋର୍ସର ଫ୍ଲାଏପାଷ୍ଟ ଦେଖିବେ।

କରୋନେଶନ୍‌ରେ ଖର୍ଚ୍ଚ ହେଉଥିବା ଅର୍ଥ ବାବଦରେ ରାଜପରିବାର ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ରିପୋର୍ଟ ମୁତାବକ ସମାରୋହରେ ବ୍ରିଟେନ୍ ସରକାର, ବକିଂହାମ ପ୍ୟାଲେସ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଉଛି। ଏହି ବିଶାଳ ସମାରୋହରେ ପାଖାପାଖି ୨,୩୦୦ ଭିଆଇପି ଅତିଥି ସାମିଲ ହେବେ। ଉପରାଷ୍ଟ୍ରପତି ଜଗଦୀପ ଧନକର କରୋନେଶନ୍ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶୁକ୍ରବାର ୨ ଦିନିଆ ଲଣ୍ଡନ ଗସ୍ତରେ ବାହାରିଛନ୍ତି। ଧନକରଙ୍କ ସହ ତାଙ୍କ ସ୍ତ୍ରୀ ସୁଦେଶ ଧନକର ମଧ୍ୟ ଯାଇଛନ୍ତି। ବହୁ ଭାରତୀୟ ବଂଶୋଦ୍ଭବ ସମାରୋହରେ ଯୋଗଦେବାକୁ ଥିବାବେଳେ ଏମାନଙ୍କ ମଧ୍ୟରେ ସେଫ୍ ମଞ୍ଜୁ ମଲ୍‌ହି ରହିଛନ୍ତି। ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବ୍ରିଟିଶ୍ ଏମ୍ପାୟାର ମେଡାଲ (ବିଇଏମ୍) ବିଜେତା ମଞ୍ଜୁ ବେଶ୍ ଉତ୍ସାହିତ ଥିବା କହିଛନ୍ତି।

କାମିଲା ଏବଂ ଚାର୍ଲ୍ସଙ୍କ ପରିବାରର ଅନେକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରିନ୍ସ ୱିଲିୟମ୍, କାଥେରିନ୍‌ଙ୍କ ସହ ପ୍ରିନ୍ସ ହ୍ୟାରି ମଧ୍ୟ ରାଜ୍ୟାଭିଷେକ ସମାରୋହରେ ସାମିଲ ହେବେ। କିନ୍ତୁ ହ୍ୟାରିଙ୍କ ସ୍ତ୍ରୀ ମେଘାନ ଏଥିରେ ଯୋଗ ଦେବେ ନାହିଁ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ, ଆମେରିକା ଫାଷ୍ଟ ଲେଡି ଜିଲ ବାଇଡେନ୍, ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜେଜ ଡୁଡା, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନେଜ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ପ୍ରମୁଖ ରାଷ୍ଟ୍ର ମୁଖ୍ୟ ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ସାମିଲ ହେବେ। ଅନ୍ୟପକ୍ଷେ ରୁଷିଆ, ବେଲାରୁଷ, ମ୍ୟାନ୍‌ମାର, ଇରାନ୍ ଓ ଆଫଗାନିସ୍ତାନ ଆଦି ଦେଶ ଏଥିରେ ସାମିଲ ହେବେନାହିଁ। ରାଜ୍ୟାଭିଷେକ କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ରାଜ୍ୟାଭିଷେକ ପରେ ରବିବାର ଦିନ ବ୍ରିଟେନ୍‌ରେ ଷ୍ଟ୍ରିଟ୍ ପାର୍ଟି ଜରିଆରେ କରୋନେଶନ୍ ଲଞ୍ଚର ଆୟୋଜନ କରାଯାଇଛି। ରାଜପରିବାର ପକ୍ଷରୁ ସୋମବାର ସାରା ଦେଶରେ ଛୁଟି ଘୋଷଣା କରାଯାଇଛି।






# ବିଶ୍ୱ ମହାମାରୀ ତାଲିକାରୁ ହଟିଲା କରୋନା

ଜେନେଭା, ୫।୫

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ଶୁକ୍ରବାର କୋଭିଡ୍-୧୯କୁ ବିଶ୍ୱ ମହାମାରୀ ତାଲିକାରୁ ହଟାଇଦେଇଛି। କୋଭିଡ୍ ସଂକ୍ରମିତ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଲଗାତର କମିବା ଯୋଗୁ ଡବ୍ଲ୍ୟୁଏଚ୍ଓ ଏହି ନିଷ୍ପତ୍ତି ନେଇଛି। ତିନିବର୍ଷ ଭିତରେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ମୋଟ ୭ ନିୟୁତ ଲୋକଙ୍କ ମୃତ୍ୟୁ ଘଟିଥିବା ଡବ୍ଲ୍ୟୁଏଚ୍ଓ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ କରୋନା ଭୂତାଣୁ ଦ୍ୱାରା ଲୋକେ ସଂକ୍ରମିତ ହେବାର ଡର ରହିଛି। ଏଚ୍ଆଇଭି ଭଳି କୋଭିଡ୍ ମଧ୍ୟ ଏକ ମହାମାରୀ ସ୍ଥିତିରେ ରହିବ। ବହୁ ଆଶାରେ କୋଭିଡ୍-୧୯କୁ ବୈଶ୍ୱିକ ମହାମାରୀ ତାଲିକାରୁ ହଟାଯାଉଥିବା ଡବ୍ଲ୍ୟୁଏଚ୍ଓ ମହାନିର୍ଦ୍ଦେଶକ ଡା. ଟେଡ୍ରୋସ୍ ଆଧାନୋମ ଘେବ୍ରେୟେସସ୍ କହିଛନ୍ତି। କୋଭିଡ୍ ମହାମାରୀ ତାଲିକାରୁ ହଟାଯିବା ସତ୍ତ୍ୱେ ସଂକ୍ରମଣ ଭୟ କମିନାହିଁ। ଭାଇରସ୍ ଏବେ ମଧ୍ୟ ବାୟୁମଣ୍ଡଳରେ ଉପସ୍ଥିତ ରହିଛି। ଏହାର ସଂକ୍ରମଣରେ ଆକ୍ରାନ୍ତଙ୍କ ପ୍ରାଣହାନି ଘଟିବା ସହ ଏହାର ଗୁଣବତ୍ତାରେ ପରିବର୍ତ୍ତନ ଦେଖାଯିବ


ଡା. ଟେଡ୍ରୋସ୍ ଆଧାନୋମ ଘେବ୍ରେୟେସସ୍

ବୋଲି ଘେବ୍ରେୟେସସ୍ କହିଛନ୍ତି। ୨୦୨୦ ଜାନୁୟାରୀରେ ଡବ୍ଲ୍ୟୁଏଚ୍ଓ କୋଭିଡ୍-୧୯କୁ ବୈଶ୍ୱିକ ମହାମାରୀ ଭାବେ ଘୋଷଣା କରିଥିଲା। କରୋନା ମୁକାବିଲା ପାଇଁ ଟିକା ଏକମାତ୍ର ଅସ୍ତ୍ର ପାଲଟିଛି। କାରଣ ଏହାକୁ ସମ୍ପୂର୍ଣ୍ଣ ଭଲ କରିବାର ଉପାୟ ଏବେ ସୁଦ୍ଧା ବୈଜ୍ଞାନିକମାନେ ଖୋଜି ବାହାର କରିପାରି ନାହାନ୍ତି। ଆମେରିକା,ବ୍ରିଟେନ୍ ଭଳି ଅନେକ ଦେଶ ବର୍ତ୍ତମାନ କୋଭିଡ୍ ସହିତ ଜିଇବା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷେ ଗୁଡ଼ିଏ ଦେଶରେ କରୋନା ଟିକା ଅଦ୍ୟାବଧି ଉପଲବ୍ଧ ହୋଇପାରି ନାହିଁ। କରୋନାକୁ ସଂକ୍ରମଣକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିବ। ଅନେକ ସମୟରେ ନୂଆ ମହାମାରୀର ଆଗମନରେ ହିଁ ପୂର୍ବ ମହାମାରୀ ଶେଷ ହୋଇଯାଏ ବୋଲି ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି।

# ଲଘୁଚାପ ସୃଷ୍ଟି ହେଲେ ବାତ୍ୟା ଆକଳନ କରିହେବ: ଆଇଏମ୍‌ଡି

ଭୁବନେଶ୍ୱର,୫।୫(ବ୍ୟୁରୋ)

ଆସନ୍ତା ମେ ୬ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୭ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଲଘୁଚାପ ଘନୀଭୂତ ହୋଇ ୮ କିମ୍ବା ତାରିଖ ବେଳକୁ ଅବପାତର ରୂପ ନେବା ସମ୍ଭାବନା ରହିଛି। ଲଘୁଚାପ କ୍ରମେ ଘନୀଭୂତ ହୋଇ ଉତ୍ତର ଦିଗକୁ ଗତି କରିବ। ପରେ ଏହା ଅଧିକ ଘନୀଭୂତ ହୋଇ ୯ ତାରିଖ ବେଳକୁ ବାତ୍ୟାର ରୂପ ନେଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା। ତେବେ ଘୂର୍ଣ୍ଣିବଳୟ କେବେ ହେବ ସେ ନେଇ ଆଇଏମଡି ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

ଅନ୍ୟ ପକ୍ଷରେ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଲଘୁଚାପ ସୃଷ୍ଟି ନ ହେବା ଯାଏ ବାତ୍ୟା ସମ୍ପର୍କରେ ପୂର୍ବାନୁମାନ କରିବା ସମ୍ଭବ ନୁହେଁ। ଯଦିଓ ଓଡିଶା ବାତ୍ୟା ପ୍ରବଣ ରାଜ୍ୟ, ତେବେ ସବୁ ବାତ୍ୟାର ପ୍ରଭାବ ଯେ ଓଡିଶା ଉପରେ ରହିବ ତାହା କହିବା ଠିକ ନୁହେଁ। ସମ୍ଭାବ୍ୟ ବାତ୍ୟା କିମ୍ବା ଓଡିଶା ଉପରେ ଏହାର ନେଇ ଆଇଏମଡି ପକ୍ଷରୁ କୌଣସି ପୂର୍ବାନୁମାନ କରି ନାହୁଁ। ଲଘୁଚାପ ସୃଷ୍ଟି ହେବା ପରେ ବାତ୍ୟା ଗତି ପଥ, ବେଗ ଇତ୍ୟାଦି ସମ୍ପର୍କରେ ଠିକ୍ ତଥ୍ୟ ଦିଆଯାଇ ପାରିବ। ଗ୍ରୀଷ୍ମ ସମୟରେ ଅର୍ଥାତ ମେ ମାସରେ ଅନେକ ବାତ୍ୟା ସୃଷ୍ଟି ହେଉଛି। ଏହି ସମୟରେ ବାତ୍ୟା ଆସୁଥିବା କିଛି ନୂଆ ନୁହେଁ। ତେବେ ସବୁ ବାତ୍ୟା ଯେ ଓଡିଶା ଉପରେ ପକାଇବ ତାହା ମଧ୍ୟ ଠିକ୍ ନୁହେଁ ବୋଲି ଆଇଏମଡି ଡିଜି କହିଛନ୍ତି।

ତେବେ ୱିଣ୍ଡି ୱେଦର ଭଳି ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ପାଣିପାଗ ମଡେଲ ସୂଚନା ଅନୁଯାୟୀ ବାତ୍ୟା ବାଂଲାଦେଶ କିମ୍ବା ମିଆଁମାର ଆଡେ ମୁହାଁଇବା ଅଧିକ ସମ୍ଭାବନା ରହିଛି। ଓଡିଶା ପ୍ରତି ବିପଦ ନ ଥିବା କୁହାଯାଇଛି। ବାତ୍ୟା ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ମଧ୍ୟ ତତ୍ପର ହୋଇ ଉଠିଛନ୍ତି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଏସଆରସି ପ୍ରମୁଖ ସମୀକ୍ଷା ବୈଠକ କରିଛନ୍ତି। ସମସ୍ତ ଜିଲାପାଳଙ୍କୁ ଆଲର୍ଟ ରଖାଯାଇଛି।

ବାତ୍ୟା ଆସୁ କି ନ ଆସୁ ଆସନ୍ତା ୭ ତାରିଖରୁ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବ। ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସକୁ ଟପିଯିବା ସମ୍ଭାବନା ରହିଛି। ତାତିର ପ୍ରକୋପ ୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କାଳବୈଶାଖି ଜନିତ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ ବର୍ଷା ହୋଇଛି। ଏଥିଯୋଗୁ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଶୁକ୍ରବାର ଭୁବନେଶ୍ୱରରେ ୩୮ ମିଲିମିଟର ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧା ୧୮, ଯାଜପୁର ୮.୪, ଛତ୍ରପୁର ୨.୬, ନବରଙ୍ଗପୁରରେ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଯୋଡ଼ା ମଣ୍ଡଳରେ ୫୯ ଖଣି ବନ୍ଦ

ଯୋଡ଼ା,୫।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ସମୁଦାୟ ୯୦ଟି ଖଣି ମଧ୍ୟରୁ ୫୯ଟି ବନ୍ଦ ରହିଛି। ମାତ୍ର ୩୧ ଖଣି କାର୍ଯ୍ୟକ୍ଷମ ହେଉଥିବା ବେଳେ ବୈଧାନିକ କାରଣ ଯୋଗୁ ଅନେକ ଖଣି ଚାଲିପାରୁନାହିଁ। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି। ଏଥିସହ ଖଣି ପ୍ରିମିୟମ ପ୍ରଦାନରେ ଭିନ୍ନ ନିୟମ କାରଣରୁ ଖଣି ଓ ଶିଳ୍ପରେ ପ୍ରତିଦ୍ୱନ୍ଦ୍ୱିତା କମୁଛି। ଫଳରେ ନୂତନ ନିଲାମଧାରୀ କ୍ଷତି ସହୁଥିବା ଖଣି ବିଶାରଦମାନେ କହିଛନ୍ତି।



ଖଣି ବିଭାଗ ସୂଚନା ଅନୁଯାୟୀ, ବିଭିନ୍ନ ବୈଧାନିକ କାରଣ ଯଥା ଫରେଷ୍ଟ କଞ୍ଜରଭେଶନ ଆକ୍ଟ, ଏନଭାରମେଣ୍ଟ କ୍ଲିୟରାନ୍ସ, ଆଇବିଏମ୍ (ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ)ପ୍ଲାନ ପ୍ରଭୃତିର ଅନୁମୋଦନ ବିଳମ୍ବ ହେତୁ ପ୍ରାୟ ୫୯ ଖଣି କେବଳ ଯୋଡ଼ା ଖଣି ମଣ୍ଡଳରେ ବନ୍ଦ ରହିଛି। ରାଜ୍ୟ ସରକାରଙ୍କ ପ୍ରସ୍ତାବ କ୍ରମେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟରୁ ଏହି ସବୁ ଅନୁମୋଦନ ମିଳିଥାଏ। ରାଜ୍ୟ ଏବଂ କେନ୍ଦ୍ରର ସମନ୍ୱୟ ଅଭାବ ଏବଂ ଲିଜ୍‌ଧାରୀମାନଙ୍କର ଅପାରଗତା ହେତୁ ଅନୁମୋଦନ ନ ପାଇ ଖଣିଗୁଡ଼ିକ ବନ୍ଦ ରହିଛି। ଅଧୁନା ଯୋଡ଼ା ଖଣି ମଣ୍ଡଳରେ କାର୍ଯ୍ୟକ୍ଷମ ଥିବା ୩୧ ଖଣି ମଧ୍ୟରୁ ନିଲାମ ମାଧ୍ୟମରେ ୧୦ଟି ଖଣି ନୂତନ ଭାବେ ୨୦୨୦ ପରେ ଲିଜଧାରୀ ପାଇଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ୮୭୪ ଲକ୍ଷ ୮୪ହଜାର ୨୮୬ .୧୯ମେଟ୍ରିକ ଟନ ଖଣିଜ ଉତ୍ତୋଳିତ ହୋଇଥିବା ବେଳେ ୭୧୮ ଲକ୍ଷ ୩୪ ହଜାର ୬୪୬.୭୮ମେଟ୍ରିକ ଟନ ଖଣିଜ ପରିବହନ ହୋଇଛି। ଏଥିରୁ ଆର୍ଥିକ ବର୍ଷରେ ୧୬ ହଜାର ୮୯୪ କୋଟି ରାଜସ୍ୱ ମିଳିଛି। ତେବେ ୫୯ଟି ଖଣି ବନ୍ଦ ରହିଥିବାରୁ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି। ଜିଲା ଖଣିଜ ପାଣ୍ଠି ନିଅଣ୍ଟ ହେଉଛି। କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ମିନେରାଲ୍ସ ଏକ୍ସପ୍ଲୋରେଶନ ଟ୍ରଷ୍ଟ (ଏନ୍ଏମ୍ଇଟି)ର ରାଜସ୍ୱ ହ୍ରାସ ପାଉଛି। ଅପରପକ୍ଷରେ ନିଲାମ ମାଧ୍ୟମରେ ଲିଜ୍ ପାଇଥିବା ଲିଜ୍‌ଧାରୀମାନେ ଅଧିକ ପ୍ରିମିୟମ ଦେଇ ଖଣି ଚଳାଉଥିବା ବେଳେ ବହୁ ଖଣିର ଲିଜ୍ ସମୟ ବଳବତ୍ତର ଥିବାରୁ ସେମାନେ ପ୍ରିମିୟମ ଦେବାରୁ ବର୍ତ୍ତିଯାଉଛନ୍ତି। କେବଳ ରାଜସ୍ୱ ଓ ଡିଏମ୍ଏଫ୍ ଦେଉଛନ୍ତି। ଫଳରେ ଇସ୍ପାତ ଶିଳ୍ପରେ ପ୍ରତିଦ୍ୱନ୍ଦ୍ୱିତା ବ୍ୟବଧାନ ବଢ଼ୁଥିବାରୁ ଖଣି ଓ ଶିଳ୍ପ ରୁଗ୍ଣ ହେଉଛି। ୱାନ ନେଶନ ୱାନ ଟ୍ୟାକ୍ସ ନୀତି କେନ୍ଦ୍ର ସରକାର ଲାଗୁ କରିଥିବା ବେଳେ ରାଜସ୍ୱ କ୍ଷେତ୍ରରେ ଏହାକୁ ଲାଗୁ କରାଗଲେ ଖଣି ଓ ଶିଳ୍ପ କ୍ଷେତ୍ରରେ ସ୍ୱଚ୍ଛତା, ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ପ୍ରତିପାଦିତ ହେବ ବୋଲି ଇଣ୍ଡଷ୍ଟ୍ରିଜ୍ ଏବଂ ମାଇନିଂ ଅବଜରଭର ପତ୍ରିକାର ସମ୍ପାଦକ ଶିରିଶ ଚନ୍ଦ୍ର ମହାନ୍ତି କହିଛନ୍ତି।

# ଗର୍ଭାଶୟରେ ଶିଶୁର ବ୍ରେନ୍ ସର୍ଜରି

ୱାଶିଂଟନ୍, ୫।୫



ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଇତିହାସ ସୃଷ୍ଟି ହୋଇଛି। ପ୍ରଥମଥର ପାଇଁ ବିଶ୍ୱରେ ଜଣେ ଗର୍ଭସ୍ଥ ଶିଶୁର ମସ୍ତିଷ୍କରେ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି। ଆମେରିକାର ଏକ ଡାକ୍ତରୀ ଟିମ୍ ଗର୍ଭାଶୟ ଭିତରେ ଶିଶୁର ବ୍ରେନ୍ ସର୍ଜରି କରିଏବେ ପ୍ରଶଂସା ସାଉଁଟିଛନ୍ତି। ଉକ୍ତ ଗର୍ଭସ୍ଥ ଶିଶୁ ବିରଳ ଭେନସ୍ ଅଫ୍ ଗାଲେନ୍ ମାଲଫର୍ମେଶନ୍ ରୋଗରେ ଆକ୍ରାନ୍ତ ଥିବାବେଳେ ଜୀବନ ରକ୍ଷା ପାଇଁ ଅପରେଶନ୍ ଜରୁରୀ ଥିଲା। ବ୍ରିଘାମ ଆଣ୍ଡ ଓମେନ୍ସ ହସ୍ପିଟାଲ ଓ ବୋଷ୍ଟୋନ୍ ଚିଲ୍‌ଡ୍ରେନ୍ସ ହସ୍ପିଟାଲରେ ଏହି ଅସ୍ତ୍ରୋପଚାର କରାଯାଇଛି।

ଗର୍ଭରେ ଥିବା ଶିଶୁର ମସ୍ତିଷ୍କରୁ ରକ୍ତ ଯେଉଁ ଶିରା ଦେଇ ହୃତ୍‌ପିଣ୍ଡକୁ ଯିବା କଥା, ତାହାର ବିକାଶ ଠିକ୍ ଭାବେ ନ ହେବାକୁ ଭେନସ୍ ଅଫ୍ ଗାଲେନ୍ ମାଲଫର୍ମେଶନ ବୋଲି କୁହାଯାଏ। ଏହା ଏକ ଜଟିଳ ରୋଗ। ଏଥିରେ ଆକ୍ରାନ୍ତ ଶିଶୁ ଜନ୍ମ ହେବା ପରେ ହୃଦ୍‌ରୋଗରେ ପୀଡ଼ିତ ହେବା ଆଶଙ୍କା ବେଶି। ପ୍ରାୟ କ୍ଷେତ୍ରରେ ଶିଶୁର ବଞ୍ଚିବାର ସମ୍ଭାବନା କ୍ଷୀଣ ବୋଲି ଡାକ୍ତର କହିଛନ୍ତି। ନିୟମିତ ଅଲଟ୍ରାସାଉଣ୍ଡ ଚେକ୍‌ଅପ୍ ସମୟରେ ମା'ଙ୍କ ଗର୍ଭାଶୟରେ ଥିବା ଉକ୍ତ ଶିଶୁର ମସ୍ତିଷ୍କ ଶିରା ବିକାଶରେ ସାମାନ୍ୟ ତ୍ରୁଟି ଥିବା ଜଣାପଡ଼ିଥିଲା। ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହ ଠିକ୍‌ଭାବେ ହେଉ ନ ଥିବାରୁ ଶିଶୁର ମୃତ୍ୟୁ ନେଇ ଆଶଙ୍କା ବଢ଼ିଯାଇଥିଲା। ଏହାପରେ ଶିଶୁ ଜୀବନ ରକ୍ଷା ପାଇଁ ଅଲଟ୍ରାସାଉଣ୍ଡ ଗାଇଡାନ୍ସ ଜରିଆରେ ବ୍ରେନ୍‌ର ଅସ୍ତ୍ରୋପଚାର ନିଷ୍ପତ୍ତି ନିଆଯାଇଥିଲା। ମାସେ ତଳେ ସୁରକ୍ଷିତ ଭାବେ ଶିଶୁଟି ଜନ୍ମ ନେଇଥିଲା।

ତେବେ ଉକ୍ତ ଅସ୍ତ୍ରୋପଚାର ସମୟରେ ଶିଶୁର ବ୍ରେନ୍‌ରେ ଆଘାତ ଏବଂ ହୃତ୍‌ପିଣ୍ଡ ଅକାମୀ ହୋଇଯିବାର ବଡ଼ ଆଶଙ୍କା ଥିବା ବୋଷ୍ଟୋନ୍ ଚିଲ୍‌ଡ୍ରେନ୍ସ ହସ୍ପିଟାଲର ରେଡିଓଲୋଜିଷ୍ଟ ଡା. ଡାରେନ୍ ଓର୍ବାଚ କହିଛନ୍ତି।

# ପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପାଇଁ ୩ ସଂସ୍ଥା ମଧ୍ୟରେ ଏମ୍‌ଓୟୁ



ଭୁବନେଶ୍ୱର, ୫।୫(ବ୍ୟୁରୋ)

ରାଜ୍ୟରେ ବିଭିନ୍ନ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍‌ସେବା ଯୋଗାଇଦେବା ପାଇଁ ଶୁକ୍ରବାର ଓପିଟିସିଏଲ୍, ଭାରତ ସଞ୍ଚାର ନିଗମ ଲିମିଟେଡ୍ ଏବଂ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍) ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା(ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଭାରତନେଟ୍ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ଏହି ପଦକ୍ଷେପ ନିଆଯାଇଛି। ଏହି ଅବସରରେ ରାଜ୍ୟ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର, ଓପିଟିସିଏଲ୍‌ର ନିର୍ଦ୍ଦେଶକ ବି.ବି. ମେହେଟ୍ଟା ଏବଂ ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ମୁଖ୍ୟ ମହାପ୍ରବନ୍ଧକ ଆର୍.ଏନ୍. ପଲ୍ଲାଇ, ଆଇଟି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ଅତିରିକ୍ତ ଶାସନ ସଚିବ ତଥା ଓକାକ୍ ସିଇଓ ମନୋଜ ପଟ୍ଟନାୟକ, ଓକାକ୍ ଜେନେରାଲ ମ୍ୟାନେଜର ମଧୁମିତା ରଥ, ପ୍ରଶାସନିକ ଅଧିକାରୀ ପ୍ରବୋଧ ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ବେହେରା କହିଛନ୍ତି, ଭାରତନେଟ୍-ଓଡ଼ିଶା ପ୍ରକଳ୍ପ ଦ୍ୱାରା କେବଳ ବ୍ଲକ ମୁଖ୍ୟାଳୟ ନୁହେଁ, ବରଂ ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମପଞ୍ଚାୟତରେ ମଧ୍ୟ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଉପଲବ୍ଧ ହେବ। ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତ ସରକାରୀ ସେବା ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ। ଲୋକମାନେ ବ୍ୟାଙ୍କିଙ୍ଗ୍, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ କିଭଳି ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ସେବା ସୁବିଧାରେ ପାଇପାରିବେ ସେଥିଲାଗି ସରକାର ଚେଷ୍ଟିତ ଅଛନ୍ତି। ରାଜ୍ୟ ସରକାର ୫-ଟି ଅଧୀନରେ ଯେଉଁସବୁ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି, ସେଥିପାଇଁ ଇଣ୍ଟରନେଟ୍‌ର ଆବଶ୍ୟକତା ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ହେବ। ଓପିଟିସିଏଲ୍ ଏବଂ ଓକାକ୍ ନିଜର କାର୍ଯ୍ୟର ପାରଦର୍ଶିତା ଦେଖାଇ ସଫଳ ଭାବେ ଏବଂ ଧାର୍ଯ୍ୟ ସମୟରେ ଭାରତନେଟ୍-୨ ପର୍ଯ୍ୟାୟର ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିଥିବାରୁ ମନ୍ତ୍ରୀ ଏହି ଦୁଇ ସଂସ୍ଥାକୁ ପ୍ରଶଂସା କରିଛନ୍ତି। ଭାରତ ସଞ୍ଚାର ନିଗମ ଲିମିଟେଡ୍ ମଧ୍ୟ ଏହି ଭିତ୍ତିଭୂମିର ଲାଭ ଉଠାଇ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବାକୁ ସୁଦୃଢ଼ କରିପାରିବ। ଭାରତ ସଞ୍ଚାର ନିଗମ ଲିମିଟେଡ୍‌ର ମୁଖ୍ୟ ମହାପ୍ରବନ୍ଧକ ଆର୍.ଏନ୍ . ପଲାଇ କହିଛନ୍ତି, ୫୪୫ କୋଟି ଟଙ୍କା ବିନିମୟରେ ୨୦,୦୦୦ କିଲୋମିଟର ଦୀର୍ଘ ଅପ୍‌ଟିକାଲ ଫାଇବର କେବଲିଂ ମାଧ୍ୟମରେ ୧୩୨ ବ୍ଲକର ୨୯୩୨ ଗ୍ରାମପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯିବ। ଫଳରେ ଗ୍ରାମାଞ୍ଚଳରେ ଲୋକେ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ ସେବା ପାଇପାରିବେ ବୋଲି ସେ କହିଛନ୍ତି।

# ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଗ୍ରହଣ କଲା ଲୋକ ସଭା

ସମ୍ବଲପୁର,୫।୫(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାବେଳେ ହିଂସା ଘଟିଥିଲା। ଆହତ ଓ ମୃତକଙ୍କ ପରିବାରକୁ ଭେଟିବାକୁ ଆସୁଥିବା ସମୟରେ ଭାଜପା ସଂସଦୀୟ ଟିମ୍‌କୁ ସମ୍ବଲପୁର ସୀମାକୁ ପୂରାଇ ଦିଆ ଯାଇ ନ ଥିଲା। ଏହାକୁ ନେଇ ବରଗଡ ଏମ୍‌ପି ସୁରେଶ ପୂଜାରୀ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଓ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଏପ୍ରିଲ ୨୫ରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ଲୋକ ସଭା ଏହି ପ୍ରସ୍ତାବକୁ ଗ୍ରହଣ କରିଛି। ସଚିବାଳୟ ତରଫରୁ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ସଂସଦର ସ୍ୱାଧିକାର ଓ ନୈତିକତା (ପ୍ରିଭିଲେଜ ଓ ଏଥିକ୍ସ) କମିଟି କେନ୍ଦ୍ର ସରକାରଙ୍କ କାର୍ମିକ, ପେନସନ ଏବଂ ଜନ ଅଭିଯୋଗ ମନ୍ତ୍ରାଳୟ (ଡିଓପିଟି)ର ମନ୍ତ୍ରୀ ଓ ସଚିବଙ୍କୁ ଚିଠି ଦେଇଛନ୍ତି। ଭାଜପା ଏମ୍‌ପିଙ୍କ ଗତିରୋଧ କରିବା ଏବଂ ସଂସଦୀୟ କାର୍ଯ୍ୟ କରିବାରେ ବିରୋଧର କାରଣ ସମ୍ପର୍କିତ ପୂର୍ଣ୍ଣାଙ୍ଗ ରିପୋର୍ଟ ଆସନ୍ତା ୧୫ ଦିନ ଭିତରେ ରାଜ୍ୟ ସରକାରଙ୍କଠାରୁ ସଂଗ୍ରହ କରି ଡିଓପିଟି ମନ୍ତ୍ରଣାଳୟ ସଂସଦୀୟ ସଚିବାଳୟକୁ ପ୍ରଦାନ କରିବେ। ଏହାପରେ ସଂସଦୀୟ ସଚିବାଳୟ ଉକ୍ତ ରିପୋର୍ଟ ସହ ଅଭିଯୋଗକୁ ସଂକଳିତ କରି ବାଚସ୍ପତିଙ୍କୁ ପ୍ରଦାନ କରିବେ ବୋଲି ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ଝାରସୁଗୁଡାଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏମ୍‌ପି ସୁରେଶ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।


ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ, କଳାହାଣ୍ଡି ଓ ବରଗଡ ଲୋକ ସଭା ଏମ୍‌ପି।

## ସମ୍ବଲପୁର ହିଂସା ଘଟଣା

ସେ କହିଥିଲେ, ରାଷ୍ଟ୍ରବାଦୀ ସ୍ଲୋଗାନ ପ୍ରସଙ୍ଗରେ ସମସ୍ତେ ଅବଗତ ଅଛନ୍ତି। ଏହି ଘଟଣାରେ ଜଣେ ଆଦିବାସୀ ଯୁବକଙ୍କ ହତ୍ୟା ହୋଇଥିଲା, ଯାହାକୁ ଚପାଇଦେବା ପାଇଁ ପ୍ରୟାସ କରାଯାଇଥିଲା। ଇଣ୍ଟରନେଟ ବନ୍ଦ ସହ କର୍ଫ୍ୟୁ ଲାଗୁ କରାଯାଇଥିବାରୁ ସାଧାରଣ ଜୀବନ କଷ୍ଟଦାୟକ ହୋଇପଡିଥିଲା। ହିଂସାକାଣ୍ଡର ଶିକାର ହୋଇ ଗୁରୁତର ଆହତମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତକ ପରିବାର ଓ ଚିକିତ୍ସିତ ହେଉଥିବା ଆହତଙ୍କୁ ଭେଟିବା ସହିତ ଜିଲା ପ୍ରଶାସନ ଏବଂ ଆରଡିସିଙ୍କ ସହ କଥା ହୋଇ ଘଟଣା ସଂପର୍କରେ ଅବଗତ ହେବାକୁ ଏପ୍ରିଲ ୧୮ରେ ଭାଜପା ସଂସଦୀୟ ପ୍ରତିନିଧି ଦଳ ସମ୍ବଲପୁର ଗସ୍ତ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ଅନୁମତିକୁ ହଠାତ ବାତିଲ କରିଦିଆଯାଇଥିଲା। ବିନା ନିର୍ଦ୍ଦେଶନାମାରେ ମୋତେ ସମ୍ବଲପୁର ସାକ୍ଷୀପଡା ସ୍ଥିତ ବାସଭବନରେ ୧୮ ତାରିଖ ସକାଳ ୬ରୁ ଦିନ ୧୧ଟା ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ଗୃହବନ୍ଦୀ କରି ରଖିଥିଲ। ସେହିପରି ପ୍ରତିନିଧି ଦଳରେ ମୋ ସହିତ ଆସୁଥିବା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟ ଏମ୍‌ପି ଜୁଏଲ ଓରାମ ଏବଂ ବସନ୍ତ ପଣ୍ଡାଙ୍କୁ ମଧ୍ୟ ଝାରସୁଗୁଡା-ସମ୍ବଲପୁର ଜିଲାର ସୀମାନ୍ତ ଠେଲକୋଲେଇ ଥାନାଠାରେ ଅଟକ ରଖାଯାଇଥିଲା। କର୍ଫ୍ୟୁ କୋହଳ ସମୟରେ ସମ୍ବଲପୁରରେ ପ୍ରବେଶ କରାଇ ନ ଦେବା ଏବଂ ରାତି ୮ଟା ପର୍ଯ୍ୟନ୍ତ ଥାନାରେ ଅଟକ ରଖାଯିବାର କାରଣ ସଂପର୍କରେ ପଚରାଯିବାରୁ ଉପସ୍ଥିତ ପୋଲିସ ପ୍ରଶାସନଙ୍କଠାରୁ କୌଣସି ଉତ୍ତର ମିଳି ନ ଥିଲା। ଜିଲାପାଳ କିମ୍ବା କୌଣସି ଅଧିକାରୀଙ୍କ ଲିଖିତ ଆଦେଶ ଦିଆଯାଇ ନ ଥିଲା। କର୍ଫ୍ୟୁ କୋହଳ ସମୟରେ ବିନା ଆଦେଶନାମାରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଟକ ରଖିବା, ସେମାନଙ୍କ ସ୍ୱାଧିକାର ଭଙ୍ଗ ସହ ସେମାନଙ୍କ ବିଶେଷ ଅଧିକାରକୁ ଭଙ୍ଗ କରାଯାଇଥିଲା ବୋଲି ସୁରେଶ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଏମ୍‌ପି ଜୁଏଲ ଓରାମ ଏବଂ ବସନ୍ତ ପଣ୍ଡା ମଧ୍ୟ ଉପସ୍ଥିତ ରହିଥିଲେ। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଉକ୍ତ ଘଟଣାର ସତ୍ୟାସତ୍ୟକୁ ନେଇ ରିପୋର୍ଟ ଦେବାକୁ ଲୋକ ସଭା ସଚିବଙ୍କ ପାଖରୁ ଚିଠି ଆସିଛି। ଏହାକୁ ସମ୍ମାନ ଜଣାଇ ଠିକ୍ ତଥ୍ୟ ଦାଖଲ କରାଯିବ।

INDIAN MARITIME UNIVERSITY
(A Central University, Government of India)
(Established by an Act of the Parliament in 2008)
75 Azadi Ka Amrit Mahotsav
G20



IMU-CET REGISTRATIONS OPEN FOR AY 2023-24
Indian Maritime University offers UG & PG programmes in the fast growing maritime sector in campuses of IMU & in institutes affiliated with IMU
We offer programmes under :
- Marine Engineering & Technology
- Maritime Management
- Naval Architecture & Ocean Engineering
- Nautical Science

IMU-CET DATE: 10.06.2023
IMU-CET is mandatory for admissions to DGS approved programmes in IMU campuses / Affiliated institutes of IMU / Non Affiliated institutes
To Register
SCAN THE BELOW QR CODE
UG & PG Programmes (except BBA)
BBA Programmes
For more information visit, www.imu.edu.in
For enquiries, email us at
cet23@imu.ac.in ; bba23@imu.ac.in
LAST DATE TO REGISTER FOR IMU-CET : 18 MAY 2023
Follow us @IMUHeadquarters @IMU_Headquarters @IMU_HQ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳିକା ଯୋଗୀ**
**ମୁଣ୍ଡରେ ଜଟା।**

କିଛି ବ୍ୟକ୍ତି ଅଛନ୍ତି ଯାହାଙ୍କର ସାମାନ୍ୟ ଅଭିଜ୍ଞତା ଥାଉ କି ନ ଥାଉ ସେମାନେ କିନ୍ତୁ ଅଯଥାରେ ପାହାଡ଼ ତୋଡ ଭଳି କଥା କହି ଅନ୍ୟକୁ ପ୍ରଭାବିତ କରିଚାଲନ୍ତି, ସତେ ଯେମିତି ସବୁ କଥା ବା ବିଷୟରେ ତାଙ୍କର ବେଶି ଅଭିଜ୍ଞତା ଅଛି ଓ ସବୁ ଜାଣିଛନ୍ତି। ନିଜର ପ୍ରକୃତ ଜ୍ଞାନ ଅପେକ୍ଷା ବେଶି ବାହାଦୁରି ଦେଖେଇହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କହି ପୋଛି ଜାଣେ ଯେ,**
**ପଚା ଚିଙ୍ଗୁଡ଼ି ବିକେ ସେ ।**

ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରି ଦେଇପାରେ। କହି ନ ଜାଣିଲେ ଭଲ ଜିନିଷ ମଧ୍ୟ ବିକ୍ରି ନ ହୋଇ ପଡି ରହେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୁରୀ ବେଳାଭୂମିରେ ଲାଗିଲା ନାଲି ପତାକା



## ବିପଦପୂର୍ଣ୍ଣ ସମୁଦ୍ର ସ୍ନାନ ଉପରେ କଟକଣା

ପୁରୀ ଅଫିସ, ୫।୫

ଗତ ଦୁଇଦିନରେ ପୁରୀ ସମୁଦ୍ରରେ ବୁଡ଼ି ଚାରିଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ପରେ ପ୍ରଶାସନର ଚେତା ପଶିଛି। ପୁରୀକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଯେପରି ସୁରକ୍ଷିତ ଭାବେ ସମୁଦ୍ରରେ ସ୍ନାନ କରି ସୁଖଦ ଅନୁଭୂତି ନେଇ ଫେରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ବେଳାଭୂମିରେ ନାଲିପତାକା ଲଗାଯିବା ସହ ପର୍ଯ୍ୟଟକଙ୍କୁ ସଚେତନ କରାଯାଉଥିବା ଶୁକ୍ରବାର ଦେଖିବାକୁ ମିଳିଛି। ବେଳାଭୂମିର ସେକ୍ଟର ୧୩ରେ ଗତ ଦୁଇଦିନରେ ୪ଜଣ ପର୍ଯ୍ୟଟକ ସମୁଦ୍ରରେ ବୁଡ଼ି ପ୍ରାଣ ହରାଇଥିବାରୁ ସେଠାରେ ନାଲି ପତାକା ଲଗାଯାଇଛି। ଏହାବ୍ୟତୀତ ସେକ୍ଟର ୧୧, ୧୨ ଓ ୧୪ରେ ମଧ୍ୟ ନାଲି ପତାକା ଲଗାଯାଇଛି। ଏହାଦ୍ୱାରା ପ୍ରଶାସନ ସମ୍ପୃକ୍ତ ଅଞ୍ଚଳକୁ ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ କରି ପର୍ଯ୍ୟଟକଙ୍କୁ ସେଠାକୁ ଯିବାକୁ ବାରଣ କରିଛି। ନାଲି ପତାକା ଲଗାଯାଇଥିବା ସ୍ଥାନରେ ପର୍ଯ୍ୟଟକମାନେ ଯେଭଳି ସ୍ନାନ ନ କରିବେ ସେନେଇ ଲାଗିଛି କଟକଣା। ସମୁଦ୍ର କୂଳରେ ଉପସ୍ଥିତ ଥିବା ଲାଇଫଗାର୍ଡମାନେ ବିପଦପୂର୍ଣ୍ଣ ସ୍ଥାନରେ ନ ଗାଧୋଇବା ପାଇଁ ପର୍ଯ୍ୟଟକଙ୍କୁ ଅନୁରୋଧ କରୁଥିଲେ ମଧ୍ୟ ଏହାକୁ ଅନେକେ ମାନୁ ନ ଥିବା ଦେଖିବାକୁ ମିଳିଛି।

ପୁରୀର ବିସ୍ତୀର୍ଣ୍ଣ ବେଳାଭୂମିକୁ ୧୬ଟି ସେକ୍ଟରରେ ବିଭକ୍ତ କରାଯାଇଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ୧୦୦ ଜଣ ସରକାରୀ ଲାଇଫଗାର୍ଡ ଓ ୩୫୦ ଜଣ ବେସରକାରୀ ଲାଇଫଗାର୍ଡ ମୁତୟନ ରହୁଛନ୍ତି। କିନ୍ତୁ ପର୍ଯ୍ୟଟକଙ୍କ ଖାମଖିଆଲି ମନୋଭାବ ଏବଂ ଅସାବଧାନତା ଯୋଗୁ ସମୁଦ୍ର ସ୍ନାନ ବେଳେ ଅନେକ ଅମୂଲ୍ୟ ଜୀବନ ଚାଲିଯାଉଛି ବୋଲି ଲାଇଫ୍‌ଗାର୍ଡ ବି. ଆରିଆ କହିଛନ୍ତି। ସେହିପରି ଆଗକୁ ରଥଯାତ୍ରା ଆସୁଥିବାରୁ ପୁରୀକୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବ। ତେଣୁ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫଗାର୍ଡ ମୁତୟନ ସହ ଅତ୍ୟାଧୁନିକ ଉପକରଣର ଆବଶ୍ୟକତା ରହିଥିବା ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର ମତ ଦେଇଛନ୍ତି। ଅନ୍ୟପଟେ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫଗାର୍ଡଙ୍କ ଅଭାବ ଥିବା ପୁରୀ ଜିଲାପାଳ ସମର୍ଥ ବର୍ମା ସ୍ୱୀକାର କରିଛନ୍ତି। ଖୁବଶୀଘ୍ର ଲାଇଫଗାର୍ଡଙ୍କ ସଂଖ୍ୟା ବୃଦ୍ଧି ସହ ଅତ୍ୟାଧୁନିକ ଉପକରଣ ଯୋଗାଇ ଦିଆଯିବ ବୋଲି ଜିଲାପାଳ ବର୍ମା କହିଛନ୍ତି। ତେବେ ସମୁଦ୍ର କୂଳରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫଗାର୍ଡ ମୁତୟନ ସହ ପ୍ରଶାସନ ପକ୍ଷରୁ ବିଭିନ୍ନ ଭାଷାରେ ସାଇନ୍ ବୋର୍ଡ ଲଗାଯିବା ଦିଗରେ ପ୍ରଶାସନ ଧ୍ୟାନ ଦେଲେ ସମୁଦ୍ରରେ ଏଭଳି ଅଘଟଣକୁ ରୋକାଯାଇପାରନ୍ତା ବୋଲି ଅନେକ ପର୍ଯ୍ୟଟକ ମତ ପ୍ରକାଶ କରିଛନ୍ତି।

# କନ୍‌ସେନ୍‌ଟ୍ରିକ୍ସ ସେଣ୍ଟରକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱରରେ ଶୁକ୍ରବାର କନ୍‌ସେନ୍‌ଟ୍ରିକ୍ସ ବିପିଓକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି।

## ରମାଦେବୀ ବିଶ୍ୱବିଦ୍ୟାଳୟ ସହ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର,୫।୫(ବ୍ୟୁରୋ)

ବିଶ୍ୱର ଅନ୍ୟତମ ପ୍ରମୁଖ ବୃତ୍ତିଗତ ସେବା ସଂସ୍ଥା କନ୍‌ସେନ୍‌ଟ୍ରିକ୍ସ ବିପିଓକୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରରେ କନ୍‌ସେନ୍‌ଟ୍ରିକ୍ସର ଏହି କଷ୍ଟମର ଏକ୍ସପେରିଏନ୍ସ ସେଣ୍ଟର ପ୍ରତିଷ୍ଠା ଫଳରେ ରାଜ୍ୟର ଅର୍ଥନୀତି ଅଧିକ ତ୍ୱରାନ୍ୱିତ ହୋଇପାରିବ ଏବଂ ଯୁବତୀଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗମାନ ସୃଷ୍ଟି ହେବ। କନ୍‌ସେନ୍‌ଟ୍ରିକ୍ସ ଭୁବନେଶ୍ୱରରେ କଷ୍ଟମର ଏକ୍ସପେରିଏନ୍ସ ସେଣ୍ଟର ପ୍ରତିଷ୍ଠା କରିବା ସହିତ ମହିଳା ସଶକ୍ତୀକରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସହିତ ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଫଳରେ ବିଶ୍ୱବିଦ୍ୟାଳୟର ପରିସରରେ କନ୍ସେନ୍ଟ୍ରିକ୍ସର ଏକ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ କରାଯାଇ ଛାତ୍ରୀମାନଙ୍କୁ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ପାଇଁ ଆବଶ୍ୟକ ତାଲିମ ପ୍ରଦାନ କରାଯାଇ ନିଯୁକ୍ତି ପ୍ରଦାନ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ କନ୍‌ସେନ୍‌ଟ୍ରିକ୍ସ କଷ୍ଟମର ଏକ୍ସପେରିଏନ୍ସ ସେଣ୍ଟର ଓଡ଼ିଶାର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କ୍ଷେତ୍ରରେ ଖୁବ୍ ସାହାଯ୍ୟକାରୀ ହେବ ବୋଲି କହିଛନ୍ତି। କନ୍ସେନ୍ଟ୍ରିକ୍ସର ସମ୍ପ୍ରସାରଣରେ କନ୍ସେନ୍ଟ୍ରିକ୍ସର ଦ୍ରୁତ ଅଗ୍ରଗତି କାମନା କରିବା ସହ ଏହା ରାଜ୍ୟର ଯୁବତୀଯୁବକମାନଙ୍କ ପାଇଁ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ ଆଶା ପୋଷଣ କରିଛନ୍ତି।

ପ୍ରାଥମିକ ପର୍ଯ୍ୟାୟରେ ୨୦୦୦ ପେସାଦାର କର୍ମଚାରୀଙ୍କୁ ନେଇ ଆରମ୍ଭ କରାଯାଇଥିବା ଭୁବନେଶ୍ୱର କଷ୍ଟମର ଏକ୍ସପେରିଏନ୍ସ ସେଣ୍ଟରର କର୍ମଚାରୀ ନିଯୋଜନ ୫୦୦୦କୁ ବୃଦ୍ଧି କରିବା ଦିଗରେ ଓଡ଼ିଶା ସରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ କନ୍‌ସେନ୍‌ଟ୍ରିକ୍ସ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ମହିଳା ନିଯୁକ୍ତି ଏବଂ ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ପରିଶେଷରେ କନ୍‌ସେନ୍‌ଟ୍ରିକ୍ସର ପ୍ରମୁଖ କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ସିଂ ରାଣ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ଏହା ଓଡ଼ିଶାରେ ତାହାର ସମ୍ପ୍ରସାରଣ କରି ପେସାଦାର କର୍ମଚାରୀ ନିଯୋଜନ ସଂଖ୍ୟା ୨୦୦୦ରୁ ୫୦୦୦କୁ ଖୁବ୍‌ଶୀଘ୍ର ବୃଦ୍ଧି କରାଯିବ ବୋଲି ଘୋଷଣା କରିଛନ୍ତି। ଏହି କର୍ମଚାରୀମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ମହିଳା କର୍ମଚାରୀ ନିଯୋଜିତ ହେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଅବସରରେ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପରାମର୍ଶଦାତା ଅନୁଭବ ପଟ୍ଟନାୟକ, ୫-ଟି ସଚିବ ଭି. କେ. ପାଣ୍ଡିଆନ, ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ମନୋଜ ମିଶ୍ର, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା, ରମାଦେବୀ ବିଶ୍ୱବିଦ୍ୟାଳୟ ଉପକୁଳପତି ଅର୍ପିତା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପତିଆରା ଜାହିର ପାଇଁ ହତ୍ୟା





ଗିରଫ ୨ ଅଭିଯୁକ୍ତ ଓ ଜବତ ବୋଲେରୋ।

- ମୁଖ୍ୟ ମହିଳା ଅଭିଯୁକ୍ତଙ୍କ ସମେତ ୨ ଗିରଫ
- ଝାଡ଼ଖଣ୍ଡରୁ ଆସିଥିଲେ ସୁପାରି କିଲର

ବଡ଼ବିଲ,୫।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ସହର ମନି ଟାୱାର ନିକଟରେ ଗତ ୧ ତାରିଖରେ ବିଜେଡି କର୍ମୀ ସୁନୀଲ ସିହ୍ନା ଓରଫ ଭୋଲାଙ୍କୁ ଗୁଳିକରି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ । ଘଟଣାରେ ମୁଖ୍ୟ ମହିଳା ଅଭିଯୁକ୍ତ ସମେତ ସହଯୋଗୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ବିଲ କଲ୍ୟାଣ ମଣ୍ଡପ ନିକଟରେ ରହୁଥିବା ପଞ୍ଜାବୀ ମହିଳା ସୁଖବିନ୍ଦର କୌର ଓରଫ୍ ରଜ୍ଜି, ବଡ଼ବିଲ ଆଜାଦ ବସ୍ତି ଅଞ୍ଚଳରେ ରହୁଥିବା ସାକିର ହୁସେନ। ଘଟଣାରେ ବ୍ୟବହୃତ ଏକ ବୋଲେରୋ ଜବତ ହୋଇଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି। ପତିଆରା ଜାହିର ପାଇଁ ଯୋଜନାବଦ୍ଧଭାବେ ସୁନୀଲଙ୍କୁ ହତ୍ୟା କରିବା ପାଇଁ ଝାଡ଼ଖଣ୍ଡର ପେସାଦାର ସୁପାରି କିଲରଙ୍କୁ ଅଣାଯାଇଥିଲା। ହତ୍ୟାକାଣ୍ଡ ପାଇଁ ତାଙ୍କୁ ସାଢ଼େ ୪ ଲକ୍ଷ ଟଙ୍କା ଦିଆଯାଇଥିବା ବଡ଼ବିଲ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରମୋଦିନୀ ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବର୍ତ୍ତମାନର ବଡ଼ବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତଙ୍କ ସହିତ ୨୦୦୩ଠାରୁ ସୁଖବିନ୍ଦର ଅତି ଘନିଷ୍ଠ ଥିଲେ। ଲକ୍ଷ୍ମଣଙ୍କ ନିର୍ବାଚନରେ ସୁଖବିନ୍ଦର ମହିଳାମାନଙ୍କୁ ନେଇ ପ୍ରଚାର କରୁଥିଲେ। ଏ ନେଇ ସୁଖବିନ୍ଦରଙ୍କୁ ଲକ୍ଷ୍ମଣ ପ୍ରତିମାସ ଖର୍ଚ୍ଚ ବାବଦକୁ ଟଙ୍କା ଦେଉଥିଲେ। ତେବେ ଲକ୍ଷ୍ମଣ ବଡ଼ବିଲ ପୌରାଧ୍ୟକ୍ଷ ହେବା ପରେ ସୁନୀଲ ସିହ୍ନା ଲକ୍ଷ୍ମଣଙ୍କର ଅତି ନିକଟତର ହୋଇଯାଇଥିଲେ। ଫଳରେ ପୌରାଧ୍ୟକ୍ଷଙ୍କ ନିକଟରେ ସୁଖବିନ୍ଦରଙ୍କ ପତିଆରା କମିବାରେ ଲାଗିଥିଲା। କଣ୍ଟା ସାଜିଥିବା ଭୋଲାଙ୍କୁ ରାସ୍ତାରୁ ହଟାଇଦେବାକୁ ଗତ ୬ ମାସ ଧରି ରଜ୍ଜି ଯୋଜନା କରିଆସୁଥିଲେ। ଏ ନେଇ ସେ ପୁରୁଷ ବନ୍ଧୁ ସାକିର ହୁସେନଙ୍କ ସହାୟତା ନେଇଥିଲେ। ସାକିର ଝାଡ଼ଖଣ୍ଡର ଚକ୍ରଧରପୁର ଅଞ୍ଚଳରୁ ପେସାଦାର ସୁପାରି କିଲର ରିୟାସତ ହୁସେନଙ୍କ ସହାୟତାରେ ରବି ସିକେପି (ସୁଟର)ଙ୍କ ସହ ଯୋଗାଯୋଗ କରିଥିଲେ। ଭୋଲାଙ୍କୁ ରାସ୍ତାରୁ ହଟାଇଦେବାକୁ ସାଢ଼େ ୪ ଲକ୍ଷ ଟଙ୍କାରେ କଥା ଛିଣ୍ଡିଥିଲା। ସମସ୍ତ ଟଙ୍କା ଅଗ୍ରିମ ନେଇଥିଲେ। ଭୋଲାଙ୍କୁ ଚିହ୍ନଟ କରିବାକୁ ରିୟାସତ ଓ ରବି ସିକେପି ବଡ଼ବିଲ ବାରମ୍ବାର ଆସିଥିଲେ। ହତ୍ୟାକାଣ୍ଡର ପୂର୍ବଦିନ ରବିବାର ସୁଟର ଆସି ସାକିରଙ୍କ ସହାୟତାରେ ବଡ଼ବିଲର ଏକ ଗ୍ୟାରେଜରେ ରହିଥିଲେ। ସୋମବାର ଗୁଳିକରି ରବି ଦୌଡ଼ିଯାଇ ଆଗରେ ସାକିର ଛିଡ଼ା କରିଥିବା ଏମ୍‌ଡି ଜାକିର ହୁସେନଙ୍କ ନାମରେ ଥିବା (ନଂ. ଓଆର ୦୯ ପି ୮୮୬୫) ବୋଲେରୋରେ ବସି ପଳାଇଥିଲେ। ପୋଲିସ (ନଂ.୧୨୯/୨୩)ରେ ମାମଲା ରୁଜୁ କରି ଘଟଣାସ୍ଥଳ ଓ ଆଖାପାଖ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲା। ବୋଲେରୋ ନମ୍ବରକୁ ଆଧାରକରି ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ସାକିରଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହୋଇଥିଲା। ସାକିରଙ୍କ ବୟାନ ଆଧାରରେ ପୋଲିସ ସୁଖବିନ୍ଦରଙ୍କୁ ଗିରଫ କରିଥିଲା। ଶୁକ୍ରବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇ ସୁପାରି କିଲର ଫେରାର ଥିବା ଥାନା ଅଧିକାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖ ସକାଳ ପ୍ରାୟ ୯.୩୦ ସମୟରେ ଭୋଲା ନିଜ ସ୍କୁଟିରେ ମନି ଟାୱାର ନିକଟ ରାସ୍ତା ଦେଇ ଯାଉଥିଲେ। ସେହି ସମୟରେ ଦୁର୍ବୃତ୍ତ ଭୋଲାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଅତି ନିକଟରୁ ଗୁଳିମାରି ଫେରାର ହୋଇଯାଇଥିଲେ। ଗୁଳି ଭୋଲାଙ୍କ ଆଖି ନିକଟ ଦେଇ ପାର ହୋଇଯାଇଥିଲା। ସେ ସେହିଠାରେ ହିଁ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଆତଙ୍କବାଦୀ ଆକ୍ରମଣରେ ...

ସେମାନଙ୍କୁ ଧରିବା ପାଇଁ ଶୁକ୍ରବାର ଉକ୍ତ ସ୍ଥାନରେ ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ପ୍ରତିଶୋଧ ପରାୟଣ ହୋଇ ବିସ୍ଫୋରଣ ଘଟାଇଥିଲେ। ଘଟଣାସ୍ଥଳରେ ୨ ଯବାନ ଶହୀଦ ହୋଇଥିବାବେଳେ ୪ ଆହତଙ୍କୁ ଉଦ୍ଧମପୁରସ୍ଥିତ କମାଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଉ ୩ ଜଣ ଯବାନ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଛନ୍ତି।

ପ୍ରକାଶ ଯେ, ଏପ୍ରିଲ ୨୦ ଅପରାହ୍ନ ୩ଟାରେ ରାଜୌର ସେକ୍ଟରର ଭିମ୍ବେର ଗଲି ଓ ପୁଞ୍ଚ ମଧ୍ୟ ଦେଇ ସେନାର ଏକ ଭ୍ୟାନ୍ ଗତି କରୁଥିବାବେଳେ ପ୍ରବଳ ବର୍ଷା ଯୋଗୁ କିଛି ଦେଖାଯାଉ ନ ଥିଲା। ଆତଙ୍କବାଦୀମାନେ ଏହାର ଫାଇଦା ଉଠାଇ ଉକ୍ତ ସେନା ଗାଡ଼ିକୁ ଆଖିବୁଜା ଗ୍ରେନେଡ୍ ମାଡ଼ କରିବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଉକ୍ତ ଆକ୍ରମଣରେ ଆତଙ୍କବାଦ ନିରୋଧୀ ଅପରେଶନ ପାଇଁ ନିୟୋଜିତ ଥିବା ରାଷ୍ଟ୍ରୀୟ ରାଇଫଲ୍ସ ୟୁନିଟ୍‌ର ଜଣେ ଓଡ଼ିଆ ଯବାନଙ୍କ ସମେତ ୫ ଶହୀଦ ହୋଇଥିଲେ। ଆତଙ୍କବାଦୀମାନେ ଯବାନମାନଙ୍କ ଅସ୍ତ୍ରଶସ୍ତ୍ର ଧରି ଫେରାର ହୋଇଯାଇଥିଲେ। ସଦ୍ୟ ଆକ୍ରମଣ ଘଟାଇଥିବା ଆତଙ୍କବାଦୀଙ୍କୁ କାବୁ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳରେ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଥିବା ସେନାର ନର୍ଦ୍ଦର୍ନ କମାଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଗତ ଜାନୁୟାରୀ ୧ରେ ରାଜୌରି ଜିଲାର ଡଙ୍ଗ୍ରିରେ ଆତଙ୍କବାଦୀ ଆକ୍ରମଣରେ ୪ ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ୯ ଆହତ ହୋଇଥିଲେ। ଏହାର ଦିନକ ପରେ ସେହି ସ୍ଥାନରେ ଆତଙ୍କବାଦୀଙ୍କ ଆଇଇଡି ବିସ୍ଫୋରଣରେ ୨ ଶିଶୁଙ୍କ ଜୀବନ ଯାଇଥିବାବେଳେ ଆଉ କେତେଜଣ ନାଗରିକ ଆହତ ହୋଇଥିଲେ। ଭାଜପା କର୍ମୀମାନେ ଏହି ଆକ୍ରମଣ ପାଇଁ ପାକିସ୍ତାନକୁ ଦୋଷ ଦେଇଥିଲେ।

### ଦୂରସଞ୍ଚାରଠାରୁ ଦୂରରେ...

ଅଞ୍ଚଳର ୨୫ରୁ ଅଧିକ ଗ୍ରାମର ଅଧିବାସୀ ମୋବାଇଲରେ ଯୋଗାଯୋଗ କରିପାରୁ ନ ଥିବାବେଳେ ଆଠମଲ୍ଲିକ ଓ ପାଲଲହଡ଼ା ଉପଖଣ୍ଡର ୭୦ରୁ ଊର୍ଦ୍ଧ୍ୱ ଗ୍ରାମରେ ଅଚଳ ପଡ଼ିଛି ମୋବାଇଲ। ଫଳରେ ଜରୁରୀ ସମୟରେ ନେଟୱର୍କ ପାଇଁ ଏସବୁ ଗ୍ରାମବାସୀଙ୍କୁ କେତେବେଳେ ଗଛ ତ କେତେବେଳେ ପାହାଡ଼ ଉପରକୁ ଚଢ଼ିବାକୁ ପଡୁଛି। କିଛି ଗାଁର ନିର୍ଦ୍ଦିଷ୍ଟ ସ୍ଥାନରେ ନେଟୱର୍କ ଆସୁଥିବାରୁ ସେଠାରେ ସ୍ୱତନ୍ତ୍ର ଭାବେ ମଞ୍ଚା ବନ୍ଧାଯାଇଛି। ଅନ୍ୟ କିଛି ଗ୍ରାମବାସୀଙ୍କୁ କେଇ କିଲୋମିଟର ଦୂର ପଡ଼ୋଶୀ ଗ୍ରାମକୁ ଏଥିପାଇଁ ଯିବାକୁ ପଡୁଛି।

ଅନୁଗୋଳ ବ୍ଲକର ପମ୍ପାସର, କରାବିରା, କଟରାଙ୍ଗ, ମଝିପଡ଼ା, ଛୋଟକେଇ, ବାଘମୁଣ୍ଡା, ଟାକରସିଂହା, କୁମୁରି, ଥୁକୁଲି, ସିଟିକୋଇଲି, କନ୍ଧକୋଇଲି, ବାଲିଜେରେଙ୍ଗ, ବେତର ଆଦି ଜଙ୍ଗଲ ଗାଁରେ ମୋବାଇଲ ନେଟୱର୍କ ଏଯାଏ ଅପହଞ୍ଚ ରହିଛି। ସେହିଭଳି ଆଠମଲ୍ଲିକ ବ୍ଲକର ବିପ୍ରଡ଼ିହି, ଭଗବାନପୁରରେ ମଧ୍ୟ ସମାନ ସମସ୍ୟା। ପାଲଲହଡ଼ା ବ୍ଲକର ନଗିରା, ମଲଡ଼ିହ, ଜଲ୍ଲାହ, ବାଲିବାହାଳ, ସଲେଇ, ବରୁଣଡ଼ିହ, ହରିପ୍ରଧାନପୁର ଲୋକମାନେ ନେଟୱର୍କ ପାଇବା ପାଇଁ ନାନା ସଂଘର୍ଷ କରୁଛନ୍ତି। ଅନୁଗୋଳର ସୁବର୍ଣ୍ଣ ଅତୀତ କୁହାଯାଉଥିବା କୃଷ୍ଣଚନ୍ଦ୍ରଗଡ଼ରେ ଏକ ବାଉଁଶ ଖୁଣ୍ଟରେ ମୋବାଇଲ ବାନ୍ଧି ଲୋକଙ୍କୁ କଥା ହେବାକୁ ପଡୁଛି, ତାହା ପୁଣି କେବଳ କି ପ୍ୟାଡ୍ ଫୋନ୍ ଦ୍ୱାରା। ସେହିପରି ଆଉ କେତୋଟି ଗାଁରେ ଗଛରେ ଫୋନ ଝୁଲାଇ ଲୋକେ ଅନ୍ୟ ସହ ଯୋଗାଯୋଗ କରିପାରୁଥିବା ଦେଖାଯାଉଛି। ସାମାନ୍ୟ ଏପଟସେପଟ ହୋଇଗଲେ ମୋବାଇଲରୁ ନେଟୱର୍କ ଚାଲିଯାଉଛି। ଏହି ନେଟୱର୍କ ସମସ୍ୟା ଦେଇ ଗତି କରୁଥିବା ଏସବୁ ଗ୍ରାମବାସୀଙ୍କୁ ସରକାରୀ ଯୋଜନାର ପର୍ଯ୍ୟାପ୍ତ ଲାଭ ମିଳିପାରୁ ନାହିଁ। ବାତ୍ୟା, ବନ୍ୟା, ବଜ୍ରପାତ ଓ ଗ୍ରୀଷ୍ମପ୍ରବାହ ବେଳେ ଦିଆଯାଉଥିବା ସତର୍କ ସୂଚନା ଲୋକଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ଗାଁ ନିକଟରେ ହାତୀ ଥିଲେ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଆଗୁଆ ସୂଚନା ଦିଆଯାଇ ପାରୁନାହିଁ। ଆଧାର ଲିଙ୍କ୍ କରାଯାଇପାରୁ ନ ଥିବାରୁ ଡିଲରମାନଙ୍କଠାରୁ ଠିକ୍ ଭାବେ ରାଶନ ମିଳିପାରୁ ନାହିଁ। ଅନ୍‌ଲାଇନ୍‌ରେ ଛାତ୍ରୀଛାତ୍ରଙ୍କ କ୍ଲାସ୍ ହୋଇପାରୁ ନାହିଁ। ବ୍ୟାଙ୍କ ମିତ୍ର ଓ ଗ୍ରାହକ ସେବା କେନ୍ଦ୍ର ଜରିଆରେ ଟଙ୍କା ନେଣଦେଣ କରାଯାଇପାରୁ ନାହିଁ। ଏପରି କି ପଞ୍ଚାୟତ କାର୍ଯ୍ୟାଳୟକୁ ଇଣ୍ଟରନେଟ୍ ସହ ଯୋଡ଼ା ଯାଉଥିଲେ ମଧ୍ୟ ଅନୁଗୋଳ ଜିଲାର ୫ରୁ ୧୦ ପଞ୍ଚାୟତରେ ଅଦ୍ୟାବଧି ଏହି ସେବା ପହଞ୍ଚିପାରି ନାହିଁ। ବେତର ଗ୍ରାମର ହାଡ଼ିବନ୍ଧୁ ବେହେରା କହିଛନ୍ତି, ଆମ୍ବୁଲାନ୍ସ ଆବଶ୍ୟକ ପଡ଼ିଲେ ଗାଁଠାରୁ କିଛି ଦୂର ନେଟୱର୍କ ଆସୁଥିବା ସ୍ଥାନକୁ ଯାଇ ୧୦୮କୁ ଫୋନ କରିବାକୁ ପଡୁଛି। ଅନୁଗୋଳ ବିଏସ୍‌ଏନ୍‌ଏଲ୍ ଏସ୍‌ଡିଓ ପି.କେ. ଦେବତା କହିଛନ୍ତି, ଜିଲାର ସମସ୍ତଙ୍କ ନିକଟରେ କିଭଳି ମୋବାଇଲ ନେଟୱର୍କ ପହଞ୍ଚିବ ସେ ନେଇ ସରକାର ତତ୍ପର ରହିଛନ୍ତି। ସ୍ପେଶାଲ ଟାୱାର କରିବାକୁ ଯୋଜନା ରଖାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମୋବାଇଲ ନେଟ୍‌ୱର୍କ ଆସୁ ନ ଥିବା ଗ୍ରାମରେ କିପରି ଟାୱାର ବସାଯିବ ସେ ନେଇ ବ୍ୟବସ୍ଥା କରାଯାଉଛି। ଏଥିପାଇଁ ଭାରତ ସଞ୍ଚାର ନିଗମକୁ ଆବଶ୍ୟକ ଜାଗା ଯୋଗାଇ ଦିଆଯାଇଛି। ଢେଙ୍କାନାଳ ବିଏସ୍‌ଏନ୍‌ଏଲ୍ ଡିଜିଏମ୍ ସଞ୍ଜୟ ଶତପଥୀ କହିଛନ୍ତି, ଢେଙ୍କାନାଳ ଓ ଅନୁଗୋଳ ରାଜସ୍ୱ ଜିଲାକୁ ନେଇ ଗଠିତ ବିଏସ୍‌ଏନ୍‌ଏଲ୍ ଢେଙ୍କାନାଳ ଡିଭିଜନରେ ୬୩ ହଜାର ମୋବାଇଲ ଫୋନ ଉପଭୋକ୍ତା ରହିଛନ୍ତି। କେନ୍ଦ୍ର ସରକାରଙ୍କ ୪-ଜି ସାଚୁରେଶନ ପ୍ରୋଜେକ୍ଟ ମାଧ୍ୟମରେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ ଜିଲାର ୫, ଅନୁଗୋଳ ଜିଲାର ୪୩ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଢେଙ୍କାନାଳ ଜିଲାର ୪ ଓ ଅନୁଗୋଳ ଜିଲାର ୨୭ଟି ଗ୍ରାମରେ ମୋବାଇଲ ସେବା ଯୋଗାଇଦେବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ଢେଙ୍କାନାଳ ଜିଲାର ୨୧୨ ପଞ୍ଚାୟତ ମଧ୍ୟରୁ ୨୦୪ଟି ପଞ୍ଚାୟତକୁ ବିଏସ୍‌ଏନ୍‌ଏଲ୍ ନିଜ ସହଯୋଗୀଙ୍କ ଦ୍ୱାରା ଇଣ୍ଟରନେଟ ସର୍ଭିସ ପ୍ରଦାନ କରିଛି।

#### ନଭେମ୍ବର ସୁଦ୍ଧା ରାଜ୍ୟରେ ୨,୩୭୯ ଟାୱାର ବସାଯିବା ଲକ୍ଷ୍ୟ

ରାଜ୍ୟର ୪,୫୪୯ ଗ୍ରାମରେ ମୋବାଇଲ ନେଟୱର୍କ ନ ଥିବା ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ୨୦୨୩ ମାର୍ଚ୍ଚ ୧୭ ତାରିଖରେ ରାଜ୍ୟ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଧାନସଭାରେ ତଥ୍ୟ ରଖି କହିଥିଲେ, ମୋବାଇଲ ନେଟୱର୍କ ନ ଥିବା ରାଜ୍ୟର ୪,୫୪୯ ଗାଁ ମଧ୍ୟରୁ ଅଧିକାଂଶ ରହିଛି ମାଓବାଦୀ ପ୍ରବଣ ଅଞ୍ଚଳରେ। ତେବେ ଆସନ୍ତା ନଭେମ୍ବର ସୁଦ୍ଧା ରାଜ୍ୟର ୧୦ଟି ଆକାଂକ୍ଷୀ ଜିଲାରେ ୨,୩୭୯ଟି ମୋବାଇଲ ଟାୱାର ବସାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରୁ ୧,୬୨୮ଟି ଟାୱାର କାର୍ଯ୍ୟ ଜାରି ରହିଛି। ବିଶେଷକରି ଏହି ଆକାଂକ୍ଷୀ ଜିଲା ପ୍ରୋଜେକ୍ଟରେ ୩,୯୩୩ ଗାଁକୁ ୪-ଜି ସୁବିଧା ମିଳିପାରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଅନୁକୂଳ ଗ୍ରହସ୍ଥିତି ପ୍ରଭାବରୁ ଉଚ୍ଚ ମନ ଓ ଦୃଢ଼ ଆତ୍ମବଳ ନେଇ କାମ କରିବେ। ମୁଖାଧିପତି ମଙ୍ଗଳ ଯୁକ୍ତ କାରଣରୁ କଥା କହିବାରେ କଠୋରତା ହେତୁ କଳହ ଲାଗିପାରେ। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ କାମରେ ସଫଳତା ପାଇବେ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟହାନିଜନିତ ଦୁଶ୍ଚିନ୍ତାରେ ବିଚଳିତ ରହିପାରନ୍ତି ।

**ବୃଷ** - ଗ୍ରହ ପ୍ରତିକୂଳଜନିତ ଅର୍ଥ ସମ୍ପର୍କୀୟ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଦ୍ୱାଦଶସ୍ଥ ପାପଗ୍ରହ ହେତୁ କଚେରି ମାମଲାରେ ଅର୍ଥଦଣ୍ଡରେ ଦଣ୍ଡିତ ହେବାର ଦୁର୍ଯୋଗ କେବଳ ମୃଗଶିରା ପାଇଁ ହୋଇପାରେ, ଯଦି କୁଣ୍ଡଳୀରେ ଭଲ ସମୟ ଚାଲି ନ ଥାଏ। ପରିସ୍ଥିତିର ମୁକାବିଲା କଲେ କେତେକାଂଶରେ ରକ୍ଷା ମିଳିବ।

**ମିଥୁନ** - ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ କୋଣାବସ୍ଥାନ ପ୍ରଭାବରେ ମନରେ କଳ୍ପନାର ରଙ୍ଗୀନ୍ ପ୍ରତିଛବି ଉଙ୍କି ମାରିପାରେ। ବ୍ୟବସାୟକୁ ନୂତନ ରୂପ ଦେବାର ପରିକଳ୍ପନା କରି ବନ୍ଧୁଙ୍କ ସହ ଯୋଗାଯୋଗ କରିପାରନ୍ତି। ଜଣେ ବନ୍ଧୁ ଆର୍ଥିକ ଓ ବାଚନିକ ସାହାଯ୍ୟ କରିବେ। କଳା, ସାହିତ୍ୟରେ ଉନ୍ନତି ସହ ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ହେବେ।

**କର୍କଟ** - ଶନି ଓ ଚନ୍ଦ୍ରଙ୍କ ସମ୍ପର୍କରୁ ଦୀର୍ଘଦିନର ପ୍ରତୀକ୍ଷା ପରେ କୌଣସି ସୂଚନା ଲାଭ କରି ପୁଲକିତ ହେବେ। ଭୁଲ୍ ବୁଝାମଣା ହେତୁ ସାଧାରଣ କଥାକୁ ନେଇ ପରିବାରରେ ଟଣାଓଟରା ଦେଖାଦେବ। ଖଳଲୋକଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କରିପାରନ୍ତି। ପ୍ରଶାସନ, ରାଜନୀତି, ଆଇନ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ** - କର୍ମକ୍ଷେତ୍ରରେ ଚତୁଃଗ୍ରହଯୁକ୍ତ ଉଚ୍ଚସ୍ଥ ରବିଙ୍କ ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗ ପାଇପାରିବେ। ସ୍ୱଗୃହରୁ ଅଷ୍ଟମସ୍ଥ ମଙ୍ଗଳ ହେତୁ ପରିବାରରେ ସ୍ଥଗିତ କାମ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ବ୍ୟବହାରିକ ରୁକ୍ଷତାଜନିତ କୌଣସି ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ମାଙ୍ଗଳିକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କନ୍ୟା** - ଆଜିର ଦିନଟିରେ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥ ସମ୍ପର୍କୀୟ ସମସ୍ୟା ମନକୁ ବିଚଳିତ କରିପାରେ। ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ସହ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ ଓ ସତ୍‌ସଙ୍ଗ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ।

**ତୁଳା** - ସମୟର ପ୍ରତିକୂଳତା ସାଙ୍ଗକୁ ପାପଗ୍ରହଯୁକ୍ତ ଚନ୍ଦ୍ର ମାନସିକ ସ୍ଥିତିକୁ କଳୁଷିତ କରିବ। ସପ୍ତମସ୍ଥ ଏକାଧିକଗ୍ରହଙ୍କ ଅବସ୍ଥିତି ସହଧର୍ମିଣୀଙ୍କ ସ୍ୱାସ୍ଥ୍ୟସମସ୍ୟା ସୃଷ୍ଟି କରିପାରେ। ବ୍ୟବସାୟରେ ପୂର୍ଣ୍ଣ ସନ୍ତୋଷ ଆସି ନ ପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ପାଇଁ ଦିନଟି ଶୁଭଙ୍କରୀ ନୁହେଁ। ସ୍ୱାତୀ ନକ୍ଷତ୍ରର ଆଜି ଖୁସିର ଆସର ଜମିପାରେ।

**ବିଛା** - ଏକାଦଶସ୍ଥ ପାପଗ୍ରହଯୁକ୍ତ ଚନ୍ଦ୍ର ଓ ଚତୁର୍ଥ ଶନି ହେତୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ। ନିଜର ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବ। ବିଶାଖା ଜନ୍ମ ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** - ବୁଦ୍ଧାଦିତ୍ୟ ଯୋଗ ପ୍ରଭାବରେ ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଦୂରହୋଇଯିବ। ରାହୁ ନକ୍ଷତ୍ରସ୍ଥ ଶନିଙ୍କ ହେତୁ ମୂଳା ନକ୍ଷତ୍ର ଅସଫଳତାକୁ କେନ୍ଦ୍ରକରି ନିଜ ଲୋକଙ୍କୁ ସନ୍ଦେହ କରିବେ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପାରିବାରିକ ସମସ୍ୟା ସମାଧାନପୂର୍ବକ ହସଖୁସିରେ ସମୟ କଟାଇବେ।

**ମକର** - ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବନ୍ଧୁ ପରିଜନଙ୍କ ସହ ଭ୍ରମଣ ଓ ଦେବଦର୍ଶନର ସୁଯୋଗ ମିଳିବ। ବିଫଳ ଆଲୋଚନା ଓ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ମଧ୍ୟ ବିଚଳିତ ହୋଇପାରନ୍ତି। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବାର ସୂଚନା ରହିଛି।

**କୁମ୍ଭ** - ଆଜି ଧନସ୍ଥାନ ପାପପ୍ରଭାବ ମୁକ୍ତ ହେତୁ ଅର୍ଥନୈତିକ କାରବାର ସକାଶେ ସମୟ ଅତୀବ ଅନୁକୂଳ ରହିଛି। ସାମାଜିକ ସ୍ତରରେ କୃତି ଓ କୃତିତ୍ୱ କାରଣରୁ ସମ୍ବର୍ଦ୍ଧିତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡି ଚାଲନ୍ତୁ ନିଶ୍ଚିତ ସଫଳତା ପାଇବେ।

**ମୀନ** - ଅଷ୍ଟମସ୍ଥ ପାପଗ୍ରହ ଜନିତ ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। ସାମୟିକ ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ଜ୍ୟେଷ୍ଠ କୃଷ୍ଣ ପ୍ରତିପଦା, ଶନିବାର, ମେ ୬ ତାରିଖ, ରାଶି ନକ୍ଷତ୍ର- ବିଶାଖା/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୭ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ୦୮।୩୧ ଗତେ ୧୦।୦୭ ମଧ୍ୟେ ରାହୁ କାଳ।

# ଶିମିଳିପାଳ ବୁଲିଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲି ଦେଖୁଛନ୍ତି।



ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରାଯାଉଛି।

**ବାରିପଦା ଅଫିସ/ ରାଇରଙ୍ଗପୁର, ୫।୫(ଡି.ଏନ୍.ଏ.)**

୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତର ଦ୍ୱିତୀୟ ଦିବସ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲିଛନ୍ତି। ପୂର୍ବାହ୍ନରେ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ଶିମିଳିପାଳ ଅଭିମୁଖେ ବାହାରି ଯଶିପୁରସ୍ଥିତ ଛେଳିଗୁଦୁରି ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରୁ ସଡ଼କ ପଥରେ ଯାଇ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିଲେ। ଶିମିଳିପାଳ କର୍ତ୍ତୃପକ୍ଷ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପ୍ରଥମେ ଶିମିଳିପାଳ ମଧ୍ୟରେ ଥିବା ଚହଲା ଅଞ୍ଚଳକୁ ଯାଇଥିଲେ। ସେଠାରୁ ୧୫ କି.ମି ଭିତରକୁ ଯାଇ ପ୍ରକୃତିର ନୈସର୍ଗିକ ଶୋଭାରାଜିକୁ

### ପ୍ରକୃତିର ଶୋଭାରାଜି ଉପଭୋଗ କଲେ

ଉପଭୋଗ କରିଥିଲେ। ରାଷ୍ଟ୍ରପତି ଶିମିଳିପାଳ ମଧ୍ୟରେ ପ୍ରାୟ ୩ ଘଣ୍ଟା ୧୫ ମିନିଟ୍ ରହିଥିଲେ। ଅଭୟାରଣ୍ୟ ମଧ୍ୟରେ ରହୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ଶିମିଳିପାଳକୁ ଜାତୀୟ ଅଭୟାରଣ୍ୟ ଘୋଷଣା କରାଯିବାରେ ବିଳମ୍ବ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ କାରଣ ପଚାରି ବୁଝିଥିଲେ। ଶିମିଳିପାଳ ମଧ୍ୟରେ ବସବାସ କରୁଥିବା ବନବାସୀ ଓ ଜନଜାତି ସମ୍ପ୍ରଦାୟ ଲୋକଙ୍କ ଥଇଥାନ ପାଇଁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରପତି ଶିମିଳିପାଳରେ ମଧ୍ୟାହ୍ନଭୋଜନ କରିଥିଲେ। ତାଙ୍କ ପାଇଁ ୨୮ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ପରେ ସଡ଼କ ପଥରେ ଯଶିପୁର ହେଲିପ୍ୟାଡ୍‌କୁ ଫେରିଥିଲେ। ସେଠାରୁ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ। ନିର୍ଦ୍ଧାରିତ ସମୟରେ ବାରିପଦା ହେଲିପ୍ୟାଡ୍‌ରେ ଓହ୍ଲାଇବା ପରେ ସଡ଼କ ପଥରେ ଷ୍ଟେଶନବଜାରସ୍ଥିତ ଗେଷ୍ଟ ହାଉସ୍‌କୁ ଯାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଗୁରୁବାର ରାଇରଙ୍ଗପୁରସ୍ଥିତ ବାସଭବନରେ ରାଷ୍ଟ୍ରପତି ରାତ୍ରିଯାପନ କରିଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ବାବା ପୁର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ସେ ଦୀର୍ଘ ଦିନ ଧରି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଚେୟାରମ୍ୟାନ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ଠାକୁରଙ୍କ ରୀତିନୀତି ସମ୍ପର୍କରେ ସେବାୟତଙ୍କଠାରୁ ପଚାରି ବୁଝିଥିଲେ। ପ୍ରତ୍ୟୁଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀମାନେ ତାଙ୍କ ବାସଭବନକୁ ଆସି ସାକ୍ଷାତ କରିଥିଲେ। ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମମାଟି ଦାଣ୍ଡବୋଷ-କାପିବୁରୁସ୍ଥିତ ସମାଧି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରୁ ବାହାରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## କେନ୍ଦୁପତ୍ର ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କା ସହାୟତା

**ଭୁବନେଶ୍ୱର,୫।୫(ବ୍ୟୁରୋ)**

### ଉପକୃତ ହେବେ ୮ ଲକ୍ଷରୁ ଅଧିକ

### ଗୋଟିଏ ବର୍ଷରେ ସର୍ବକାଳୀନ ରେକର୍ଡ ସହାୟତା ୧୯୪ କୋଟି

କେନ୍ଦୁପତ୍ର ହିତାଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ୨୦୨୨ ଫସଲ ବର୍ଷ ପାଇଁ ଏହି ସହାୟତା ମିଳିବ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୮୩ କୋଟି ଟଙ୍କାର ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଇଛି। ଦୁଇଟି ପର୍ଯ୍ୟାୟକୁ ମିଶାଇ କେନ୍ଦୁପତ୍ର ହିତାଧିକାରୀମାନେ ୧୯୪ କୋଟି ଟଙ୍କାର ସହାୟତା ପାଇବେ, ଯାହା କି ଗୋଟିଏ ଫସଲ ବର୍ଷରେ ଏକ ସର୍ବକାଳୀନ ରେକର୍ଡ।

ସରକାରଙ୍କ ଏହି ଘୋଷଣା ଦ୍ୱାରା ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ଉପକୃତ ହେବେ। ୭.୭୫ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଏହି ସହାୟତା ମିଳିବ। ପ୍ରତ୍ୟେକ ତୋଳାଳିଙ୍କୁ ୧ ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ପାଣିବୋତଲ ଓ ଚପଲ ପାଇଁ ଯଥାକ୍ରମେ ୨୦୦ ଓ ୧୬୦ ଟଙ୍କା ମିଳିବ। ସେହିପରି ପ୍ରତ୍ୟେକ ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଆର୍ଥିକ ସହାୟତା ଭାବରେ ୧୫୦୦ ଟଙ୍କା ଦିଆଯିବ।

କେନ୍ଦୁପତ୍ର ସଂଗ୍ରହ ହେଉଥିବା ରାଜ୍ୟର ୨୨ଟି ଜିଲା ମଧ୍ୟରୁ ଝାରସୁଗୁଡ଼ା ବ୍ୟତୀତ ଅନ୍ୟ ସମସ୍ତ ଜିଲାର ହିତାଧିକାରୀମାନେ ଏହି ସହାୟତା ପାଇବେ। ନିର୍ବାଚନ ଆଚରଣ ବିଧି ଉଠିବା ପରେ ଝାରସୁଗୁଡ଼ାର ହିତାଧିକାରୀମାନଙ୍କୁ ଏହି ସହାୟତା ମିଳିବ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାର ୮୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କେନ୍ଦୁପତ୍ର ହିତାଧିକାରୀମାନେ, ଯେଉଁମାନେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅଟନ୍ତି, ସେମାନଙ୍କ ଜୀବନଧାରଣ ମାନର ଉନ୍ନତିରେ ଏହି ଘୋଷଣା ସହାୟକ ହେବ।

## ସମନ୍ୱିତ କୃଷି ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବଡ଼ ପଦକ୍ଷେପ: ମନ୍ତ୍ରୀ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଏବଂ ଫସଲର ବିବିଧୀକରଣ ଏକ ଫଳପ୍ରଦ ପଦକ୍ଷେପ। ଏହା ଉପରେ ରାଜ୍ୟ ସରକାର ସବୁବେଳେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହିପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି ଯୋଜନାଗୁଡ଼ିକ ଏକତ୍ର କାର୍ଯ୍ୟକାରୀ କରିବା ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷିଭବନଠାରେ ଶୁକ୍ରବାର ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମନ୍ୱିତ କୃଷି କ୍ଷେତ୍ରରେ ହିତାଧିକାରୀ ଚାଷୀଙ୍କ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟର ୯ ଜନଜାତି ଅଧ୍ୟୁଷିତ ଜିଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ ମୟୂରଭଞ୍ଜର ୩୦୦ ପଞ୍ଚାୟତରେ ଗୋଷ୍ଠୀଭିତ୍ତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ୩୦୦ ପଞ୍ଚାୟତର ପ୍ରାୟ ୭୫ ହଜାର ହେକ୍ଟର ଚାଷଜମିରେ ଏହି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରତି ପଞ୍ଚାୟତର ଅନ୍ତତଃପକ୍ଷେ ୬୦୦ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ଲକ୍ଷେ ୮୦ ହଜାର କୃଷକ ପରିବାର ଉପକୃତ ହେବେ। ଏଥିସହ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୦ ଜିଲାରେ ବ୍ୟକ୍ତିଗତ ଯୋଜନାରେ ୪୨୩୮ଟି ସମନ୍ୱିତ କୃଷି ଯୋଜନାର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳବାୟୁ ପରିବର୍ତ୍ତନ ଓ ବୃଷ୍ଟିପାତର ଅନିୟମିତତାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ୨୨ଟି ଜିଲାର ଲକ୍ଷେ ୪୨ ହଜାର ହେକ୍ଟର ଜମିରେ ଅଣଧାନ ଫସଲ ତଥା ଡାଲି, ଚିନାବାଦାମ, ମକା, ରାଶି, ମାଣ୍ଡିଆ, କପା ଏବଂ ବିଭିନ୍ନ ପ୍ରକାର ଫଳ ଓ ପନିପରିବା ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଧାନ ଫସଲରୁ ଅଣଧାନ ଫସଲ ଯଥା: ଡାଲି, ତୈଳବୀଜ, ମାଣ୍ଡିଆ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ କରାଯାଇଥିବା ଜମିର ପରିମାଣର ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## 'ଧରଣୀଧରଙ୍କ ନୀତିଆଦର୍ଶର ପ୍ରାସଙ୍ଗିକତା ରହିଛି'

**ଭୁବନେଶ୍ୱର,୫।୫(ବ୍ୟୁରୋ)**

କେନ୍ଦୁଝରର ଭୂୟାଁ ସମ୍ପ୍ରଦାୟର ଲୋକେ ଅତ୍ୟାଚାରୀ ଇଂରେଜ ଓ ରାଜତନ୍ତ୍ର ବିରୋଧରେ ବହୁବାର ବିଦ୍ରୋହ କରିଥିଲେ। ସେଥିମଧ୍ୟରୁ ପ୍ରମୁଖ ବିଦ୍ରୋହ ଥିଲା ଧରଣୀଧରଙ୍କ ନେତୃତ୍ୱାଧୀନ ଧରଣୀମେଳି, ଯାହା ଅତ୍ୟାଚାରୀଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ଏହି ସଂଗ୍ରାମ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାଧାରରେ ଲିପିବଦ୍ଧ। ତାଙ୍କର ମହାନ ଆଦର୍ଶ ଓ ନୀତିନିଷ୍ଠ ଜୀବନ ଆଜିର ସମୟରେ ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି ବୋଲି କେନ୍ଦୁଝରର ପାଟଣା ବିଧାୟକ ଜଗନ୍ନାଥ ନାଏକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱରସ୍ଥିତ କେନ୍ଦୁଝର ନାଗରିକ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ପକ୍ଷରୁ କେନ୍ଦୁଝର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ନାୟକ କହିଲେ, ଧରଣୀଧରଙ୍କ ଜାତି ପ୍ରୀତି ଓ ସାହସିକତା ସବୁବେଳେ ଓଡ଼ିଆମାନଙ୍କୁ ପ୍ରେରଣା ଯୋଗାଉଥିବ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର କହିଲେ, ଧରଣୀଧର ଅସାଧାରଣ ଜ୍ଞାନର ଅଧିକାରୀ ଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସୁମନ୍ତ୍ର ନାଏକ କହିଲେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ଧରଣୀଧର ଏକ ଜନମଙ୍ଗଳ ରାଷ୍ଟ୍ରର ପରିକଳ୍ପନା କରିଥିଲେ । ଯେଉଁଠି ସମସ୍ତଙ୍କର ସମାନ ଅଧିକାର ରହିବ। ସେଭଳି ଦୂରଦ୍ରଷ୍ଟା ପ୍ରଜ୍ଞା ପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ ବୋଲି ସେ ପ୍ରକାଶ କରିଥିଲେ। ପଦ୍ମଶ୍ରୀ ଦୈତାରୀ ନାଏକ, କେନ୍ଦୁଝର ନାଗରିକ ପରିଷଦ ସଭାପତି ହାଡିବନ୍ଧୁ ପଟ୍ଟନାୟକ, ଅଧ୍ୟାପିକା ଡ. ଯାଜ୍ଞସେନୀ ଛତ୍ରିଆ ପ୍ରମୁଖ ଅନ୍ୟମ ଅତିଥି ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଥିଲେ ଧରଣୀଧର ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ କେନ୍ଦୁଝର ସଂଘ ପକ୍ଷରୁ ଏକ ମୁଖପତ୍ର ଉନ୍ମୋଚିତ ହୋଇଥିଲା। ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ସମ୍ପାଦକ ବିଜୟ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



# ଶିମିଳିପାଳ ବୁଲିଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲି ଦେଖୁଛନ୍ତି।



ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରାଯାଉଛି।

**ବାରିପଦା ଅଫିସ/ ରାଇରଙ୍ଗପୁର, ୫।୫(ଡି.ଏନ୍.ଏ.)**

୩ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତର ଦ୍ୱିତୀୟ ଦିବସ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିମିଳିପାଳ ଅଭୟାରଣ୍ୟ ବୁଲିଛନ୍ତି। ପୂର୍ବାହ୍ନରେ ଦାଣ୍ଡବୋଷ ହେଲିପ୍ୟାଡ୍‌ରୁ ଶିମିଳିପାଳ ଅଭିମୁଖେ ବାହାରି ଯଶିପୁରସ୍ଥିତ ଛେଳିଗୁଦୁରି ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ସେଠାରୁ ସଡ଼କ ପଥରେ ଯାଇ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିଲେ। ଶିମିଳିପାଳ କର୍ତ୍ତୃପକ୍ଷ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପ୍ରଥମେ ଶିମିଳିପାଳ ମଧ୍ୟରେ ଥିବା ଚହଲା ଅଞ୍ଚଳକୁ ଯାଇଥିଲେ। ସେଠାରୁ ୧୫ କି.ମି ଭିତରକୁ ଯାଇ ପ୍ରକୃତିର ନୈସର୍ଗିକ ଶୋଭାରାଜିକୁ

## ପ୍ରକୃତିର ଶୋଭାରାଜି ଉପଭୋଗ କଲେ

ଉପଭୋଗ କରିଥିଲେ। ରାଷ୍ଟ୍ରପତି ଶିମିଳିପାଳ ମଧ୍ୟରେ ପ୍ରାୟ ୩ ଘଣ୍ଟା ୧୫ ମିନିଟ୍ ରହିଥିଲେ। ଅଭୟାରଣ୍ୟ ମଧ୍ୟରେ ରହୁଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ ଶିମିଳିପାଳକୁ ଜାତୀୟ ଅଭୟାରଣ୍ୟ ଘୋଷଣା କରାଯିବାରେ ବିଳମ୍ବ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କଠାରୁ କାରଣ ପଚାରି ବୁଝିଥିଲେ। ଶିମିଳିପାଳ ମଧ୍ୟରେ ବସବାସ କରୁଥିବା ବନବାସୀ ଓ ଜନଜାତି ସମ୍ପ୍ରଦାୟ ଲୋକଙ୍କ ଥଇଥାନ ପାଇଁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରପତି ଶିମିଳିପାଳରେ ମଧ୍ୟାହ୍ନଭୋଜନ କରିଥିଲେ। ତାଙ୍କ ପାଇଁ ୨୮ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ପରେ ସଡ଼କ ପଥରେ ଯଶିପୁର ହେଲିପ୍ୟାଡ୍‌କୁ ଫେରିଥିଲେ। ସେଠାରୁ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ। ନିର୍ଦ୍ଧାରିତ ସମୟରେ ବାରିପଦା ହେଲିପ୍ୟାଡ୍‌ରେ ଓହ୍ଲାଇବା ପରେ ସଡ଼କ ପଥରେ ଷ୍ଟେଶନବଜାରସ୍ଥିତ ଗେଷ୍ଟ ହାଉସ୍‌କୁ ଯାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଗୁରୁବାର ରାଇରଙ୍ଗପୁରସ୍ଥିତ ବାସଭବନରେ ରାଷ୍ଟ୍ରପତି ରାତ୍ରିଯାପନ କରିଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ବାବା ପୁଣ୍ୟେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ସେ ଦୀର୍ଘ ଦିନ ଧରି ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଚେୟାରମ୍ୟାନ ରହି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବାରୁ ଠାକୁରଙ୍କ ରୀତିନୀତି ସମ୍ପର୍କରେ ସେବାୟତଙ୍କଠାରୁ ପଚାରି ବୁଝିଥିଲେ। ପ୍ରତ୍ୟୁଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀମାନେ ତାଙ୍କ ବାସଭବନକୁ ଆସି ସାକ୍ଷାତ କରିଥିଲେ। ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମମାଟି ଦାଣ୍ଡବୋଷ-କାପିବୁରୁସ୍ଥିତ ସମାଧି ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରୁ ବାହାରି ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# କେନ୍ଦୁପତ୍ର ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କା ସହାୟତା

**ଭୁବନେଶ୍ୱର,୫।୫(ବ୍ୟୁରୋ)**

**ଉପକୃତ ହେବେ ୮ ଲକ୍ଷରୁ ଅଧିକ**

**ଗୋଟିଏ ବର୍ଷରେ ସର୍ବକାଳୀନ ରେକର୍ଡ ସହାୟତା ୧୯୪ କୋଟି**

କେନ୍ଦୁପତ୍ର ହିତାଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱିତୀୟ ପର୍ଯ୍ୟାୟରେ ୧୧୧ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ୨୦୨୨ ଫସଲ ବର୍ଷ ପାଇଁ ଏହି ସହାୟତା ମିଳିବ। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୮୩ କୋଟି ଟଙ୍କାର ସହାୟତା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଇଛି। ଦୁଇଟି ପର୍ଯ୍ୟାୟକୁ ମିଶାଇ କେନ୍ଦୁପତ୍ର ହିତାଧିକାରୀମାନେ ୧୯୪ କୋଟି ଟଙ୍କାର ସହାୟତା ପାଇବେ, ଯାହା କି ଗୋଟିଏ ଫସଲ ବର୍ଷରେ ଏକ ସର୍ବକାଳୀନ ରେକର୍ଡ।

ସରକାରଙ୍କ ଏହି ଘୋଷଣା ଦ୍ୱାରା ୮ ଲକ୍ଷରୁ ଅଧିକ କେନ୍ଦୁପତ୍ର ହିତାଧିକାରୀ ଉପକୃତ ହେବେ। ୭.୭୫ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ୪୦ ହଜାର ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଏହି ସହାୟତା ମିଳିବ। ପ୍ରତ୍ୟେକ ତୋଳାଳିଙ୍କୁ ୧ ହଜାର ଟଙ୍କାର ଆର୍ଥିକ ସହାୟତା ସହିତ ପାଣିବୋତଲ ଓ ଚପଲ ପାଇଁ ଯଥାକ୍ରମେ ୨୦୦ ଓ ୧୬୦ ଟଙ୍କା ମିଳିବ। ସେହିପରି ପ୍ରତ୍ୟେକ ବନ୍ଧାଳି ଓ ସିଜନାଲ ଷ୍ଟାଫ୍‌ଙ୍କୁ ଆର୍ଥିକ ସହାୟତା ଭାବରେ ୧୫୦୦ ଟଙ୍କା ଦିଆଯିବ।

କେନ୍ଦୁପତ୍ର ସଂଗ୍ରହ ହେଉଥିବା ରାଜ୍ୟର ୨୨ଟି ଜିଲା ମଧ୍ୟରୁ ଝାରସୁଗୁଡ଼ା ବ୍ୟତୀତ ଅନ୍ୟ ସମସ୍ତ ଜିଲାର ହିତାଧିକାରୀମାନେ ଏହି ସହାୟତା ପାଇବେ। ନିର୍ବାଚନ ଆଚରଣ ବିଧି ଉଠିବା ପରେ ଝାରସୁଗୁଡ଼ାର ହିତାଧିକାରୀମାନଙ୍କୁ ଏହି ସହାୟତା ମିଳିବ।

ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀମାନଙ୍କୁ ରାଜ୍ୟ ସରକାର ୮୩ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କେନ୍ଦୁପତ୍ର ହିତାଧିକାରୀମାନେ, ଯେଉଁମାନେ ମୁଖ୍ୟତଃ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଅଟନ୍ତି, ସେମାନଙ୍କ ଜୀବନଧାରଣ ମାନର ଉନ୍ନତିରେ ଏହି ଘୋଷଣା ସହାୟକ ହେବ।

# ସମନ୍ୱିତ କୃଷି ଚାଷୀଙ୍କ ଆୟ ବୃଦ୍ଧି ପାଇଁ ବଡ଼ ପଦକ୍ଷେପ: ମନ୍ତ୍ରୀ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ରାଜ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଏବଂ ଫସଲର ବିବିଧୀକରଣ ଏକ ଫଳପ୍ରଦ ପଦକ୍ଷେପ। ଏହା ଉପରେ ରାଜ୍ୟ ସରକାର ସବୁବେଳେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହିପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି ଯୋଜନାଗୁଡ଼ିକ ଏକତ୍ର କାର୍ଯ୍ୟକାରୀ କରିବା ପାଇଁ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷିଭବନଠାରେ ଶୁକ୍ରବାର ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମନ୍ୱିତ କୃଷି କ୍ଷେତ୍ରରେ ହିତାଧିକାରୀ ଚାଷୀଙ୍କ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟର ୯ ଜନଜାତି ଅଧ୍ୟୁଷିତ ଜିଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ଗଜପତି, ନୂଆପଡ଼ା ଏବଂ ମୟୂରଭଞ୍ଜର ୩୦୦ ପଞ୍ଚାୟତରେ ଗୋଷ୍ଠୀଭିତ୍ତିକ ଏବଂ ସ୍ୱତନ୍ତ୍ର ସମନ୍ୱିତ କୃଷି ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ୩୦୦ ପଞ୍ଚାୟତର ପ୍ରାୟ ୭୫ ହଜାର ହେକ୍ଟର ଚାଷଜମିରେ ଏହି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରତି ପଞ୍ଚାୟତର ଅନ୍ତତଃପକ୍ଷେ ୬୦୦ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମୁଦାୟ ଲକ୍ଷେ ୮୦ ହଜାର କୃଷକ ପରିବାର ଉପକୃତ ହେବେ। ଏଥିସହ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ୩୦ ଜିଲାରେ ବ୍ୟକ୍ତିଗତ ଯୋଜନାରେ ୪୨୩୮ଟି ସମନ୍ୱିତ କୃଷି ଯୋଜନାର ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଜଳବାୟୁ ପରିବର୍ତ୍ତନ ଓ ବୃଷ୍ଟିପାତର ଅନିୟମିତତାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ୨୨ଟି ଜିଲାର ଲକ୍ଷେ ୪୨ ହଜାର ହେକ୍ଟର ଜମିରେ ଅଣଧାନ ଫସଲ ତଥା ଡାଲି, ଚିନାବାଦାମ, ମକା, ରାଶି, ମାଣ୍ଡିଆ, କପା ଏବଂ ବିଭିନ୍ନ ପ୍ରକାର ଫଳ ଓ ପନିପରିବା ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଧାନ ଫସଲରୁ ଅଣଧାନ ଫସଲ ଯଥା: ଡାଲି, ତୈଳବୀଜ, ମାଣ୍ଡିଆ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ କରାଯାଇଥିବା ଜମିର ପରିମାଣର ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ‘ଧରଣୀଧରଙ୍କ ନୀତିଆଦର୍ଶର ପ୍ରାସଙ୍ଗିକତା ରହିଛି’

**ଭୁବନେଶ୍ୱର,୫।୫(ବ୍ୟୁରୋ)**

କେନ୍ଦୁଝରର ଭୂୟାଁ ସମ୍ପ୍ରଦାୟର ଲୋକେ ଅତ୍ୟାଚାରୀ ଇଂରେଜ ଓ ରାଜତନ୍ତ୍ର ବିରୋଧରେ ବହୁବାର ବିଦ୍ରୋହ କରିଥିଲେ। ସେଥିମଧ୍ୟରୁ ପ୍ରମୁଖ ବିଦ୍ରୋହ ଥିଲା ଧରଣୀଧରଙ୍କ ନେତୃତ୍ୱାଧୀନ ଧରଣୀମେଳି, ଯାହା ଅତ୍ୟାଚାରୀଙ୍କ ଆଖିରୁ ନିଦ ହଜାଇ ଦେଇଥିଲା। ଏହି ସଂଗ୍ରାମ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାଧାରରେ ଲିପିବଦ୍ଧ। ତାଙ୍କର ମହାନ ଆଦର୍ଶ ଓ ନୀତିନିଷ୍ଠ ଜୀବନ ଆଜିର ସମୟରେ ମଧ୍ୟ ପ୍ରାସଙ୍ଗିକ ହୋଇ ରହିଛି ବୋଲି କେନ୍ଦୁଝରର ପାଟଣା ବିଧାୟକ ଜଗନ୍ନାଥ ନାଏକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱରସ୍ଥିତ କେନ୍ଦୁଝର ନାଗରିକ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ପକ୍ଷରୁ କେନ୍ଦୁଝର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଲବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ନାୟକ କହିଲେ, ଧରଣୀଧରଙ୍କ ଜାତି ପ୍ରୀତି ଓ ସାହସିକତା ସବୁବେଳେ ଓଡ଼ିଆମାନଙ୍କୁ ପ୍ରେରଣା ଯୋଗାଉଥିବ। ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର କହିଲେ, ଧରଣୀଧର ଅସାଧାରଣ ଜ୍ଞାନର ଅଧିକାରୀ ଥିଲେ। ମୁଖ୍ୟବକ୍ତା ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସୁମନ୍ତ୍ର ନାଏକ କହିଲେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ଧରଣୀଧର ଏକ ଜନମଙ୍ଗଳ ରାଷ୍ଟ୍ରର ପରିକଳ୍ପନା କରିଥିଲେ । ଯେଉଁଠି ସମସ୍ତଙ୍କର ସମାନ ଅଧିକାର ରହିବ। ସେଭଳି ଦୂରଦ୍ରଷ୍ଟା ପ୍ରଜ୍ଞା ପୁରୁଷ ଓଡ଼ିଶା ଇତିହାସରେ ଦୁର୍ଲ୍ଲଭ ବୋଲି ସେ ପ୍ରକାଶ କରିଥିଲେ। ପଦ୍ମଶ୍ରୀ ଦୈତାରୀ ନାଏକ, କେନ୍ଦୁଝର ନାଗରିକ ପରିଷଦ ସଭାପତି ହାଡିବନ୍ଧୁ ପଟ୍ଟନାୟକ, ଅଧ୍ୟାପିକା ଡ. ଯାଜ୍ଞସେନୀ ଛତ୍ରିଆ ପ୍ରମୁଖ ଅନ୍ୟମ ଅତିଥି ଭାବେ ଯୋଗଦେଇଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ ଥିଲେ ଧରଣୀଧର ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ କେନ୍ଦୁଝର ସଂଘ ପକ୍ଷରୁ ଏକ ମୁଖପତ୍ର ଉନ୍ମୋଚିତ ହୋଇଥିଲା। ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ସମ୍ପାଦକ ବିଜୟ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




ଚିର ଅବିଶ୍ୱାସୀ ଏଇ ମଣିଷ । ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ । ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପପଥ ବିପଥରେ । ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର । ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ । **-ଶ୍ରୀଅରବିନ୍ଦ**



# ଦୋଷାରୋପର ଖେଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହାତରେ ମଳ ସଫା କରିବା ଗୁଜରାଟରେ ବେଆଇନ ହୋଇଥିଲେ ବି ଏହି କାର୍ଯ୍ୟ କରିବା ଫଳରେ ରାଜ୍ୟର ବିଭିନ୍ନ ଭାଗରେ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ୮ ଜଣଙ୍କର ମୃତ୍ୟୁ ଘଟିଛି । ବାସ୍ତବରେ ଏହି ସଂଖ୍ୟା ଯଥେଷ୍ଟ ବେଶି ହେବ ବୋଲି ସାମାଜିକ କର୍ମୀମାନେ ଦାବି କରିଛନ୍ତି । କେତେକ ରିପୋର୍ଟ ଅନୁଯାୟୀ, ଦେଶରେ ମେହେନ୍ତର ମୃତ୍ୟୁ ସଂଖ୍ୟାରେ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଛି । ତଥାପି ପ୍ରଧାନମନ୍ତ୍ରୀ ଗୁଜରାଟକୁ ବିକାଶର ଆଦର୍ଶ ମଡେଲ ଭାବେ ଘୋଷଣା କରିବାକୁ କେବେ ବି ଥକି ପଡୁନାହାନ୍ତି। ନିଶ୍ଚିତ ଭାବେ ଏହି ଘଟଣା ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ପାଇଁ ଲଜ୍ଜାଜନକ। ବିରୋଧୀଦଳଗୁଡ଼ିକ ଏହି ପ୍ରସଙ୍ଗକୁ ଉଠାଇ ରାଜ୍ୟ ସରକାରଙ୍କୁ ଦାୟୀ କରି ଏହି ସବୁ ମୃତ୍ୟୁ ଘଟଣାର ତଦନ୍ତ ଜାତୀୟ ମାନବ ଅଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) କରିବା ପାଇଁ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ଏବେ ପରସ୍ପର ଭିତରେ ଦୋଷାରୋପର ଖେଳରେ ମନ୍ତ୍ରୀମାନେ ଅମଲାତନ୍ତ୍ରୀଙ୍କୁ ଦୋଷ ଦେବାର ସମ୍ଭାବନା ଦେଖାଯାଉଛି। ମନ୍ତ୍ରୀମାନେ ପ୍ରଶାସନିକ ବିଫଳତାକୁ ସମସ୍ୟାର ମୂଳ କାରଣ ଭାବେ ଦର୍ଶାଇ ଘଟଣାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିପାରନ୍ତି । ଏହାକୁ ଲକ୍ଷ୍ୟକରି ଅତିରିକ୍ତମୁଖ୍ୟଶାସନସଚିବପଙ୍କଜଜୋଶୀବାବୁମାନେମେହେନ୍ତରମାନଙ୍କସମସ୍ୟାଗୁଡ଼ିକୁ ସମାଧାନ କରିବା ଲାଗି ଏକ ପରିପତ୍ର ପ୍ରକାଶ କରିବାକୁ କହିଛନ୍ତି ବୋଲି କେତେକଙ୍କ ମତ ଦିଅନ୍ତି। ମେହେନ୍ତରମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନର କାର୍ଯ୍ୟକାରିତାକୁ ସଞ୍ଚାଳନ କରିବା ସହ ସେମାନଙ୍କ ଅଧିକାର ଲାଗି ସାଧନ ଯୋଗାଇଦେବାକୁ ଏକ ଟାସ୍କଫୋର୍ସ ଗଠନ କରିବା ସକାଶେ ମୁଖ୍ୟମନ୍ତ୍ରୀ ପଟେଲଙ୍କ ପାଇଁ ଏକ ପ୍ରସ୍ତାବ ଥିବା ମଧ୍ୟ କୁହାଯାଉଛି। ସେ ଯାହା ହେଉନା କାହିଁକି ବହୁଚର୍ଚ୍ଚିତ 'ଗୁଜରାଟ ମଡେଲ'ର ଚମକକୁ ରକ୍ଷା କରାଯିବା ଉଚିତ।

## ନିବେଶ ଚିନ୍ତା

ହରିୟାଣାର ନୂଆ ନିବେଶ ଯୋଜନାର ଅଂଶ ୨୦୨୧-୨୨ର ୩% ତୁଳନାରେ ୬ ବର୍ଷରେ ସବୁଠୁ ନିମ୍ନକୁ ଖସି ୧%ରେ ରହିଛି । ତେବେ ନିବେଶ ଯୋଜନାଗୁଡ଼ିକ ୨୦୨୨-୨୩ରେ ଖୁବ୍ ଶୀଘ୍ର ୩୦ ପ୍ରତିଶତ ହେବ ବୋଲି କୁହାଯାଉଛି। ଚିନ୍ତାଜନକ ଖବର ହେଉଛି, ମାନୁଫାକ୍ଚରିଂ ନିବେଶ ୭୦% ପ୍ରତିଶତ ହ୍ରାସପାଇଛି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ପାଇଁ ଏକ ଖରାପ ଖବର। ସୂତ୍ରରୁ ପ୍ରକାଶ, ଗତବର୍ଷ ପ୍ରାରମ୍ଭରେ ସ୍ଥାନୀୟ ଲୋକମାନଙ୍କ ପାଇଁ ୩୦,୦୦୦ ଦରମା ପର୍ଯ୍ୟନ୍ତ ପ୍ରାଇଭେଟ ସେକ୍ଟର ଚାକିରିରେ ୭୫ % ସଂରକ୍ଷଣ କରିବା ଲାଗି ତରବରିଆ ଭାବେ ଅଣାଯାଇଥିବା ଆଇନ ସହ ଖଟ୍ଟରଙ୍କର ଏବକାର ନିବେଶ ସଙ୍କଟ ସହ ସମ୍ପର୍କ ଅଛି । ନ୍ୟାୟାଳୟରେ ଏହା ଉପରେ ଚ୍ୟାଲେଞ୍ଜ କରାଯିବା ପରେ ଯଦିଓ ଏହା ସାମୟିକ ଭାବେ ବନ୍ଦ ରହିଛି, ତଥାପି ଏହାର କାର୍ଯ୍ୟକାରିତା ଉପରେ ସନ୍ଦେହ ଲାଗିରହିଛି, ଯେଉଁଥିପାଇଁ ନିବେଶକମାନେ ନିବେଶ କରିବା ଲାଗି ପଛଘୁଞ୍ଚା ଦେଉଛନ୍ତି । ସ୍ଥାନୀୟ ନିଯୁକ୍ତିକୁ ନେଇ ଉକ୍ତ ଆଇନ ସ୍ପଷ୍ଟତଃ ରାଜନୈତିକ ଲକ୍ଷ୍ୟରେ ଅଣାଯାଇଥିଲା, ଯାହା ନିବେଶକମାନଙ୍କ ମନରେ ଭୟ ସୃଷ୍ଟି କରିଥିଲା। ବିଶ୍ୱାସ କରାଯାଉଥିଲା, ଏହି ଆଇନ ଯଦି କାର୍ଯ୍ୟକାରୀ କରାଯାଏ ତେବେ ମହାମାରୀ ପରବର୍ତ୍ତୀ ଆର୍ଥିକ ସୁଧାର ଅଧିକ ଧିମା ହୋଇଯିବ, ଆଇନ ଅନୁପାଳନଜନିତ ବୋଝ ବଢିଯିବ। ଉକ୍ତ ଘଟଣାରେ ବାବୁମାନେ ଚୁପ୍ ରହିଛନ୍ତି। ସୂତ୍ରରୁ ପ୍ରକାଶ, ଏକ ଅନୁକୂଳ ବିଜ୍‌ନେସ ପରିବେଶ ପାଇଁ ହରିୟାଣାର ଭାବମୂର୍ତ୍ତି ଫେରାଇ ଆଣିବା ଲାଗି ମୁଖ୍ୟ ଶାସନ ସଚିବ ସଞ୍ଜୀବ କୌଶଲ ବରିଷ୍ଠ ସହଯୋଗୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ପଡ଼ୋଶୀଙ୍କ ପାଇଁ ପ୍ରୋଗ୍ରାମ

ପଡ଼ୋଶୀ ଦେଶଗୁଡ଼ିକ ସହ ସମ୍ପର୍କ ଦୃଢ କରିବା ଲାଗି ଭାରତର ନୀତି ଏବେ ନୂଆ ମୋଡ଼ ନେଇଛି। ନ୍ୟାଶନାଲ ସେଣ୍ଟର ଫର୍ ଗୁଡ୍ ଗଭର୍ନାନ୍ସ (ଏନ୍‌ସିଜିଜି) ପଡ଼ୋଶୀ ଓ ଦୂରଦେଶର ଅମଲାତନ୍ତ୍ରୀମାନଙ୍କ ପାଇଁ ଦକ୍ଷତା ନିର୍ମାଣ ପ୍ରୋଗ୍ରାମ ବା କାର୍ଯ୍ୟକ୍ରମ ଆୟୋଜନ କରୁଛି। ଆଞ୍ଚଳିକ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ସହ ଭାରତର ସମ୍ପର୍କ ମଜଭୁତ କରିବା ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତିର ଅଂଶ ଭାବେ ଏନ୍‌ସିଜିଜି ଦ୍ୱାରା ଏହିସବୁ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ପ୍ରଭାବଶାଳୀ ତଥା ଦକ୍ଷତାପୂର୍ଣ୍ଣ ଶାସନ ପାଇଁ ସିଭିଲ୍ ସର୍ଭାଣ୍ଟମାନଙ୍କୁ କୌଶଳ ଏବଂ ଜ୍ଞାନ ଯୋଗାଇଦେବା ଲକ୍ଷ୍ୟରେ ଏହା କରାଯାଉଛି। ସାର୍ବଜନୀନ ପ୍ରଶାସନ, ଇ-ଗଭର୍ନାନ୍ସ, ଡିଜିଟାଲ ଟ୍ରାନ୍ସଫର୍‌ମେଶନ ଏବଂ ନେତୃତ୍ୱଭିତ୍ତିକ ବିକାଶ କ୍ଷେତ୍ରରେ ଏହି ପ୍ରୋଗ୍ରାମଗୁଡ଼ିକ ଗୁରୁତ୍ୱ ଦେଉଛି। ଏନ୍‌ସିଜିଜି ମହାନିର୍ଦ୍ଦେଶକ ଭାରତ ଲାଲ୍ ଏକ ପ୍ରଭାବଶାଳୀ ତଥା ବିଶିଷ୍ଟ ବିଶେଷଜ୍ଞଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଏବକାର ସେସନ୍‌କୁ ନେତୃତ୍ୱ ଦେବା ଲାଗି ଏଥିରେ ଜିପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ଦିନେଶ ଦାସା, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗର ଅଧ୍ୟକ୍ଷ ଜିଷ୍ଣୁ ବରୁଆ ଏବଂ ପୂର୍ବତନ ବରିଷ୍ଠ କୂଟନୀତିଜ୍ଞ ସଞ୍ଜୟ ଭଟ୍ଟାଚାର୍ଯ୍ୟ ପ୍ରମୁଖ ରହିଛନ୍ତି। ୨୦୨୩ରେ ଜି୨୦ର ଭାରତର ଅଧ୍ୟକ୍ଷତା ହିଁ ବିଶ୍ୱ ସମ୍ମୁଖରେ ଏହିସବୁ ଦକ୍ଷତା ନିର୍ମାଣ ପ୍ରୋଗ୍ରାମ ପ୍ରଦର୍ଶନ କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଶତତ ବିକାଶ ଲକ୍ଷ୍ୟ ହାସଲ କରିବା ଏବଂ ଅନ୍ୟ ଦେଶଗୁଡ଼ିକୁ ସମାନ ପ୍ରକାର ପ୍ରୋଗ୍ରାମ ଆପଣାଇବାକୁ ଉତ୍ସାହିତ କରିବା ପାଇଁ ଦକ୍ଷତା ନିର୍ମାଣକୁ ପ୍ରୋତ୍ସାହିତ କରିବାକୁ ଏକ ମୁଖ୍ୟ ସାଧନ ଭାବେ ଜି୨୦ ସୁଯୋଗକୁ ଉପଯୋଗ କରିବା ଲାଗି ମୋଦି ସରକାର ଆଶା କରୁଛନ୍ତି।

Email: dilipcherian@gmail.com

# ଶାସିତର ସାହିତ୍ୟ



ମାୟାଧର ନାୟକ

ଆମ ଓଡ଼ିଶାରେ ଯେଉଁ ଧରଣର ଧାରା ସାହିତ୍ୟ କ୍ଷେତ୍ରରେ ଦେଖାଦେଉଛି, ସେ ଧାରାକୁ ଆଧୁନିକ ଓ ଉତ୍ତର-ଆଧୁନିକ ବୋଲି ଡିଣ୍ଡିମ ପିଟାଯାଉଛି। ଏ ଡିଣ୍ଡିମ ପିଟୁଛନ୍ତି କେଉଁମାନେ? ବୁଦ୍ଧିଜୀବୀ ଓ ସାହିତ୍ୟର ସମୀକ୍ଷକ ବୋଲାଉଥିବା ଦଳେ ଦାୟିତ୍ୱହୀନ ବ୍ୟକ୍ତି। ହୁଏତ ସେମାନଙ୍କ ମଧ୍ୟରୁ ଶତକଡ଼ା ୭୦ ଶିକ୍ଷା ବିଭାଗ କର୍ମଚାରୀ, ବାକି ୩୦ ଅନ୍ୟାନ୍ୟ ସରକାରୀ ଚାକିରିଆ। ଯେଉଁ ଧାରାର ସାହିତ୍ୟ ସମ୍ପର୍କରେ ଓଡ଼ିଶାରେ ଏତେ ତୁମ୍ଭିତୋଫାନ୍ ସୃଷ୍ଟି କରାଯାଇ ଆସୁଛି, ସେ ସାହିତ୍ୟ ବି ଲେଖନ୍ତି କେଉଁମାନେ? ହଁ, ଏଇ ଧରଣର ପ୍ରଚାରିତ ସାହିତ୍ୟର ସୃଷ୍ଟିକର୍ତ୍ତାମାନେ ମୁଖ୍ୟତଃ ସରକାରୀ କଳର ବିଭିନ୍ନ ପଦାଧିକାରୀ ବ୍ୟକ୍ତି। ଏଇ ପଦାଧିକାର ବଳରେ ସେମାନେ ନିଜ ସୃଷ୍ଟି ସପକ୍ଷରେ ଉପରୋକ୍ତ ବୁଦ୍ଧିଜୀବୀ ଓ ସମୀକ୍ଷକବର୍ଗଙ୍କ ନିକଟରୁ ଆଦାୟ କରି ନେଇଥାନ୍ତି ଅପରିମିତ ସ୍ୱୀକୃତି ଓ ସମର୍ଥନ। ଯେଉଁ ଅଳ୍ପ କେତେଜଣ ପ୍ରକୃତ ପ୍ରତିଭାସମ୍ପନ୍ନ ସାହିତ୍ୟକାର ବିନା ସ୍ୱୀକୃତି ଓ ପୁରସ୍କାରରେ ଅମର ସାହିତ୍ୟ ସୃଷ୍ଟି କରିବାରେ ତପସ୍ୟାରତ, ସେମାନେ ଦୀର୍ଘକାଳ ରହିଯା'ନ୍ତି ଲୋକଲୋଚନର ଅଗୋଚରରେ। ଏଇ ଅଳ୍ପ କେତେଜଣ ସାହିତ୍ୟକାର ବିନା ଗୋଷ୍ଠୀ, ବିନା ଚର୍ଚ୍ଚା, ବିନା ଭାଟବନ୍ଦନା ମଧ୍ୟରେ ନିଜର ବିଶ୍ୱାସକୁ ନେଇ ବଞ୍ଚି ରହନ୍ତି କେବଳ। ସେମାନଙ୍କ ମୃତ୍ୟୁ ପରେ ଏ ସମାଜ କାନ୍ଦେ, ଏ ବ୍ୟବସ୍ଥା ଦାବି କରେ ଶହେ ତୋପର ସଲାମି ! ଏଇ ତ ଅବସ୍ଥା।

ବର୍ତ୍ତମାନର ସାହିତ୍ୟ କ'ଣ ସତରେ ଆଧୁନିକ ସାହିତ୍ୟ? ଆଧୁନିକ ସାହିତ୍ୟ ନ କହି ଏ ସାହିତ୍ୟକୁ ବରଂ ଶାସିତର ସାହିତ୍ୟ କହିଲେ ଅଧିକ ଯଥାର୍ଥ ହେବ। ଶାସିତର ସାହିତ୍ୟ ଏଇଥିପାଇଁ ଯେ ସେଥିରେ ଆଧୁନିକତାର କୌଣସି ଚିହ୍ନବର୍ଣ୍ଣ ନାହିଁ । ଜୀବନ ଆଗେଇ ଚାଲିବ, ପୃଥିବୀ କେତେ ପରିବର୍ତ୍ତନ ସାମ୍ନା କରୁଚି, ସମାଜରେ ନାନା ସଂଶୟ ଓ ସଂଘାତ ଉପୁଜୁଚି, ବ୍ୟକ୍ତି କେତେ ଜଟିଳତାରେ ଜର୍ଜରିତ ହେଉଚି, ମଣିଷ ଜାତିର ଭବିଷ୍ୟତକୁ ନେଇ କେତେ କ'ଣ ଖେଳ ଆରମ୍ଭ ହୋଇସାରିଚି ସବୁଠି ଆଶଙ୍କା, ଆତଙ୍କ, ଆପଦର ଆବର୍ତ୍ତ- ଅଥଚ ଚାରି କାନ୍ଥର ଚୌହଦି ମଧ୍ୟରେ ସାହିତ୍ୟ ନାମରେ ଚାଲିଚି ସୌଖୀନ ସର୍ଜନା! ବୁଦ୍ଧି ଅଛି, ବିବେକ ନାହିଁ... ମସ୍ତିଷ୍କ ଅଛି, ହୃଦୟ ନାହିଁ... ପ୍ରଚାର ଅଛି, ପ୍ରାଣ ନାହିଁ ଏମିତି ଏକ ଅନ୍ଧମୁହାଣିରେ ଓଡ଼ିଶାର ସାହିତ୍ୟ ଆଜି କେବଳ ଭୁଆଁ ବୁଲୁଛି। ସାହିତ୍ୟ ଲେଖୁଛନ୍ତି ବୋଲି ଧରାଯାଉଥିବା ବହୁ ଧୁରୀଣ ବ୍ୟକ୍ତି ନିଜ ନିଜକୁ ଲେଖକ ରୂପରେ ଚିହ୍ନଟ କରାଉଛନ୍ତି ସିନା, ମାତ୍ର ପ୍ରକୃତରେ ସେମାନେ କ'ଣ ଲେଖକ ପଦବାଚ୍ୟ? ବରଂ ଲେଖକ ନ କହି ସେମାନଙ୍କୁ ଲେଖାଳି କହିଲେ ଠିକ୍ ହେବ। ସେମାନେ ଲେଖାଳି କାହିଁକି ନା ସେମାନଙ୍କର ସାହିତ୍ୟ ଚିନ୍ତନ ମୌଳିକତାହୀନ, ସାହିତ୍ୟଦୃଷ୍ଟି ମନନଶୂନ୍ୟ। ନିଜ ମାଟି ପାଣି ପବନର ରୂପ-ରସ-ଗନ୍ଧ ସେମାନଙ୍କ ସାହିତ୍ୟରେ ନାହିଁ। ଏକ ପ୍ରକାର ଔପନିବେଶିକ ଅନୁଶାସନକୁ ଅକ୍ଷରେ ଅକ୍ଷରେ ମାନିନେଇ ସେମାନେ ଆଧୁନିକ ସାହିତ୍ୟ ଲେଖନ୍ତି ବୋଲି ପ୍ରଚାରିତ ହୋଇ ଆସୁଛନ୍ତି ମାତ୍ର। ନ ହେଲେ ମାଟି ଆଉ ମଣିଷର ମର୍ମକଥା, ସମକାଳୀନ ପ୍ରଜନ୍ମର ପ୍ରାଣପୀଡ଼ା, ନିଜ ସମୟର ଅନ୍ତଃସ୍ୱରରୁ ସେମାନଙ୍କ ସାହିତ୍ୟ ବଞ୍ଚିତ।



ବର୍ତ୍ତମାନର ସାହିତ୍ୟ କିତାବୀ ସାହିତ୍ୟ। ଓଡ଼ିଆ ଭାଷାରେ ଏଇ କୋଡ଼ିଏ ତିରିଶ ବର୍ଷ ଧରି ସାହିତ୍ୟ ଆଳରେ କେବଳ ଏକ ଅଭ୍ୟାସକୁ ଅକ୍ଷର ରୂପ ଦିଆଯାଇ ଆସୁଛି। ମହାଭାରତରେ କୋକୁଆ ମାତିବା ପରି ଏବର ସାହିତ୍ୟରେ ସେମିତି ଅବକ୍ଷୟର ଅଣଚାଶ ମାଡ଼ି ଆସିଚି। ଯେଉଁଠି ଦେଖ କେବଳ ଶୂନ୍ୟତାର ସ୍ୱର, ହତାଶାର ହାହାକାର, ବିଚିତ୍ର ବିକଳପଣର ବିଜ୍ଞପ୍ତି। ସାହିତ୍ୟରେ ଦେଖାଦେଇଛି ବିଷୟବସ୍ତୁର ସଙ୍କଟ। ଶୈଳୀସର୍ବସ୍ୱ ଆଭିମୁଖ୍ୟ ଆଜି ସାହିତ୍ୟର ଧେୟ ଓ ଶ୍ରେୟ। ଆମର ଅଧିକାଂଶ ଲେଖକ କେତେଦୂର ଗାଁ ଗହଳର ଗହନ ଚିତ୍ରକୁ ରଙ୍ଗାଇ ପାରନ୍ତି ? ସେମାନେ କ'ଣ ସାଧାରଣ ମଣିଷର କଥା ଓ ବ୍ୟଥାକୁ ନିଜ ସାହିତ୍ୟର ସରହଦକୁ ପାଛୋଟି ଆଣିଛନ୍ତି? ବର୍ତ୍ତମାନର ସାହିତ୍ୟରେ ବର୍ତ୍ତମାନର ଜୀବନ ନାହିଁ, ସ୍ୱର୍ଶ ନାହିଁ, ସଂଘର୍ଷ ନାହିଁ- ପରିବର୍ତ୍ତନ ଓ ବିବର୍ତ୍ତନର ପ୍ରମାଣପତ୍ର ନାହିଁ। ସୁତରାଂ ସାଂପ୍ରତିକ ସାହିତ୍ୟ ସମାଜ ଜୀବନଠାରୁ ସୁଦୂରବର୍ତ୍ତୀ ହୋଇଉଠିବା ଫଳରେ ପାଠକୀୟତା ହରାଇ ବସୁଛି। ହଁ, ଆଜି ଓଡ଼ିଆ ସାହିତ୍ୟରେ ଶହଶହ ଲେଖକଙ୍କ ଥାଟପଟାଳି, ମାତ୍ର ପାଠକ ଶହେରେ ସାତଜଣ ବାହାରିବେ କି ନାହିଁ ସନ୍ଦେହ! ଏପରି କି ଯେଉଁମାନେ ତିରିଶ ଚାଳିଶବର୍ଷ ହେଲା ଲେଖାଲେଖି କରି ଆସୁଛନ୍ତି ସେମାନେ ନିଜ ଲେଖା ଛଡ଼ା ଅନ୍ୟ ଲେଖକମାନଙ୍କୁ ପଢ଼ିଥାନ୍ତି କି ଆନ୍ତରିକତାର ସହିତ? ବରଂ ଓଡ଼ିଆ ଭାଷାର ଲେଖକ ତା' ନିଜ ଭାଷାର ବହି ନ କିଣି କିଣିଥାଏ ବିଦେଶୀ ଭାଷାର ବହି। ସଦ୍ୟ ବିଦେଶୀ ଲେଖକମାନଙ୍କ ସବୁ ଖବର ତା' ନଖଦର୍ପଣରେ! ମୁଁ କହୁନାହିଁ ଯେ ବିଦେଶୀ ଲେଖକଙ୍କ ବହିକୁ ବର୍ଜନ କରାଯାଉ କାହିଁକି ନା ସାହିତ୍ୟରେ ଏ ପ୍ରକାର ସ୍ୱଦେଶୀ ଆନ୍ଦୋଳନର କୌଣସି ସ୍ଲୋଗାନ୍ ବେଶିଦିନ ଚାଲିପାରେନା। କହିବାର କଥା ହେଉଚି- ନିଜ ଭାଷା, ନିଜ ସାହିତ୍ୟ ପ୍ରତି ଆମ ତଥାକଥିତ ଲେଖକମାନଙ୍କର ଏ ଧାରାବାହିକ ହୀନମନ୍ୟତାକୁ ଆମେ ବରଦାସ୍ତ କରି ଚାଲିଥିବା ଆଉ କେତେଦିନ?

ଏବେ ଆଉ ଏକ ଦୁଃଖଦାୟକ ଦିଗ ଉପରେ ଆଲୋକପାତ କରାଯାଉ। ଆଜି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲେଖକମାନଙ୍କ ଗହଳଚହଳ ଯେତେ ନଜରକୁ ଆସୁଛି, ସେ ଗହଳି ଭିତରେ ଆମେ କୌଣସି ବ୍ୟକ୍ତିତ୍ୱଗତ ବିଶାଳତା କି ବ୍ୟାପକତା ଲକ୍ଷ୍ୟ କରିପାରୁଛୁ କି? ଏଇ କିଛିବର୍ଷ ତଳେ ଆମେ ଦେଖୁଥିଲୁ ମହାନ୍ ସାହିତ୍ୟକର୍ମୀ ସେଇ ବିରଳ ବ୍ୟକ୍ତିତ୍ୱମାନଙ୍କୁ, ଯେଉଁଦିନ ପ୍ରତିଭାତ ହେଉଥିଲେ ଗୋଟିଏ ଗୋଟିଏ ଅନବଦ୍ୟ ନକ୍ଷତ୍ର ଭଳି। ମୁଁ ନିଜେ ଲକ୍ଷ୍ୟ କରିଚି, ସାହିତ୍ୟଦୃଷ୍ଟି ଓ ଦର୍ଶନକୁ ନେଇ ସେମାନେ ମଞ୍ଚରେ ବିତର୍କ ସୃଷ୍ଟି କରିଥାନ୍ତି ସିନା ହେଲେ ବ୍ୟକ୍ତିଗତ ସମ୍ପର୍କରେ ସେମାନେ ବରାବର ବନ୍ଧା ଥିଲେ ପରମ ସୌହାର୍ଦ୍ଦ୍ୟର ସୂତ୍ରରେ। ଆଜିର ଓଡ଼ିଆ ସାହିତ୍ୟରେ ବ୍ୟକ୍ତିତ୍ୱର ସଙ୍କଟ ଏକ ଦୁଃଖଦ ସତ୍ୟ। ଇତିହାସରେ ଡାଇନୋସର୍‌ମାନଙ୍କ ଯୁଗ ସରିଯାଇଥିବା ପରି ସାହିତ୍ୟରେ ମଧ୍ୟ ସଂପ୍ରତି ବ୍ୟକ୍ତିତ୍ୱର ସ୍ୱର ନିଶ୍ଚିହ୍ନ। ପୁରସ୍କାର ନ ପାଇଥିବା ବହୁ ବ୍ୟକ୍ତିତ୍ୱଶାଳୀ ସାହିତ୍ୟିକଙ୍କ ସିଂହାସନ ଥିଲା ସେତେବେଳେ ପାଠକର ହୃଦୟ! ଏ ସୌଭାଗ୍ୟ କିନ୍ତୁ ଆଜିର ବହୁ ନାମୀଦାମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ କପାଳରେ ଜୁଟିପାରିଛି କି?

ଶାସିତର ସାହିତ୍ୟ ଏ ଆଜିର ସାହିତ୍ୟ। ସାଧାରଣ ମଣିଷର ଅନୁପ୍ରବେଶ ଏ ସାହିତ୍ୟରେ କାହିଁ? ଶାସନର ବରାଦୀ ବ୍ୟବସ୍ଥା ଭିତରେ, ପ୍ରଶାସନର ପ୍ରହେଳିକା ମଧ୍ୟରେ ସାହିତ୍ୟ ଦ୍ୱାହିରେ ସୃଷ୍ଟି ହେଉଛି ପ୍ରବଞ୍ଚନାର ପ୍ରସାରିତ ପରମ୍ପରା। ବିବେକବୋଧ ନୁହେଁ, ବିଚାରବୋଧ ନୁହେଁ ବିଶ୍ୱାସଘାତକତା ହିଁ ହୋଇପଡ଼ିଛି ଓଡ଼ିଆ ସାହିତ୍ୟର ମୁଖ୍ୟ ବିଷୟବସ୍ତୁ। ଆଜିର ସାହିତ୍ୟ ପ୍ରକୃତରେ ବିଶ୍ୱାସଘାତକତା କରିଚାଲିଚି ଚାରିପଟର ଛିନ୍ନବିଚ୍ଛିନ୍ନ ସମାଜଜୀବନ ପ୍ରତି ଏବଂ ଆଜିର ଲେଖକ ମଧ୍ୟ ନିଜ ପ୍ରତି।

ଆଜି ଓଡ଼ିଆ ସାହିତ୍ୟ ଏଇ ବିଶ୍ୱାସକୁ ଫେରାଇ ଆଣିବା ଦରକାର - ଯାହା ଏ ଆଧୁନିକ ସାହିତ୍ୟର ସାମର୍ଥ୍ୟ ବାହାରେ । ଆଧୁନିକ ସାହିତ୍ୟର ମୁଖାପିନ୍ଧା ଏକ ବିଶ୍ୱାସଘାତକ ପରମ୍ପରାର ପୂର୍ଣ୍ଣଚ୍ଛେଦ ନ ପଡ଼ିଲେ, ପ୍ରକୃତ ସାହିତ୍ୟ ପାଇଁ ସମ୍ଭାବନା ସୃଷ୍ଟି ହେବ କିପରି ।

**ଯାଜପୁର ରୋଡ୍, ଯାଜପୁର**
**ମୋ : ୯୮୬୧୦୩୪୧୬୩**

# ସମୟ ସ୍ରୋତରେ ସମ୍ପର୍କ



ଡ. ସୌମ୍ୟା ପରିଡ଼ା

କେହି ଜଣେ ପଚାରିଲେ ବଞ୍ଚିବା ପାଇଁ କ'ଣ କର। କହିଲି ଲେଖାଲେଖି କରେ, ଗଛ ଲଗାଏ, ସାଙ୍ଗସାଥୀଙ୍କୁ ଭେଟେ। ଆଉ ଆପଣ? ସେ କହିଲେ, ମୁଁ କେବଳ କାମ କରେ। ଆଉ କିଛି କରିବାକୁ ସମୟ ହିଁ ନାହିଁ। ଜୀବନ ଏବେ ନିରାଶପ୍ରାୟ। ଘରୁ ଅଫିସ୍ ଆଉ ଅଫିସ୍‌ରୁ ଘର। ତା'ଛଡ଼ା ଆଉ କିଛି କରିହୁଏନି। ନୂଆ ବାହାଘର ପରେ ସିନା ଖୁସିର ସଂସାର ଚାଲେ। ହେଲେ ପରେ ସେସବୁ ଜଞ୍ଜାଳ। ଛୁଆପିଲା, ଘରର ହାନିଲାଭ ଆଉ କର୍ତ୍ତବ୍ୟରେ ବନ୍ଧା ମଣିଷ ଯାହା ନିଇତି ଦଉଡ଼ିବା କଥା। ଏବେ ଘରେ ପାଦ ଦେଉ ଦେଉ ସବୁଦିନ କଳି ନ ହେଲେ ମନୋମାଳିନ୍ୟ। କେତେ ଆଉ ଖେଟେଖେଟେ ଶୁଣିବି, ଏବେ ଯାହା ଶୁଣିଲେ ବି ଏ କାନରେ ପୂରେଇ ସେ କାନରେ ବାହାର କରିଦିଏ। ତା'ପରେ ବି ଶାନ୍ତି ନାହିଁ।

ମନୋଜ "ସମୟ ସହ ସବୁକଥା ଧୀରେ ଧୀରେ ବଦଳେ। ଆଗରୁ ଅଫିସ୍ ସରିଲେ କେମିତି ଘରକୁ ଯିବି ଭାବୁଥିଲି। ହେଲେ ଏବେ ଏତେ ଜଞ୍ଜାଳ ବୋଝ ଯେ, କେମିତି ଅଧିକ କାମ କରି ପରିବାରର ଛୋଟ ବଡ଼ ଆବଶ୍ୟକତା ପୂରଣ କରିବି ସେଇ ଚିନ୍ତା। ତେଣୁ ଘରୁ ମୁଁ ସକାଳୁ ବାହାରିଯାଏ ଆଉ ଡେରି ରାତିରେ ପହଞ୍ଚେ।"

ମିନତି "ନୂଆ ନୂଆ ବାହାହୋଇ ଆସିଲା ପରେ ସବୁ ଠିକ୍‌ଠାକ୍ ଚାଲିଥିଲା। ହେଲେ ଧୀରେ ଧୀରେ ଦିହିଙ୍କଠୁ କେବେ ଦୁହେଁ ଦୂରେଇଗଲୁ ଜଣାପଡ଼ିଲାନି। ଆଗରୁ ଶାଶୁ, ଶ୍ୱଶୁର, ଦିଅର, ନଣନ୍ଦ ଆଉ ଏବେ ନିଜ ପିଲାମାନେ ଆମର ପ୍ରାଥମିକତା। ତେଣୁ ତା' ଭିତରେ ଦିହିଙ୍କ ସମ୍ପର୍କ କଥା ପଚାରେ କିଏ।"

ଆଜିକାଲି ବିଭିନ୍ନ କାରଣ ନେଇ ଉଭୟ ମହିଳା ଓ ପୁରୁଷ ଚାପଗ୍ରସ୍ତ। ଆଉ ସେଥିପାଇଁ ପାରିବାରିକ କଳହ, ଘରୋଇ ହିଂସା, ଛାଡ଼ପତ୍ର, ହତ୍ୟା ଏସବୁ ଯେମିତି ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଆମ ଜେଜେମା' ଜେଜେବାପା, ଆମ ମା'-ବାପା ଆଉ ଆମର ଏବେକାର ସମ୍ପର୍କ ଭିତରେ ଯେମିତି ଆକାଶପାତାଳ ତଫାତ୍। ସେତେବେଳେ ଆର୍ଥିକସ୍ତରରେ ଏତେ ସ୍ୱଚ୍ଛଳ ନ ଥିଲେ ବି ମାନସିକସ୍ତରରେ ସେମାନେ ଆମଠୁ ଥିଲେ ଢେର୍ ଆଗରେ। ଯୌଥ ପରିବାରର ମଜା ଥିଲା ଅଲଗା। ପରସ୍ପର ପ୍ରତି ସ୍ନେହ, ଆଦର, ଅସୁବିଧାରେ ଜଣେ ଅନ୍ୟ ଜଣଙ୍କର ସାହାରା ହେବା, ସମ୍ପର୍କକୁ ନିଜ ନିଜ ଭିତରେ ସଜାଡ଼ି ରଖିବା ଯେମିତି ସେମାନଙ୍କ ପାଇଁ ବେଶ୍ ସହଜ ଥିଲା। କିନ୍ତୁ ଏବେ ପରିବାର କହିଲେ ମା'-ବାପା ଆଉ ଛୁଆ। ତା'ସହ ମୋଟାଅଙ୍କର ଦରମା ଓ ବିଳାସପୂର୍ଣ୍ଣ ଜୀବନଶୈଳୀ ଆମ ସମ୍ପର୍କକୁ ଯୋଡ଼ିପାରୁନାହିଁ। ଭବିଷ୍ୟତକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁ କରୁ ଆମେ ଯେମିତି ବର୍ତ୍ତମାନକୁ ନିଜଠୁ ଦୂରେଇ ଦେଇଛେ। 'ଆଜି'ଠାରୁ ଆମକୁ 'ଆସନ୍ତାକାଲି'ର ନିଶା ବେଶି ଘାରିଛି। ତେଣୁ ବିଭିନ୍ନ ସମୟରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ବଳିପଡୁଛି। ଉଭୟ ଶାରୀରିକ ଓ ମାନସିକସ୍ତରରେ ସମ୍ପର୍କ ଦୁର୍ବଳ ହେଉଛି, ଯାହାର ପ୍ରଭାବ ପିଲାମାନଙ୍କ ଉପରେ ପଡୁଛି। କାମର ଚାପ, ଦାୟିତ୍ୱ ବୋଝ, ପରିବାର ଭରଣପୋଷଣର ଭାର, ଛୁଆର ଭବିଷ୍ୟତ ଏସବୁ ଭିତରେ ପେଷିହୋଇ ମଣିଷ କେବେ ନିଜଠୁ ଓ ନିଜ ଲୋକଙ୍କଠୁ ଦୂରେଇ ଯାଉଛି ଜାଣିହେଉନି। ଘରେ ନୁହେଁ ବରଂ ବାହାରେ ସାଙ୍ଗସାଥୀ, ଶୁଭେଚ୍ଛୁଟିଏ ହାନିଲାଭ ପଚାରିବାକୁ ଅଧିକ ଗୁରୁତ୍ୱ ଦେଉଛି। ନିଜ ଅଜାଣତରେ ନିଜ ଲୋକଙ୍କୁ ପଛରେ ଛାଡ଼ି ଅନ୍ୟ କାହା ସହ ସମୟ ବିତେଇବା, କଥାହେବା, ସାମାଜିକ ଗଣମାଧ୍ୟମ ଜରିଆରେ ସମ୍ପର୍କକୁ ନିବିଡ଼ କରିବାଟାକୁ ଅଧିକ ଗୁରୁତ୍ୱ ଦେଉଛି।

ଅନେକ ସମୟରେ ଜଞ୍ଜାଳ ଭିତରେ ଫସି ସ୍ୱାମୀ-ସ୍ତ୍ରୀ ଉଭୟ ଉଭୟଙ୍କର ମନକଥା କହିପାରନ୍ତିନି। କେବେକେବେ ଜଣେ ଅନ୍ୟ ଜଣକୁ ବୁଝନ୍ତିନାହିଁ। ଆଉ କେବେକେବେ ମୁଁ କାହିଁକି ଆଗ କହିବି ସେ କହୁ, ମୁଁ କାହିଁକି ଆଗ ବୁଝେଇବି, ସେ କ'ଣ ମୋ ମନକଥା ବୁଝିପାରୁନାହିଁ, ଏମିତି ଭାବନାରେ ମାସ ମାସ ବିତିଯାଏ। ଆଉ ତା' ଭିତରେ ଗୋଟିଏ ଛାତ ତଳେ ରହିଲେ ବି ମାନସିକସ୍ତରରେ ସେମାନେ ଉଭୟ ଉଭୟଙ୍କଠୁ ବହୁ ଦୂରକୁ ଚାଲିଯାଆନ୍ତି। ସ୍ୱାମୀ-ସ୍ତ୍ରୀ ସମ୍ପର୍କ କେବଳ ଶାରୀରିକ ନୁହେଁ ବରଂ ମାନସିକ ବି। ହେଲେ ଆମ ସାମାଜିକ ଚଳଣି ଏମିତି, ଯୋଉଥିପାଇଁ ଏବେ ବି ଏସବୁକୁ ନେଇ ପରିବାରର ଅନ୍ୟ ସଦସ୍ୟମାନେ କଥାହେବାକୁ କୁଣ୍ଠାବୋଧ ପ୍ରକାଶ କରନ୍ତି। ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଛୋଟ ଛୋଟ କଥାକୁ ନେଇ ମନୋମାଳିନ୍ୟ ହେଲେ ସାଧାରଣତଃ ଘରର ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଏକୁଟିଆ ଛାଡ଼ିଦିଅନ୍ତି। ତେଣୁ ଅନେକ ସମୟରେ ସେମାନଙ୍କୁ କେହି ଟିକିଏ ବୁଝେଇଦେଲେ ଯେଉଁ କଥାର ସମାଧାନ ହୋଇଯିବା କଥା ସେଇଟି ହୁଏନାହିଁ। ଦୁଇଟି ଲୋକ ମାନସିକ ଓ ଶାରୀରିକସ୍ତରରେ ଯେତେ ନିବିଡ଼ ତାଙ୍କ ସମ୍ପର୍କ ସେତେ ସୁଦୃଢ଼। ହେଲେ ଯୋଉଠି ମଣିଷକୁ ଲାଗେ ତା' ମନର ମଣିଷ ତାକୁ ସେତିକି ଗୁରୁତ୍ୱ ଦେଉନାହିଁ, ସେଇଠି ସମସ୍ୟା ହେବା ଆରମ୍ଭ ହୁଏ। କଥାଟା ସତ ହେଉ କି ସେ ଲୋକର ଭାବନା, କାରଣ ଯାହାହେଉନା କାହିଁକି ସମ୍ପର୍କରେ ଫାଟ ହେବା ଆରମ୍ଭ ହୁଏ। ମନୋବିଜ୍ଞାନୀ ଗୀତା ଦାସ (କାନାଡ଼ା)ଙ୍କ ମତରେ, ଅନ୍ୟ ଲୋକର ବ୍ୟବହାର ଓ କଥାବାର୍ତ୍ତା ଯେମିତି ଆମ ମନରେ ଭଲ ବା ଖରାପ ପ୍ରତିକ୍ରିୟା ସୃଷ୍ଟିକରେ, ସେମିତି ଆମ ବ୍ୟବହାର ଓ କଥାବାର୍ତ୍ତା ତା' ମନରେ ମଧ୍ୟ ଭଲ କି ଖରାପ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏଥିପାଇଁ କ୍ରିୟା-ପ୍ରତିକ୍ରିୟାର ବିଷଚକ୍ର ଭାଙ୍ଗିବାକୁ ପଡ଼ିଲେ ଅନ୍ୟ ଲୋକକୁ ଅପେକ୍ଷା ନ କରି ନିଜକୁ ଆଗକୁ ଆସିବାକୁ ପଡ଼ିବ। ଅନ୍ୟ ଲୋକର ବ୍ୟବହାର ଉପରେ ଆପଣଙ୍କର ନିୟନ୍ତ୍ରଣ ନାହିଁ। କିନ୍ତୁ ନିଜ ବୁଝାମଣା, କଥାବାର୍ତ୍ତା, ବ୍ୟବହାର, ମନୋଭାବ ବଦଳାଇପାରିଲେ ପରୋକ୍ଷ ଭାବରେ ଅନ୍ୟର ବ୍ୟବହାରକୁ ପ୍ରଭାବିତ କରିପାରିବେ।



ଯଦି କେହି ତମ ଜୀବନରୁ କେବେ ଦୂରେଇଯାଏ, ତୁମ କାହାଣୀର ଅନ୍ତ ହୁଏନାହିଁ। ବରଂ ତୁମ କାହାଣୀରେ ତା' ଚରିତ୍ରର ଅନ୍ତ ହୁଏ। ସମୟ ସହ ସମ୍ପର୍କ ବି ଲିପାପୋଛା ଖୋଜେ, ମରାମତି ଖୋଜେ। କେବେ ସଜଡ଼ା ସମ୍ପର୍କ ଅସଜଡ଼ା ଲାଗେ ତ ଆଉ କେବେ ଦୀର୍ଘ ବର୍ଷର ଅସଜଡ଼ା ସମ୍ପର୍କ ପୁଣିଥରେ ସଜାଡ଼ି ହୋଇଯାଏ। ସମୟ ସ୍ରୋତରେ ନିଜକୁ ସମ୍ଭାଳି ନ ପାରି ଅନେକେ ଦିଗହରା ହୁଅନ୍ତି, ଅଧାବାଟରେ ଝୁଣ୍ଟିପଡ଼ନ୍ତି। ବୟସ ସହ ପରିପକ୍ୱତା ବି ବଢ଼େ। ତେଣୁ ପଛକୁ ଫେରି ଭାଙ୍ଗିଯାଇଥିବା ସମ୍ପର୍କ ଆଉ ଉଜୁଡ଼ା ସଂସାରକୁ ଦେଖିଲାବେଳେ ଅନେକେ ଭାବନ୍ତି, ବୋଧହୁଏ ସେ ସମୟର ନିଷ୍ପତ୍ତିଟା ଭୁଲ୍ ଥିଲା। ପଛକୁ ଫେରି ଉଜୁଡ଼ା ସମ୍ପର୍କକୁ ସଜାଡ଼ିବାକୁ ମନ ବଳାଇଲେ ବି ଆଉ ପରିସ୍ଥିତି ନ ଥାଏ।

**ମୋ:୯୩୩୮୫୬୬୫୮୭**

## ଏଇ ଭାରତରେ

ପ୍ରାଣୀଙ୍କ ପ୍ରତି ସମର୍ପିତ ମୁମ୍ବାଇର ହରସିମରନ ବାଲିଆ ଏବଂ ତାଙ୍କ ପରିବାର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ହରସିମରନ ସଡ଼କରେ ଆହତ ପ୍ରାଣୀ ମୁଖ୍ୟତଃ କୁକୁରମାନଙ୍କୁ ଉଦ୍ଧାର କରି ଘରେ ଆଶ୍ରୟ ଦେଉଛନ୍ତି। ଏହି କାର୍ଯ୍ୟରେ ତାଙ୍କ ପରିବାର ପୂର୍ଣ୍ଣ ସହଯୋଗ କରୁଛି। ଏବେ ସୁଦ୍ଧା ତାଙ୍କ ପରିବାର ୧୦୦ରୁ ଉର୍ଦ୍ଧ୍ୱ ପ୍ରାଣୀ ରଖିଛନ୍ତି। ହରସିମରନ ଓ ତାଙ୍କ ମା'ଅମନ ବାଲିଆ ସେମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ଖୁଆଉଛନ୍ତି। କେବଳ ଏତିକି ନୁହେଁ, ପ୍ରତିଦିନ ବାହାରେ ରାସ୍ତାରେ ବୁଲୁଥିବା ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ବୁଲା କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ପ୍ରତିଦିନ ଏଥିପାଇଁ ୫,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ଏହି କାର୍ଯ୍ୟ ପରିଚାଳନା କରିବା ଲାଗି ହରସିମରନଙ୍କ ପରିବାର ତାଙ୍କ ଘର ବିକ୍ରି କରିଦେଇ ଏବେ ସେମାନେ ସହର ବାହାରେ ଗୋଟିଏ ଛୋଟ ଘରେ ରହି ସେଠାରେ ପ୍ରାଣୀମାନଙ୍କୁ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ମେ ୧୯୯୮

- ଆସାମରେ ଏଜିପି ନେତୃତ୍ୱାଧୀନ ମିଳିତ ସାମ୍ମୁଖ୍ୟଠାରୁ ମିଳିତ ସଂଖ୍ୟାଲଘୁ ସାମୁଖ୍ୟର ସମର୍ଥନ ପ୍ରତ୍ୟାହାର।
- ମଣିପୁର ମୁଖ୍ୟମନ୍ତ୍ରୀ ଡବ୍ଲ୍ୟୁ ଜିପମାଚାସିଂଙ୍କ ମନ୍ତ୍ରିପରିଷଦରୁ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ଏଲ୍. ଯାତ୍ରା ସିଂ ବହିଷ୍କୃତ।
- ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର 'ଘୌରୀ' ପରୀକ୍ଷା ପାଇଁ ପାକିସ୍ତାନ ବିରୁଦ୍ଧରେ ଆମେରିକାର କଟକଣା ଲାଗୁ।
- ଶ୍ରୀଲଙ୍କା ସୈନ୍ୟମାନେ ପୂର୍ବ ବାଲାଚେନାଇ, ମାଙ୍କୁଲମ୍ ଓ ଜାଫନା ଦ୍ୱିପାଞ୍ଚଳରେ ଚଢ଼ାଉ କରି ଏକ ବଙ୍କରକୁ ଧ୍ୱଂସ କରି ଦେଇଥିବା ବେଳେ ୧୪ ବିଦ୍ରୋହୀ ନିହତ ହୋଇଛନ୍ତି।

## ଚିରନ୍ତନୀ

ଆଚାର ବିଧାନ ତା'ର ପଡ଼େ ଝଡ଼ି
ଶୁଷ୍କପତ୍ର ସମ
ବିଲୋକି ସେ ଦଶା ତବ ପ୍ରାଣେ ଜାଗେ
ଯାତନା ପରମ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | | |
| | 2 | | | | 6 | | 4 | |
| | 1 | | 9 | 3 | 4 | | | |
| | 4 | | | | | | 5 | |
| | | | | | 1 | | | |
| | | 5 | | | | | | 6 |
| 7 | | 6 | | 5 | 3 | 1 | | |
| | | | | | | 9 | | |
| | | | | 6 | | 5 | 2 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 1 | 9 | 5 | 6 | 3 | 8 | 2 |
| 6 | 8 | 5 | 3 | 4 | 2 | 9 | 7 | 1 |
| 2 | 3 | 9 | 1 | 8 | 7 | 6 | 4 | 5 |
| 3 | 9 | 2 | 6 | 1 | 8 | 4 | 5 | 7 |
| 5 | 4 | 6 | 2 | 7 | 3 | 1 | 9 | 8 |
| 8 | 1 | 7 | 4 | 9 | 5 | 2 | 6 | 3 |
| 7 | 6 | 4 | 5 | 3 | 1 | 8 | 2 | 9 |
| 9 | 5 | 3 | 8 | 2 | 4 | 7 | 1 | 6 |
| 1 | 2 | 8 | 7 | 6 | 9 | 5 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଘୋଷିତ ବିଦ୍ୟୁତ୍ କାଟ

ମହାଶୟ,

ଏବର୍ଷ ରାଜ୍ୟରେ ପାୱାର କଟ ହେବନି ବୋଲି ଶକ୍ତି ମନ୍ତ୍ରୀ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହା ଗଣମାଧ୍ୟମର କାଳ୍ପନିକ ଖବର ବିଦ୍ୟୁତ୍ କାଟ ନ ହେଉଣୁ ଏହାକୁ ଆଶଙ୍କା କରୁଛନ୍ତି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ ଗୋଟି ପଞ୍ଚାୟତରେ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସତ୍ୟବାଦୀ(ସାକ୍ଷୀଗୋପାଳ) ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାରେ ଟାଟା ପାୱାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ଲକ୍ଷ୍ୟ କରାଯାଉଛି। ସରକାରଙ୍କ ପକ୍ଷରୁ ବିଦ୍ୟୁତ କାଟ ହେବନାହିଁ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ଦୈନିକ ୧୫ରୁ ୨୦ ଥର ବିଦ୍ୟୁତ କାଟ ହେଉଛି। ଗତ ମାର୍ଚ୍ଚ ମାସରେ ଟାଟା କମ୍ପାନୀ ପକ୍ଷରୁ ବକେୟା ଅର୍ଥ ସମ୍ପୂର୍ଣ୍ଣ ଆଦାୟ କରାଯାଇଥିଲେ ମଧ୍ୟ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଅଞ୍ଚଳବାସୀ ପାନୀୟ ଜଳ ମୁନ୍ଦେ ପାଇବାରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟୁତ କାଟ ଯୋଗୁ ପାନୀୟ ଜଳ ଯୋଗାଣ ବି ବାଧାପ୍ରାପ୍ତ ହେଉଛି। ଫଳରେ ଜନସାଧାରଣ ପାନୀୟ ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ସାକ୍ଷୀଗୋପାଳସ୍ଥିତ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବା ବି ସମ୍ଭବ ହେଉନାହିଁ। ଏଣୁ ଆଗକୁ ଏହି ଅଞ୍ଚଳରେ କିଭଳି ବିଦ୍ୟୁତ କାଟ ନ ହେବ ସେଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ଆବଶ୍ୟକ।

**-ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସ ଅଧିକାରୀଙ୍କ ଘରୁ ଚୋରି

## ସୁନା, ରୁପା ଓ ୫୦ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୫।୫: ରାୟଗଡ଼ା ବ୍ଲକ କୋତାପେଟା ପଞ୍ଚାୟତ ଅନ୍ତର୍ଗତ ସାଇପ୍ରିୟା ୧୧ ନମ୍ବର ଗଳିରେ ରହୁଥିବା ଜଣେ ଅତିରିକ୍ତ ଥାନାଧିକାରୀଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। କଳାହାଣ୍ଡି ଜିଲା କେସିଙ୍ଗା ଥାନାରେ ଅତିରିକ୍ତ ଥାନାଧିକାରୀ ଅନୁପ ଶତପଥୀ ପରିବାର ସହିତ କେସିଙ୍ଗାରେ ରହୁଛନ୍ତି। ଖଲିଗୁଡ଼ା ଠାରେ ରହୁଥିବା ତାଙ୍କ ଶାଶୁ ଶ୍ୱଶୁର ସାଇପ୍ରିୟାସ୍ଥିତ ଅନୁପଙ୍କ ଘରେ ରାତିରେ ଶୋଇଥାନ୍ତି। ଗୁରୁବାର ରାତିରେ ଶାଶୁ ଅସୁସ୍ଥତା ଅନୁଭବ କରିବାରୁ ସେଠାକୁ କେହି ଯାଇ ନ ଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ ପଶି ଦୁଇଟି ଆଲମିରା, ଗୋଟିଏ ଟେବୁଲ ଡ୍ର ତାଲା ଭାଙ୍ଗି ସୁନା, ରୁପା ଓ ଟଙ୍କା ଚୋରି କରିନେଇଛନ୍ତି । ଘରୁ ପ୍ରାୟ ୮୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା, ୫୦୦ ଗ୍ରାମରୁ ଊର୍ଦ୍ଧ୍ୱ ରୁପା ଏବଂ ୫୦ ହଜାର ଟଙ୍କା ଚୋରି କରିନେଇଛନ୍ତି। ଚୋରି ହୋଇଥିବା ସୁନା ମଧ୍ୟରେ ୩ଟି ହାର, କାନ ଫୁଲ ଓ ମୁଦି ରହିଛି। ଉକ୍ତ ସାହି ପ୍ରାରମ୍ଭରେ ଏକ କଲେଜର ଛାତ୍ରାବାସ ରହିଛି ଏବଂ ଅନୁପଙ୍କ ଘର ପରେ ଏକ ନବ ନିର୍ମିତ ଘର ଅଛି। ଏହାଛଡ଼ା ପାଖାପାଖି ଘର ସଂଖ୍ୟା ବହୁତ କମ୍ । ଅନୁପଙ୍କ ଘରେ ତାଲା ପଡ଼ିଥିବା ଦେଖି ଫାଇଦା ଉଠାଇଛନ୍ତି ଦୁର୍ବୃତ୍ତ । ପୋଲିସର ଉପଯୁକ୍ତ ପାଟ୍ରୋଲିଂ ହେଉ ନଥିବା କାରଣରୁ ଏଭଳି ଚୋରି ଘଟୁଛି ବୋଲି ସାଧାରଣରେ ଆଲୋଚନା ଚାଲିଛି ।


ଦୁର୍ବୃତ୍ତ ସୁନାଗହଣା ନେବା ପରେ ଖୋଲାପଡ଼ିଥିବା ଡ୍ରୟାର ।


ମହାପ୍ରଭୁଙ୍କ ଦର୍ଶନ ସାରି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ଯାଜପୁରର ପୂର୍ବତନ ଜିଲାପାଳଙ୍କୁ ଲୋକାୟୁକ୍ତଙ୍କ ଜବାବ ଦାଖଲ ନୋଟିସ

## ବିଛାଖଣ୍ଡି କଳାପଥର ହରିଲୁଟ୍ ମାମଲା

- ଭିଜିଲାନ୍ସ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ
- ୩ ତହସିଲଦାର, ୨ ଆର୍ଆଇ, ୮ ଜଣ ଲିଜ୍‌ଧାରୀଙ୍କୁ ମଧ ନୋଟିସ

ଯାଜପୁର ଅଫିସ,୫।୫

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି କଳାପଥର ଖାଦାନରୁ ହରିଲୁଟ ମାମଲାରେ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ପକ୍ଷରୁ ଲୋକାୟୁକ୍ତରେ ତଦନ୍ତ ରିପୋର୍ଟ ଦାଖଲ ହୋଇଛି। ଏହି ରିପୋର୍ଟରେ ୨୦୦ କୋଟି ଟଙ୍କାର ରାଜସ୍ୱ ହାନି ହୋଇଥିବା ଦର୍ଶାଇ ତତ୍କାଳୀନ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ସମେତ ୩ ଜଣ ପୂର୍ବତନ ତହସିଲଦାର, ୨ ଜଣ ରାଜସ୍ୱ ନିରୀକ୍ଷକ ଏବଂ ୮ ଜଣ ଲିଜ୍‌ଧାରୀଙ୍କୁ ଦାୟୀ କରାଯାଇଛି। ଉକ୍ତ ଭିଜିଲାନ୍ସ ରିପୋର୍ଟ ଆଧାରରେ ଲୋକାୟୁକ୍ତଙ୍କ ପକ୍ଷରୁ ଉପରୋକ୍ତ ଅଧିକାରୀ ଓ ଲିଜ୍‌ଧାରୀମାନଙ୍କୁ ୨୩।୬।୨୦୨୩ ସୁଦ୍ଧା ଜବାବ ଦାଖଲ କରିବାକୁ ନୋଟିସ ଜାରି ହୋଇଛି।

ବିଛାଖଣ୍ଡି ପାହାଡ଼ରେ ଚାଲିଥିବା ବ୍ୟାପକ କଳାପଥର ଲୁଟ୍ ସମ୍ପର୍କରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଅଭିଯୋଗକ୍ରମେ ଲୋକାୟୁକ୍ତରେ ଏକ ମାମଲା (୧୨୦/୨୦୨୧) ରୁଜୁ ହୋଇଛି। ସୂଚନା ଅଧିକାର ଆଇନ ବଳରେ ବେହୁରାଙ୍କୁ ମିଳିଥିବା ତଥ୍ୟ ଅନୁସାରେ ୮୯୦ ଏକର ପରିମିତ ବିଛାଖଣ୍ଡି ସଂରକ୍ଷିତ ଜଙ୍ଗଲରେ କଳାପଥର ଖଣି ଲିଜ୍ ଦେବାପାଇଁ କେନ୍ଦ୍ର ସରକାର କୌଣସି ଅନୁମତି ଦେଇନାହାନ୍ତି। କିନ୍ତୁ ଖଣି ମାଫିଆମାନେ ବେଆଇନ ଭାବେ ବିପୁଳ ପରିମାଣର କଳାପଥର ଉତ୍ତୋଳନ କରୁଥିବା ସମ୍ପର୍କରେ ତତ୍କାଳୀନ ଡିଏଫ୍‌ଓ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୮।୨।୨୦୧୯ରେ ଜିଲାପାଳଙ୍କୁ ପତ୍ର ଲେଖିଥିଲେ। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାପରେ ବେହୁରା ୧୨।୦୬।୨୦୧୯ରେ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ବରଂ ବିଛାଖଣ୍ଡି ପାହାଡ଼ ନିକଟରେ ୧୨ଟି କ୍ରଶର୍ ୟୁନିଟ୍ ଚାଲିବା ପାଇଁ ପ୍ରଶାସନିକ ଅନୁମତି ମିଳିଥିଲା। ଫଳରେ ବେହୁରା ୮।୨।୨୦୨୧ରେ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ତଦନୁଯାୟୀ ଲୋକାୟୁକ୍ତଙ୍କ ପକ୍ଷରୁ ଜିଲାପାଳ ଏବଂ ତହସିଲଦାରଙ୍କୁ ନୋଟିସ ଦିଆଯିବା ସହ ତଦନ୍ତ ପାଇଁ ରାଜ୍ୟ ଭିଜିଲାନ୍ସକୁ ନିର୍ଦ୍ଦେଶ ହୋଇଥିଲା। ଭିଜିଲାନ୍ସ ଏହି ମାମଲାରେ ୨୮।୪।୨୦୨୩ରେ ରିପୋର୍ଟ ପ୍ରଦାନ କରିଥିଲା। ଚୋରା କଳାପଥର ଆକଳନ ପାଇଁ ଭିଜିଲାନ୍ସ ପକ୍ଷରୁ ଭାରତ ସରକାରଙ୍କ ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ରିମୋଟ୍ ସେନ୍‌ସିଂ ସେଣ୍ଟର ଏବଂ ଇସ୍ରୋର ସହାୟତା ନିଆଯାଇଥିଲା। ଭିଜିଲାନ୍ସ ରିପୋର୍ଟରେ ଜିଲାପାଳ ଦାସଙ୍କ ସମେତ ପୂର୍ବତନ ତହସିଲଦାର ପ୍ରଭାସ କୁମାର ବେହୁରା, ଶୀତଳ ଅଗ୍ରୱାଲ ଓ ସରୋଜ କୁମାର ପଣ୍ଡା, ପୂର୍ବତନ ରାଜସ୍ୱ ନିରୀକ୍ଷକ ବୀରକିଶୋର ମହାରଣା ଓ ସୁଶାନ୍ତ କୁମାର ସ୍ୱାଇଁ ଏବଂ ଲିଜ୍‌ଧାରୀ ସନ୍ଦୀପ ଚନ୍ଦକ, ମଞ୍ଜିତ ଚାୱାଲା, ଅମନ ସେଠୀ, ଜ୍ଞାନରଞ୍ଜନ ମହାପାତ୍ର, ଧ୍ରୁବାନନ୍ଦ ପ୍ରଧାନ, ଜୟନ୍ତ କୁମାର ଜେନା, ସତ୍ୟସାଇ କନଷ୍ଟ୍ରକ୍ସନ(ପାର୍ଟନର: ସୁଶାନ୍ତ ପରିଡ଼ା) ଏବଂ ନିହାରରଞ୍ଜନ ମାନ୍ଧାତାଙ୍କୁ ଏହି ଅନିୟମିତତା ପାଇଁ ଦାୟୀ କରାଯାଇଛି।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

ରାସୋଳ, ୫।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜରେ ଶୁକ୍ରବାର ପୁଣି ମୁଣ୍ଡ ନେଇଛି ଗୋଠଛଡ଼ା ଦନ୍ତା। ମୃତକ ହେଲେ ରାସୋଳ ସେକ୍ସନ ଜରଡ଼ା ପଞ୍ଚାୟତ ଅନ୍ତର୍ଗତ ବାଲିକିଆରୀ ଗ୍ରାମର ଲକ୍ଷ୍ମୀଧର ପାତ୍ର (୭୦)। ଶୁକ୍ରବାର ଭୋର୍ ସମୟରେ ଲକ୍ଷ୍ମୀଧର ଶୌଚ ହେବା ପାଇଁ ଘର ନିକଟ ପୋଖରୀକୁ ଯାଇଥିବାବେଳେ ଉକ୍ତ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହିଂସ୍ର ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଲକ୍ଷ୍ମୀଧରଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ଡେପୁଟି ବନାଞ୍ଚଳ ଅଧିକାରୀ ରାକେଶ ଦଳେଇ, ରାସୋଳ ବନପାଳ ଶୁଭେନ୍ଦୁ ଭୂୟାଁ, ପଶାସିଂ ଫରେଷ୍ଟଗାର୍ଡ ସବିତା ବେହେରା, ହାତୀ ସ୍କ୍ୱାଡ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରାସୋଳ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ ମୃତଦେହ ଜବତ କରିଥିଲେ। ହିନ୍ଦୋଳ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ନିୟମ ଅନୁଯାୟୀ ଲକ୍ଷ୍ମୀଧରଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ମିଳିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀଧର ଗାଁ ଗାଁ ବୁଲି ଖେଳଣା ବିକ୍ରି କରୁଥିଲେ। ତାଙ୍କର ଦୁଇପୁଅ ମଧ୍ୟରୁ ଜଣଙ୍କର କିଡ୍‌ନୀ ରୋଗରେ ଦେହାନ୍ତ ହୋଇଯାଇଥିବାବେଳେ ଅନ୍ୟ ଜଣେ ବେଙ୍ଗାଲୁରୁରେ ରହୁଛନ୍ତି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ହିନ୍ଦୋଳ ବନାଞ୍ଚଳରେ ବଢ଼ୁଛି ସଂଘର୍ଷ

ଢେଙ୍କାନାଳ ଜିଲାର ଅଧିକାଂଶ ହାତୀ ହିନ୍ଦୋଳ ବନାଞ୍ଚଳରେ ରହୁଛନ୍ତି। ଫଳରେ ଏଠାରେ ହାତୀ-ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ବିଶେଷ କରି ପଲରୁ ଅଲଗା ହୋଇଥିବା ଏକାଧିକ ଦନ୍ତା ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ପାଚିଲା ଆମ୍ବ, ପଣସ ଲୋଭ ସେମାନଙ୍କୁ ଗାଁ ନିକଟ ତୋଟା ମୁହାଁ କରାଯାଉଛି। ଭୋର୍ ସମୟରେ ହାତୀ ପାଣି ପିଇବାକୁ ଜଳାଶୟକୁ ଆସୁଥିବାବେଳେ ମଣିଷ ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ହିନ୍ଦୋଳ ଉପଖଣ୍ଡରେ ଗତ ୬ମାସରେ ହାତୀ ଆକ୍ରମଣରେ ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ବନ ବିଭାଗ ହାତୀ ଘଉଡ଼ାଇବା ଲାଗି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟେସନ ପରିସରରେ ନୂତନ "ଫୁଡ୍ ପ୍ଲାଜା" ନିମନ୍ତେ ନିମ୍ନୋକ୍ତ କର୍ମଚାରୀ ଆବଶ୍ୟକ ।
୧) କ୍ୟାସିୟର, ୨) କୁକ୍ ଏବଂ ୩) କାଉଣ୍ଟର ବଏ
ନିଜର ବାୟୋଡାଟା 8435738670 ରେ ହ୍ୱାଟ୍ସଆପ୍ କରିବା ସହିତ ଶୀଘ୍ର ଯୋଗାଯୋଗ କରନ୍ତୁ ।

**WANTED**
Required PHARMA SALES REPRESENTATIVE.
Mob.No.:
8763174402
9692266944

**Walk-In-Interview**
Required For all Districts of Odisha
For Photo Copier & Printer Product
1. Zonal Sales Executive 15 Nos. (Min. 3-4 years experience in corporate marketing in IT/Office automation) Qualification-Graduate with good communication skill & having owned two wheeler is must. Fresher may apply.
2. SERVICE ENGINEER- 5 Nos. (Min. 2-3 years experience in servicing of printer/MFP/Copier) Qualification- ITI/ Diploma in Electronics & Electrical. Having owned two wheeler is must.
Interested candidates may Walk-In-Interview on 3rd May to 10th May between 10 A.M. to 4.P.M along with Bio-Data at
Gayatrree Docutechs Pvt.Ltd.
Gayatri House, Plot No.892/1498, Nayapalli,Bhubaneswar, Khurdha, Odisha-751012, Contact:9089123456/8249136920

# ଗାଡ଼ି କିସ୍ତି ଦେବାକୁ ଆସୁଥିଲେ: ଦୁର୍ଘଟଣାରେ ଦାଦା, ପୁତୁରା ମୃତ

କାମାକ୍ଷାନଗର, ୫।୫(ଡି.ଏନ୍.ଏ.)

ଯେଉଁ ଗାଡ଼ିର ଇଏମ୍‌ଆଇ କିସ୍ତି ଦେବାକୁ ଆସୁଥିଲେ ସେହି ଗାଡ଼ି ଦୁର୍ଘଟଣାରେ ଲିଭିଗଲା ଦାଦା, ପୁତୁରାଙ୍କ ଜୀବନ ଦୀପ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବନ୍ଧାଣିଆ ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା। ମୃତକ ହେଲେ ଯାଜପୁର ଜିଲା କାଳିଆପାଣି ଥାନା ଟାଟା ମାଇନ୍ସ ମହ୍ଲାର ସାହିର ଡୁଗୁ ମାଙ୍କଡ଼ିଆ (୨୨) ଏବଂ ତାଙ୍କ ସମ୍ପର୍କୀୟ ପୁତୁରା ସିଦ୍ଧାନ୍ତ ମାଙ୍କଡ଼ିଆ (୧୮)।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଡୁଗୁ ଏବଂ ସିଦ୍ଧାନ୍ତ ଏକ ବାଇକ୍ (ନଂ. ଓଡ଼ି ୦୬ ଏଲ୍ ୬୧୧୩)ର ଋଣ କିସ୍ତି ଅର୍ଥ ପୈଠ କରିବା ପାଇଁ କାମାକ୍ଷାନଗର ଆସୁଥିଲେ। ତେବେ ବନ୍ଧାଣିଆ ଛକରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ କଙ୍କଡ଼ାହାଡ଼ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୭୭/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ୧୫୦୦୦ ନଡ଼ିଆ ଭାଙ୍ଗିଲେ ବିଧାୟକ


ଆନ୍ଧ୍ରପ୍ରଦେଶର ସୀମାଞ୍ଚଳମ୍ ମନ୍ଦିରରେ ବିଧାୟକ ଓ ସମର୍ଥକମାନେ ନଡ଼ିଆ ଭାଙ୍ଗୁଛନ୍ତି।

ସୋରଡ଼ା, ୫।୫ (ଡି.ଏନ୍.ଏ.)

ନିର୍ବାଚନ ଆସିଲେ ନେତାଙ୍କ ମାନସିକ କଥା ମନେପଡ଼େ। ୨୦୨୪ ନିର୍ବାଚନକୁ ଆଉ ମାତ୍ର ବର୍ଷେରୁ କମ୍ ସମୟ ଥିବା ବେଳେ ୨୦୧୯ର ମାନସିକ କଥା ମନେପକାଇଛନ୍ତି ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ। ଆନ୍ଧ୍ରପ୍ରଦେଶର ସୀମାଞ୍ଚଳମ୍ ମନ୍ଦିର ଯାଇ ମାନସିକ ପୂର୍ବକ ୧୫୦୦୦ ନଡ଼ିଆ ଭାଙ୍ଗିଛନ୍ତି।

ପ୍ରକାଶ ଯୋଗ୍ୟ, ସୋରଡାରୁ ତିନିଥର ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିବା ସ୍ୱାଇଁ ପ୍ରଥମେ ୨୦୦୯ ନିର୍ବାଚନରେ ୪୦୧୧ ଭୋଟ ବ୍ୟବଧାନରେ ଜିତିଥିଲେ। ସେତେବେଳେ ସେ ସେଠାରେ ୪୧୦୦ ନଡିଆ ଭାଙ୍ଗିଥିଲେ। ପୁନର୍ବାର ୨୦୧୪ରେ ୧୬୦୦୦ ବ୍ୟବଧାନରେ ନିର୍ବାଚନ ଜିତିବା ପରେ ଅନୁରୂପ ନଡିଆ ଭାଙ୍ଗିଥିଲେ। ସେହିପରି ୨୦୧୯ ନିର୍ବାଚନରେ ୧୩,୯୧୬ ଭୋଟରେ ଜିତିଥିଲେ। ସେତେବେଳେ ୧୫୦୦୦ ନଡିଆ ଭାଙ୍ଗିବା ପାଇଁ ମାନସିକ ରଖିଥିଲେ। ତେବେ କୋଭିଡ କଟକଣା, ବାପାଙ୍କ ଦେହାନ୍ତ ଓ ଶ୍ରାଦ୍ଧବାର୍ଷିକୀ ଶେଷ ହେବା ପରେ ନୃସିଂହ ଚତୁର୍ଦ୍ଦଶୀରେ କାର୍ଯ୍ୟ ସମ୍ପନ୍ନ ପାଇଁ ସ୍ଥିର କରିଥିଲେ। ପୂର୍ବ ପ୍ରସ୍ତୁତି କ୍ରମେ ବୁଧବାର ସୋରଡ଼ା ନିର୍ବାଚନ ମଣ୍ଡଳୀର ବେଲଗୁଣ୍ଠା ଏନ୍‌ଏସି ଓ ବ୍ଲକ, ସୋରଡ଼ା ଏନ୍‌ଏସି ଓ ବ୍ଲକର ମୋଟ ୪୪ ପଞ୍ଚାୟତ ଓ ୨ ଟି ଏନ୍‌ଏସିରୁ ୧୦୦ରୁ ଊର୍ଦ୍ଧ୍ୱ ଗାଡ଼ିରେ ୬୦୦ରୁ ଅଧିକ ସମର୍ଥକ ସୋରଡ଼ାରେ ଏକତ୍ରିତ ହୋଇଥିଲେ। ବୁଧବାର ସମସ୍ତ ଗାଡି ସୀମାଞ୍ଚଳମ ଅଭିମୁଖେ ଯାତ୍ରା କରି ସେଠାରେ ଗୁରୁବାର ଭୋର ସମୟରେ ପହଞ୍ଚିଥିଲେ। ସାମୂହିକ ଭାବେ ଠାକୁର ଦର୍ଶନ କରିଥିଲେ। ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରୁ ୧୫ ହଜାର ନଡ଼ିଆ କିଣାଯାଇଥିଲା। ସକାଳ ୮ଟାରେ ପ୍ରଥମେ ବିଧାୟକ ନଡିଆ ଭଙ୍ଗା ଆରମ୍ଭ କରିଥିଲେ। ପରେ ସମସ୍ତେ ମିଶି ଭାଙ୍ଗିଥିଲେ। ସେଠାରେ ଏମ୍‌ପି ପ୍ରମିଳା ବିଶୋୟୀ ଉପସ୍ଥିତ ଥିଲେ। ସୋରଡ଼ା ନିର୍ବାଚନ ମଣ୍ଡଳୀର ବେଲଗୁଣ୍ଠା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ଏନ୍‌ଏସି ଅଧ୍ୟକ୍ଷ ଫିରୋଜ ସେଠୀ, ଜିଲା ପରିଷଦ ସଭ୍ୟ ବିଦ୍ୟା ବିଶୋୟୀ, ସୋରଡା ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଜିଲା ପରିଷଦ ରାଜେଶ ସାହୁ, ପ୍ରଫୁଲ୍ଲ ମହାଙ୍କୁଡ, ରାମ ଶବର, ସରପଞ୍ଚ ତ୍ରିଲୋଚନ ସାହୁ, ସମସ୍ତ କାଉନସିଲର, ଉପାଧ୍ୟକ୍ଷ, ସମିତିସଭ୍ୟ, ଦଳୀୟ ସଭାପତି ପ୍ରମୁଖ ସାମିଲ ହୋଇଥିଲେ।

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg,Bhubaneswar- 751001
Ref. No. OSCB/RRBADC/ 716 /2023-24 Date : 05.05.2023

**ବିଶେଷ ସୂଚନା**

No.LL:ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ବ୍ୟାଙ୍କର ସମସ୍ତ ଏକାଉଣ୍ଟ K.Y.C. ପୂର୍ତ୍ତି କରିବା ପାଇଁ ପରିଚୟ ପ୍ରମାଣ ପତ୍ର, ଠିକଣା ପ୍ରମାଣ ପତ୍ର କରୁଥିବା କାଗଜପତ୍ର ସହ ଫଟୋ ଜରୁରୀ, ଗ୍ରାହକ ଯେବେଠାରୁ ବ୍ୟାଙ୍କିଂ କରୁଥାନ୍ତୁ ନା କାହିଁକି । ଅତଏବ ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣ ପତ୍ର ଓ ସାମ୍ପ୍ରତିକ ଠିକଣା ସ୍ଥାପନ କରୁଥିବା କାଗଜ ସହ, ଏବେକାର ଦୁଇଟି ପାସ୍‌ପୋର୍ଟ ଫଟୋ ଜମା କରିନଥିବା ସମସ୍ତ ଗ୍ରାହକ ତା.୩୧ ମଇ ୨୦୨୩ ରିଖ ସୁଦ୍ଧା ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରି ନିଶ୍ଚିତ କରିବାକୁ ଅନୁରୋଧ ।
ସୂଚନାଯୋଗ୍ୟ: ଯଦି ସେଭିଂସ୍ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସ ଧରି ବ୍ୟବହୃତ ହେଉନଥିଲେ ତଥା K.Y.C. ପୂର୍ତ୍ତି ହୋଇନଥିଲେ, କୌଣସି ସୂଚନା ନଦେଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ ।
ପରିଚାଳନା ନିର୍ଦ୍ଦେଶକ
OIPR-39012/11/0006/2324

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 02-KUR-TRD-OT-2023-24
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳର ଜଖପୁରା-ନିର୍ଗୁଣ୍ଡି, ଖୋର୍ଦ୍ଧା ରୋଡ଼-ଭୁଷଣ୍ଡପୁର ଏବଂ ଗୋଲନ୍ଥ୍ରା-ପଲାସା ସେକ୍ସନରେ ଅଟୋ ସେକ୍ସନ (Auto Section) ସମ୍ବନ୍ଧୀୟ OHE ରୂପାନ୍ତରଣ ଏବଂ ଅଗ୍‌ଜିଲାରୀ ଟ୍ରାନ୍ସଫର୍ମର (AT) ବ୍ୟବସ୍ଥା ।
ବିଜ୍ଞାପିତ ମୂଲ୍ୟ : ₹ 8,73,75,494.80, EMD: ₹ 5,86,900/-, ଶେଷ ହେବା ଅବଧି : 365 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.08.05.2023ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.05.2023 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼
PR-130/O/23-24

**GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014

**DEMAND NOTICE**

NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961
RC/60/2022 27.03.2023
CANARA BANK, SAMBALPUR-II
Versus
BASANT KUMAR BEHERA
To
(CD 1) Basanta Kumar Behera, S/o. Suresh Kumar Behera, At: Sakhipara, Mohantypara, Sambalpur-1, At present at: Cherupada, PO: Modipara, Sambalpur-768002 (CD 2) Shri Suresh Kumar Behera, S/o: Late Gokul Chandra Behera, At: Sakhipara, Mohantypara, Sambalpur-1, At: present at Cherupada, PO: Modipara, Dist: Sambalpur-768002.
(CD 3) Sri Debendra Kissan, S/o: Sudershan Kisan, At: Sakhipara near Convent School, Sambalpur-768001.
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in OA/672/2017 an amount of Rs. 1315393.99 (Rupees Thirteen Lakhs Fifteen Thousands Three Hundred Ninety Three and Paise Ninety Nine Only) alongwith pendentellite and future interest @ 10% Simple Interest Yearly w.e.f. 15/12/2017 till realization and costs of Rs.16000 (Rupees Sixteen Thousands Only) has become due against you (Jointly and severally/Fully/Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under. 3. You are hereby ordered to declare on an affidavit the particulars of yours assets on or before the next date of hearing. 4. You are hereby ordered to appear before the undersigned on 19.06.2023 at 10.30 A.M. for further proceedings. 5. In addition to the sum aforesaid, you will also be liable to pay: (a) Such interests as is payable for the period commencing immediately after this notice of the certificate /execution proceedings. (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due. Given under my hand and the seal of the Tribunal, on this date 27.03.2023.
Recovery Officer
DEBTS RECOVERY TRIBUNAL, CUTTACK

No. W-02
न्याय सब के लिए
ACCESS TO JUSTICE FOR ALL

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩**
ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ପୈଠ ବିଲ୍ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ୍ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍: oslsa2020@gmail.com
OIPR-18008/11/0005/2324

## ସଂକ୍ଷେପରେ

### ଦୁର୍ଘଟଣା: ନିଆଁରେ ପୋଡ଼ିହୋଇ ପିକ୍‌ଅପ୍ ଡ୍ରାଇଭର ମୃତ



ଦେଓଗାଁ,୫।୫(ଡି.ଏନ.ଏ.): ଶୁକ୍ରବାର ଅପରାହ୍ନରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ଆମ୍ବ ବୋଝେଇ ପିକ୍‌ଅପ ଓ ଟ୍ରାକ୍ଟର ମଧ୍ୟରେ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ପିକ୍‌ଅପରେ ନିଆଁ ଲାଗି ପୋଡି ଯାଇଥିବା ବେଳେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ତାଙ୍କ ପରିଚୟ ମିଳି ପାରିନାହିଁ । ପ୍ରକାଶଯେ, ଟ୍ରାକ୍ଟର (ନଂ ଓଡି୦୩କେ ୯୬୬୮୦)ଟି ଦେଓଗାଁ ପଟରୁ ବଲାଙ୍ଗୀର ଅଭିମୁଖେ ଯାଉଥିବା ବେଳେ ପଛରୁ ଆସୁଥିବା ଆମ୍ବବୋଝେଇ ପିକ୍‌ଅପ (ନଂ ଓଡି୧୫ଆର୨୧୦୧ )ଟ୍ରାକ୍ଟରକୁ ଧକ୍କା ଦୋଇଥିଲା । ଫଳରେ ପିକ୍‌ଅପର ଆଗପଟ ଚୁରମାର ହୋଇଯାଇ ନିଆଁ ଲାଗି ଯାଇଥିଲା । ଉକ୍ତ ଗାଡିରୁ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା । ଫଳରେ ସେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ । ଖବରପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଦେଓଗାଁ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଜାରି ରଖିଛି ।

### ମହୁମାଛି ଆକ୍ରମଣରେ ୧୫ ଆହତ

ନୂଆପଡ଼ା ଅଫିସ, ୫।୫: ନୂଆପଡା ଜିଲାର ପଶ୍ଚିମ ଦିଗକୁ ସୁନାବେଡା ଅଭୟାରଣ୍ୟ ଅଧିନସ୍ଥ ମିଛାପାଲି ପଞ୍ଚାୟତ ଖୋଲିଗାଁ ଠାରେ ଘଞ୍ଚ ଜଙ୍ଗଲ ଭିତରେ ରହିଥିବା ରାଣୀ ମୁହାସ ବୈଶାଖ ମେଳା ଦେଖିବାକୁ ଆସି ମହୁମାଛି ଆକ୍ରମଣରେ ୧୫ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଯାଇଛି। ରାଣୀ ମୁହାସ ପାହାଡ ଘଞ୍ଚ ଜଙ୍ଗଲ ଭିତରେ ରହିଛି। ସେଠାରେ ବଡବଡ ଗଛ ରହିଛି। ପାଖରେ ଝରଣା ପାଣି ରହିଥିବାରୁ ଗଛଗୁଡ଼ିକରେ ମହୁଫେଣା କରିଥାଏ ବୋଲି ଅନୁମାନ କରୁଛନ୍ତି। ବୈଶାଖ ପୂର୍ଣ୍ଣିମା ସମୟରେ ମହୁରେ ରସ ବହୁ ପରିମାଣରେ ଆସିଥାଏ ବୋଲି ପାହାଡି ଅଞ୍ଚଳର ଲୋକେ ବୈଶାଖ ପୂର୍ଣ୍ଣିମା ସମୟରେ ମହୁଫେଣାରୁ ରସ ବାହାର କରି ନେଇ ଯାଇଥାନ୍ତି। ମହୁମାଛିମାନେ ମହୁଫେଣା ଖୋଜି ବିକଳ ହୋଇ ରାଗରେ ତାଙ୍କ ହାବୁଡରେ ଯିଏ ଆସିଲେ ଆକ୍ରମଣ କରିଥାନ୍ତି ବୋଲି ସେଠାକାର ଅଧିବାସୀମାନେ କହନ୍ତି। ବୈଶାଖ ମେଳା ପୂର୍ବରୁ ବନବାସୀମାନେ ମହୁ ସବୁ ବାହାର କରି ନେଉଛନ୍ତି । ମହୁମାଛି ଧୂଆଁକୁ ସହି ପାରେ ନାହିଁ। ଏଠାକୁ ଆସିଥିବା ଭକ୍ତମାନଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଇଥାଏ। ରୋଷେଇ କଲାବେଳେ ଧୂଆଁ ହେଉଥିବାରୁ ମହୁମାଛି ମାନେ ଗଛରୁ ଉଡି ଲୋକଙ୍କ ଉପରକୁ ଆକ୍ରମଣ କରିଥିଲେ। ମେଳାରେ ଅତ୍ୟଧିକ ଭିଡ ଲାଗି ରହୁଥିବାରୁ ଆକ୍ରମଣ ସମୟରେ ଲୋକେ ଶୀଘ୍ର ଅନ୍ୟ ସ୍ଥାନକୁ ଯାଇ ପାରୁ ନ ଥିବାରୁ ଆକ୍ରୋଶର ଶିକାର ହୋଇଥିଲେ। ମେଳା ସମୟରେ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରୀ ଦଳ ଓ ଆଦିବାସୀ ଅଧ୍ୟୁଷିତ ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଲୋକଙ୍କ ସୁରକ୍ଷା ପାଇଁ ସୁରକ୍ଷା ବାହିନୀ ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ରାଣୀ ମୁହାସ ବୈଶାଖ ମେଳା ଉଦ୍‌ଯାପିତ

ନୂଆପଡ଼ା ଅଫିସ,୫।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ରାଣୀ ମୁହାସ ବୈଶାଖ ମେଳା ଉଦଯାପିତ ହୋଇଯାଇଛି । ଏହି ମେଳା ବୈଶାଖ ତ୍ରୟୋଦଶୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ। ଏହି ମେଳା କୌଣସି ସରକାରୀ ଅନୁଦାନରେ କରାଯାଏ ନାହିଁ। ସେଠାରେ ଥିବା ହଲୁଆପାଲି, ମଝାଗାଁ ଓ ଖଲିଗାଁର ଲୋକେ ନିଜ ଭିତରେ ଚାନ୍ଦା କରି ରାଣୀ ମୁହାସ ବୈଶାଖ ମେଳା ଆୟୋଜନ କରିଥାନ୍ତି। ତିନି ଦିନ ଧରି ଅନୁଷ୍ଠିତ ହେଉଥିବା ମେଳାରେ ନୂଆପଡା, ବଲାଙ୍ଗିର, କଳାହାଣ୍ଡି, ବରଗଡ ଜିଲା ସମେତ ପଡୋଶୀ ରାଜ୍ୟ ଛତିଶଗଡର ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଆସି ରାଣୀ ମୁହାସ ଠାରେ ଥିବା ଗୁପ୍ତଗଙ୍ଗାରେ ବୁଡ଼ ପକାଇଥାନ୍ତି। ସେଠାରେ ବହୁ ପୁରାତନ କିମ୍ବଦନ୍ତି ରହିଛି। ୩ ହଜାର ବର୍ଗଫୁଟ ପାହାଡ ଉପରେ ଗର ଓ ଆମ୍ବ ଗଛର ସନ୍ଧି ପଥର ଭିତରୁ ଗୁପ୍ତଗଙ୍ଗା ଉତ୍ପତି ହୋଇ ଅନବରତ ପାଣି ବାହାରୁଛି । ଖରା ହେଉ ବା ବର୍ଷା ସବୁଦିନ ପାଇଁ ସମାନ ପରିମାଣରେ ପାଣି ବାହାରି ବୋହି ଯାଉଛି। ପାଣି ବାହାରୁ ଥିବା ସ୍ଥାନରେ ଏକ ଲୁହା ପାଇପ ଲଗା ଯାଇଛି। ସେହି ପାଣିରେ ମେଳାକୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତମାନେ ସ୍ନାନ କରିଥାନ୍ତି। ଦୁଇଗଛର ମିଳନ ସ୍ଥଳରେ ଏକ ପଥର ଖୋଳ ରହିଛି। ତାକୁ ପାପନାଶିନୀ ଖୋଳ ବୋଲି କହନ୍ତି। ସେହି ଖୋଳରେ ଆବାଳ ବୃଦ୍ଧ ବନିତା ପାରି ହୁଅନ୍ତି। ଯିଏ ପ୍ରକୃତରେ ପାପି ସେ ପାରି ନ ହୋଇ ଖୋଳ ଭିତରେ ରହି ଯାଇଥାଏ। ସେଠାରେ ଥିବା ପୂଜକ ସେଠିକାର ପୂଜା ପାଉଥିବା ଦେବାଦେବୀଙ୍କୁ ସ୍ମରଣା କରି ବେତବାଡିରେ ପ୍ରହାର କଲେ ଖୋଳରୁ ଲୋକ ବାହାରି ଆସେ । ପଶ୍ଚିମ ଦିଗକୁ ପାହାଡ ଉପରେ ବହୁ ପୁରାତନ କ୍ରୀତିରାଜି ମାନ ରହିଛି । ଭୀମଙ୍କ ମୋଡୋ,ଭୀମ ଖନ୍ଦା,ବୁଇଲଓଡା ଠାରୁ ପାହାଡ ଉପରେ କ୍ଷୀର ସିନ୍ଦୁର ଓ ନୀଳ ସିନ୍ଦୁର ବୋଲି ଦୁଇଟି ଧାର ବାହାରି ଅନବରତ ବୋହି ଯାଉଛି। ସେହି ପାଣିରେ ବଡ ଘୁମେର ଓ ସାନ ଘୁମେର ବୋଲି ଦୁଇଟି ଜଳପ୍ରପାତ ସୃଷ୍ଟି ହୋଇଛି। ପ୍ରପାତର ପାଣି ଏକ ନାଳ ହୋଇ ରାଣୀ ମୁହାସ ଝରଣା ନାମରେ ନାମିତ ହୋଇଛି। ସେହିପାଣିରୁ ଏକ ସରାଳ ସୃଷ୍ଟି ହୋଇ ସବୁ ଦିନ ପାଇଁ ପାଣି ରହୁଥିବାରୁ ଅଞ୍ଚଳର ଲୋକେ ବ୍ୟବହାର କରନ୍ତି। ଗୁପ୍ତଗଙ୍ଗାର ଦକ୍ଷିଣ ପାର୍ଶ୍ୱ ପାହାଡରେ ଗୋକୁଣ୍ଡ ରହିଛି। ତା ସାଙ୍ଗକୁ ଲାଗି ସତ୍ୟଗଙ୍ଗା ରହିଛି। ସତ୍ୟଗଙ୍ଗା ପାହାଡର ପଥରରୁ ପାଣି ଝରୁଛି। ତାଙ୍କୁ ମୁଣ୍ଡିଆ ମାରି ହାତ ପାତିଲେ ଗୋଟିଏ ବୁନ୍ଦା ପାଣି ହାତରେ ପଡେ। ଜଣେ ଲୋକଙ୍କୁ ଗୋଟିଏ ବୁନ୍ଦା ପାଣି ଦେଇଥାଏ ଦୁଇ ବୁନ୍ଦା ପାଣି କେବେ ହେଲେ ଦେଇ ନ ଥିବାରୁ ତା ନାମ ସତ୍ୟଗଙ୍ଗା ବୋଲି କହନ୍ତି। ବହୁ ପୁରାତନ ଶିବ ପାର୍ବତୀଙ୍କ ପଥର ମୂର୍ତ୍ତି ରହିଛି। ସେହି ପାହାଡ ଉପରେ ତିନିଟି ଗାତରେ ପାଣି ରହିଛି। ସୁନା ପରି ଦେଖା ଯାଉଥିବା ପାଣି ସୁନାପାଣି, ରୂପାପରି ଦେଖା ଯାଉଥିବା ପାଣି ରୂପାପାଣି ଓ ଅନ୍ୟଟି ସାଧାରଣ ପାଣି ଭଳି ଦେଖା ଯାଉଥିବା ପାଣି ରାଣୀ ମୁହାସ ନାମରେ ନାମିତ ହୋଇଛି। ଏହି ତିନି ଗାତର ପାଣି କେବେ ହେଲେ ଶୁଖି ନ ଥାଏ । ସେହି ପାଣିକୁ ଲୋକେ ଯେତେ ବାହାର କରୁଥିଲେ ମଧ୍ୟ ସେତିକି ରହିଥାଏ । ପାହାଡ ଭିତରେ ବଡ ବଡ ପଥର ଖୋଳ ରହିଛି । ସେହି ଖୋଳ ଭିତରେ ଋଷିମୁନି ମାନେ ବାସ କରିବା ସହ ପୂଜକମାନେ ଖରା,ବର୍ଷା ଶିତ ସବୁ ଦିନ ପାଇଁ ରହିଥାନ୍ତି । ଏହି ରାଣୀ ମୁହାସରେ ବର୍ଷକୁ ଦୁଇ ଥର ମେଳା ଆୟୋଜନ ହୋଇଥାଏ। ମାଘ ମାସ ପଞ୍ଚମୀ ଓ ବୈଶାଖ ପୂର୍ଣ୍ଣିମାରେ ଦୂର ଦୁରାନ୍ତରୁ ହଜାର ହଜାର ଭକ୍ତ ଆସୁଥିଲେ ହେଁ ଜିଲା ପ୍ରଶାସନର ନିଘା ନାହିଁ। ସେଠାରେ ଯାତ୍ରୀ ବିଶ୍ରାମାଗାର,ବିଜୁଳି,ରାସ୍ତା କିମ୍ବା ଅନ୍ୟାନ୍ୟ କୌଣସି ସୁବିଧା ନାହିଁ । ଖରା ହେଉ ବା ବର୍ଷା ଲୋକେ ଗଛମୂଳେ ଆଶ୍ରୟ ନିଅନ୍ତି।



ଗୁପ୍ତଗଙ୍ଗାକୁ ଯିବା ପାଇଁ ଶ୍ରଦ୍ଧାଳୁ ଭକ୍ତମାନେ ଧାଡି ବାନ୍ଧିଛନ୍ତି ।

# ରେଜିଷ୍ଟ୍ରି କାର୍ଯ୍ୟାଳୟରୁ କାଗଜ ଚୋରି, ଥାନାରେ ଅଭିଯୋଗ

ଖଡ଼ିଆଳ,୫।୫ (ଡି.ଏନ.ଏ)

ନୂଆପଡା ଜିଲା ଖଡ଼ିଆଳ ସବରେଜିଷ୍ଟ୍ରି ଅଫିସର ବହୁତ ପରିମାଣର କାଗଜାତ ଚୋରି ହୋଇଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୋଗକାରୀ ହେଉଛନ୍ତି ଅତିରିକ୍ତ ତହସିଲଦାର ତଥା ସବରେଜିଷ୍ଟ୍ରି ଅଫିସର ଜୟସେନ ଧାରୁଆ। ତାଙ୍କ ଅଫିସରୁ ଗତ ମେ ତିନି ତାରିଖରେ ଖଡ଼ିଆଳ ସବରେଜିଷ୍ଟ୍ରି ଅଫିସରେ ଗଚ୍ଛିତ ଥିବା ତହସିଲ ଅଫିସର ପୁରୁଣା ପଟ୍ଟା ନିର୍ମାଣ କାଗଜାତ ସହିତ ଅନ୍ୟାନ୍ୟ ମୂଲ୍ୟବାନ କାଗଜାତ ଅଫିସର କବାଟ ଭାଙ୍ଗି ଚୋରି ହୋଇଥିଲା। ଚୋରିରେ ସମ୍ପୃକ୍ତ ଥିଲେ ଜଣେ ନାବାଳକ। ତାଙ୍କ ଗ୍ରାମ ଚିନ୍ଦାଗୁଡା, ଥାନା ଖଡ଼ିଆଳ ବୋଲି ଜଣାପଡିଥିବା ବେଳେ ସମ୍ପୃକ୍ତ ନାବାଳକ ସେହି ମୂଲ୍ୟବାନ କାଗଜାତକୁ କବାଡି ଦୋକାନରେ ବିକ୍ରି କରି ଦେଇଥିଲେ। କବାଡି ଦୋକାନୀ ହେଉଛନ୍ତି ଦୁର୍ଯ୍ୟୋଧନ ବାରିକ, ଗ୍ରାମ ସନବେହେଲି, ମାଲପଡା, ଥାନା ଖଡ଼ିଆଳ । ସମ୍ପୃକ୍ତ ମୂଲ୍ୟବାନ କାଗଜାତ ଦୁଇ କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି। ପୋଲିସ ଜବତ କରିଥିବା କାଗଜାତ ଅତିରିକ୍ତ ତହସିଲଦାର ଧରୁଆଙ୍କୁ ପ୍ରଦାନ କରିଛି। ଧରୁଆ ଉଦ୍ଧାର କାଗଜାତକୁ ତାଙ୍କ କର୍ମଚାରୀ ଗୋଟି ଗୋଟି କରି କେଉଁ ମସିହାର ବୋଲି ସାଇତି କରୁଛନ୍ତି। ଏନେଇ ଖଡ଼ିଆଳ ଥାନାରେ ଏକ ମାମଲା (ନଂ.୧୫୧/୨୩) ରୁଜୁ ହୋଇଛି । ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି । ପ୍ରକାଶ ଯେ ଗତ ମେ ଦୁଇ ତାରିଖରେ କାଗଜାତ ବିଛେଇ ହୋଇଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବାବେଳେ ସମ୍ପୃକ୍ତ ବିଭାଗ ଆମର କାଗଜାତ ନୁହେଁ ବୋଲି ପ୍ରକାଶ କରିଥିଲେ। ହେଲେ ସମ୍ପୃକ୍ତ ବିଭାଗର କାଗଜାତ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।



ପୋଲିସ କାଗଜାତ ଯାଞ୍ଚ କରୁଛି ।

# ଅଶ୍ୱିନୀ, ଅବନୀଙ୍କ କାର୍ଟୁନ୍ ପୁରସ୍କୃତ

ବଲାଙ୍ଗୀର ଅଫିସ,୫।୫

ଛତିଶଗଡ ସରକାରଙ୍କ ସଂସ୍କୃତି ବିଭାଗ, ଛତିଶଗଡ ପର୍ଯ୍ୟଟନ ବୋର୍ଡ ଏବଂ ରାୟପୁର (ଛତିଶଗଡ)ରୁ ପ୍ରକାଶିତ ପ୍ରତିଷ୍ଠିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ଓ୍ୱାଚ୍'ର ମିଳିତ ଆବାହକତ୍ୱରେ ଆୟୋଜିତ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡିଶାର ଲବ୍ଧପ୍ରତିଷ୍ଠ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ

### ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତା

ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। 'ବିଶ୍ୱ କାର୍ଟୁନିଷ୍ଟ ଦିବସ-୨୦୨୩' ପାଳନ ପରିପ୍ରେକ୍ଷୀରେ ଏହି ପ୍ରତିଯୋଗିତା 'କିପ୍ କ୍ଲିନ୍ ଓ୍ୱାଆର କଲ୍‌ଚରାଲ ହେରିଟେଜ୍ ଏଣ୍ଡ ଟୁରିଷ୍ଟ ପ୍ଲେସେସ୍' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହୋଇଥିଲା । ସଂପ୍ରତି ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ମନୁଷ୍ୟକୃତ ପ୍ରଦୂଷଣ ହେତୁ ନଷ୍ଟ ପ୍ରାୟ ସାଂସ୍କୃତିକ କ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀଗୁଡିକର ସୁରକ୍ଷା ସଂପର୍କରେ ଏକ ବଳିଷ୍ଠ ବ୍ୟଙ୍ଗାଧାରିତ ଆହ୍ୱାନ ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ, ନିକଟ ଅତୀତରେ 'ଏକକ ବିଶ୍ୱ', 'ଯୁଦ୍ଧ ନୁହେଁ କେବଳ ଭ୍ରାତୃତ୍ୱ' ଉପରେ ଆଧାରିତ ଦୁଇଟି ଜାତୀୟ ପ୍ରତିଯୋଗିତା ତଥା 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଆୟୋଜିତ ଭିନ୍ନ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍‌ଗୁଡିକ ପୁରସ୍କୃତ ତଥା ପ୍ରଦର୍ଶିତ ହେବାର ସୌଭାଗ୍ୟ ଲାଭ କରିଥିଲା। ଆହୁରି ମଧ ସୂଚନା ଦିଆଯାଇପାରେ ଯେ ଇଜିପ୍ଟର କାଇରୋଠାରେ ଅନୁଷ୍ଠିତ 'ସ୍ପିରିଟ୍ ଅଫ୍ ଗାନ୍ଧୀ ଏକ୍‌ଜିବିସନ', ମୁମ୍ବାଇଠାରେ ହୋଇଥିବା 'ବାଲ୍ ଠାକରେ ଆନ୍ତର୍ଜାତୀୟ କାର୍ଟୁନ୍ ଏକ୍‌ଜିବିସନ', ଜାମ୍ମୁଠାରେ ପ୍ରଖ୍ୟାତ ସନ୍ତୁର ବାଦକ ପ. ଶିବ କୁମାର ଶର୍ମାଙ୍କ ସ୍ମୃତି ପ୍ରଦର୍ଶନୀ ଏବଂ କୋଚିଠାରେ କାର୍ଟୁନ୍ ମେନ୍ ବାଦୁସା ମେମୋରିଏଲ୍ ଇଣ୍ଟର ନ୍ୟାଶନାଲ୍ କେରିକେଚର୍ ଏକ୍‌ଜିବିସନ୍‌ରେ ଏମାନଙ୍କ କୃତି ସ୍ଥାନ ପାଇଥିଲା।

ଏହା ମଧ ସୂଚାଇ ଦିଆଯାଇପାରେ ଯେ, ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଆନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ନେଟ୍ ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ କୋରିଆ, ସାଲୋନ୍ ଅଫ୍ ଗ୍ରାଫିକ୍ ହ୍ୟୁମର- ପେରୁ , ଏଫ୍.ସି.ଡବ୍ଲୁ.ଚୀନ୍ ଭଳି ଆନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ହିନ୍ଦୁସ୍ଥାନ୍ ଟାଇମ୍ସ, କାର୍ଟୁନ୍ ଓ୍ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ଏ ମଧ୍ୟରେ ଅନ୍ତର୍ଭୁକ୍ତ । ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଆନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।




ପୁରସ୍କୃତ ହୋଇଥିବା କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ।

# ନରସିଂହଙ୍କ ବଲାଙ୍ଗୀର, ଦେଓଗାଁ ବ୍ଲକ ଗସ୍ତ

ବଲାଙ୍ଗୀର ଅଫିସ, ୫।୫

### କମ୍ୟୁନିଟି ସେଣ୍ଟର ଓ ହାଇମାଷ୍ଟ ଲାଇଟ୍‌ର ଉଦ୍‌ଘାଟନ କଲେ

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦେଓଗାଁ ଓ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁ ଗସ୍ତ କରିଛନ୍ତି। ଏହି ଅବସରରେ ସେଠାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ସାମାଜିକ, ଧାର୍ମିକ ତଥା ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଲୋକଙ୍କ ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ଆଇନଶୃଙ୍ଖଳା, ରାସ୍ତାଘାଟ, ପିଇବା ପାଣି, ବିଜୁଳି ଓ ଶିକ୍ଷାନୁଷ୍ଠାନରେ ଥିବା ସମସ୍ୟା ନେଇ ଲୋକେ ବିଧାୟକ ମିଶ୍ରଙ୍କ ସମ୍ମୁଖରେ ବିଭିନ୍ନ ଆପତ୍ତି ଅଭିଯୋଗ କରିଥିଲେ। ବଘାପାଲି, ଦୁଆନପାଲି ଏବଂ ସିନଖମନଠାରେ ଜଳ ସମସ୍ୟା, ଆଇନ ଶୃଙ୍ଖଳାକୁ ନେଇ ଲୋକେ ଅଭିଯୋଗ କରିଥିଲେ। ସଦର ବ୍ଲକସ୍ଥିତ ବୈଦିପାଲି ଓ ଫଟକରାଠାରେ ଦୁଇଟି କମ୍ୟୁନିଟି ସେଣ୍ଟରକୁ ବିଧାୟକ ମିଶ୍ର ଉଦଘାଟନ କରିଥିଲେ। ପରେ ବିଧାୟକ ଶିବତଲା ଗସ୍ତ କରି ସେଠାରେ ଏକ ମଣ୍ଡପର ଭିତ୍ତିପ୍ରସ୍ତର ଦେଇଥିଲେ। ସେହିପରି ବିଧାୟକ ମିଶ୍ର ଦେଓଗାଁ ବ୍ଲକସ୍ଥିତ ସାଲେପାଲି ଠାରେ ବିଧାୟକ ପାଣ୍ଠିରୁ ଦୁଇଟି ହାଇମାଷ୍ଟ ଲାଇଟର ଶୁଭ ଉଦଘାଟନ କରିଥିଲେ। ଏଠାରେ ଆଲୋଚନା ମସୟରେ ଉପସ୍ଥିତ ଲୋକେ ଶାଲେପାଲି ଏକ ପୁରାତନ ଗ୍ରାମ ହୋଇଥିବା ବେଳେ ଏଠାରେ ଏକ କଲ୍ୟାଣମଣ୍ଡପର ଆବଶ୍ୟକତା ନେଇ ବିଧାୟକ ମିଶ୍ରଙ୍କୁ ଦାବି ଜଣାଇଥିଲେ। ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ରାସ୍ତା ଓ ନାଳି ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଜମିଦାର ଦୁର୍ଗାପ୍ରସାଦ ସିଂ ଦେଓ, ସେବା ଦଳ ମୁଖ୍ୟ ଅସିତ ମିଶ୍ର, ବିରେନ୍ଦ୍ର ମିଶ୍ର, ଅନନ୍ତ ବେହେରା, ରାମଜୀ ଚୌଧୁରୀ, ସରୋଜ ରଥ, କାନ୍ତେଶ୍ୱର ପ୍ରଧାନ, ଗୋପ ମେହେର, କୋଶଲ ବେହେରା, ଉମାକାନ୍ତ ନାଏକ, ସଚ୍ଚିଦାନନ୍ଦ କୁରେଇ, ଅମିତ ତ୍ରିପାଠୀ, ଦୁର୍ଯୋଧନ ମେହେର, କରୁଣା ମେହେର, ତୁଳାମଣି ମେହେର, ଉଦୟନାଥ ସାମଲ, ବାସୁଦେବ ଭୋଇ, ହେମସାଗର ଭୋଇ, ବୁଦ୍ଧଦେବ ସାମଲ, ଭରତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



ବଲାଙ୍ଗୀର ସଦର ବ୍ଲକରେ ଅନୁଷ୍ଠିତ ଏକ ସଭାରେ ବିଧାୟକ ନରସିଂହ ମିଶ୍ର ।

# ପଚ୍ଛୁଆବର୍ଗଙ୍କ ସର୍ଭେ ତଦାରଖ କଲେ ଅଧିକାରୀ

କେସିଙ୍ଗା,୫।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିକୁ ଶ୍ରମ ବିଭାଗ ପକ୍ଷରୁ ତଦନ୍ତକାରୀ ଅଧିକାରୀଭାବେ ଅଶୋକ କୁମାର ପଣ୍ଡା ଶୁକ୍ରବାର ପହଞ୍ଚି ପଚ୍ଛୁଆ ବର୍ଗଙ୍କ ସର୍ଭେ ତଦନ୍ତ କରିଥିଲେ। ସାରା ରାଜ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିଷ୍ଠିତ ୨୦୮ ପ୍ରକାର ପଚ୍ଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ନେଇ ସର୍ଭେ ଚାଲିଥିବା ବେଳେ କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ମଧ ମେ ୧ରୁ ଆରମ୍ଭ ହୋଇଛି। ସହରରେ ୧୨ ଟି କେନ୍ଦ୍ରରେ ସକାଳ ୮ ଟା ରୁ ୧୨ ଓ ଅପରାହ୍ନ ୩ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ସୁରୁଖୁରୁରେ ସର୍ଭେ କାମ ଚାଲିଛି। ସର୍ଭେ ପାଇଁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ସେଣ୍ଟର୍ ଗୁଡ଼ିକରେ ଚଉକି ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଅଶୋକ ପଣ୍ଡା ଘଟଣା ସ୍ଥଳ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରି ଏନ୍‌ଏସି କର୍ମଚାରୀଙ୍କୁ ସାବାସି ଦେଇଥିଲେ। ଏହି ପରିଦର୍ଶନ ସମୟରେ ବିଡିଓ ପ୍ରଫୁଲ୍ଲ କୁମାର ଅଦ୍ଧୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କିରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗାୟତ୍ରୀ ପରିବାର ତରଫରୁ ଘରେ ଘରେ ଯଜ୍ଞ କାର୍ଯ୍ୟକ୍ରମ

ସିନାପାଲି, ୫।୫(ଡି.ଏନ୍.ଏ)

ଗାୟତ୍ରୀ ପରିବାରର ଯୋଜନା ଅନୁସାରେ ଶୁକ୍ରବାର ସିନାପାଲି ବ୍ଲକର ଗୃହେଗୃହେ ଗାୟତ୍ରୀ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଗାୟତ୍ରୀ ଶକ୍ତି ପୀଠର ତତ୍ତ୍ୱାବଧାନରେ ଅଞ୍ଚଳର ଏକ ଶତ ପରିବାରରେ ସକାଳୁ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ବିଶ୍ୱକୁ ବିଭିନ୍ନ ବିପର୍ଯ୍ୟୟରୁ ସୁରକ୍ଷିତ ରଖିବା ସହ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସିନାପାଲିରେ କାର୍ଯ୍ୟକ୍ରମ ଆୟୋଜନରେ ଶକ୍ତି ପୀଠର ସଭାପତି ଶଶିଭୂଷଣ ମାଝୀ, ତ୍ରିନାଥ ମେହେର, ତରୁଣ କୁମାର ମେହେର, ହୀରାଲାଲ ଅଗ୍ରୱାଲ, ମୁନେଶ ଅଗ୍ରୱାଲ, ହରିଓମ ଜିନ୍ଦଲ, ଗୀତା ମେହେର, ନମୀତା ମେହେର, ପିଙ୍କି ମେହେର, ଶ୍ରୀକାନ୍ତ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।



ଗାୟତ୍ରୀ ଯଜ୍ଞ କାର୍ଯ୍ୟକ୍ରମ ଚାଲିଛି।

# ଜୁନାଗଡ଼ ନୂତନ ବସ୍‌ଷ୍ଟାଣ୍ଡରେ ଯାତ୍ରୀ ହନ୍ତସନ୍ତ

ଜୁନାଗଡ଼,୫।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଥିବା ପୁରଣା ବସଷ୍ଟାଣ୍ଡକୁ ଭାଙ୍ଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି। ୧ କୋଟି ୯୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି ନୂତନ ବସଷ୍ଟାଣ୍ଡର ଭୁଲ ଡିଜାଇନ ଯୋଗୁଁ ଯାତ୍ରୀ ଏବେ ହନ୍ତସନ୍ତ ହେଉଛନ୍ତି। ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସରି ନ ଥିବା ବେଳେ ରାଜ୍ୟ ସରକାରଙ୍କଠାରୁ ବାଃହାବାଃ ନେବା ପାଇଁ ତରବରିଆଭାବେ ସ୍ଥାନୀୟ ରାଜନେତା, ପରିବହନ ବିଭାଗ ଓ ଠିକାଦାର ଏହାର ଉଦ୍‌ଘାଟନ କରିଥିଲେ। ମାର୍ଚ୍ଚ ୫ରେ ଜିଲାରେ ୪ ଲେନ୍ ବିଶିଷ୍ଟ ରାସ୍ତାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାକୁ ଆସିଥିବା ସମୟରେ ଏହି ଅଧପନ୍ତରିଆ ବସଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ହେଲେ ଏହି ବସ୍ ଷ୍ଟାଣ୍ଡରେ ଯାତ୍ରୀଙ୍କ ପାଇଁ କୌଣସି ସୁବିଧା ନାହିଁ। ମାତ୍ର ୬ ଜଣ ଯାତ୍ରୀ ବସିବା ପାଇଁ ଚୌକିର ବ୍ୟବସ୍ଥା କରାଯାଇଛି। ଅନେକ ଯାତ୍ରୀ ତଳେ ବସି ବସକୁ ଅପେକ୍ଷା କରୁଛନ୍ତି। ପାନୀୟ ସମସ୍ୟା କଥା ନ କହିବା ଭଲ। ମହିଳା ଓ ପୁରୁଷ ଶୌଚାଳୟ ନିର୍ମାଣ ହୋଇ ତାଲା ପଡ଼ିଛି। ଟିକେ ବର୍ଷା ହେଲେ ଏହି ବସଷ୍ଟାଣ୍ଡ ପାଣିରେ ବୁଡ଼ି ରହୁଛି।

ଭୌଗୋଳିକ ଦୃଷ୍ଟି କୋଣରୁ ଜୁନାଗଡ଼ ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳି ଅଟେ। ଜୁନାଗଡ଼ ସହର ଜିଲାର ମଧ୍ୟଭାଗରେ ରହିଥିବା ଯୋଗୁଁ ବ୍ୟବସାୟ ପାଇଁ ଜିଲାର ଭବାନୀପାଟଣା, ଧର୍ମଗଡ଼, କୋକସରା, ଜୟପାଟଣା, କଲମପୁର, ଥୁଆମୂଳ ରାମପୁର, ଗୋଲାମୁଣ୍ଡା ,ଲାଞ୍ଜିଗଡ଼ ବ୍ଲକ ତଥା, ରାୟଗଡା, ମୁନିଗୁଡା, ଜୟପୁର, ନବରଙ୍ଗପୁର, ପୋଡ଼ିସୀ ରାଜ୍ୟ ଛତିଶଗଡ଼ର ଲୋକେ ଏଠାକୁ ଆସିଥାନ୍ତି। ଗମନାଗମନରେ ଲୋକଙ୍କ ସୁବିଧା ଦୃଷ୍ଟି କୋଣରୁ ଗତ ୧୯୭୯ ଜୁନ ୧୨ରେ ଜିଲାର ଟାଣୁଆ ନେତା ତଥା ତତ୍କାଳୀନ ରାଜ୍ୟ ପୂର୍ତ୍ତ ଓ ପରିବହନ ବିଭାଗ ମନ୍ତ୍ରୀ ସ୍ୱର୍ଗତ ଦୟାନିଧି ନାୟକ ଜୁନାଗଡ଼ରେ ଏକ ବସଷ୍ଟାଣ୍ଡ ନିର୍ମାଣ କରିଥିଲେ। ଏଥିରେ ୯୫ଟି ଦୋକାନ ଗୃହ ମଧ ନିର୍ମାଣ କରାଯାଇଥିଲା। ଜନସଂଖ୍ୟା ବୃଦ୍ଧି ସହିତ ଯାନବାହନ ଚଳାଚଳ ବୃଦ୍ଧି ଯୋଗୁଁ ଗତ ୨୦୦୩ରେ ଜାତୀୟ ରାଜପଥ ୨୬କୁ ଲାଗିରହିଥିବା ୨୨ଟି ଦୋକାନକୁ ଭାଙ୍ଗି ଦିଆଯାଇଥିଲା। ଏହି ଛୋଟ ବସଷ୍ଟାଣ୍ଡ ଭିତରକୁ ଅନେକ ବସ ଯିବା ଆସିବା କରିବା ସହିତ ଯାତ୍ରୀ ଅପେକ୍ଷା କରିବା ପାଇଁ ମଧ ସମସ୍ତ ସୁବିଧା କରାଯାଇଥିଲା। ପରେ ରାଜ୍ୟ ପରିବହନ ବିଭାଗ ସେହି ବସଷ୍ଟାଣ୍ଡକୁ ଭାଙ୍ଗି ନୂତନ ବସଷ୍ଟାଣ୍ଡ ନିର୍ମାଣ କରିଛି।

ଭବାନୀପାଟଣା ଓଏସଆରଟିଏସ ଡିପୁ ମ୍ୟାନେଜର ପି.କେ ଜେନାଙ୍କୁ ପଚାରିବାରୁ ଉକ୍ତ ବସ୍ ଷ୍ଟାଣ୍ଡର ପରିଚାଳନା ପାଇଁ ଏକ ବ୍ଲକ କମିଟି ଗଠନ କରାଯିବ। ଏଥିପାଇଁ ଜିଲାପାଳଙ୍କୁ ମଧ ଜଣାଇଦିଆଯାଇଛି। ଯାହା ସମସ୍ୟା ହେବ ସେମାନେ ଏହାର ତଦାରଖ କରି ପଦକ୍ଷେପ ନେବେ ବୋଲି କହିଥିଲେ।




ଜୁନାଗଡ଼ ନୂତନ ବସ ଷ୍ଟାଣ୍ଡ।

## ସଂକ୍ଷେପରେ

### ନକଲି ଟଙ୍କା, ଗଞ୍ଜେଇ ଜବତ : ଜଣେ ଗିରଫ

**ସୋନପୁର,୫।୫(ନି.ପ୍ର.):** ସୋନପୁର ଟାଉନ ପୋଲିସ ନକଲି ଟଙ୍କା କାରବାର ଓ ଗଞ୍ଜେଇ ଚୋରାଚାଲଣ ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମଦନ ସାହୁ(୩୭) । ତାଙ୍କ ଘର କଟକ ଜିଲା ଜଗତପୁର ଥାନା ପୁଡଗୋଛି ଅଞ୍ଚଳରେ । ମଦନ ସୋନପୁର ବସଷ୍ଟାଣ୍ଡ ପରିସରରେ ନକଲି ଟଙ୍କା ଦେଇ ବ୍ୟବସାୟୀଙ୍କ ଠାରୁ ଖୁଚୁରା ମାଗୁଥିଲେ । ସେ ବସ୍‌କୁ ଅପେକ୍ଷା କରିଥିବା ବେଳେ ବ୍ୟବସାୟୀମାନେ ନକଲି ଟଙ୍କା ଦେଖି ତାଙ୍କୁ ମାଡ ମାରିଥିଲେ । ଏହି ସମୟରେ ମଦନଙ୍କ ପକେଟ୍‌ରୁ କିଛି ନକଲି ଟଙ୍କା ଖସି ପଡିଥିଲା । ସେହିଭଳି ତାଙ୍କ ବ୍ୟାଗ୍ ତନଖି ସମୟରେ ଗଞ୍ଜେଇ ଠାବ ହୋଇଥିଲା । ବ୍ୟବସାୟୀମାନେ ମଦନଙ୍କୁ ଧରି ସୋନପୁର ପୋଲିସରେ ଜିମା ଦେଇଥିଲେ । ସୋନପୁର ଥାନାରେ ୧୧୦/୨୩ ମୂଳେ ଏକ ମାମଲା ରୁଜୁ ହୋଇଛି । ମଦନଙ୍କ ନିକଟରୁ ନଗଦ ୫ହଜାର ୫୦୦ଟଙ୍କା, ୮ କିଲୋ ଗଞ୍ଜେଇ, ନକଲି ୮୦୦ଟଙ୍କା(ଗୋଟିଏ ୫୦୦ଟଙ୍କିଆ, ଗୋଟିଏ ୨୦୦ଟଙ୍କିଆ ଓ ଗୋଟିଏ ୧୦୦ଟଙ୍କିଆ ନୋଟ) ଜବତ ହୋଇଛି। ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ଏସଆଇ ପିୟୁଷ ରଞ୍ଜନ ନାଏକ ମାମଲାର ତଦନ୍ତ କରୁଛନ୍ତି ।

### ଫୁଲମୁଠିରେ ଭୀମ ଭୋଇ ଜୟନ୍ତୀ ଉତ୍ସବ ପାଳିତ

**ବିନିକା,୫ ।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ଅନ୍ତର୍ଗତ ଫୁଲମୁଠିଠାରେ ଶୁକ୍ରବାର ସନ୍ଥ କବି ଭୀମଭୋଇଙ୍କ ୧୭୪ ତମ ଜୟନ୍ତୀ ସତ୍ୟ ମହିମା ଧର୍ମ ଶାସନୀ ମହାସଂଘ ଓ ଫୁଲମୁଠି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଗୋବିନ୍ଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦଳିତ ବ୍ଲକ ସଭାପତି ଦିଲେଶର ହାତୀ, ସ୍ୱତନ୍ତ୍ର ଅତିଥି ଭାବେ ଭକ୍ତ ଉତ୍ତମ ସିଂ ନାଗ ଯୋଗଦେଇ ଭୀମଭୋଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ପାଦକ ଦୁର୍ଗା ଚରଣ କଳତା ସଭା ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମହିମା ଧର୍ମବଲମ୍ବୀ ,ଏକାଧିକ ଭଜନ ପାର୍ଟି ଯୋଗଦାନ କରିଥିଲେ । କନକ ମହିଳା ଭଜନ ପାର୍ଟି ଦର୍ଶକଙ୍କ ମନ ମୋହିଥିଲା ।

### ନୃସିଂହ ଚତୁର୍ଦ୍ଦଶୀ ପାଳିତ

**ସୋନପୁର,୫।୫(ନି.ପ୍ର.):** ସୁବର୍ଣ୍ଣପୁର ସହର ବଡ଼ବଜାରସ୍ଥିତ ନୃସିଂହ ମନ୍ଦିରରେ ଶ୍ରୀ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଅଷ୍ଟପ୍ରହରୀ ନାମଯଜ୍ଞ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଶୁକ୍ରବାର ନୀତିକାନ୍ତି ଅନୁଯାୟୀ ହୋଇଥିଲା। ଯଜ୍ଞରେ କର୍ତ୍ତା ଭାବେ ସଦାନନ୍ଦ ମିଶ୍ର ଓ ତାଙ୍କ ସ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟ ପୂଜକ ସରୋଜ କରଙ୍କ ସହ ପ୍ରଫୁଲ୍ଲ ଦାସ, ଆନନ୍ଦ ଦାସ, ଜୟ ମିଶ୍ର, ଶୁକଦେବ ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସଭାପତି ଶଙ୍କର ମହାପାତ୍ର, ସମ୍ପାଦକ ପବିତ୍ର ତରିଆ, ସୀତାରାମ ମହାପାତ୍ର, ରାଜେନ୍ଦ୍ର ମିଶ୍ର ଓ ଯୋଗେନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ନକଲି ହାଉସ ହୋଲ୍ଡ ନମ୍ବର ପ୍ଲେଟ୍ ଦେଇ ଠକେଇ

**ସୋନପୁର,୫।୫(ନି.ପ୍ର.)**






ଖବରଦାତା ସମ୍ମିଳନୀରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ସୂଚନା ଦିଆଯାଉଛି । ଲୋକଙ୍କୁ ପ୍ରଦାନ କରା ଯାଇଥିବା ନକଲି ହାଉସ ହୋଲ୍ଡ ନମ୍ବର ପ୍ଲେଟ ।

ସୁବର୍ଣ୍ଣପୁର ଜିଲାରେ ନକଲି ହାଉସ ହୋଲ୍ଡ ନମ୍ବର ପ୍ଲେଟ୍ ପ୍ରଦାନ ନାମରେ ଠକେଇ ହୋଇଛି । ବିହାରର ମନୋଜ କୁମାର ଗୁପ୍ତା ନାମକ ବ୍ୟକ୍ତି ଜିଲା ପ୍ରଶାସନର ସହଯୋଗରେ ଲୋକଙ୍କୁ ଠକିବା ପରେ ଏବେ ଫେରାର ହୋଇ ଯାଇଛନ୍ତି । ଗ୍ରାମାଞ୍ଚଳରେ ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଲୋକେ ଠକାମିର ଶିକାର ହେବା ପରେ ସ୍ଥାନୀୟ ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କୁ ଦୋଷ ଦେଉଛନ୍ତି। ତେବେ ସରପଞ୍ଚମାନେ ଏଥିପାଇଁ ସମ୍ପୃକ୍ତ ବିଡିଓଙ୍କୁ ଦୋଷ ଦେଉଥିବା ବେଳେ ଅଙ୍ଗନୱାଡି କର୍ମୀ ସ୍ଥାନୀୟ ସୁପରଭାଇଜର ଓ ସିଡିପିଓଙ୍କୁ ଦାୟୀ କରିଛନ୍ତି । ନମ୍ବର ପ୍ଲେଟ୍ ପ୍ରଦାନ ନାମରେ ସୁବର୍ଣ୍ଣପୁର ଜିଲାରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଛି । ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆମ ଆଦ୍‌ମୀ ପାର୍ଟି(ଆପ୍) ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଶୁକ୍ରବାର ଦାବି କରାଯାଇଛି ।

ସୂଚନା ଅନୁଯାୟୀ, ବିହାରର ମନୋଜ କୁମାର ଗୁପ୍ତା ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ଗ୍ରାମାଞ୍ଚଳର ଲକ୍ଷାଧିକ ଲୋକଙ୍କୁ ଜଣ ପ୍ରତି ୩୦ରୁ ୪୦ ଟଙ୍କା ବିନିମୟରେ ନମ୍ବର ପ୍ଲେଟ(ଛୋଟ) ପ୍ରଦାନ କରିଛି। ଏହି ନମ୍ବର ପ୍ଲେଟ୍‌ରେ ଭୋଟରଙ୍କ ନାମ, ୱାର୍ଡ ନମ୍ବର ଓ ଘର ନମ୍ବର ଉଲ୍ଲେଖ ଅଛି । ସ୍ୱଚ୍ଛ ଗାଁ ନିର୍ମଳ ଗାଁ, ଝିଅ ପଢାନ୍ତୁ-ଝିଅ ବଞ୍ଚାନ୍ତୁ, ସ୍କୁଲ ଯିବାକୁ ହଁ କହିବା, ବାଲ୍ୟ ବିବାହକୁ ନାଁ କହିବା, ଘରେ ଥିଲେ ପାଇଖାନା ଝିଅ ବୋହୁଙ୍କୁ ବାହାର ମନା ଓ ଦୋ ଗଜ ଦୁରୀ ମାସ୍କ ଜରୁରୀ ଭଳି ସଚେତନତା ବାର୍ତ୍ତା ମଧ୍ୟ ଏହି ନମ୍ବର ପ୍ଲେଟ୍‌ରେ ଉଲ୍ଲେଖ ଅଛି। ଏହି ନମ୍ବର ପ୍ଲେଟର ବହୁତ ଆବଶ୍ୟକତା ଥିବା ଅଙ୍ଗନୱାଡି କର୍ମୀମାନେ ଲୋକଙ୍କୁ ବୁଝାଇଥିଲେ। ଅଙ୍ଗନୱାଡି କର୍ମୀମାନେ ନମ୍ବର ପ୍ଲେଟ ପ୍ରଦାନ କରି ଲୋକଙ୍କ ଠାରୁ ଟଙ୍କା ଆଦାୟ କରିଥିଲେ। ନମ୍ବର ପ୍ଲେଟ ପ୍ରଦାନକାରୀ ସଂସ୍ଥାର କର୍ମଚାରୀମାନେ ରସିଦ୍ ଦେଇ ଅଙ୍ଗନୱାଡି କର୍ମୀଙ୍କ ଠାରୁ ଟଙ୍କା ସଂଗ୍ରହ କରୁଥିଲେ। ଗତ ମାର୍ଚ୍ଚ ଓ ଏପ୍ରିଲ ମାସରେ ଜିଲାର ସୋନପୁର, ବିନିକା, ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି ଓ ତରଭା ବ୍ଲକର ଗ୍ରାମାଞ୍ଚଳରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲା । ତେବେ ସୋନପୁର ବ୍ଲକ ଖାରୀ ପଞ୍ଚାୟତର ସତ୍ୟନାରାୟଣ ରଥ ତାଙ୍କୁ ପ୍ରଦାନ କରା ଯାଇଥିବା ନମ୍ବର ପ୍ଲେଟର ତଥ୍ୟରେ ତାଳମେଳ ନ ଥିଲା। ରଥ ଏଥିରେ ସନ୍ଦେହ ପ୍ରକାଶ କରି ଆପ୍‌ର ସୁବର୍ଣ୍ଣପୁର ଜିଲା ସଭାପତି ସୁରେଶ କଲତାଙ୍କୁ ଜଣାଇଥିଲେ । କଲତା ଏ ସମ୍ପର୍କରେ ଖୋଳତାଡ କରିବା ପରେ ଦୁର୍ନୀତି ଲୋକଲୋଚନକୁ ଆସିପାରିଛି । ଅନୁସନ୍ଧାନରୁ ଜଣାପଡିଛି ଯେ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଗତ ୨୦୨୨ ଡିସେମ୍ବର ୭ ତାରିଖରେ ଚିଠି ନମ୍ବର ୭୫୭ ମୂଳେ ଜିଲାର ସମସ୍ତ ବିଡିଓ ଓ ସିଡିପିଓଙ୍କୁ ଗୁପ୍ତାଙ୍କ ଦ୍ୱାରା ଗ୍ରାମାଞ୍ଚଳର ସମସ୍ତଙ୍କ ଘରେ ନମ୍ବର ପ୍ଲେଟ ବସାଇବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଶିଶୁ ସୁରକ୍ଷା ଅଧିକାରୀଙ୍କ ଚିଠି ପାଇବା ପରେ ବିଡିଓ ମାନେ ନିଜ ଅଞ୍ଚଳର ସରପଞ୍ଚଙ୍କୁ ଏବଂ ସିଡିପିଓମାନେ ନିଜ ଅଞ୍ଚଳର ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜରଙ୍କୁ ସଚେତନତା ମୂଳକ ନମ୍ବର ପ୍ଲେଟ ପ୍ରଦାନରେ ଆବଶ୍ୟକ ପଦକ୍ଷେପ ଓ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀଙ୍କ ନିକଟରୁ ନିର୍ଦ୍ଦେଶ ପାଇବା ପରେ ଅଙ୍ଗନୱାଡି କର୍ମୀ ଓ ସରପଞ୍ଚମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ । ଅଙ୍ଗନୱାଡି କର୍ମୀ ମାନେ ଟଙ୍କା ଆଦାୟ କରି କିଛି ନିଜ ପାଖରେ ରଖିବା ସହ ଆଉ କିଛି ଉକ୍ତ ସଂସ୍ଥାକୁ ଦେଇଥିବା ସୂଚନା ମିଳିଛି । ତେବେ ଅଭିଯୋଗ ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦାଶ ତରବରିଆ ଭାବେ ନିଜ ପୂର୍ବ ନିର୍ଦ୍ଦେଶକୁ ମେ ୪ ତାରିଖରେ ବାତିଲ କରିଛନ୍ତି । ତେଣୁ ଏ କ୍ଷେତ୍ରରେ ଦାଶଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଆପ୍ ପକ୍ଷରୁ ଗୁରୁବାର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କୁ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲା । ଭାରପ୍ରାପ୍ତ ଜିଲାପାଳଙ୍କ ତାଗିଦ ପରେ ଶିଶୁ ସୁରକ୍ଷା ଅଧିକାରୀ ନିଜ ପୂର୍ବ ଚିଠିକୁ ଗୁରୁବାର ବାତିଲ କରିଥିବା ଜଣାପଡିଛି। ତେବେ ଲୋକଙ୍କ ଟଙ୍କା ଫେରସ୍ତ କରା ନ ଗଲେ ଆପ୍ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଆପ୍‌ର ସୁବର୍ଣ୍ଣପୁର ଜିଲା ସଭାପତି ସୁରେଶ କଲତା, ବୀରମହାରାଜପୁର ନିର୍ବାଚନମଣ୍ଡଳୀ ସଂଯୋଜକ ଘନଶ୍ୟାମ ଭୋଇ, ବୀରମହାରାଜପୁର ବ୍ଲକ ସଭାପତି ମାଧବ ମହାକୁଡ ଓ ଜିଲା ଉପସଭାପତି ପୃଥ୍ୱୀରାଜ ଜଗଦଲା ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଥିଲେ ।

**■ ପ୍ରଶାସନ ସହଯୋଗରେ ଲୋକଙ୍କୁ ଠକିଲେ ଅଣ ଓଡିଆ**

**■ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଚିଠିକୁ ନେଇ ବିବାଦ**

# ବୋଲେରୋ ଓଲଟି ୫ ପୋଲିସ ଗୁରୁତର

**ଅମରପାଲି,୫।୫(ଡି.ଏନ.ଏ.)**

ପାଟ୍ରୋଲିଂ ସାରି ଫେରୁଥିଲା ପୋଲିସ ଗାଡ଼ି । ହେଲେ ବାଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯିବାରୁ ରାସ୍ତା ତଳକୁ ଖସିପଡି ଓଲଟି ପଡିଥିଲା । ଏହି ଦୁର୍ଘଟଣାରେ ଉକ୍ତ ଗାଡ଼ିରେ ବସିଥିବା ୫ ଜଣ ପୋଲିସ କର୍ମଚାରୀ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତମାନେ ହେଲେ ସୁବର୍ଣ୍ଣପୁର ଜିଲା ସୁବଳୟା ଥାନାର ଏସ୍ଆଇ ଦୀପ୍ତିରଞ୍ଜନ ଦିଗାଲ, ଏଏସ୍ଆଇ ସନ୍ତୋଷ ସିନ୍ଦିରିଆ, ଗୃହରକ୍ଷୀ ନିରଞ୍ଜନ ସେଠୀ, ପୀତବାସ ଭୋଇ ଓ ରମେଶ ସେଠୀ । ଗୁରୁବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ପ୍ରକାଶ ଯେ, ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଥାନାରୁ ଏକ ବୋଲେରୋ ( ନଂ ଓଡି ୦୫ଏଏଚ -୪୨୦୨)ରେ ଏସ୍ଆଇ ଦୀପ୍ତିରଞ୍ଜନଙ୍କ ସମେତ ୫ ଜଣ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂରେ ସୁବର୍ଣ୍ଣପୁର-ସମ୍ବଲପୁର ଜିଲା ସୀମାବର୍ତ୍ତୀ ଗରିଆମୁଣ୍ଡା ଅଞ୍ଚଳକୁ ଯାଇଥିଲେ । ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଭୋର ସମୟରେ କୌଣସି କାରଣରୁ ବୋଲୋରୋ ଭାରସାମ୍ୟ ହରାଇ ପିତାମହୁଲ ନିକଟବର୍ତ୍ତୀ ବାଉରିଯୋର ପୋଲ ପାଖ ଏକ ବରଗଛରେ ପିଟି ହୋଇ ତଳକୁ ଖସି ପଡିଥିଲା । ଦୁର୍ଘଟଣାରେ ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ଏହାଛଡା ବୋଲେରୋରେ ଥିବା ଏସ୍ଆଇ ଦିଗାଲ ଓ ଅନ୍ୟମାନେ ଗୁରୁତର ଆହତ ହୋଇଥିଲେ । ଖବରପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଏସ୍ଆଇ ଦିଗାଲ ଓ ଏଏସ୍ଆଇ ସିନ୍ଦିରିଆଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଗୃହରକ୍ଷୀ ରମେଶ ଓ ପୀତବାସଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।



ଦୁର୍ଘଟଣାଗ୍ରସ୍ତ ବୋଲେରୋ ।

# ଅଶ୍ୱିନୀ, ଅବନୀଙ୍କ କାର୍ଟୁନ୍ ପୁରସ୍କୃତ

**ବଲାଙ୍ଗୀର ଅଫିସ,୫।୫**

ଛତିଶଗଡ ସରକାରଙ୍କ ସଂସ୍କୃତି ବିଭାଗ, ଛତିଶଗଡ ପର୍ଯ୍ୟଟନ ବୋର୍ଡ ଏବଂ ରାୟପୁର (ଛତିଶଗଡ)ରୁ ପ୍ରକାଶିତ ପ୍ରତିଷ୍ଠିତ ମାସିକ କାର୍ଟୁନ୍ ପତ୍ରିକା 'କାର୍ଟୁନ୍ ୱାଚ୍'ର ମିଳିତ ଆବାହକତ୍ୱରେ ଆୟୋଜିତ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡିଶାର ଲବ୍ଧପ୍ରତିଷ୍ଠ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। 'ବିଶ୍ୱ କାର୍ଟୁନିଷ୍ଟ ଦିବସ-୨୦୨୩' ପାଳନ ପରିପ୍ରେକ୍ଷୀରେ ଏହି ପ୍ରତିଯୋଗିତା 'କିପ୍ କ୍ଲିନ୍ ୱାଆର କଲ୍‌ଚରାଲ ହେରିଟେଜ୍ ଏଣ୍ଡ ଟୁରିଷ୍ଟ ପ୍ଲେସେସ୍' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହୋଇଥିଲା। ସଂପ୍ରତି ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ମନୁଷ୍ୟକୃତ ପ୍ରଦୂଷଣ ହେତୁ ନଷ୍ଟ ପ୍ରାୟ ସାଂସ୍କୃତିକ କ୍ଷେତ୍ର ତଥା ପର୍ଯ୍ୟଟନସ୍ଥଳୀଗୁଡିକର ସୁରକ୍ଷା ସଂପର୍କରେ ଏକ ବଳିଷ୍ଠ ବ୍ୟଙ୍ଗାଧାରିତ ଆହ୍ୱାନ ପ୍ରଦାନ କରାଯାଇଛି। ପ୍ରକାଶଯୋଗ୍ୟ, ନିକଟ ଅତୀତରେ 'ଏକକ ବିଶ୍ୱ', 'ଯୁଦ୍ଧ ନୁହେଁ କେବଳ ଭ୍ରାତୃତ୍ୱ' ଉପରେ ଆଧାରିତ ଦୁଇଟି ଜାତୀୟ ପ୍ରତିଯୋଗିତା ତଥା 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଆୟୋଜିତ ଭିନ୍ନ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ୍ୟ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍‌ଗୁଡିକ ପୁରସ୍କୃତ ତଥା ପ୍ରଦର୍ଶିତ ହେବାର ସୌଭାଗ୍ୟ ଲାଭ କରିଥିଲା। ଆହୁରି ମଧ୍ୟ ସୂଚନା ଦିଆଯାଇପାରେ ଯେ ଇଜିପ୍ଟର କାଇରୋଠାରେ ଅନୁଷ୍ଠିତ 'ସ୍ପିରିଟ୍ ଅଫ୍ ଗାନ୍ଧୀ ଏକ୍‌ଜିବିସନ', ମୁମ୍ବାଇଠାରେ ହୋଇଥିବା 'ବାଲ୍ ଠାକରେ ଆନ୍ତର୍ଜାତୀୟ କାର୍ଟୁନ୍ ଏକ୍‌ଜିବିସନ', ଜାମ୍ମୁଠାରେ ପ୍ରଖ୍ୟାତ ସନ୍ତୁର ବାଦକ ପ. ଶିବ କୁମାର ଶର୍ମାଙ୍କ ସ୍ମୃତି ପ୍ରଦର୍ଶନୀ ଏବଂ କୋଚିଠାରେ କାର୍ଟୁନ୍ ମେନ୍ ବାଦୁସା ମେମୋରିଏଲ୍ ଇଣ୍ଟର ନ୍ୟାଶନାଲ୍ କେରିକେଚର୍ ଏକ୍‌ଜିବିସନ୍‌ରେ ଏମାନଙ୍କ କୃତି ସ୍ଥାନ ପାଇଥିଲା।

ଏହା ମଧ୍ୟ ସୂଚାଇ ଦିଆଯାଇପାରେ ଯେ, ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଆନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ନେଟ୍ ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ କୋରିଆ, ସାଲୋନ୍ ଅଫ୍ ଗ୍ରାଫିକ୍ ହ୍ୟୁମର- ପେରୁ , ଏଫ୍.ସି.ଡବ୍ଲୁ.ଚୀନ୍ ଭଳି ଆନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ହିନ୍ଦୁସ୍ଥାନ୍ ଟାଇମ୍ସ, କାର୍ଟୁନ୍ ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ଏ ମଧ୍ୟରେ ଅନ୍ତର୍ଭୁକ୍ତ। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଆନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି।

**ସର୍ବଭାରତୀୟ ସ୍ତରୀୟ ପ୍ରତିଯୋଗିତା**




ପୁରସ୍କୃତ ହୋଇଥିବା କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ।

# ପଛୁଆ ବର୍ଗଙ୍କ ସର୍ଭେ ତଦାରଖ କଲେ ଅଧିକାରୀ

**କେସିଙ୍ଗା,୫।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିକୁ ଶ୍ରମ ବିଭାଗ ପକ୍ଷରୁ ତଦନ୍ତକାରୀ ଅଧିକାରୀଭାବେ ଅଶୋକ କୁମାର ପଣ୍ଡା ଶୁକ୍ରବାର ପହଞ୍ଚି ପଛୁଆ ବର୍ଗଙ୍କ ସର୍ଭେ ତଦନ୍ତ କରିଥିଲେ । ସାରା ରାଜ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ନେଇ ସର୍ଭେ ଚାଲିଥିବା ବେଳେ କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସିରେ ମଧ୍ୟ ମେ ୧ରୁ ଆରମ୍ଭ ହୋଇଛି।

# ରକ୍ତଦାନ ଶିବିର, ୫୧ ୟୁନିଟ୍ ସଂଗ୍ରହ



ଅତିଥିବୃନ୍ଦ ରକ୍ତଦାନ ଶିବିର ଉଦ୍‌ଘାଟନ କରୁଛନ୍ତି।

**ବରଗଡ଼ ଅଫିସ, ୫।୫**

ବରଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂକଳ୍ପ' ପରିବାର ପକ୍ଷରୁ ଶୁକ୍ରବାର ପବିତ୍ର ଚନ୍ଦନ ଯାତ୍ରା ମହୋତ୍ସବ ଅବସରରେ ଶ୍ରୀଗିଡା ଗ୍ରାମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଦସ୍ୟା ପ୍ରତିନିଧି ସୁବ୍ରତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶ୍ରୀଗିଡା ସରପଞ୍ଚ ଲୋକେଶ କୁମାର ସାହୁ, ସୁନିଲ ବାରିକ, ପୁଷ୍ପରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୨୩ଜଣ ରକ୍ତଦାତା ପ୍ରଥମଥର ପାଇଁ ରକ୍ତଦାନ କରିଥିଲେ। ଶ୍ରୀଗିଡା ଗ୍ରାମବାସୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଆସ ଆମେ ପଢ଼ିବା ଶିକ୍ଷାଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ

**ବରଗଡ଼ ଅଫିସ,୫।୫**




ଆସ ଆମେ ପଢିବା ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମକୁ ସାରା ରାଜ୍ୟରେ ଏକ ଆନ୍ଦୋଳନର ରୂପ ଦେଇଥିବା 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ବିଦ୍ୟାଳୟର ଗ୍ରୀଷ୍ମ ଅବକାଶ ଅବସରରେ ବରଗଡ଼ର ବସ୍ତିମାନଙ୍କରେ ବସବାସ କରୁଥିବା ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପଠନ ନିମନ୍ତେ 'ଆସ ଆମେ ପଢିବା' କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି କ୍ରମରେ ସ୍ଥାନୀୟ ନିଗମାନନ୍ଦ ବିହାର ଜିରା କଲୋନୀରେ ଶୁକ୍ରବାର ଏହା ଉଦ୍‌ଘାଟିତ ହୋଇଯାଇଛି। ନୃତ୍ୟ ଗୀତ ମାଧ୍ୟମରେ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ଓ ପତ୍ରପତ୍ରିକା ପଢିବାକୁ ଦେବା ସହ ପାଠ୍ୟ ପୁସ୍ତକର ବିଭିନ୍ନ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜସେବୀ ଅର୍ଜୁନ ସେଠଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଯୋଗଦାନ କରି ଛାତ୍ରୀଛାତ୍ରମାନେ ଛୁଟି ସମୟକୁ ପାଠ୍ୟ ପୁସ୍ତକ, ପତ୍ରପତ୍ରିକା ଓ ଜୀବନୀ ସାହିତ୍ୟ ପଢି ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଉନସିଲର ବେଦମତୀ ସେଠ, ଶିକ୍ଷାବିତ୍ ନବୀନ ସାବତ, ଟିକେଲାଲ ନାୟକ, ବାଙ୍କବିହାରୀ ସାହୁ, ଗୀତାଞ୍ଜଳି ପାଢୀ, ସୁମିତ ରଥ, ଦେବବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପାଠାଗାର ଓ ପୁସ୍ତକ ପଠନର ଉପାଦେୟତା ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ। ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଶିକ୍ଷକ ଦୁଃଖିଶ୍ୟାମ ସାହୁ, ରାଜେନ୍ଦ୍ର ପ୍ରସାଦ ସାହୁ ଶିକ୍ଷାଦାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପାଠାଗାର ଆବାହକ ଡକ୍ଟର ରବିନାରାୟଣ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଆୟୋଜିତ ଶିକ୍ଷାଦାନ ଓ ପୁସ୍ତକ ପଠନରେ ଅଂଶଗ୍ରହଣ କରି ରୂପାଲି ସାମଲ, ବୈଷ୍ଣବୀ ପ୍ରଧାନ, ଚନ୍ଦନ ସେଠ, ଶୀତଲ ଜୈନ ଓ ଶ୍ରେୟାଂଶ ପଟ୍ଟନାୟକ ପୁରସ୍କୃତ ହେବା ପାଇଁ ମନୋନିତ ହୋଇଥିଲେ। ଅଙ୍ଗନୱାଡ଼ି ପରିଚାଳିକା ପଙ୍କଜିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜି ଖୋଲିବ ମଣ୍ଡି, ମିଳିନି ଟୋକନ

**ବରଗଡ଼ ଅଫିସ୍/ଭେଡ଼େନ,୫।୫**

ରବିଧାନ ସଂଗ୍ରହ ପାଇଁ ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡି ଗୁଡ଼ିକ ଶନିବାର ଖୋଲିବ। ଗତ ଏପ୍ରିଲ ୧୩ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସେହି ନିଷ୍ପତ୍ତି ନିଆଯାଇଥିଲେ ସୁଦ୍ଧା ଆରମ୍ଭରୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଅବ୍ୟବସ୍ଥା ବାରି ହୋଇ ପଡ଼ିଛି। ଚାଷୀମାନେ ଧାନ ଅମଳ କରି କ୍ଷେତ, ଖଳାରେ ଖୋଲା ଆକାଶତଳେ ରଖିଛନ୍ତି। କିନ୍ତୁ ମଣ୍ଡିରେ ଧାନ ବିକ୍ରି ପାଇଁ ଏପର୍ଯ୍ୟନ୍ତ ଚାଷୀମାନଙ୍କ ପାଖକୁ ଟୋକନ ପହଞ୍ଚି ପାରିନାହିଁ। ଫଳରେ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି ।

ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଚାଷୀଙ୍କ ଦାବି ପରେ ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡି ଗୁଡ଼ିକ ମେ ୬ତାରିଖ ଏବଂ ବରଗଡ଼ ଆରଏମସି ଅଧୀନ ମଣ୍ଡି ଗୁଡ଼ିକ ମେ ୧୨ତାରିଖରେ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅତାବିରା ଆରଏମସି ଅଧୀନରେ ହୀରାକୁଦ ଜଳସେଚିତ ଅତାବିରା ଏବଂ ଭେଡ଼େନ ବ୍ଲକର ଗ୍ରାମଗୁଡ଼ିକ ରହିଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ଧାନ ଅମଳ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଶନିବାର ମଣ୍ଡି ଖୋଲିବ ଏବଂ ଏହାପୂର୍ବରୁ ସେମାନଙ୍କ ପାଖକୁ ଟୋକନ ପହଞ୍ଚିଲା ପରେ ମଣ୍ଡିରେ ଧାନ ବିକିବେ ବୋଲି ଆଶା ମଧ୍ୟ ବାନ୍ଧିଥିଲେ। ମାତ୍ର ଟୋକନ ପହଞ୍ଚି ନ ଥିବା ଯୋଗୁ ଚାଷୀଙ୍କ ଆଶା ଧୂଳିସାତ୍ ହୋଇଯାଇଛି ।




ଭେଡ଼େନ ବ୍ଲକ ବଇପୁର ଗ୍ରାମରେ ଜଣେ ଚାଷୀଙ୍କ ଅମଳ ଧାନ ।

ଭେଡ଼େନ ବ୍ଲକ ବଇପୁର ଗ୍ରାମର ଚାଷୀ ଦିଲୀପ ଦେହେରୀ କହିଛନ୍ତି, ସେ ୪୦ଏକର ଜମିର ଧାନ ଅମଳ କରିସାରିଛନ୍ତି। ସବୁଧାନ କ୍ଷେତ ଏବଂ ଖଳାରେ ପଡ଼ିରହିଛି। ଟୋକନ ମିଳି ନ ଥିବା ଯୋଗୁ ଧାନ କିଭଳି ବିକିବେ, ସେ ନେଇ ଚିନ୍ତିତ ଥିବା ଦେହେରୀ କହିଛନ୍ତି। ସେହିପରି ଗଲିମା ଗ୍ରାମର ଅନ୍ୟ ଜଣେ ଚାଷୀ ଭି.ଏସ୍ ରାଜୁ କହିଛନ୍ତି, ସେ ୨୦ଏକର ଜମିର ଧାନ ଅମଳ କରିଛନ୍ତି। ତାଙ୍କ ଅମଳ ଧାନ ମଧ୍ୟ କ୍ଷେତ, ଖଳାରେ ପଡ଼ି ରହିଥିବାବେଳେ ତାଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନାହିଁ । ଅନ୍ୟପଟେ ଧାନବିକ୍ରିରେ ଟୋକନକୁ ବାଧ୍ୟତାମୂଳକ କରାଯାଇଥିବା ଯୋଗୁ ସେ ମଧ୍ୟ ମଣ୍ଡିକୁ ଧାନ ନେଇ ପାରିବେନାହିଁ ଏବଂ ଝଡ଼ବର୍ଷା ହେଲେ ତାହା ନଷ୍ଟ ହୋଇଯିବ ବୋଲି ସେ କହିଛନ୍ତି। ଏ ନେଇ ଅତାବିରା ଆର୍‌ଏମ୍‌ସି ଅଧ୍ୟକ୍ଷ ତଥା ବରଗଡ଼ ଉପଜିଲାପାଳ ଲଲାଟ କୁମାର ଲୁହା କହିଛନ୍ତି, ଟୋକନ ଅବଧି ଏକ ମାସ ରହିଛି। ସେହି ଅବଧି ମଧ୍ୟରେ ଚାଷୀମାନେ କିଭଳି ସେମାନଙ୍କ ଅମଳ ଧାନ ସୁରୁଖୁରୁରେ ବିକ୍ରି କରିବେ, ସେଥିପ୍ରତି ପ୍ରଶାସନ ସଜାଗ ରହିଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଉରକେଲା ଅଫିସ,୫।୫:** ରଘୁନାଥପାଲି ଥାନା ଅଧୀନ ସିଭିଲଟାଉନଶିପ୍ ଅଞ୍ଚଳର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଅଭିଜିତ ନାୟକ(୧୮)। ମୃତ୍ୟୁର କାରଣ ଜଣାପଡିନାହିଁ। ସୂଚନା ଅନୁସାରେ, ସିଭିଲଟାଉନଶିପ୍ ଅଞ୍ଚଳର ଏକ ହୋଟେଲରେ ଅଭିଜିତ କାମ କରୁଥିଲେ। ଶୁକ୍ରବାର ଅପରାହ୍ନ ସାଢେ ୫ଟାରେ ଉକ୍ତ ହୋଟେଲର ଏକ ରୁମରେ ପଙ୍ଖାରେ ରଶି ଲଗାଇ ଝୁଲୁଥିବା ଅନ୍ୟ କର୍ମଚାରୀମାନେ ଦେଖିଥିଲେ ଏବଂ ତାଙ୍କୁ ଚିକିତ୍ସା ଲାଗି ଆର୍‌ଜିଏଚରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦରମା ବୃଦ୍ଧି ଧମକ ଦେଇ ଗିରଫ

**ରାଉରକେଲା ଅଫିସ,୫।୫:** ଦରମା ବୃଦ୍ଧିକୁ ନେଇ ରାଉରକେଲା କୋ-ଅପରେଟିଭ ବ୍ୟାଙ୍କ ସମ୍ପାଦକଙ୍କୁ ଧମକ ଦେବା ଅଭିଯୋଗରେ ଉଦିତନଗର ପୋଲିସ ବିଶ୍ୱନାଥ ମଲ୍ଲିକ(୩୫)ଙ୍କୁ ଗିରଫ କରିଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧୫୧/୨୩) ରୁଜୁ କରି ବିଶ୍ୱନାଥଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ବିଶ୍ୱନାଥ ରାଉରକେଲା କୋ-ଅପରେଟିଭ ବ୍ୟାଙ୍କରେ ସ୍ୱିପର ଭାବେ ଦୀର୍ଘଦିନରୁ କାର୍ଯ୍ୟ କରି ଆସୁଥିଲେ। ଗୁରୁବାର ସନ୍ଧ୍ୟାରେ ବିଶ୍ୱନାଥ ବ୍ୟାଙ୍କ ସମ୍ପାଦକ ରବିନ୍ଦ୍ର ମିଶ୍ରଙ୍କୁ ତାଙ୍କ ଦରମା ବୃଦ୍ଧି କରିବାକୁ ନେଇ ଧମକ ଦେଇଥିବା ମିଶ୍ର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ତିଲେଇବଣି ଅତିରିକ୍ତ ବିଡିଓ ଗୁରୁତର

**ଦେବଗଡ଼, ୫।୫(ଡି.ଏନ.ଏ.):** ବାଇକ ଦୁର୍ଘଟଣାରେ ତିଲେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ଗୁରୁ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଖବର ମୁତାବକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରୁ ଶୁକ୍ରବାର ସନ୍ଧ୍ୟା ସମୟରେ ଏକ ବାଇକ ଯୋଗେ ତିଲେଇବଣି ପଟୁ ଦେବଗଡ ସ୍ଥିତ ନିଜ ବାସଭବନକୁ ଫେରୁଥିଲେ । ତେବେ କୁରେଇଁବାହାଳ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଗୋରୁ ବାଇକ ସମ୍ମୁଖକୁ ଦୌଡି ଆସିଥିଲା । ଫଳରେ ଉକ୍ତ ଗୋରୁ ସହ ଧକ୍କା ହେବାସହ ଗୁରୁ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡିବାସହ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ଡାକ୍ତର ବୁର୍ଲା ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିବା ଜଣାପଡିଛି।

### ଗୁଣ୍ଡିଆପାଲି ପଞ୍ଚାୟତରେ ୨ଟି ଅତିରିକ୍ତ ଚାଉଳ ବଣ୍ଟନ କେନ୍ଦ୍ର ଉଦ୍‌ଘାଟନ

**ରିଆମାଳ, ୫।୫(ଡି.ଏନ୍.ଏ.):** ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତରେ ଦୁଇଟି ଅତିରିକ୍ତ ଚାଉଳ ବଣ୍ଟନ କେନ୍ଦ୍ର ଉଦଘାଟନ ହୋଇଯାଇଛି। ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଏବିଡିଓ ଜିତୁ ରଞ୍ଜନ ଜେନା, ଉପାଧକ୍ଷା ଶର୍ମିଷ୍ଠା ଘଡ଼େଇ, ସହକାରୀ ଯନ୍ତ୍ରୀ ଜାଉରୁ ଏକ୍କା, ଏମ.ଆଇ ଦୋରେସ ସୋହେଲା ଯୋଗଦେଇ ଦୁଇ କେନ୍ଦ୍ରକୁ ଉଦଘାଟନ କରିଛନ୍ତି। ସେହିପରି ଯୋଗାଣ ସହାୟକ ସୁବ୍ରତ ଆଚାର୍ଯ୍ୟ, ଜି.ଆର୍.ଏସ ହୁଏସା ମହାକୁଳ, ପ୍ରଭାତ କୁମାର ସାହୁ, ବରୁଣ କୁମାର ମିତ୍ର, ହରେନ ବେହେରା, ସନ୍ତୋଷ ପାଣ୍ଡା, ପଙ୍କଜ ବେହେରା,ଏମ.ବି.କେ ଅଞ୍ଜଳୀ ମହାପାତ୍ର, ଅଭୟ ଦ୍ୱିବେଦୀ,ଏକାନ୍ତ ପ୍ରଧାନ ସମସ୍ତ ସି.ଆର୍.ପି,ପ୍ରାଣୀମିତ୍ର,କୃଷିମିତ୍ର ଉପସ୍ଥିତ ଥିଲେ। ଏହି ପଞ୍ଚାୟତ ଏରିଆରେ ବଡ଼ ହୋଇ ଥିବାରୁ ଚାଉଳ ନେବାକୁ ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଥିଲେ। ଏଥିପାଇଁ ହିତାଧିକାରୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏହା ପରେ ଉପଜିଲାପାଳ ଓ ବିଡିଓଙ୍କ ଅନୁମୋଦନ କ୍ରମେ ଗୋହିରାଛକ ଓ ଧଉରାଗୋଠ ଠାରେ ଦୁଇଟି କେନ୍ଦ୍ର ହୋଇ ପାରିଛି।ଗୋହିରା ଛକ କେନ୍ଦ୍ରରୁ ରତନପୁର, ବଡଡଙ୍ଗାଘାଟ, ବଶ୍ୟପଡ଼ା, ପେଣ୍ଡରାଖୋଲ, ସାନଡଙ୍ଗାଘାଟର ହିତାଧିକାରୀ ଚାଉଳ ଓ କିରୋସିନୀ ନେବେ। ସେହିପରି ଧଉରାଗୋଠ କେନ୍ଦ୍ରରୁ ବରଡାତଇଲି, ବିଲେଇଘଟି, ବସନ୍ତପୁର, ଧଉରାଗୋଠ, ବେଗୁନିଆନାଳୀ ହିତାଧିକାରୀ ନେବେ।



ଶିବିରରେ ପ୍ରଶିକ୍ଷାର୍ଥୀଙ୍କ ସହ କ୍ରୀଡ଼ା ପ୍ରଶିକ୍ଷକଗଣ।

# ୧୨ଶହ ପ୍ରଶିକ୍ଷାର୍ଥୀ ସାମିଲ

## ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର

**ରାଉରକେଲା ଅଫିସ,୫।୫**

ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଆୟୋଜିତ ୩୫ତମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ସେବା ବିଭାଗ ସିଜିଏମ ପି. କେ. ସ୍ୱାଇଁ, ହସ୍ପିଟାଲ ପ୍ରଶାସନ, କ୍ରୀଡ଼ା ଓ ବିମାନ ବନ୍ଦରର ଜିଏମ୍ ଆର. କେ. ବର୍ମା ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଶିବିରରେ ୧୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ, ଯୁବମାନସ ଓ ପ୍ରତିଭା ଗଢିବା କ୍ଷେତ୍ରରେ କ୍ରୀଡ଼ାର ବିଶେଷ ଭୂମିକା ସର୍ବଦା ଅତୁଳନୀୟ। କ୍ରୀଡ଼ା ଶଙ୍ଖଳା ଶିକ୍ଷା ଦେଇଥାଏ ଏବଂ ଦଳଗତ ଭାବନାକୁ ଉତ୍ସାହିତ କରିବା ସହ ନେତୃତ୍ୱ ଗୁଣରେ ବୃଦ୍ଧି ଆଣେ। ଏହା ସାମଗ୍ରିକ ବିକାଶରେ ସାହାଯ୍ୟ କରେ, ଯାହା ପିଲାମାନଙ୍କ ବ୍ୟକ୍ତିତ୍ୱ ବିକାଶ ତଥା ପାଠ୍ୟ ଏବଂ ବୃତ୍ତିଗତ ଅଭିବୃଦ୍ଧିରେ ସହାୟକ ହୋଇଥାଏ ବୋଲି ମୁଖ୍ୟ ଅତିଥି କହିଥିଲେ। ପ୍ରାରମ୍ଭରେ ଆର. କେ. ବର୍ମା ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ବିଭାର ସହକାରୀ ପ୍ରବନ୍ଧକ ଆର. ଏନ. ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ସିଆରଏମ୍ ବିଭାଗ ସିନିୟର ଟେକ୍ନିସିଆନ ଏ. କେ. ମଲ୍ଲିକ ଶିବିର ସଂଯୋଜନା କରିଥିଲେ। ଶିବିରରେ କ୍ରୀଡା ପ୍ରଶିକ୍ଷାର୍ଥୀ ଛାତ୍ରୀଛାତ୍ରଙ୍କୁ ଆଥେଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟ ବଲ, ବକ୍ସିଂ, ଚେସ୍, କ୍ରିକେଟ, ସାଇକ୍ଲିଂ, ଫୁଟବଲ, ହକି, କବାଡି, ଟେନିସ ବଲ, ଭଲିବଲ, ଭାରୋତ୍ତଳନ ଏବଂ ଯୋଗ ଆଦି ୧୪ଟି ବର୍ଗରେ କ୍ରୀଡ଼ା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଅଭିଜ୍ଞ ପ୍ରଶିକ୍ଷକମାନେ ସେମାନଙ୍କୁ କ୍ରୀଡା ପ୍ରଶିକ୍ଷଣ ପ୍ରଦାନ କରିବେ। ସମସ୍ତ କ୍ରୀଡା ପ୍ରଶିକ୍ଷଣ ଇସ୍ପାତ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ ବଲ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ ଏବଂ ଇସ୍ପାତ ଷ୍ଟାଡିୟମର ଚେସ ହଲରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଉତ୍ପାଦନ କ୍ଷେତ୍ରରେ ଆର୍‌ଏସ୍‌ପିର ଶ୍ରେଷ୍ଠ ପ୍ରଦର୍ଶନ

**ରାଉରକେଲା ଅଫିସ,୫।୫**

ଆର୍‌ଏସ୍‌ପି ୨୦୨୩ ଏପ୍ରିଲ ମାସରେ ପ୍ରମୁଖ ଉତ୍ପାଦନ କ୍ଷେତ୍ର ଗୁଡ଼ିକରେ ଆରମ୍ଭରୁ ଏପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ସହ ୨୦୨୩-୨୪ ଆର୍ଥିକ ବର୍ଷ ଆରମ୍ଭ କରିଛି। ଇସ୍ପାତ କାରଖାନା ଏପ୍ରିଲ ମାସରେ ୩୭୩୪୮୪ ଟନ୍ ଉତ୍ତପ୍ତ ଧାତୁ ଏବଂ ୩୪୨୪୧୧ ଟନ୍ ଅଶୋଧିତ ଇସ୍ପାତ ଓ ୩୦୦୬୧୬ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ପୂର୍ବକ ଏହି ସମସ୍ତ କ୍ଷେତ୍ରରେ ଏପ୍ରିଲ ମାସ ନିମନ୍ତେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ-୫ ୨୪୨୧୬୦ ଟନ୍ ଉତ୍ତପ୍ତ ଧାତୁ ଉତ୍ପନ୍ନ କରି ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିବା ବେଳେ ଷ୍ଟିଲ ମେଲ୍ଟିଙ୍ଗ ଶପ୍-୧ ଏବଂ ୨ ବିଭାଗ ଯଥାକ୍ରମେ ୪୪୦୧୩ ଓ ୨୯୮୪୦୮ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ପୂର୍ବକ ସର୍ବଶ୍ରେଷ୍ଠ ଏପ୍ରିଲ ମାସ ପ୍ରଦର୍ଶନ ହାସଲ କରିଥିଲେ। ୨୦୨୨ ଏପ୍ରିଲ ତୁଳନାରେ ୫.୩ପ୍ରତିଶତ ଅଭିବୃଦ୍ଧି ସହିତ ୬୦୫୮୮୪ ସିଣ୍ଟର ଯୋଗାଇ ସିଣ୍ଟର ପ୍ଲାଣ୍ଟଗୁଡିକ ଉତ୍କୃଷ୍ଟ ପ୍ରଦର୍ଶନରେ ସହଯୋଗ କରିଥିଲେ। ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ୩୧୨୧୮୮ଟନ ସିଣ୍ଟର ଉତ୍ପାଦନ ସହିତ ଯେକୌଣସି ଏପ୍ରିଲ ମାସ ପାଇଁ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା। ଏଥିସହ ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗ ଆଲୋଚ୍ୟ ମାସରେ ସମୁଦାୟ ୧୫୮୩୨୧ ଟନ୍ ଏଚଆର କଏଲ ଉତ୍ପାଦନ କରି ଏହାର ଅଦ୍ୟାବଧି ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା। ଆରଏସପି କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୩ ବିଭାଗ ମଧ୍ୟ ସିପିପି-୧ ଓ ୩ରୁ ହାରାହାରି ୭୬.୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରି ଏହାର ସର୍ବଶ୍ରେଷ୍ଠ ଉତ୍ପାଦନ ରେକର୍ଡ ହାସଲ କରିଛି। ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆରଏସ୍‌ପି ସାମୁଦାୟିକଙ୍କୁ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ। ଏଭଳି ପ୍ରଦର୍ଶନ ଧାରାକୁ ବଜାୟ ରଖିବା ପାଇଁ ଗୁରତ୍ୱାରୋପ କରିବା ସହ ଆର୍ଥିକ ବର୍ଷର ଅବଶିଷ୍ଟ ଅବଧିରେ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ପ୍ରଚେଷ୍ଟା କରିବାକୁ ଅନୁପ୍ରେରିତ କରିଥିଲେ। ସୁରକ୍ଷା ଓ ଗୁଣବତା ଉପରେ ଧ୍ୟାନ କେନ୍ଦ୍ରୀତ କରିବାକୁମଧ ସେ ପରାମର୍ଶ ଦେଇଥିଲେ।

# ଉତ୍କଳ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ ନିର୍ବାଚନ


ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ନିର୍ବାଚନରେ ମତଦାନ କରାଯାଉଛି ।

**ରାଉରକେଲା ଅଫିସ, ୫।୫**

ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲାରେ ଆସୋସିଏଶନର ମୋଟ ୮୨୨ଜଣ ସଦସ୍ୟ ରହିଛନ୍ତି। ଜିଲାର ସମୁଦାୟ ୧୪ଟି ଜୋନ୍‌ରେ ଏହି ନିର୍ବାଚନ ହୋଇଥିବା ବେଳେ ରାଉରକେଲା ୧୯ ନମ୍ବର ଜୋନ୍ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବା ଜଣାପଡିଛି। ଲାଠିକଟା ଏବଂ ରଘୁନାଥପାଲ୍ଲୀ ଜୋନ୍‌ରେ ମୋଟ ୮ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ୧୦୬ଜଣ ସଦସ୍ୟ ଭୋଟ ଦେଇଛନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ଜିଲାର ସମୁଦାୟ ୨୮ଜଣ କାର୍ଯ୍ୟକାରୀ କମିଟି କର୍ମକର୍ତ୍ତା ସଭାପତି ଏବଂ ସମ୍ପାଦକ ଭାବେ ମନୋନିତ ହେବେ। ମନୋଜ କୁମାର ସାବତ ଏବଂ ଶ୍ରୀପତି ରଞ୍ଜନ ଜେନା ବିଜୟୀ ହୋଇଥିବା ବେଳେ ରାତ୍ରି ଯାଏ ନିର୍ବାଚନ ପ୍ରକ୍ରିୟା ଚାଲିଥିଲା ବୋଲି ସୂଚନା ମିଳିଛି। ପ୍ରିଜାଇଡିଂ ଅଧିକାରୀ ଭାବେ ନରେନ୍ଦ୍ର ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଛନ୍ତି।

# ଏନ୍‌ଟିପିସି ପକ୍ଷରୁ ବାଳିକା ସଶକ୍ତୀକରଣ କର୍ମଶାଳା



**ସୁନ୍ଦରଗଡ,୫।୫(ଡି.ଏନ.ଏ)**

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତିକରଣ କର୍ମଶାଳା-୨୦୨୩ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ଦର୍ଲିପାଲି, ରାଇଡିହି, ଲୋଇସିଂ ଏବଂ ଲାଇକେରା ନିକଟ ଗ୍ରାମରୁ ୧୨୦ ଜଣ ବାଳିକା ଯୋଗ ଦେଇଛନ୍ତି। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କର୍ମଶାଳାକୁ ଉଦଘାଟନ କରିଛନ୍ତି । ଏ.କେ ଟଣ୍ଡନ, ମୁଖ୍ୟ ଜେନେରାଲ ମ୍ୟାନେଜର (ଏନଟିପିସି ଦର୍ଲିପାଲି), ପ୍ରୋଜେକ୍ଟର ମୁଖ୍ୟ ନିରଜ ଜାଲୋଟା ଏବଂ ଏନଟିପିସି ଦର୍ଲିପାଲି ଏବଂ ଦୁଲଙ୍ଗାର ଅନ୍ୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଉଦଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟିକା ଟେଟେ ଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିଥିଲେ ଏବଂ ସେମାନଙ୍କୁ ନିଷ୍ଠାର ସହ ଅଧ୍ୟୟନ କରିବାକୁ ପ୍ରେରଣା ଦେଇଥିଲେ। ଜୀବନରେ ଆତ୍ମବିଶ୍ୱାସ ଏବଂ ଅନ୍ୟାନ୍ୟ ସାମାଜିକ ଦକ୍ଷତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଆହୁରି ମଧ୍ୟ ସେ କର୍ମଶାଳା ପରିଚାଳନା ଏବଂ ନିକଟସ୍ଥ ବାଳିକା ପ୍ରାର୍ଥୀଙ୍କ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଏନଟିପିସି ଦର୍ଲିପାଲିର ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଏନଟିପିସି ଦର୍ଲିପାଲିର ମୁଖ୍ୟ ଜେନେରାଲ ମ୍ୟାନେଜର କର୍ମଶାଳା ବିଷୟରେ ସଂକ୍ଷେପରେ କହିଥିଲେ। କର୍ମଶାଳାରେ ବାଳିକାମାନଙ୍କ ପରିପକ୍ୱ ମାନସିକତା ଓ ସାମାଜିକ ଦକ୍ଷତା ବୃଦ୍ଧି ଉପରେ ପ୍ରସ୍ତୁତ କରାଯିବ। ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଗାଁର ସରପଞ୍ଚ,ଅଭିଳାଷା ଲେଡିସ କ୍ଲବର କର୍ମକର୍ତ୍ତା ଉପସ୍ଥିତ ରହି ବାଳିକା ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# ଜିଲା ବରିଷ୍ଠ ନାଗରିକ ଫୋରମର ବୈଠକ

**ଦେବଗଡ଼, ୫।୫(ଡିଏନ.ଏ)**

ସ୍ଥାନୀୟ ସେଣ୍ଟର୍ ଫର୍ କଲଚର୍ କଲ୍ୟାଣ ମଣ୍ଡପ ଠାରେ ଶୁକ୍ରବାର ଜିଲା ବରିଷ୍ଠ ନାଗରିକ ଫୋରମର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୋଗେଶ୍ୱର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଜିଲା ବରିଷ୍ଠ ନାଗରିକ ଫୋରମର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି ଦେବଗଡ ଜିଲାର ଉନ୍ନୟନ ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାରେ ଏକ ବୃଦ୍ଧାଶ୍ରମ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ସେହିପରି ଜିଲା ବରିଷ୍ଠ ନାଗରିକ ଫୋରମର ବୈଠକ ଆୟୋଜନ ପାଇଁ ଖାଲି ପଡିଥିବା କୋଠରୀ ପ୍ରଦାନ ପାଇଁ ସେମାନେ ବର୍ଷବର୍ଷ ଧରି ଜିଲା ପ୍ରଶାସନ ନିକଟରେ ଗୁହାରୀ କରୁଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଫୋରମର କର୍ମକର୍ତ୍ତାମାନେ ଗତ ମାର୍ଚ୍ଚ ୧୧ ତାରିଖ ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ଦୀର୍ଘ ୩ ଘଣ୍ଟା ଅପେକ୍ଷା କରିଥିଲେ ହେଁ ଜିଲାପାଳଙ୍କ ସାକ୍ଷାତ ମିଳିନଥିବାରୁ ଉକ୍ତ ବୈଠକରେ ଦୁଃଖ ପ୍ରକାଶ କରାଯାଇଥିଲା। ଫୋରମର ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପଛୁଆବର୍ଗଙ୍କ ସର୍ଭେ ତଦାରଖ କଲେ ଅଧିକାରୀ

**କେସିଙ୍ଗା,୫।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିକୁ ଶ୍ରମ ବିଭାଗ ପକ୍ଷରୁ ତଦନ୍ତକାରୀ ଅଧିକାରୀଭାବେ ଅଶୋକ କୁମାର ପଣ୍ଡା ଶୁକ୍ରବାର ପହଞ୍ଚି ପଛୁଆ ବର୍ଗଙ୍କ ସର୍ଭେ ତଦନ୍ତ କରିଥିଲେ। ସାରା ରାଜ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ନେଇ ସର୍ଭେ ଚାଲିଥିବା ବେଳେ କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିରେ ମଧ୍ୟ ମେ ୧ରୁ ଆରମ୍ଭ ହୋଇଛି। ସହରରେ ୧୨ଟି କେନ୍ଦ୍ରରେ ସକାଳ ୮ ଟା ରୁ ୧୨ ଓ ଅପରାହ୍ନ ୩ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ସୁରୁଖୁରୁରେ ସର୍ଭେ କାମ ଚାଲିଛି।

# ଆନନ୍ଦ ମାର୍ଗ ପ୍ରତିଷ୍ଠାତାଙ୍କ ଜନ୍ମ ମହୋତ୍ସବ ପାଳିତ

## ଦେବଗଡ଼ ସହର

**ଦେବଗଡ଼, ୫।୫(ଡି.ଏନ.ଏ )**

ପବିତ୍ର ବୈଶାଖ ପୂର୍ଣ୍ଣୀମା ଅବସରରେ ଆନନ୍ଦ ମାର୍ଗ ପ୍ରଚାରକ ସଂଘ, ଦେବଗଡ ଶାଖା ପକ୍ଷରୁ ଦେବଗଡ ପୌରାଞ୍ଚଳ ପୁରୁଣାଗଡ ସ୍ଥିତ ମାଇକ୍ରୋଭାଇଟା ରିସର୍ଚ୍ଚ ଏକାଡେମୀ ପରିସରରେ ଆନନ୍ଦ ମାର୍ଗର ପ୍ରତିଷ୍ଠାତା ଶ୍ରୀଶ୍ରୀ ଆନନ୍ଦ ମୂର୍ତ୍ତୀଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ସମ୍ବଲପୁର ଡାୟୋସିସର ସମ୍ପାଦକ ଆଚାର୍ଯ୍ୟ କୃଷ୍ଣସରାୟାନନ୍ଦ ଅବଧୁତ ଓ ମୁଖ୍ୟ ବକ୍ତା ଭାବେ ଦେବଗଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଲୋକନାଥ ପ୍ରଧାନ ଯୋଗଦେଇ ସଂଘର ପ୍ରତିଷ୍ଠାତା ଶ୍ରୀଶ୍ରୀ ଆନନ୍ଦ ମୂର୍ତୀଙ୍କ ଜୀଭନୀ ଉପରେ ଆଲୋକପାତ କରିଥିଲେ ।
 ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲାର ସନ୍ୟାସୀ ଆଚାର୍ଯ୍ୟ ଜୀବନପ୍ରେମାନନ୍ଦ ଅବଧୁତ, ସରୋଜିନି ପ୍ରଧାନ, ପଳସମା କଲେଜର ଅଧକ୍ଷ ଦିବ୍ୟସୁନ୍ଦର ଗଡନାୟକ ଓ ଡାଏଟର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଶରତଚନ୍ଦ୍ର ସେଠ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ସନ୍ଧ୍ୟା ପର୍ଯ୍ୟନ୍ତ ପଞ୍ଚଜନ୍ୟ, ପ୍ରଭାତ ସଂଗୀତ ଗାନ ଓ ଅଖଣ୍ଡ ସଂକୀର୍ତ୍ତନ, ଈଶ୍ୱର ପ୍ରଣିଧାନ, ମିଳିତ ସାଧନା, ଯୋଗାସନ ପ୍ରଶିକ୍ଷଣ, ସ୍ୱାଧ୍ୟାୟ, ଆନନ୍ଦ ବାଣୀ ପାଠ ଓ ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଆୟୋଜନରେ ତପେଶ ଦେବ, ବ୍ରହ୍ମଦତ ପ୍ରଧାନ, ରାକ୍ଷୀ ସିଂ, କଲ୍ୟାଣୀ ଶର୍ମା, ଧ୍ୟାନେଶ ଦେବ, ରେକରୁ ନାୟକ ଓ ଶ୍ରୀନିବାସ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

# ଅକାରଣରେ ମାଡ଼ ମାରିବା ସହ ମିଥ୍ୟା ମାମଲାରେ କୋର୍ଟ ଚାଲାଣ

## ନ୍ୟାୟ ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେଲେ ହୋଟେଲ ମାଲିକଙ୍କ ସ୍ତ୍ରୀ

**ଦେବଗଡ଼, ୫।୫(ଡି.ଏନ.ଏ.)**

ଗତ ୩ ତାରିଖ ରାତିରେ କୁଣ୍ଢେଇଗୋଳା ଥାନା ପୋଲିସ କାଳିପଥର ଗ୍ରାମରେ ଥିବା ଏକ ଢାବାର ମାଲିକ ଭରତ ବେହେରାଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇଥିବା ବେଳେ ଶୁକ୍ରବାର ଭରତଙ୍କ ସ୍ତ୍ରୀ ଚେତନା ବେହେରା କୁଣ୍ଢେଇଗୋଳା ଥାନା ଅଧିକାରୀଙ୍କ ବିରୁଦ୍ଧରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଭରତଙ୍କ ସ୍ତ୍ରୀ ଚେତନା ତାଙ୍କ ସମ୍ପର୍କୀୟ ସମ୍ପର୍କୀୟାଙ୍କ ସହିତ ଦେବଗଡ ଜିଲା ଅରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ରଥଙ୍କୁ ସାକ୍ଷାତ କରି ଏନେଇ ଅଭିଯୋଗ କରିଥିବା ଜଣାପଡିଛି । ଭରତଙ୍କ ସ୍ତ୍ରୀ ଚେତନାଙ୍କ ଅଭିଯୋଗ ଅନୁଯାୟୀ ଗତ ୩ ତାରିଖ ରାତିରେ କାଳିପଥ ଗ୍ରାମରେ ଥିବା ଢାବାରେ ଭରତ, ଚେତନା ବେହେରା ଓ ହୋଟେଲ କର୍ମଚାରୀମାନେ ଥିବାବେଳେ ରାତ୍ରି ପ୍ରାୟ ୧୧ଟାରୁ ୧୧ ଟା ୩୦ ମଧ୍ୟରେ କୁଣ୍ଢେଇଗୋଳା ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ସନ୍ତୋଷ ସେଠୀ ବିଭାଗୀୟ ଡ୍ରାଂଇଭର ଓ ଅନ୍ୟ କର୍ମଚାରୀମାନଙ୍କ ସହିତ ଏକ ଜିପରେ ସେଠାରେ ପହଞ୍ଚିଥିଲେ। ଏଥିସହ ହୋଟେଲ ଭିତରକୁ ପଶିଆସି ହୋଟେଲ ମାଲିକ ଭରତଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ରାତିରେ କାହିଁକି ହୋଟେଲ ଖୋଲିଚୁ' କହିବା ସହ କୁଆଡେ ନିଶାଶକ୍ତ ଅବସ୍ଥାରେ ତାଙ୍କୁ ରୋଲ ବାଡିରେ ପିଟିଥିଲେ । ସେହିପରି କୁଆଡେ ବିଧା ଗୋଇଠା ମଧ୍ୟ ମାରି ଟଣାଓଟରା କରିବାରୁ ଭରତ ତଳେ ପଡିଯାଇଥିଲେ । ଭରତଙ୍କ ସ୍ତ୍ରୀ ଚେତନା ପୋଲିସର ଏଭଳି ଆଚରଣ ନେଇ ଆପତ୍ତି ଉଠାଇବାରୁ ଭାରପ୍ରାପ୍ତ ଇନ୍ସପେକ୍ଟର ସେଠୀ କୁଆଡେ ତାଙ୍କୁ ମଧ୍ୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାସହ କଠୋର ଦଫା ଲଗାଇ ତାଙ୍କ ସ୍ୱାମୀ ଭରତଙ୍କୁ ଜେଲରେ ପୁରାଇ ଦେବାକୁ ଧମକ ଦେଇଥିଲେ। ଏହାପରେ ରାତ୍ରୀ ପ୍ରାୟ ୧୨ଟାରେ ପୋଲିସ କର୍ମଚାରୀଙ୍କ ସହାୟତାରେ ଭରତଙ୍କୁ ଜୋର ଜବରଦସ୍ତ ଉଠାଇନେବା ସହ ଜିପ ମଧ୍ୟରେ ଫିଙ୍ଗି ଦେଇ କୁଣ୍ଢେଇଗୋଳା ଥାନାକୁ ନେବାସହ ଭରତଙ୍କ ବିରୁଦ୍ଧରେ ମିଥ୍ୟା ମୋକଦ୍ଦମା କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟପକ୍ଷରେ ରାତ୍ରି ପ୍ରାୟ ୩ଟାରେ କୁଣ୍ଢେଇଗୋଳା ଥାନା ଅଧିନସ୍ଥ ଖଇରପାଲି ଫାଣ୍ଡିର ଫାଣ୍ଡି ଅଧିକାରୀ ଉକ୍ତ ହୋଟେଲରେ ପହଞ୍ଚି ଚେତନାଙ୍କ ଉପସ୍ଥିତିରେ ହୋଟେଲର କର୍ମଚାରୀମାନଙ୍କ ଠାରୁ ମୋବାଇଲ ଫୋନ ମଧ୍ୟ ନେଇଯାଇଥିଲେ। କେବଳ ଏତିକି ନୁହେଁ, କୁଣ୍ଢେଇଗୋଳା ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ସେଠୀ ହୋଟେଲର କେଶ ବାକ୍ସରୁ ନଗଦ ୩୦ ହଜାର ଟଙ୍କା ନେଇଯାଇଥିବା ମଧ୍ୟ ଭରତଙ୍କ ସ୍ତ୍ରୀ ଚେତନା ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, କୋର୍ଟ ଚାଲାଣ ହେବାପରେ ଭରତ ବର୍ତ୍ତମାନ ବିଚାରାଧିନ ବନ୍ଦୀ ଭାବେ ଜେଲ ହାଜତରେ ରହିଥିବା ଜଣାପଡିଛି। ତେବେ ସେ ଯାହା ହେଉନା କାହିଁକି ଏ ଘଟଣାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚିତ ହେବ ଏବଂ ପ୍ରକୃତ ଦୋଷୀ ଦଣ୍ଡ ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବାକୁ ଆସିଛନ୍ତି।

## ସଂକ୍ଷେପରେ

### ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଶାନ୍ତି କମିଟି ବୈଠକ



ବରପାଲି,୫।୫ (ଡି.ଏନ.ଏ.): ବରପାଲିର ୧୪୬ ତମ ଶୀତଳ ଷଷ୍ଠୀ ଯାତ୍ରା ମେ' ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯାତ୍ରାର ସୁପରିଚାଳନା ପାଇଁ ଶୁକ୍ରବାର ସନ୍ଧ୍ୟାରେ ବରପାଲି ଥାନା ପରିସରରେ ଏସ୍‌ଡିପିଓ ଅମୃତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପାଲି ତହସିଲଦାର ରୁକ୍ମଣ ମେହେର, ଆଇଆଇସି ସବିତାଲତା ସେଠୀ, ବରପାଲି ଦମକଳ କେନ୍ଦ୍ର ଅଧିକାରୀ ଉମାଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯାତ୍ରାର ସୁପରିଚାଳନା ପାଇଁ ଟ୍ରାଫିକ ବ୍ୟବସ୍ଥା କଡ଼ାକଡି କରାଯିବା ସହ ସନ୍ଧ୍ୟା ସମୟରେ ଭାରିଯାନ ଚଳାଚଳ ବନ୍ଦ କରାଯିବା, ସହରରେ ବେଆଇନ ମଦ ବନ୍ଦ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ଆଦି ବିଷୟରେ ବିଶଦ ଆଲୋଚନା ହୋଇଥିଲା। ବୈଠକରେ ନଗରପାଳ ଦିନେଶ ଗହୀର, ଲାଲ ବିକ୍ରମ ସିଂଦେଓ, ଶୀତଳ ଷଷ୍ଠୀ ଯାତ୍ରା କମିଟି ସମ୍ପାଦକ ଜୟନ୍ତ ତ୍ରିପାଠୀ, ପିନାକୀ ଦାଶ, ପ୍ରଶାନ୍ତ କୁମାର ସାହୁ, ଚନ୍ଦନ କୁମାର ସାହୁ, ସୁବ୍ରତ ସାହୁ, ସୁବ୍ରତ ଚିନ୍ଦ୍ରା, ଦେବେନ୍ଦ୍ର ସାହୁ, ହିମାଦ୍ରି ନଗର ଯାତ୍ରା କମିଟି ସଭାପତି ଚିତ୍ତ ରଞ୍ଜନ ସାହୁ, ଚିତ୍ତ ରଞ୍ଜନ ମିଶ୍ର, ପଦ୍ମଲୋଚନ ପଣ୍ଡା, ଶରତ ପାଣିଗ୍ରାହୀ, ଟିକାୟତ ମହନ୍ତମ, ଭରତ ଗହୀର, ଖବରଦାତା ପଦ୍ମଲୋଚନ ସାହୁ, ବାଲ କିଶୋର ଖାଡଙ୍ଗା, ହର୍ଷ ବେହେରା, ବଣିକ ସଂଘ ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଅଶୋକ କୁମାର ପାତ୍ର ଉପସ୍ଥିତ ଥିଲେ।

### ସହରର ମଧ ଭାଗରେ ଆଲୋକୀକରଣ

ଖଡ଼ିଆଳ,୫।୫ (ଡି.ଏନ.ଏ)-ନୂଆପଡା ଜିଲା ଖଡ଼ିଆଳ ସହର ମଧରେ ୩୫୩ ନମ୍ବର ଜାତୀୟ ରାଜପଥ ଦୀର୍ଘ ୪ କିଲୋମିଟର ଅତିକ୍ରମ କରିଅଛି। ଏହି ଜାତୀୟ ରାଜପଥ ମଧ ଭାଗରେ ସଡ଼କ ଆଲୋକ ସେବା ଆରମ୍ଭ ହୋଇଛି। ଆଲୋକ ସେବା ଆରମ୍ଭ ପରେ ଖଡ଼ିଆଳ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥିବା ଦେଖାଦେଇଛି। ୨୪ ଲକ୍ଷ ବ୍ୟୟ ଅଟକଳରେ ଆମ୍ବେଦକର ଛକ ଠାରୁ ବୋଡ଼େନ ଛକ ଆଲୁଅ ସେବା ଲୋକାର୍ପିତ ହୋଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି।

### ଭିଆଇପି ରାସ୍ତାରେ ଡ୍ରେନ୍ ନିର୍ମାଣ ଦାବି

ସମ୍ବଲପୁର,୫।୫(ବ୍ୟୁରୋ): ସଂସ୍କୃତି ସମ୍ପନ୍ନ ସମ୍ବଲପୁର ସହରରେ ବିବିଧ ସମସ୍ୟା ଲାଗି ରହିଛି। ସହରରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଚାଲିଛି। କିନ୍ତୁ କୌଣସି ପ୍ରକଳ୍ପ ଠିକ୍ ଭାବେ ସମ୍ପୂର୍ଣ୍ଣ ହେଉ ନାହିଁ। ଅତ୍ୟାଧୁନିକ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ସରିବା ପରେ ଦୀର୍ଘଦିନ ଧରି ବନ୍ଦ ରହିଥିଲା। ସହରବାସୀ ଦାବି କରିବା ପରେ ଏହା ଉଦ୍‌ଘାଟିତ ହୋଇଥିଲା। ଏହି ଫ୍ଲାଏଓଭର ବ୍ୟସ୍ତବହୁଳ ରାସ୍ତାରେ ନିର୍ମିତ ହୋଇଛି। ଏଥିରେ ଭିଆଇପି ରୋଡ଼ ମଧ ଅଛି। ପରିତାପର ବିଷୟ ଏହି ଭିଆଇପି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ତିଆରି ହୋଇନାହିଁ।

# ଡାକ୍ତରଖାନା ପାଇଖାନାରେ ଜନ୍ମହେଲା ଶିଶୁକନ୍ୟା

### ପାଇଖାନା ପ୍ୟାନ୍ ଭିତରୁ ଗୁରୁତର ଅବସ୍ଥାରେ ଉଦ୍ଧାର

ବରଗଡ଼ ଅଫିସ,୫।୫

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଡାକ୍ତରଖାନା ପାଇଖାନାରେ ଜଣେ ମହିଳା ଶିଶୁକନ୍ୟା ଜନ୍ମ ଦେଇଥିବାବେଳେ ପାଇଖାନା ପ୍ୟାନ୍ ଭିତରୁ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଉକ୍ତ ଡାକ୍ତରଖାନାରେ ଶିଶୁକନ୍ୟାର ଚିକିତ୍ସା ଚାଲିଛି।

ସୂଚନା ଅନୁସାରେ, ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା କକରାଝୁରି ଗ୍ରାମର ବିପିନ ମିର୍ଦ୍ଧା ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀ ସନ୍ତୋଷିନୀଙ୍କୁ ଗୁରୁବାର ରାତି ପ୍ରାୟ ୧୧ଟାରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେତେବେଳେ ଡାକ୍ତର ନ ଥିବାରୁ କେହି ସନ୍ତୋଷିନୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ନ ଥିଲେ। ଶୁକ୍ରବାର ସକାଳ ପ୍ରାୟ ସାଢେ ୭ଟାରେ ସନ୍ତୋଷିନୀ ଶୌଚ ପାଇଁ ଡାକ୍ତରଖାନାରେ ଥିବା ପାଇଖାନାକୁ ଯାଇଥିଲେ। ଶୌଚ ସମୟରେ ନବଜାତ ଶିଶୁକନ୍ୟା ଜନ୍ମ ହୋଇ ପାଇଖାନା ପ୍ୟାନ୍ ଭିତରକୁ ଅଧେ ଶରୀର ପଶିଯାଇଥିଲା। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା



ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରସୂତି ଚିକିତ୍ସାଧୀନ ଅଛନ୍ତି।

ଲୋକେ ଏବଂ ସ୍ୱାସ୍ଥ୍ୟକର୍ମୀ ଶିଶୁକନ୍ୟାକୁ ପ୍ୟାନ୍‌ରୁ ଉଦ୍ଧାର କରିଥିଲେ ବୋଲି ସନ୍ତାଷିନୀ କହିଛନ୍ତି। ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ, ସେଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦରକାର ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ଏଡିଏମ୍‌ଓ) ଡା. ବି. ବି. ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଗୁରୁବାର ରାତିରେ ଡାକ୍ତରଖାନାରେ ଡାକ୍ତର ଥିଲେ। ଶୁକ୍ରବାର ସକାଳେ ଉକ୍ତ ମହିଳାଙ୍କ ପ୍ରସବ ବେଦନା ହୋଇଥିଲା। ସେ ପାଇଖାନାକୁ ପରିସ୍ରା ପାଇଁ ଯାଇଥିବା ବେଳେ ସନ୍ତାନ ପ୍ରସବ ହୋଇଥିଲା। ବର୍ତ୍ତମାନ ଶିଶୁଟି ସୁସ୍ଥ ଅଛି ବୋଲି ଡା.ନାୟକ କହିଛନ୍ତି। ଉଲ୍ଲେଖନୀୟ, ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି। ଗର୍ଭବତୀ, ପ୍ରସୂତୀ କିମ୍ବା ନବଜାତ ଶିଶୁର ଚିକିତ୍ସାରେ ଆଦୌ ଅବହେଳା ନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏଭଳି ରୋଗୀ ଡାକ୍ତରଖାନା ପହଞ୍ଚିବା ବେଳେ କେତେବେଳେ ଡାକ୍ତର ଅନୁପସ୍ଥିତ ରହୁଛନ୍ତି ତ ଆଉ କେବେ ଡାକ୍ତର ଉପସ୍ଥିତ ଥିଲେ ସୁଦ୍ଧା ଚିକିତ୍ସାରେ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଡାକ୍ତରଙ୍କ ଅବହେଳା ଯୋଗୁ ଉଚିତ ସ୍ୱାସ୍ଥ୍ୟସେବା ନ ପାଇ ଜଣେ ଆସନ୍ନ ପ୍ରସବା ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରୁ ସହରର ଏକ ଘରୋଇ ନର୍ସିଂହୋମକୁ ଆସିଥିଲେ। ହେଲେ ସେତେବେଳକୁ ଗର୍ଭସ୍ଥ ସନ୍ତାନର ମୃତ୍ୟୁ ହୋଇଯାଇଥିଲା ଏବଂ ଅସ୍ତ୍ରୋପଚାର କରି ଶିଶୁର ମୃତଦେହ ବାହାର କରାଯାଇଥିଲା। ସେହି ଘଟଣାକୁ ସପ୍ତାହେ ବିତି ନ ଥିବାବେଳେ ଶୁକ୍ରବାର ଜିଲା ମୁଖ୍ୟ ଡାକ୍ତରଖାନା ପାଇଖାନାରେ ଶିଶୁ ଜନ୍ମ ହେବା ଘଟଣା ସାମ୍ନାକୁ ଆସିଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

■ ନାବାଳିକାଙ୍କୁ ବଳାତ୍କାର ମାମଲା

ବରଗଡ଼ ଅଫିସ,୫।୫

୨୦୨୨ ଜୁନ ମାସରେ ବରଗଡ଼ ପୌରାଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଗତ ୧ତାରିଖରେ ଏହି ମାମଲାର ଶୁଣାଣି କରି ବରଗଡ଼ ଅତିରିକ୍ତ ଜିଲା ଜଜ୍, ସେସନ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୧ଲକ୍ଷ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟ ହେଲେ ଆଉ ଏକ ବର୍ଷ ଅତିରିକ୍ତ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ, ୨୦୨୨ ଜୁନ ୬ ତାରିଖ ସକାଳ ପ୍ରାୟ ୬ଟା ସମୟରେ ବରଗଡ଼ ୱାର୍ଡ ନଂ. ୧୬ ଅନ୍ତର୍ଗତ ଡ୍ୟାମ କଲୋନୀର ଜଣେ ନାବାଳିକା ଘର ନିକଟସ୍ଥ ଏକ ଦୋକାନକୁ ଟୁଥ୍ ବ୍ରଶ୍ କିଣିବାକୁ ଯାଉଥିଲେ। ଏହି ସମୟରେ ସେହି ୱାର୍ଡ ଅଧୀନ ଗାନ୍ଧୀ ନଗରର କାର୍ତ୍ତିକ ଫରିକାର(୨୭) ତାଙ୍କୁ ଉଠାଇ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ନାବାଳିକା ଜଣକ ରକ୍ତାକ୍ତ ଅବସ୍ଥାରେ କାନ୍ଦି କାନ୍ଦି ଆସି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିବା ପରେ ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ପରେ ନାବାଳିକାଙ୍କ ମା' ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ। ଏହି କ୍ରମରେ ଟାଉନ ଥାନାରେ ଏକ ମାମଲା (ନଂ.୩୦୧/୨୨) ରୁଜୁ କରି ପୋଲିସ ଅଭିଯୁକ୍ତ କାର୍ତ୍ତିକଙ୍କୁ ଗିରଫ କରିଥିଲା। ପ୍ରାୟ ୨୨ ଜଣ ସାକ୍ଷୀ, ପାରିପାର୍ଶ୍ୱିକ ଅବସ୍ଥିତି ଓ ଅନ୍ୟାନ୍ୟ ପ୍ରମାଣକୁ ଭିତ୍ତି କରି ବରଗଡ଼ ଅତିରିକ୍ତ ଜିଲା ଜଜ୍, ସେସନ ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତ କାର୍ତ୍ତିକଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ବିମଳ କିଶୋର ଦେବତା ଓ ଦ୍ୟୁତୀଶ ଆଚାର୍ଯ୍ୟ ପରିଚାଳନା କରିଥିଲେ।

# ଜପହେଲା ୧.୨୫ ଲକ୍ଷ ବିଜ ମନ୍ତ୍ର



ବୈଶାଖ ମେଳାକୁ ଆସିଥିବା ଶ୍ରଦ୍ଧାଳୁମାନେ ନୃସିଂହନାଥ ଝରଣାରେ ବୁଡ଼ ପକାଉଛନ୍ତି।

### ନୃସିଂହନାଥ ବୈଶାଖ ମେଳା ଉଦ୍‌ଯାପିତ

ପାଇକମାଳ,୫।୫(ଡି.ଏନ୍.ଏ.)

ବରଗଡ଼ ଜିଲା ନୃସିଂହନାଥ ପୀଠରେ ୫ଦିନ ଧରି ଚାଲିଥିବା ବୈଶାଖ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବିଶ୍ୱ କଲ୍ୟାଣ ତଥା ମଣିଷ ସମାଜର ଉନ୍ନତି ପାଇଁ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞକୁ ୧୭ ଜଣ ପଣ୍ଡିତ ପରିଚାଳନା କରିଥିଲେ। ଏହାସହ ୧ଲକ୍ଷ ୨୫ହଜାର ନୃସିଂହ ବିଜ ମନ୍ତ୍ର ଜପ କରିଥିଲେ। ଅପରାହ୍ନରେ ପାପହାରିଣୀ ଝରଣାରେ କଳସ ବିସର୍ଜନ କରାଯାଇଥିଲା। ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମଧ୍ୟାହ୍ନରେ ଜୈବିକ ଚାଷ ସମ୍ପର୍କିତ ଏକ ସାଂସ୍କୃତିକ ଶୋଭାଯାତ୍ରା ମେଳା ପରିସର ବୁଲି ଲୋକମାନଙ୍କୁ ସଚେତନ କରିଥିଲା। ବୈଶାଖ ମେଳାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ନଭୋଗ ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ରାଜବୋଡାସମ୍ବର ଗୋଣ୍ଡ ସମାଜ ଧର୍ମଶାଳା ପକ୍ଷରୁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଦୁର୍ଯ୍ୟୋଧନ ପୁଟା, ଭାଗବତିଆ ସିଂ ଦାଉ, ଅଶ୍ୱିନୀ ଧରୁଆ, ଚଇତୁ ସିଂ ଦାଉ, ନରସିଂହ ଧରୁଆ, ଶୋଭାରାମ ଧରୁଆ, ସହଦେବ ଧରୁଆ, ସଫେଦ ସିଦାର ଓ ଗୋଣ୍ଡ ସମାଜର ସଦସ୍ୟ ସହଯୋଗ କରିଥିଲେ। ସ୍କାଉଟ ଓ ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ୩ ଦିନ ଧରି ପାନୀୟ ଜଳ ଓ ମିଠା ସରବତ ବଣ୍ଟନ କରାଯାଇଥିଲା। ସେହିପରି ନିସର୍ଗ ନିବାସରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ହୋଇଥିଲା। କପିଳମୁନି ଆଶ୍ରମ, ଭଗବତ ପୁରଣା ଆଶ୍ରମ, ମହିମା ମଠରେ ପୂଜାର୍ଚ୍ଚନା ହୋମ ହୋଇଥିଲା। ମେଳାରେ ଛତିଶଗଡ଼, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତି ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଡିଓ ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ୧୭ଜଣ ପଣ୍ଡିତଙ୍କୁ ମେଳା କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଗିରିଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷ ଓ ଚାଷୀର ସୁରକ୍ଷା ପାଇଁ ଆନ୍ଦୋଳନ ହେବ

### ଚାଷୀ ମୂଲିଆ ସଂଘର ବୈଠକ

ବୌଦ୍ଧ,୫।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଛତରଙ୍ଗଠାରେ ଶୁକ୍ରବାର ନବଗଠିତ ଚାଷୀମୂଲିଆ ସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ହୃଦାନନ୍ଦ ଦେହୁରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚାଷୀ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଜିଲାର ସମସ୍ତ ଜମିକୁ ଜଳ, ପ୍ରତି ଜିଲାପରିଷଦ ଜୋନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ପ୍ରତି ଚାଷୀଙ୍କୁ ଖରିଫ ପୂର୍ବରୁ ବିନା ସୁଧରେ ଲକ୍ଷେ ଟଙ୍କର ଋଣ ପ୍ରଦାନ, ଚାଷୀଙ୍କ ନିମନ୍ତେ ସ୍ୱତନ୍ତ୍ର ସାମାଜିକ ସୁରକ୍ଷା ଆଇନ ପ୍ରଣୟନ, ସମସ୍ତ ଚାଷୀଙ୍କୁ ୫୦ବର୍ଷ ପରେ ମାସିକ ୬ ହଜାର ଟଙ୍କାର ପେନ୍‌ସନ, ଭୂମିହୀନ ଚାଷୀଙ୍କୁ ଜମି ପ୍ରଦାନ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଣ ଆଦି ଦାବିରେ ଲୋକଙ୍କୁ ସଂଗଠିତ କରି ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବାକୁ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପ୍ରଦୀପ କୁମାର ସାହୁ, ଅଶୋକ ଭୋକ୍ତା, ଅକ୍ଷୟ ବିଶି, ବିଚିତ୍ର ଦେହୁରି, ଗୁପ୍ତେଶ୍ୱର ରଣା, କୁନୁ ପ୍ରଧାନ, ଶରତ ପ୍ରଧାନ, ନରେନ୍ଦ୍ର ସିଂ, ଅଲେଖ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ୨୧ରେ ସଂଘର ପରବର୍ତ୍ତି ବୈଠକ ହେବ ବୋଲି ସଂଘର ଆବାହକ ଅବକାଶ ସାହୁ ପ୍ରକାଶ କରିଛନ୍ତି।

# ଛାତ୍ରୀମାନଙ୍କ ସହ ଜନ୍ମଦିନ ପାଳିଲେ ଜିଲାପାଳ



ଜିଲାପାଳ ଛାତ୍ରୀମାନଙ୍କ ସହ ମଧ୍ୟାହ୍ନଭୋଜନ କରୁଛନ୍ତି।

ବୌଦ୍ଧ,୫।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଡବନ୍ଧ କନ୍ୟାଶ୍ରମ ବିଦ୍ୟାଳୟରେ ଶୁକ୍ରବାର ଜିଲାପାଳ ସତ୍ୟରଞ୍ଜନ ସାହୁ ଛାତ୍ରୀମାନଙ୍କ ସହିତ ଜନ୍ମଦିନ ପାଳନ କରିବା ସହିତ ଗୋଟିଏ ଟେବୁଲରେ ବସି ମଧ୍ୟାହ୍ନଭୋଜନ ଖାଇଛନ୍ତି। ଶନିବାର ଜିଲାର ୨୩ ଗୋଟି ବିଦ୍ୟାଳୟ ୫-ଟିରେ ରୂପାନ୍ତରିତ ହେଉଥିବା ବେଳେ ବଡବନ୍ଧ କନ୍ୟାଶ୍ରମ ଏଥିରେ ସାମିଲ ହୋଇଛି। ଉକ୍ତ ବିଦ୍ୟାଳୟରେ ଉଦ୍‌ଘାଟନୀ ଉତ୍ସବ ହେବାକୁ ଥିବାରୁ ଜିଲାପାଳ ଶୁକ୍ରବାର ବିଦ୍ୟାଳୟକୁ ଯାଇ ସମୀକ୍ଷା ବୈଠକ କରିଥିଲେ । ବିଦ୍ୟାଳୟର ବିଭିନ୍ନ ସମସ୍ୟା ବୁଝିବା ସହ ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲା ସୁଚନା ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଷ୍ଟ ପ୍ରହର ନାମ ଯଜ୍ଞ

ନୂଆପଡା ଅଫିସ,୫।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରାଣୀ ମୁହାସ ଠାରେ ବୈଶାଖ ମେଳା ଉପଲକ୍ଷେ ଅଷ୍ଟ ପ୍ରହର ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଅଞ୍ଚଳବାସୀଙ୍କ ଉଦ୍ୟମରେ ନାମ ଯଜ୍ଞ ଆୟୋଜିତ ହେଉଛି । ଏଥିରେ ୬ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଛନ୍ତି। ମାନସିଂ ଧରୁଆ ଓ ତାଙ୍କ ସ୍ତ୍ରୀ କଳାବତୀ ଧରୁଆ କର୍ତ୍ତା ଭାବରେ ଦାୟୀତ୍ୱ ତୁଲାଇ ଥିବାବେଳେ ପୂଜକ ଶୁଶିଳ ତ୍ରିପାଠୀ ଓ ଜପକ ଭାବରେ ରିଙ୍କୁ ଦାସ ରହିଥିଲେ। ଏହି ଅବସରରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି,ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ମୁରଲିଧର ଭୋଇ,ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ସୁଧିର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଯଜ୍ଞବେଦୀ, କମ୍ୟୁନିଟି ହଲ, ପକ୍କା ରାସ୍ତା କରିବା ପାଇଁ ମନ୍ତ୍ରୀ ଢୋଲକିଆ ପ୍ରତିଶୃତି ଦେଇଛନ୍ତି। ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଓ ଯଜ୍ଞ ପରିଚାଳନା କମିଟି ପକ୍ଷରୁ ଅନ୍ନ ଭୋଜନ ବ୍ୟବସ୍ଥା କରା ଯାଇଥିଲା। ପରିଚାଳନା କମିଟି ସଭାପତି ଦୁଷ୍ମନ୍ତ ମାଝି,ସମ୍ପାଦକ ଯୁଧିଷ୍ଠିର ଧରୁଆ ପରିଚାଳନା କରୁଥିବା ବେଳେ ଗଙ୍ଗାରାମ ଧରୁଆ, ଗଙ୍ଗାରାମ ମାଝି, ଦେବସିଂ ଧରୁଆ,ବରୁଣ ମାଝି,ପୁରନ ମାଝି, ନରେନ ଧରୁଆ, ପୁରନ ଧରୁଆ, ପବିତ୍ର ଧରୁଆ, ଧରମ ସିଂ ମାଝି, ରାଜ କୁମାର ଧରୁଆ, ଲକ୍ଷ୍ମଣ ମାଝି, ଜଗନ୍ନାଥ ଧରୁଆ, ଡିଙ୍ଗର ମାଝି, ଶଶିଭୂଷଣ ମାଝି, ଡମ୍ବରୁ ମାଝି, ଦଉଚନ ମାଝି ସହଯୋଗ କରିଥିଲେ ।

# ଜିଲାର ପ୍ରଥମ କମ୍ୟୁନିଟି ରେଡିଓ ଷ୍ଟେଶନ ଉଦ୍‌ଘାଟିତ

ବୌଦ୍ଧ,୫।୫(ସ୍ୱ.ପ୍ର.)

ହରଭଙ୍ଗା ବ୍ଲକର ନାରାୟଣପୁରସ୍ଥିତ ସେବାବିହାରଠାରେ ଜିଲାର ପ୍ରଥମ କମ୍ୟୁନିଟି ରେଡିଓ ଷ୍ଟେଶନ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ସତ୍ୟରଞ୍ଜନ ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଯୋଗ ଦେଇଥିଲେ। ଜିଲାପାଳ ପ୍ରଥମ ରେଡିଓ ବାର୍ତ୍ତା ପଢିଥିଲେ। ସଭାରେ ସେବାବିହାର ସମ୍ପାଦକ ପ୍ରଭାସ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ।

# ଖଡ଼ିଆଳରେ ବଢୁଛି ଟ୍ରାଫିକ ସମସ୍ୟା

ଖଡ଼ିଆଳ,୫।୫ (ଡି.ଏନ.ଏ)

ନୂଆପଡା ଜିଲା ଖଡ଼ିଆଳ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଦିନକୁ ଦିନ ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି ହେଲେ ଟ୍ରାଫିକ ସୁଧୁରିବାରେ ନା ନେଉନାହିଁ । ସହରରେ ଦୁଇଚକିଆ, ଚାରିଚକିଆ ଯାନ ବେପରୁଆ ଭାବେ ଚଳାଉଥିବାବେଳେ ଟ୍ରାଫିକ ନିୟମ ମାନୁ ନାହାନ୍ତି ଲୋକେ। ପୋଲିସ ପାଖରେ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ଆବଶ୍ୟକ କର୍ମଚାରୀ ନ ଥିବା ଚର୍ଚ୍ଚା ହେଉଛି। ଖଡ଼ିଆଳର ମୁଖ୍ୟଛକ ଥାନା ଛକ, ବୋଡ଼େନ ଛକ, ଆଜାଦ ଛକ, ଷ୍ଟେଟ ବ୍ୟାଙ୍କରେ ଦୁଇ ଦୁଇଜଣ ଲେଖାଏଁ ହୋମଗାର୍ଡ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି। ରାସ୍ତାକଡ଼ ଦୋକାନ ଗୁଡିକରେ ଗ୍ରାହକମାନେ ମୋଟର ସାଇକେଲଗୁଡିକ ରଖି ଦେଉଥିବା ଯୋଗୁଁ ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଛି। ଫଳରେ ଟ୍ରାଫିକ ସମସ୍ୟା ଦେଖା ଦେଇଛି। ଏହି ସମସ୍ୟା ଦୈନିକ ବଜାର,



ଖଡ଼ିଆଳ ସହରରେ ଟ୍ରାଫିକ ସମସ୍ୟା ଯୋଗୁ ଗହଳି।

ସହିତ ଥାନା ଛକ ଠାରୁ ଆଜାଦ ଛକ ସହର ମଧରେ ଦୈନନ୍ଦିନ ଲାଗିରହିଛି। ପଥଚାରୀ, ସାଇକେଲ ଆରୋହୀ, ସ୍କୁଲ ପିଲାମାନେ ଯାତାୟାତ ସମୟରେ ବହୁ ଅସୁବିଧାରେ ପଡୁଛନ୍ତି। ଅଧିକାଂଶ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଜିଲା ଆରଟିଓ, ପୋଲିସ ତରଫରୁ ଠୋସ ପଦକ୍ଷପ ନେଲେ କିଛି ମାତ୍ରାରେ ଟ୍ରାଫିକ ସମସ୍ୟା ସୁଧୁରିଯାନ୍ତା ବୋଲି ଚର୍ଚ୍ଚା ହେଉଛି। ପୋଲିସ ଏବଂ ଜିଲା ସଡ଼କ ଓ ପରିବହନ ବିଭାଗ ଠୋସ ପଦକ୍ଷେପ ନେବାକୁ ଦୃଢ ଦାବି ହେଉଛି।

# ଧୁମ୍‌ଧାମରେ ପାଳନ ହେଲା ବୁଦ୍ଧ ପୂର୍ଣ୍ଣିମା

ବୌଦ୍ଧ,୫।୫(ସ୍ୱ.ପ୍ର.)

ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଜିଲା ପ୍ରଶାସନ ଓ ବୁଦ୍ଧ ଜୟନ୍ତୀ କମିଟି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୌଦ୍ଧର ପବିତ୍ର ମାଟିରେ ମହାନଦୀ କୂଳରେ ଅନେକ ପ୍ରାଚୀନ ବୌଦ୍ଧ କିର୍ତ୍ତି ଶୋଭାପାଉଛି। ବୌଦ୍ଧ ସହରର ରାଜବାଟି ସମ୍ମୁଖ ବୌଦ୍ଧ ବିହାରସ୍ଥିତ ଭୂମିସ୍ପର୍ଶ ମୁଦ୍ରାରେ ଥିବା ବୁଦ୍ଧ ମୂର୍ତ୍ତି, ରାମଗଡ ପଞ୍ଚାୟତର ମହାନଦୀ ପରଗଳପୁର ଓ ସମ୍ପୋଚ ପଞ୍ଚାୟତର ଶ୍ୟାମସୁନ୍ଦରପୁରଠାରେ ବୌଦ୍ଧ କୀର୍ତ୍ତିରାଜି, ହରଭଙ୍ଗା ବ୍ଲକର ପ୍ରବେଶ ପଥ ମାଧପୁର, କଣ୍ଟାମାଳ ବ୍ଲକର ମନମୁଣ୍ଡା, ବୌଦ୍ଧ ସହରର ବାଘଗୁଡା ଛକଠାରେ ଥିବା ବୁଦ୍ଧ ମୂର୍ତ୍ତି ଠାରେ ପୂଜାର୍ଚ୍ଚନା କରାଯାଇଛି। ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ସହରରେ ଶାନ୍ତି ଶୋଭାଯାତ୍ରା ସାଙ୍ଗକୁ ଆଲୋଚନା ସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ସତ୍ୟରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ନଗରପାଳ




ରାଜବାଟିଠାରେ ପ୍ରଶାସନ ପକ୍ଷରୁ ବୁଦ୍ଧମୂର୍ତ୍ତିଠାରେ ପୂଜାର୍ଚ୍ଚନା।

ମୃତ୍ୟୁଞ୍ଜୟ ମିଶ୍ର, ଉପଜିଲାପାଳ ରବିନ୍ଦ୍ରନାଥ କହଁର, ବୁଦ୍ଧ ଜୟନ୍ତୀ କମିଟିର ଦେବାଶିଷ ପୁରୋହିତ ପ୍ରମୁଖ ସାମିଲ ଥିଲେ। ସେହିପରି ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତର ଭୀମପାହାଡଠାରେ କମିଟି ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳିତ ହୋଇଛି। କମିଟି ଉପସଭାପତି ସୁରେଶ ସାହୁଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ କୃତ୍ତିବାସ ପଲିଆଙ୍କ ସଂଯୋଜନାରେ ଏକ ସଭା ହୋଇଥିଲା। ଏଥିରେ ଅତିଥିଭାବେ ବୁଦ୍ଧ ଜୟନ୍ତୀ କମିଟିର ସଂଯୋଜକ ସତ୍ୟନାରାୟଣ ହୋତା ଯୋଗ ଦେଇ ଭଗବାନ ଗୌତମ ବୁଦ୍ଧଙ୍କ ୧୦୮ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଉକ୍ତ ଭୀମ ପାହାଡରେ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ମଥୁରା ସରପଞ୍ଚ ପ୍ରଦୀପ କହଁର, ରାଧାନଗର ସରପଞ୍ଚ ଗଣେଶ ବେହେରା, ସାମାଜିକ କର୍ମୀ ଶଙ୍କର ପ୍ରସାଦ ମିଶ୍ର , ଉପଦେଷ୍ଟା ଶମ୍ଭୁପ୍ରସାଦ ମହାନନ୍ଦିଆ ପ୍ରମୁଖ ଯୋଗଦେଇଥିଲେ। ବୌଦ୍ଧ ସହରର ବୁଟୁପାଲିସ୍ଥିତ ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ପକ୍ଷରୁ ବୁଦ୍ଧ ଜୟନ୍ତୀ ପାଳନ କରାଯାଇଥିଲା।

## ସଂକ୍ଷେପରେ

### ଇକୋରୋ ପକ୍ଷରୁ ଗ୍ରୀଷ୍ମ ଶିବିର ୮ରୁ

**ସମ୍ବଲପୁର,୫।୫(ବ୍ୟୁରୋ):** ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସମ୍ବଲପୁର ଶାଖା ପକ୍ଷରୁ ଆସନ୍ତା ୮ତାରିଖରୁ ରେଳନଗର ଅଧିକାରୀ କ୍ଲବ ପରିସରରେ ଗ୍ରୀଷ୍ମ ଶିବିର ଅନୁଷ୍ଠିତ ହେବ। ଏହା ଜୁନ ୨ତାରିଖ ପର୍ଯ୍ୟନ୍ତ ଚାଲୁରହିଛି। ଏଥି ସକାଶେ ପ୍ରସ୍ତୁତି ଚାଲିଛି। ଶିବିରରେ ପିଲାମାନଙ୍କୁ ନୃତ୍ୟ, ଚିତ୍ରାଙ୍କନ, ଚିତ୍ରକଳା, ସନ୍ତରଣ କ୍ଷେତ୍ରରେ ଦକ୍ଷତା ଓ ଜ୍ଞାନ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯିବ। ଏ ନେଇ ସମ୍ବଲପୁର କଲ୍ୟାଣ ବିଭାଗୀୟ ପର୍ସନାଲ ଅଧିକାରୀ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

### ରେସ୍‌ଲର ବିଶ୍ୱମ୍ଭର ବହିଦାରଙ୍କ ପରଲୋକ



**ସମ୍ବଲପୁର,୫।୫(ବ୍ୟୁରୋ):** ସମ୍ବଲପୁର ମୁଦିପଡ଼ାସ୍ଥିତ ବୁଲେଟ ବ୍ୟାୟାମଶାଳାର ପ୍ରାଣ ପ୍ରତିଷ୍ଠାତା, ବଡି ବିଲଡିଂ, ୱେଟ ଲିଫ୍ଟିଂ, ମଲ୍ଲଯୁଦ୍ଧ କ୍ଷେତ୍ରରେ ସଫଳ ଖେଳାଳୀ ବିଶ୍ୱମ୍ଭର ବହିଦାରଙ୍କ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୁଦିପଡ଼ାରେ ଜନ୍ମିତ ବିଶ୍ୱମ୍ଭର ବହୁ ପ୍ରତିଭାର ଅଧିକାରୀ ଥିଲେ। ବୁର୍ଲା ଏନ୍‌ଏସିରୁ ଅବସରପ୍ରାପ୍ତ ରେସ୍‌ଲର ବିଶ୍ୱମ୍ଭର ଏକାଧାରରେ ଜଣେ କ୍ରୀଡ଼ା ସଙ୍ଗଠକ, ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ଓ ସେବା ପରାୟଣ ବ୍ୟକ୍ତି ଥିଲେ। ଜୀବନର ସାୟାହ୍ନରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଜଣେ ସାଧକ ଭାବରେ ନିଜକୁ ସମର୍ପଣ କରି ଦେଇଥିଲେ । ଚିତ୍ରଗୁପ୍ତ କଲ୍ୟାଣ ସଂଘ, ଓଡ଼ିଶା ସାଂସ୍କୃତିକ ସମାଜ, ଜିଲା କ୍ରୀଡ଼ା ସଙ୍ଗଠନ, ଜିଲା କରଣ ସମାଜ ଆଦି ସହ ଜଡ଼ିତ ଥିଲେ। ଶନିବାର କମଲିବଜାର ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ।

### ଭିଆଇପି ରାସ୍ତାରେ ଡ୍ରେନ୍ ନିର୍ମାଣ ଦାବି

**ସମ୍ବଲପୁର,୫।୫(ବ୍ୟୁରୋ):** ସଂସ୍କୃତି ସମ୍ପନ୍ନ ସମ୍ବଲପୁର ସହରରେ ବିବିଧ ସମସ୍ୟା ଲାଗି ରହିଛି। ସହରରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଚାଲିଛି। କିନ୍ତୁ କୌଣସି ପ୍ରକଳ୍ପ ଠିକ୍ ଭାବେ ସମ୍ପୂର୍ଣ୍ଣ ହେଉ ନାହିଁ। ଅତ୍ୟାଧୁନିକ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ସରିବା ପରେ ଦୀର୍ଘଦିନ ଧରି ବନ୍ଦ ରହିଥିଲା। ସହରବାସୀ ଦାବି କରିବା ପରେ ଏହା ଉଦ୍‌ଘାଟିତ ହୋଇଥିଲା। ଏହି ଫ୍ଲାଏଓଭର ବ୍ୟସ୍ତବହୁଳ ରାସ୍ତାରେ ନିର୍ମିତ ହୋଇଛି। ଏଥିରେ ଭିଆଇପି ରୋଡ଼ ମଧ୍ୟ ଅଛି। କିନ୍ତୁ ପରିତାପର ବିଷୟ ଏହି ଭିଆଇପି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ତିଆରି ହୋଇନାହିଁ। ସେଇ ରାସ୍ତାରେ ମୁଖ୍ୟ ଦପ୍ତର ଓ ବାବୁମାନଙ୍କ ଆବାସ ରହିଛି। ପାଣି ଯିବା ପାଇଁ ଡ୍ରେନଟିଏ ନିର୍ମାଣ ହୋଇପାରୁନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ବୋହୁଛି। ଏଥିସହ ଫ୍ଲାଏଓଭରରୁ ମଧ୍ୟ ବର୍ଷା ପାଣି ଏହି ରାସ୍ତା ଉପରେ ପଡୁଛି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ସପ୍ତାହରେ ସାମାନ୍ୟ ବର୍ଷା ହୋଇଥିବାବେଳେ ପାଣି ରାସ୍ତା ଉପରେ ଜମା ହୋଇ ଥିବା ଦେଖିବାକୁ ମିଳିଥିଲା। ଏଦିଗରେ ବିହିତ ପଦକ୍ଷେପ ନେବାକୁ ଭାଜପାର ପୂର୍ବତନ ଜିଲା ପ୍ରବକ୍ତା ସୂର୍ଯ୍ୟ ପାଣିଗ୍ରାହୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।

### ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

**କୁଚିଣ୍ଡା,୫।୫(ଡି.ଏନ.ଏ.):** ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି । ଏ ନେଇ ପୋଲିସ କେସ୍ ନଂ୬୮/୨୩ରେ ମାମଲା ରୁଜୁ କରି ମନାପାଲିର ଅଭିଯୁକ୍ତ ଜାସମାନ କାଣ୍ଡୁଲନା(୩୩)ଙ୍କୁ ଗିରଫ କରିଛି । ପୀଡିତା ନାବାଳିକା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଶୁକ୍ରବାର ଗୋବିନ୍ଦପୁର ପୋଲିସ ଅଭିଯୁକ୍ତଙ୍କୁ ସମ୍ବଲପୁର ଜିଲା ପୋକ୍‌ସୋ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ସମ୍ବଲପୁରରୁ ଧରାପଡ଼ିଲା ଧଳାଜହର

## ଜଣେ ଗିରଫ, ଔଷଧ ଦୋକାନରେ ଚଢ଼ାଉ

**ସମ୍ବଲପୁର,୫।୫(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅଞ୍ଚଳରେ ଶୁକ୍ରବାର ଅବକାରୀ ବିଭାଗର ଏକ ଟିମ୍ ଚଢାଉ କରି ୧୯ ଗ୍ରାମ୍ ବ୍ରାଉନସୁଗାର (ଧଳାଜହର) ସହ ୧୨୫ ବୋତଲ କଫ୍ ସିରପ (କୋରେକ୍ସ) ଜବତ କରିଛି। ଜବତ ବ୍ରାଉନ ସୁଗାର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ସମ୍ବଲପୁର ଅବକାରୀ ବିଭାଗ ଇନ୍ସପେକ୍ଟର ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବିଭାଗ ପକ୍ଷରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସୁନାପାଲି ଅଞ୍ଚଳର ଏମ୍‌ଡି ନସିମ। ଅପରପକ୍ଷେ ସମ୍ବଲପୁର ସହରରେ ଦିନକୁ ଦିନ ବେଆଇନ କୋରେକ୍ସ ବିକ୍ରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ସତ ଚେଷ୍ଟା ସତ୍ତ୍ୱେ କୋରେକ୍ସ ଓ ନିଶା ବଟିକା ବିକ୍ରି ଉପରେ ବ୍ରେକ୍ ଲଗାଯାଇ ପାରୁନାହିଁ। ଏଥିରେ ବ୍ରେକ୍ ଦେବା ପାଇଁ ସମ୍ବଲପୁର ଅବକାରୀ ବିଭାଗ, ପୋଲିସ, ରାଜସ୍ୱ ବିଭାଗ ଓ ଡ୍ରଗ୍ସ କାର୍ଯ୍ୟାଳୟର ଷ୍ଟାଫ୍‌ଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସମ୍ବଲପୁର ସହରର ଅନ୍ୟତମ ପ୍ରମୁଖ ଅଞ୍ଚଳ ଧନୁପାଲି ଛକରେ ଥିବା ବିଭିନ୍ନ ଔଷଧ ଦୋକାନରେ ଚଢାଉ ଆରମ୍ଭ କରିଛି। ଜିଲା ଅବକାରୀ ଅଧୀକ୍ଷକ ଅଶୋକ ସେଠ୍‌ଙ୍କ ସମେତ ସମ୍ବଲପୁର ଡ୍ରଗ୍ସ ଇନ୍ସପେକ୍ଟର ସତ୍ୟନାରାୟଣ ମଲ୍ଲିକ, ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ। ପ୍ରଶାସନର ଏଭଳି ପଦକ୍ଷେପ ଏହି ବେଆଇନ କାରବାର ରୋକିବାରେ କେତେ ସଫଳ ହେଉଛି ତାହାକୁ ସହରବାସୀ ଅପେକ୍ଷା କରିଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ବ୍ରାଉନସୁଗାର, କଫ୍ ସିରପ।

# ଖୁନ୍ତାମାଳରେ ବିଜେଡିର ପ୍ରଚାର ଜୋର୍‌ଦାର



ସୁଡ଼ଙ୍ଗ ଗ୍ରାମରେ ମନ୍ତ୍ରୀ ଅଶୋକ ପଣ୍ଡା ଦଳୀୟ ପ୍ରାର୍ଥିନୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି ।

**ସମ୍ବଲପୁର,୫।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ଦଳ ପକ୍ଷରୁ ଭୋଟ ପ୍ରଚାରକୁ ସେତିକି ଜୋରଦାର କରାଯାଉଛି। ଏହିକ୍ରମରେ ଲଇକେରା ବ୍ଲକ ଖୁନ୍ତାମାଳ ପଞ୍ଚାୟତର ସୁଡ଼ଙ୍ଗ ଗ୍ରାମରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥିନୀ ଦୀପାଳି ଦାସଙ୍କ ସପକ୍ଷରେ ପ୍ରଚାର କରାଯାଇଛି। ବିଜ୍ଞାନ ଓ କାରିଗରୀ ତଥା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ପଣ୍ଡା ଯୋଗଦେଇ କରି ଦଳୀୟ ପ୍ରାର୍ଥିନୀ ଦୀପାଳିଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ। ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ପଞ୍ଚାୟତର ଦଳୀୟ ପର୍ଯ୍ୟବେକ୍ଷକ ହୀରାଲାଲ ବେହେରା ଓ ଆଶିଷ ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଦେବଗଡ଼ ଜିଲା ପରିଷଦ ସଭାପତି କୌଶିକ ପ୍ରଧାନ, ପର୍ଯ୍ୟବେକ୍ଷକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସରପଞ୍ଚ ସୁଶାନ୍ତ ସାହୁ, ହରେଶ ଦେଓ, ମେଘନାଦ ଜୟପୁରିଆ, ଦିଲେଶ୍ୱର ଜୟପୁରିଆ, ଧର୍ମେନ୍ଦ୍ର ଦେଓ, ସୁଶିଲ କୁମାର ରାଉତ ଯୋଗଦେଇଥିଲେ।

# ଭୀମ ଭୋଇ ଆଧୁନିକ ସାହିତ୍ୟର ସ୍ରଷ୍ଟା



ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ରେଢ଼ାଖୋଲରେ ରାଜ୍ୟସ୍ତରୀୟ ଜୟନ୍ତୀ

**ରେଢାଖୋଲ,୫।୫(ଡି.ଏନ.ଏ.)**

ସନ୍ଥକବି ଭୀମ ଭୋଇ ଆଧୁନିକ ସାହିତ୍ୟର ସ୍ରଷ୍ଟା। ତାଙ୍କ କାବ୍ୟ ଓ ସାହିତ୍ୟ ସମାଜରେ ବୈପ୍ଲବିକ ପରିବର୍ତ୍ତନର ଦିଗ୍‌ଦର୍ଶନ ଦେଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ରେଢାଖୋଲ ପଞ୍ଚଖଣ୍ଡା କଳା ପରିଷଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କଦମ୍ବ ପଡିଆସ୍ଥିତ ଭୀମଭୋଇ କଳାମଣ୍ଡପଠାରେ ଶୁକ୍ରବାର ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ଏହି ମତ ଦେଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅବସରପ୍ରାପ୍ତ ପ୍ରଫେସର ରଘୁନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ପବିତ୍ର ବେହେରା ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଅବସରପ୍ରାପ୍ତ ପ୍ରଫେସର ଡ. କାମଦେବ ସାହୁ ମୁଖ୍ୟବକ୍ତା ଓ ଅଧ୍ୟାପକ ଅଖିଳ ବିଶ୍ୱାଳ, ଅଧ୍ୟାପକ ମନୋରଞ୍ଜନ ମହନ୍ତ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସନ୍ଥକବିଙ୍କ ସାହିତ୍ୟ ଓ ସନାତନ ଧର୍ମ ଉପରେ ଆଲୋଚନା କରିଥିଲେ। ସାଧୁ ଆନନ୍ଦ ବାବା ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ରଞ୍ଜିତ ଦେହୁରି ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚଖଣ୍ଡା କଳାପରିଷଦ ସଭାପତି ମହାବୀର ସିଂଦେଓ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବସ୍‌ଷ୍ଟାଣ୍ଡସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ମହିମାଧର୍ମୀ ସାଧୁସନ୍ଥମାନେ ଭୀମ ଭୋଇଙ୍କ ଭଜଣ ଜଣାଣ ଗାଇ ଶୋଭାଯାତ୍ରାରେ ଅତିଥିମାନଙ୍କୁ ସଭାସ୍ଥଳକୁ ପାଛୋଟି ଆଣିଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ

**ନୂଆପଡା ଅଫିସ,୫।୫**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରାଣୀ ମୁହାସ ଠାରେ ବୈଶାଖ ମେଳା ଉପଲକ୍ଷେ ଅଷ୍ଟ ପ୍ରହର ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଅଞ୍ଚଳବାସୀଙ୍କ ଉଦ୍ୟମରେ ନାମ ଯଜ୍ଞ ଆୟୋଜିତ ହେଉଛି । ଏଥିରେ ୬ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଛନ୍ତି। ମାନସିଂ ଧରୁଆ ଓ ତାଙ୍କ ସ୍ତ୍ରୀ କଳାବତୀ ଧରୁଆ କର୍ତ୍ତା ଭାବରେ ଦାୟୀତ୍ୱ ତୁଲାଇ ଥିବାବେଳେ ପୂଜକ ଶୁଶିଳ ତ୍ରିପାଠୀ ଓ ଜପକ ଭାବରେ ରିଙ୍କୁ ଦାସ ରହିଥିଲେ। ଏହି ଅବସରରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି,ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ମୁରଲିଧର ଭୋଇ,ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ସୁଧିର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଯଜ୍ଞବେଦୀ, କମ୍ୟୁନିଟି ହଲ, ପକ୍କା ରାସ୍ତା କରିବା ପାଇଁ ମନ୍ତ୍ରୀ ଢୋଲକିଆ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଓ ଯଜ୍ଞ ପରିଚାଳନା କମିଟି ପକ୍ଷରୁ ଅନ୍ନ ଭୋଜନ ବ୍ୟବସ୍ଥା କରାଯାଇଥିଲା।

# ଭୀମ ଭୋଇ ବିଶ୍ୱ ମାନବୀୟ ଚେତନାର ପ୍ରଚାରକ

**ସମ୍ବଲପୁର,୫।୫(ବ୍ୟୁରୋ)**

ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସନ୍ଥକବି ଭୀମ ଭୋଇ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସାଂସ୍କୃତିକ ସମାଜର ସଭାପତି ଅଶୋକ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ହରିହର ପ୍ରଧାନ ବକ୍ତବ୍ୟ ରଖି କହିଲେ ଯେ, ଯେଉଁ ବିନ୍ଦୁରୁ ଭୀମ ଭୋଇଙ୍କ ସାହିତ୍ୟ ଆରମ୍ଭ ହୋଇଛି, ସେହି ବିନ୍ଦୁର ଅନ୍ୱେଷଣ ଆଜି ସମଗ୍ର ବିଶ୍ୱ କରୁଛି । ସେ ଥିଲେ ବିଶ୍ୱ ମାନବୀୟ ଚେତନାର ପ୍ରଚାରକ। ସେହି ଚେତନାକୁ ଆଜି ସାହିତ୍ୟର ମାନ ନିର୍ଦ୍ଧାରଣରେ ସର୍ବାଗ୍ରେ ରଖାଯାଉଛି। ମୁଖ୍ୟବକ୍ତା ଡ. ସୌରଭ ରଞ୍ଜନ ଖମାରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ଯେଉଁ କାଳରେ ଭୀମ ଭୋଇଙ୍କ ଜନ୍ମ ସେଇ ସମୟରେ ଭାରତ ବର୍ଷରେ ଆହୁରି ବହୁ ମହତ ବ୍ୟକ୍ତିଙ୍କ ଜନ୍ମ ହୋଇଛି। ମାତ୍ର ଭୀମ ଭୋଇଙ୍କୁ ଦୀର୍ଘବର୍ଷ ପରେ ମାନ୍ୟତା ମିଳିଥିଲା। ସଭା ପୂର୍ବରୁ ସାଂସ୍କୃତିକ ସମାଜର ବରିଷ୍ଠ ସଦସ୍ୟ ଓ କ୍ରୀଡା ସଙ୍ଗଠକ ବିଶ୍ୱମ୍ଭର ବହିଦାରଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଶିକ୍ଷକତା ବାଙ୍କନିଧିଙ୍କ ପେସା ନୁହେଁ ନିଶା ଥିଲା



ସ୍ମରଣିକା ଉନ୍ମୋଚନ କରୁଛନ୍ତି ଅତିଥି।

**ସମ୍ବଲପୁର,୫।୫(ବ୍ୟୁରୋ)**

ସମାଜର ଅବକ୍ଷୟ କାଳରେ ମାନବବାଦୀ ଶିକ୍ଷକଙ୍କୁ ସ୍ମରଣ କରିବା ମଙ୍ଗଳକର। ଏଭଳି ମାନବବାଦୀ ଆଦର୍ଶ ଶିକ୍ଷକ ଥିଲେ ବାଙ୍କନିଧି ଶତ୍ରୁଶଲ୍ୟ। ସେ ପଦପଦବୀର ଅଧିକାରୀ ନ ଥାଇ ମଧ୍ୟ ଅଗଣିତ ଛାତ୍ରଙ୍କ ଚିରସ୍ମରଣୀୟ। ଶିକ୍ଷକତା ତାଙ୍କ ପାଇଁ ପେଷା ନୁହେଁ ନିଶା ଥିଲା। ବାଙ୍କନିଧି ଶତ୍ରୁଶଲ୍ୟ ସ୍ମରଣିକା କମିଟି ପକ୍ଷରୁ ସମ୍ବଲପୁର ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ଆୟୋଜିତ ସ୍ମୃତି ସଭାରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଶିକ୍ଷାବିତ୍ ଡ. ଦିଲୀପ କୁମାର ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶତ୍ରୁଶଲ୍ୟଙ୍କ ସମାଜ, ଦେଶ ପ୍ରସଙ୍ଗ ପ୍ରତି ସଚେତନତାକୁ ସ୍ମରଣ କରିଥିଲେ। ପୂର୍ବତନ ସହକର୍ମୀ ଶିକ୍ଷକ ରଘୁନାଥ ପୂଜାରୀ, ଜିଲାସ୍କୁଲ ଛାତ୍ରସଂସଦ ପ୍ରତିନିଧି ଡ. ଅରବିନ୍ଦ ଶତପଥୀ ପ୍ରମୁଖ ଶ୍ରାଦ୍ଧବାର୍ଷିକୀ ସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ବାଙ୍କନିଧି ଶତ୍ରୁଶଲ୍ୟଙ୍କ ସ୍ମରଣରେ ପ୍ରକାଶିତ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ସ୍ମୃତି ସଭାକୁ ଡ. ଗୌରିଦାସ ପଧାନ ସଂଯୋଜନା କରିଥିବା ବେଳେ ପ୍ରଫୁଲ୍ଲ ଶତ୍ରୁଶଲ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର, ପୁରାତନ ଶିକ୍ଷକ, ବର୍ତ୍ତମାନର ଶିକ୍ଷକ, ସମ୍ବଲପୁରର ଶିକ୍ଷାପ୍ରେମୀ, ବୁଦ୍ଧିଜୀବୀ ଯୋଗ ଦେଇ ବାଙ୍କନିଧି ଶତ୍ରୁଶଲ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜିଲା ଜୁଡୋ ହଲ୍‌ଠାରେ ବୁଦ୍ଧ ପୂର୍ଣ୍ଣିମା

**ସମ୍ବଲପୁର,୫।୫(ବ୍ୟୁରୋ)**

ସମ୍ବଲପୁର କଚେରି ନିକଟ ଜିଲା ଜୁଡୋ ହଲଠାରେ ଶୁକ୍ରବାର ବୁଦ୍ଧ ପୂର୍ଣ୍ଣିମା ପାଳନ କରାଯାଇଛି। ଜିଲା ସାଉଲିନ କୁମ୍ଫୁ ଉସୁ ଆସୋସିଏଶନ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଥମେ ମହାତ୍ମା ଗୌତମ ବୁଦ୍ଧଙ୍କ ଫଟୋ ଚିତ୍ରରେ ଅତିଥି, କର୍ମକର୍ତ୍ତା ଓ ପ୍ରଶିକ୍ଷାର୍ଥୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ସାଉଲିନ କୁମ୍ଫୁ ଉସୁ ଆସୋସିଏଶନ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ଆସୋସିଏଶନର ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମେହେର, ଇନ୍ସପେକ୍ଟର ଗାୟତ୍ରୀ ମିଶ୍ର, ସମିର ବିଶ୍ୱାଳ, ଦିବ୍ୟ କରିଷ୍ମା ପୃଷ୍ଟି, ପ୍ରିୟଙ୍କା ମିଉଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ କୁମ୍ଫୁ ଓ ଜୁଡୋ ପ୍ରଶିକ୍ଷଣ ନେଉଥିବା ପ୍ରଶିକ୍ଷାର୍ଥୀମାନେ ମାର୍ଶଲ ଆର୍ଟ ପ୍ରଦର୍ଶନ ମଧ୍ୟ କରିଥିଲେ।



ଜିଲା ଜୁଡୋ ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତା।

# ବିଇଓଙ୍କ କାର୍ଯ୍ୟାଳୟରେ ଆଲୋଚନାଚକ୍ର

**ସମ୍ବଲପୁର,୫।୫(ବ୍ୟୁରୋ)**

ସମ୍ବଲପୁର ଜିଲା ମାନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘର ଜୟନ୍ତୀ ପଣ୍ଡାଙ୍କ ପରିଚାଳନାରେ ସଭା ହୋଇଥିଲା। ବିଇଓ ରମେଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ବିଆର୍‌ସିସି ସିତାରାମ ଭୋଇ, ଏବିଇଓ ତନୁଜା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଓ ଶିକ୍ଷାଦାନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅବସର ନେଇଥିବା ପ୍ରଧାନଶିକ୍ଷକ ଯୋଗେଶ ସାହୁ ଓ ସହକାରୀ ଶିକ୍ଷୟିତ୍ରୀ ଆନନ୍ଦିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରୋହିତ ବେହେରା ସ୍ୱାଗତ ଭାଷଣ ଓ ମନୋରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ।



ଆଲୋଚନା ଚକ୍ରରେ ଅତିଥିମାନେ।

# ପୋଲିସ ବିଫଳତାକୁ ନେଇ ତେଜୁଛି ଅସନ୍ତୋଷ

## ବାଉରୀଗୋଡ଼ା ଚୋରି ଘଟଣା

**କୁଚିଣ୍ଡା,୫।୫(ଡି.ଏନ.ଏ.)**

ସମ୍ବଲପୁର ଜିଲା ମହୁଲପାଲି ଥାନା ବାଉରୀଗୋଡାରେ ବାରମ୍ବାର ଘଟୁଥିବା ଚୋରି ଘଟଣାରେ ପୋଲିସର ବିଫଳତାକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି।

ସୂଚନା ଅନୁଯାୟୀ, କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ପଞ୍ଚାୟତ ଅଫିସ ପରିସରରେ ଥିବା ଗୋଦାମରେ ପିଡିଏସ୍ ଚାଉଳ ଗଚ୍ଛିତ ରଖି ହିତାଧିକାରୀଙ୍କୁ ଆବଣ୍ଟନ କରାଯାଇଥାଏ। ଏପରିସ୍ଥଳେ ପିଡିଏସ୍ ଗୋଦାମ ତାଲା ଭାଙ୍ଗି ୩ କୁଇଣ୍ଟାଲ ଚାଉଳ (୬ପ୍ୟାକେଟ) ଚୋରି ହୋଇଥିବା ନେଇ ପତ୍ର ସଂଖ୍ୟା– ୩୯/୬।୩।୨୩ ତାରିଖରେ ପଞ୍ଚାୟତ ପକ୍ଷରୁ ସରପଞ୍ଚ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଜଣେ ପୋଲିସ ଅଧିକାରୀ ପଞ୍ଚାୟତ ଅଫିସ ପରିଦର୍ଶନ କରିଥିଲେ ମଧ୍ୟ ଆଜକୁ ୨ମାସ ହେବ ଦିଆଯାଇଥିବା ଚୋରି ରିପୋର୍ଟକୁ ସରକାରୀ ନାଲିଫିତା ତଳେ ଚାପି ଦିଆଯାଇଥିବା ସରପଞ୍ଚ ଗୋବର୍ଦ୍ଧନ ବାଘ ଅଭିଯୋଗ କରିଛନ୍ତି। ସେହିପରି ବାଉରୀଗୋଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିଥିବା ୨ଗୋଟି ସୋଲାର ପେନାଲ ଚୋରି ହୋଇଥିବା ନେଇ ଗତ ଏପ୍ରିଲ ୧୫ତାରିଖରେ ସିଏଚ୍‌ଓ ଅଲିମା ପଟେଲ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୪୮/୨୩ରେ ଚୋରି ମାମଲା ରୁଜୁ କରିଥିଲେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିପାରି ନାହିଁ। ଏହାର ଠିକ ସପ୍ତାହେ ପରେ ଏପ୍ରିଲ ୨୨ତାରିଖ ବିଳମ୍ବିତ ରାତିରେ ବାଉରୀଗୋଡା ଗ୍ରାମ ମଝିରେ ଥିବା ସୁଦର୍ଶନ ପଟେଲଙ୍କ ତେଜରାତି ଦୋକାନରେ ପଶି ଚୋରମାନେ ମାରଣାସ୍ତ୍ରରେ ଭୟଭୀତ କରି ପ୍ରାୟ ୪୦ହଜାର ଟଙ୍କା ସହ ମୋବାଇଲ ଫୋନ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିଲେ। ୨୩ତାରିଖ ସକାଳେ ଏ ନେଇ ଅଭିଯୋଗ ହେବା ପରେ ପୋଲିସ କେସ୍ ନଂ.୫୪/୨୩ରେ ମାମଲା ରୁଜୁ କରିଥିଲେ ମଧ୍ୟ ଫଳ ଶୂନ ରହିଛି। ଏ ସମ୍ପର୍କରେ ତଦନ୍ତ ଦାୟିତ୍ୱରେ ଥିବା ମହୁଲପାଲି ଥାନା ସବ୍‌ଇନ୍ସପେକ୍ଟର ପୂର୍ଣ୍ଣଚନ୍ଦ୍ର ମୁଗୁରୀଙ୍କୁ ପଚାରିବାରେ ଆବଶ୍ୟକ ଷ୍ଟାଫ ନ ଥିବା ଓ ଥାନା ଅଧିକାରୀ ଅଧିକାଂଶ ସମୟ ସମ୍ବଲପୁର ଡ୍ୟୁଟିରେ ରହୁଥିବା କାରଣରୁ ଉଚିତ ପଦକ୍ଷେପ ନେବାରେ ବିଳମ୍ବ ହୋଇଛି। ଏହା ସତ୍ତ୍ୱେ ତଦନ୍ତ ଜାରି ରହିଛି, ଖୁବଶୀଘ୍ର ଚୋରଙ୍କୁ ଧରାଯିବ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### ଇଟାଲୀ ଭାଷାରେ ଅନୂଦିତ ହେଲା ଡ. ନିଆଲଙ୍କ କବିତା

ଭବାନୀପାଟଣା,୫।୫(ସ୍ୱ.ପ୍ର.): ମହୁରି ସାହିତ୍ୟ ପତ୍ରିକାର ମୁଖ୍ୟ ସମ୍ପାଦକ କବି ଡ.ଭବାନୀ ଶଙ୍କର ନିଆଲଙ୍କ ଓଡ଼ିଆ କବିତା ମରିବାର ବି ଅଛି କୁ ଇଟାଲୀୟ କବି ଇମାନୁଏଲ ରିଙ୍କୋ ଇଟାଲୀ ଭାଷାରେ



ପୁଣିଥରେ ଅନୁବାଦିତ କରିଛନ୍ତି। ଏହି କବିତାକୁ ଇଂରାଜୀ ଭାଷାରେ ବଙ୍କିମ ମୁଣ୍ଡ ଅନୁବାଦ କରିଥିଲେ। ଡ.ନିଆଲଙ୍କ କବିତା ପୂର୍ବରୁ ୧୬ଟି ଅନ୍ତଃରାଷ୍ଟ୍ରୀୟ ଭାଷା ଗୁଡିକରେ ଅନୁବାଦିତ ହୋଇ ସାରିଥିବାବେଳେ ଓଡ଼ିଆରେ ୩ଟି ଓ ଇଂରାଜୀରେ ୨ଟି କବିତା ସଂକଳନ ରହିଛି। ବର୍ତ୍ତମାନ ଡ. ନିଆଲ ଇଂଟୁ ଫ୍ୟୁଚର ମିଡିଆ ପ୍ରାୟୋଜିତ ଉଇନିଂ ମୁଭ ମୁଭ ଇନ୍ଫୋଟେକ ସଂସ୍ଥା ଦ୍ୱାରା ଅନ୍ତର୍ଜାତୀୟ ନେତୃତ୍ୱ ସମ୍ମାନ ପାଇଁ ୫୫ଦେଶର ୧୦୦୦୦ ଲେଖକଙ୍କ ଭିତରେ ସମ୍ବର୍ଦ୍ଧିତ ୨୦୦ ଜଣିଆ ତାଲିକାରେ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ତାଙ୍କର ବହୁଚର୍ଚ୍ଚିତ ଇଂରାଜୀରେ ପ୍ରକାଶିତ ହୋଇଥିବା ଲକଡାଉନ୍ ପୁସ୍ତକ ସ୍ପାନିଶ, ଫ୍ରାନ୍ସ ଏବଂ ଇଟାଲୀ ଭାଷାରେ ଅନୂଦିତ ହୋଇ ପ୍ରକାଶିତ ହେବାକୁ ଯାଉଛି। ତାଙ୍କର ଏହି ସଫଳତା ପାଇଁ ଜିଲା ତଥା ଦେଶର ବିଭିନ୍ନ କୋଣ ଅନୁକୋଣରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଚୋରି ଟ୍ରାକ୍ଟର ଟ୍ରଲି ଉଦ୍ଧାର: ୩ ଗିରଫ

ଲୋଇସିଂହା,୫।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବାଦିବାହାଲ ଗ୍ରାମରୁ ଚୋରି ହୋଇଥିବା ଏକ ଟ୍ରାକ୍ଟର ଟ୍ରଲିକୁ ଗୁରୁବାର ଉଦ୍ଧାର କରାଯାଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅନ୍ତର୍ଗତ ବାଘମୁଣ୍ଡ ଗ୍ରାମର ଚମରା ବେହେରା(୪୨) ଓରଫ ଡାକ୍ତର ଏବଂ ଅଗଲାପାଲି ଗ୍ରାମର ବାପ ପୁଅ ଶୁଦେବ ପାଣିଗ୍ରାହୀ ଓ ମୁନା ପାଣିଗ୍ରାହୀ(୨୯)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଅନ୍ୟତମ ଅଭିଯୁକ୍ତ ଶୁକଦେବଙ୍କ ପୁଅ କୁନା ଫେରାର ଥିବା ପୋଲିସ କହିଛି। ଏନେଇ ଥାନା କେସ ନଂ ୭୨।୨୩ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବାଦିବାହାଲ ପଞ୍ଚାୟତ ସଦର ଗ୍ରାମର ସେବତୀ ଦରୁଆଙ୍କ ଟ୍ରାକ୍ଟର ଟ୍ରଲି(ଓଡି୦୩ଏସ ୬୦୫୪)ଗ୍ରାମର ହାଇସ୍କୁଲ ନିକଟରେ ଥିଲା। ଗତ ୨୬ ତାରିଖ ରାତିରେ ଉକ୍ତ ଟ୍ରଲି ଚୋରି ହୋଇଯାଇଥିଲା। ଏନେଇ ସେବତୀଙ୍କ ପୁଅ ପ୍ରଜ୍ଞାନନ୍ଦ ଧରୁଆ ଗତ ୨୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚୋରି ଟ୍ରାକ୍ଟର ଟ୍ରଲି ରାମପୁର ଥାନା ଅନ୍ତର୍ଗତ ପଣ୍ଡକିଟାଲ ଗ୍ରାମର ଏକ ଗ୍ୟାରେଜରେ ରଙ୍ଗ ଚାଲିଥିବାର କୌଣସି ବିଶ୍ୱସ୍ତ ସୂତ୍ରରୁ ପ୍ରଜ୍ଞାନନ୍ଦ ଜାଣିବାକୁ ପାଇଥିଲେ। ଏନେଇ ରାମପୁର ଥାନାର ଦ୍ୱାରସ୍ଥ ହୋଇ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ରାମପୁର ଏବଂ ଲୋଇସିଂହା ପୋଲିସ ଉକ୍ତ ଗ୍ୟାରେଜରେ ଚଢାଉ କରି ଚୋରି ଟ୍ରଲି ଉଦ୍ଧାର କରିଥିଲେ। ଗ୍ୟାରେଜ ମାଲିକଙ୍କ ଠାରୁ ସୂଚନା ପାଇ ଟ୍ରଲି କିଣିଥିବା ବାଘମୁଣ୍ଡ ଗ୍ରାମର ଚମରାଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଚୋରିରେ ଅଗଲାପାଲି ଗ୍ରାମର ପାଣିଗ୍ରାହୀ ପରିବାର ସଂପୃକ୍ତି ରହିଥିବା ଚମରାଙ୍କ ଠାରୁ ପୋଲିସ ଜାଣିବାକୁ ପାଇଥିଲା। ଏହାପୂର୍ବରୁ ଅଗଲାପାଲି ଏବଂ ରାଣୀସର୍ଡା ଗ୍ରାମର ଏକ ଟ୍ରଲି ଚୋରି ହୋଇଛି। ଟ୍ରଲି ଚୋରି ର୍‌ୟାକେଟରେ ଅଗଲାପଲି ଗ୍ରାମର ବାପପୁଅ ଏବଂ ବାଘମୁଣ୍ଡ ଗ୍ରାମର ଚମରା ସଂପୃକ୍ତ ରହିଥିବା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି।

# ନର୍ଲା ଡାକ୍ତରଖାନାରେ ନାହାନ୍ତି ବିଶେଷଜ୍ଞ ଡାକ୍ତର

ପଲମ,୫।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ନର୍ଲା ସରକାରୀ ଡାକ୍ତରଖାନାରେ ନାହାଁନ୍ତି ବିଶେଷଜ୍ଞ ଡାକ୍ତର। ରାଜ୍ୟ ସରକାର ସବୁବେଳେ ମହିଳା ଓ ସେବା ପ୍ରତି ସବୁ ସମୟରେ ପ୍ରାଥମିକତା ଦେଇ ଆସୁଥିବାବେଳେ ସ୍ଥାନୀୟ ନେତୃତ୍ୱ ଓ ପ୍ରଶାସନିକ ଅଧିକାରୀଙ୍କ ଯୋଗୁଁ ଏହାର ଗୁରୁତ୍ୱ ରହୁନାହିଁ। ନର୍ଲା ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଅଧିନରେ ୭ଟି ସେଣ୍ଟର ରହିଛି। ନର୍ଲା ସେଣ୍ଟରରେ ଗର୍ଭବତୀଙ୍କ ସଂଖ୍ୟା୧୮୧ ରହିଥିବାବେଳେ ଭାନପୁର ୧୧୫, ପଲମ ୯୮, ରୁପ୍ରା ୧୩୫, ରୁପ୍ରାରୋଡ ୧୧୭, ଶାତପୁର ୧୩୨ ଓ ତୁଲାପଡ଼ା ୧୨୩। ସମୁଦାୟ ୭ କେନ୍ଦ୍ରରେ ୯୦୧ ଗର୍ଭବତୀ ମହିଳା ଅଛନ୍ତି। ସେହିପରି ନର୍ଲାରେ ପ୍ରସବ କରିଛନ୍ତି ୧୮୧, ଭାନପୁର ୯୪, ପଲମ ୯୩, ରୁପ୍ରା ୧୩୪, ରୁପ୍ରାରୋଡ ୧୧୩, ଶାତପୁର ୧୩୭ ଓ ତୁଲାପଡା ୧୨୭। ଏହା ବ୍ୟତୀତ ଜନ୍ମରୁ ୬ ବର୍ଷର ଶିଶୁ ସଂଖ୍ୟା ଉପରୋକ୍ତ ହିସାବ ଅନୁଯାୟୀ ୭ କେନ୍ଦ୍ରରେ ୧୧୨୮୧ଜଣ ରହିଛନ୍ତି। ହେଲେ ପରିତାପର ବିଷୟ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଜି ଯାଏଁ ଜଣେ ପ୍ରସୂତୀ ବିଶେଷଜ୍ଞ ଓ ଶିଶୁରୋଗ ବିଶେଷଜ୍ଞଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ନିଯୁକ୍ତି ଦେଇପାରିନାହିଁ। ଫଳରେ ମହିଳା ଓ ଶିଶୁ କିପରି ସେବା ପାଉଥିବେ ତାହା ଅନୁମେୟ ହେଉଛି। ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଯୋଗୁ ଲୋକେ ଭବାନିପାଟଣା, ବିଷମକଟକ, ବୁର୍ଲା, ବରଗଡ,ବଲାଙ୍ଗିର, ଭୁବନେଶ୍ୱର, କଟକ, ବିଶାଖାପାଟଣା ଭଳି ଦୁରଦୁରାନ୍ତର ଡାକ୍ତରଖାନାକୁ ଯିବାକୁ ବାଧ ହେଉଛନ୍ତି। ୯ଟି ଡାକ୍ତର ପଦବୀ ଥିଲେ ହେଁ କେହି ଜଣେ ହେଲେ ଡାକ୍ତର ସ୍ଥାୟୀ ଭାବରେ ରହିନାହାଁନ୍ତି। ବିଶ୍ୱନାଥପୁର ଗୋଷ୍ଠୀ କେନ୍ଦ୍ରରୁ ଡେପୁଟେସନରେ ଆସି ରୋଗୀଙ୍କ ସେବା ଯୋଗାଉଛନ୍ତି ଡ. ଅକ୍ଷୟକୁମାର ଗୋଚ୍ଛାୟତ । ଅନ୍ୟ ୨ଜଣ ଡାକ୍ତର ସ୍ନାତକୋତ୍ତର ଶିକ୍ଷା ପାଇଁ ଯାଉଥିବାବେଳେ ନର୍ଲାରେ ନିଯୁକ୍ତି ପାଇଥିବା ଜଣେ ଡାକ୍ତର ଚପରିଆରେ ଡେପୁଟସନରେ କାମ କରୁଛନ୍ତି। ସେହିପରି ୨ଜଣ ଚୁକ୍ତିଭିତ୍ତିକ ଭାବରେ କାମ କରୁଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ବାହାରକୁ ଚକାଚକ ଦେଖାଯାଉଥିବା ବେଳେ ଭିତରେ ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଜଳଜଳ ହୋଇ ଦେଖାଯାଉଛି । ଏଣୁ ସ୍ୱାସ୍ଥ୍ୟ ବିଭାଗ ଏ ଉପରେ ବିଶେଷ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

ଏ ସମ୍ପର୍କରେ ସିଡିପିଓ ନିବାସିନୀ ବିଶ୍ୱାଳଙ୍କୁ ପଚାରିବାରୁ ଆମକୁ ବିଶେଷଜ୍ଞ ଡାକ୍ତର ନିହାତି ଦରକାର। ଏ ନେଇ ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି ବୋଲି ସେ କହିଛନ୍ତି।

# ମସିଣା ବନ୍ଧ କାମ ଆରମ୍ଭ

## ଧରିତ୍ରୀ ପ୍ରଭାବ

ଲାଠୋର,୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ମସିଣା ଗ୍ରାମରେ ଅବହେଳିତ ଅବସ୍ଥାରେ ପଡି ରହିଥିବା ଡ୍ୟାମ (ବନ୍ଧ) ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ କାମ ଆରମ୍ଭ ହୋଇଥିବା ଦେଖାଯାଇଛି। ୧୯୮୦ ମସିହାରେ ସରକାର ମସିଣା ଗ୍ରାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଡ୍ୟାମ ନିର୍ମାଣ କରି ମସିଣା, ଝଲିଆଲିଟି, କରୁଆଝର ଏବଂ ସାନଗୁର୍ଜିଭଟା ଗ୍ରାମର ୧୫୦ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା କରିଥିଲେ। ହେଲେ ବିଭାଗୀୟ ଅବହେଳା ତଥା ରକ୍ଷଣାବେକ୍ଷଣ ଅଭାବ ସାଙ୍ଗକୁ ଦୀର୍ଘ ବର୍ଷ ଧରି ପଙ୍କ ଉଦ୍ଧାର ହୋଇ ନ ଥିବା ହେତୁ ଡ୍ୟାମର ଚାରିଆଡେ ଅମରି ଲଟା ମାଡ଼ି ଚାଲିଥିଲା। ଏହାଛଡା ମଝିରେ ମାଟି ଜମା ହୋଇ ବଡ ବଡ ଢିପ ସୃଷ୍ଟି ହୋଇଥିଲା। ଫଳରେ ଦିନକୁ ଦିନ ଜଳଧାରଣ କ୍ଷମତା



ବନ୍ଧ କାମ କରାଯାଉଛି।

କମିବା ସହ ଆବଶ୍ୟକତା ମୁତାବକ ପାଣି ଜମିକୁ ମାଡି ପାରୁ ନ ଥିଲା। ପାଣି ନ ପାଇବାରୁ ଚାଷୀମାନଙ୍କୁ ପ୍ରତିବର୍ଷ ଚାଷରେ କ୍ଷତି ସହିବାକୁ ପଡୁଥିଲା। ଡ୍ୟାମର ମରାମତି ଏବଂ ପଙ୍କ ଉଦ୍ଧାର ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନଥିଲେ। ଏହାକୁ ନେଇ ଧରିତ୍ରୀରେ ଗତ ୩ ଡ଼ିସେମ୍ବର ୨୦୨୨ରେ 'ଅମରି ଲଟାରେ ପରିପୂର୍ଣ୍ଣ ମସିଣା ଡ୍ୟାମ' ଶୀର୍ଷକ ଖବର ପ୍ରକାଶ ପାଇଲା ପରେ କ୍ଷୁଦ୍ର ଜଳସେଚନ ବିଭାଗ ତତ୍ପରତା ପ୍ରକାଶ କରି ଟେଣ୍ଡର ଆହ୍ୱାନ କରିଥିଲା। ସରକାରୀ ନିୟମ ଅନୁସାରେ ବଲାଙ୍ଗୀରର ରଶ୍ମି ରଞ୍ଜନ ପ୍ରଧାନ ଟେଣ୍ଡର ପାଇଥିବା ବିଭାଗୀୟ ଏସଡ଼ିଓ ନିରଞ୍ଜନ ଶତପଥୀ କହିଛନ୍ତି। ବିଭାଗୀୟ ତଦାରଖରେ ଉନ୍ନତମାନର କାମ କରାଯିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

### ରୌପ୍ୟ ଜୟନ୍ତୀ, ନାମଯଜ୍ଞ ଉଦ୍‌ଯାପିତ

ଲୋଇସିଂହା, ୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଉପରପଡା ମାଉସୀ ମା' ମନ୍ଦିର ସଂକୀର୍ତ୍ତନ୍ୟ ପାର୍ଟି ଆନୁକୂଲ୍ୟରେ ଗତ ୨ ତାରିଖରୁ ଆୟୋଜିତ ଷୋହଳ ପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ନଗର ପରିକ୍ରମା ଏବଂ ଡୁମେରପାଲି ଓ ଗୁହୁରିଆଦର ସଂକୀର୍ତ୍ତନ୍ୟ ଦଳ ପକ୍ଷରୁ ବୈଠକି କୀର୍ତ୍ତନ୍ୟ ଅନୁଷ୍ଠିତ ହୋଇଯାଇଛି। ନରସିଂହ ଚତୁର୍ଦ୍ଦଶୀ ଉପଲକ୍ଷେ ପ୍ରତିବର୍ଷ ନାମଯଜ୍ଞ ହୋଇଆସୁଛି। ଚଳିତବର୍ଷ ନାମଯଜ୍ଞ ୨୫ ବର୍ଷରେ ପଦାର୍ପଣ କରିଥିଲା। ରୌପ୍ୟ ଜୟନ୍ତୀ ଉପଲକ୍ଷେ ନାମଯଜ୍ଞ ମହାସମାରୋହରେ ପାଳନ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୧୫ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୩ ଦିନ ଧରି ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା ବୋଲି ଯଜ୍ଞ କମିଟି ସଭାପତି ରାମଚନ୍ଦ୍ର ସାହୁ କହିଛନ୍ତି। ଗ୍ରାମବାସୀ, କମିଟିର ନବାଗତ ଓ ପୁରୁଖା ସଦସ୍ୟ ସହଯୋଗ କରିଥିଲେ।

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

## ହରିଶଙ୍କର ମହୋତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ,୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ଆୟୋଜିତ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୫ ଦିନ ଧରି ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ବ୍ଲକ ଅଧକ୍ଷା ନିରୁପମା ପଟେଲ ଓ ପବିତ୍ର ପଟେଲ କାର୍ଯ୍ୟ ସମ୍ପାଦନା କରିଥିଲେ। ପଣ୍ଡିତ ସୁନନ୍ଦ ସାଗର ଯୋଶୀ, ସୁଶାନ୍ତ ଠାକୁର, ଲକ୍ଷ୍ମୀକାନ୍ତ ମିଶ୍ର, ସୁଲଭ ଦାଶ, ସୁରେଶ ପଣ୍ଡା, ତନ୍ମୟ ଦାସ, କୃଷ୍ଣ କହ୍ନେଇୟା ବେଜ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟେକ ଦିନ ପାଞ୍ଚ ଜଣ ଲେଖାଁଏ କର୍ତ୍ତା ପୂଜା କାର୍ଯ୍ୟରେ ସାମିଲ ଥିଲେ। ଏହି ଅବସରରେ ଅନୁଷ୍ଠିତ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ପାଟଣାଗଡ ଉପ ଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବିଜୟା ନନ୍ଦ ସେଠୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଏସଡି ସିଏମଓ ରଶ୍ମି ରଞ୍ଜନ ରାଉତ ,ସମ୍ମାନିତ





ଉଦ୍‌ଯାପନୀ ମହୋତ୍ସବରେ ମଞ୍ଚାସୀନ ଅତିଥି ।

ଅତିଥି ରୂପେ ପାଟଣାଗଡ ଏସଡିପିଓ ଜ୍ୟୋର୍ତିମୟ ଭୁକ୍ତା , ବେଲପଡା ବିଡିଓ ଭିକ୍ଟୋର ସୋରେନ , ଖପ୍ରାଖୋଲ ବିଡିଓ ବିଜୟ ହୋତା, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବେଲପଡ଼ା ତହସିଲଦାର ପ୍ରଶାନ୍ତି ପ୍ରଧାନ, ପାଟଣାଗଡ ତହସିଲଦାର ଲକ୍ଷ୍ମଣ ମାଝୀ, ଅତିରିକ୍ତ ତହସିଲଦାର ଧିରଜ କୁମାର ପାତ୍ର, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ , ଖପ୍ରାଖୋଲ ସିଡିପିଓ ସୁଜାତା ଡୋରା, ଏସଡିପିଆରଓ ସଞ୍ଜୀବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ବଳଭଦ୍ର ଦାଶ ପରିଚାଳନା କରିଥିବା ବେଳେ ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ଜଗନ୍ନାଥ ଭଜନ , ବଲାଙ୍ଗୀର ନଟରାଜ କଳା ପରିଷଦ , ତମିଆ ରାମଲୀଳା ଏବଂ ଦିତୀୟ ମଞ୍ଚରେ ବଲାଙ୍ଗୀର ଦୁଲଦୁଲି କଳା ପରିଷଦ, ଅର୍ଚ୍ଚନା ପାଢ଼ୀ ଓ ସାଥୀଙ୍କ ରଙ୍ଗାରଙ୍ଗ ଅର୍କେଷ୍ଟ୍ରା ଓ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ପାଞ୍ଚ ଦିନ ଧରି ଚାଲିଥିବା ମହୋତ୍ସବରେ ଭୁଲିଆ ସମାଜ ଓ ଯୁବ କୁଲୁତା ସମାଜ ତରଫରୁ ଅନ୍ନଛତ୍ର ଖୋଲାଯାଇଥିଲା। ସାଇ ସଂଗଠନ , ବଜରଙ୍ଗ ଦଳ , ଦଳ ସମାଜ , ବନ ବିଭାଗ, ବିଙ୍ଗ ହ୍ୟୁମାନ ଫାଉଣ୍ଡେଶନ ତରଫରୁ ଜଳ ଛତ୍ର ଖୋଲା ଯାଇଥିଲା। ଏହି ଅବସରରେ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଅଗ୍ନିଶମ ବିଭାଗ, ପାନୀୟ ଜଳ, ବିଦ୍ୟୁତ୍ ବିଭାଗ, ବିଭିନ୍ନ ବିଭାଗ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦେବୋତ୍ତର ବିଭାଗ, ମନ୍ଦିର ପରିଚାଳନା ସବକମିଟି ସଦସ୍ୟ ଉପସ୍ଥିତ ଥିଲେ। ବର୍ଷା ଯୋଗୁ ଶେଷ ରାତିରେ ମେଳା ପ୍ରଭାବିତ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଅଭୟ



@ ପୁସ୍ତମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚୋର ସନ୍ଦେହରେ ଯୁବକଙ୍କୁ ପୋଲିସର ନିସ୍ଥୁକ ମାଡ଼

## ଥାନାର ଦ୍ୱାରସ୍ଥ ହେଲେ ପରିବାର

ଭବାନୀପାଟଣା,୫।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ମଦନପୁର ରାମପୁର ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ପୋଲିସ ହତ୍ୟା କରିଥିବା ଅଭିଯୋଗର ଦିନକ ପୂର୍ବରୁ ପୋଲିସର ଆଉ ଏକ ବର୍ବର କାଣ୍ଡ ସାମ୍ନାକୁ ଆସିଛି। ମୋବାଇଲ ଚୋର ସନ୍ଦେହରେ ଭବାନୀପାଟଣା ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଥାନାକୁ ଆଣି ନିସ୍ଥୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକଙ୍କ ଶରୀରରେ ମାଡ଼ ଚିହ୍ନ ଥିବାବେଳେ ଗୋଡ଼ ଫୁଲି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ସେ ଭଲଭାବେ ଚାଲି ପାରୁନାହାନ୍ତି। ଏନେଇ ପୀଡ଼ିତ ଯୁବକଙ୍କ ପରିବାରଲୋକେ ଓ ଗ୍ରାମବାସୀ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରି ମାଡ଼ ମାରିଥିବା ୩ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୧ ତାରିଖରେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଲଗାଁରେ ଏକ ମୋବାଇଲ ଚୋରି ମାମଲାରେ ସେହି ଗାଁର ଯୁବକ ଦେବେନ୍ଦ୍ର ଛତ୍ରିଆଙ୍କୁ ପୋଲିସ ଥାନାକୁ ଆଣିଥିଲା। ଦିନକ ପରେ ସେ ଥାନାରୁ ବାହାରିବା ପରେ ତାଙ୍କ ଗୋଡ଼, ହାତ, ପିଠିରେ ଆଘାତ ଚିହ୍ନ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କ ଗୋଡ ମଧ ଫୁଲି ଯାଇଥିଲା। ଏହାଦେଖି ପରିବାର ଲୋକେ ପଚାରିବାରୁ ପୋଲିସ ମାଡ଼ ମାରିଥିବା ଦେବେନ୍ଦ୍ର କହିଥିଲେ। ଘଟଣା ସମ୍ପର୍କରେ ସଦର ଥାନା ଆଇଆଇସି ରଶ୍ମିତା ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଦେବେନ୍ଦ୍ରଙ୍କ ବିରୋଧରେ ମୋବାଇଲ ଚୋରି ଅଭିଯୋଗ ଥିବାରୁ ତାଙ୍କୁ ଥାନାକୁ ଅଣାଯାଇଥିଲା। କିନ୍ତୁ ହାଜତରେ ତାଙ୍କୁ ମାଡ଼ ମରାଯାଇ ନାହିଁ। ତେବେ ଲିଖିତ ଅଭିଯୋଗ ଭିତ୍ତିରେ ଏହି ମାମଲାର ତଦନ୍ତ କରାଯିବ ବୋଲି ଆଇଆଇସି ପ୍ରଧାନ ପ୍ରକାଶ କରିଛନ୍ତି।



ଥାନାର ଦ୍ୱାରସ୍ଥ ପୀଡ଼ିତଙ୍କ ପରିବାର।

# ଖବର ପ୍ରକାଶ ପରେ ଘରକୁ ନେଇ ଭତ୍ତା ପ୍ରଦାନ କଲେ ଅଧିକାରୀ

କୋକସରା,୫।୫(ଡି.ଏନ୍.ଏ.)

ଭତ୍ତା ପାଇଁ ଜଣେ ବୃଦ୍ଧା ୫ କିଲୋମିଟର ଚାଲିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହେବା ପରେ ବୃଦ୍ଧାଙ୍କ ଘରେ ପହଞ୍ଚି ଭତ୍ତା ଟଙ୍କା ପ୍ରଦାନ କରିଛନ୍ତି ସରପଞ୍ଚ, ବ୍ଲକ ଓ ବ୍ୟାଙ୍କ ଅଧିକାରୀ। ସେ ହେଲେ କଳାହାଣ୍ଡି ଜିଲା କୋକସରା ବ୍ଲକ କୁଲେରଗୁଡ଼ା ଗାଁର ପିତବତୀ ପାଳି ( ୮୦)। ଏଣିକି



ବୃଦ୍ଧାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି ବ୍ଲକ ଓ ବ୍ୟାଙ୍କ କର୍ମଚାରୀ।

ଆଉ ବ୍ୟାଙ୍କ ଯିବାକୁ ପଡ଼ିବନାହିଁ, ବ୍ୟାଙ୍କ କର୍ମଚାରୀ ନିଜେ ଆସି ଘରେ ଭତ୍ତା ପ୍ରଦାନ କରିବେ ବୋଲି କହିଛନ୍ତି। କୋକସରା ବ୍ଲକ ବିଏସଏସଓ ଦୀପକ କୁମାର ବେହେରା, ବ୍ୟାଙ୍କ ଅଧିକାରୀ ବିଶ୍ୱଜିତ ପ୍ରସାଦ ରାମ, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର ପହଞ୍ଚି ଭତ୍ତା ପ୍ରଦାନ କରିଥିଲେ। ସୂଚନା ଅନୁସାରେ ବୃଦ୍ଧା ଜଣଙ୍କ ଭତ୍ତା ଟଙ୍କା ପାଇଁ ଟାଣ ଖରା ସାଙ୍ଗକୁ ପଥୁରିଆ ରାସ୍ତାରେ ଚାଲି ଚାଲି ଯାଉଥିଲେ। ବୃଦ୍ଧାଙ୍କୁ ଅନେକ ଲୋକ ଅନେକ କଥା ପଚାରିଥିଲେ। ତାଙ୍କ ଗାଁରେ ବ୍ୟାଙ୍କ ନ ଥିବାରୁ ସେ ଟେମେରା ମିନି ବ୍ୟାଙ୍କକୁ ଯାଉଛନ୍ତି ବୋଲି କହିଥିଲେ। ପୂର୍ବରୁ ଭତ୍ତା ଟଙ୍କା ସିଧାସଳଖ ପଞ୍ଚାୟତ ପକ୍ଷରୁ ଦିଆଯାଉଥିବାବେଳେ ଏବେ କିନ୍ତୁ ଅନଲାଇନରେ ମିଳୁଥିବାରୁ ବହୁତ ଅସୁବିଧା ହେଉଛି ବୋଲି ସେ କହିଥିଲେ।

# ୧୨୪ ଜଣଙ୍କ ଚକ୍ଷୁ ପରୀକ୍ଷା: ୯୦ ଜଣଙ୍କୁ ଚଷମା ପ୍ରଦାନ

## ଦ୍ୱିତୀୟ ଦିନରେ ମେଗା ଚକ୍ଷୁ ଚିକିତ୍ସା ଶିବିର

ମୁରିବାହାଲ,୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ଓ ଜୟପ୍ରକାଶ ଚାରିଟେବୁଲ ଟ୍ରଷ୍ଟ ରାଉରକେଲାର ମିଳିତ ଉଦ୍ୟମରେ ଗତ ୪ତାରିଖଠାରୁ ଚାଲିଥିବା ମାଗଣା ମେଗା ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ଦିବସରେ ୧୨୪ ଜଣ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ତନ୍ମଧ୍ୟରୁ ୯୦ ଜଣ ରୋଗୀଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୮ ଜଣ ରୋଗୀଙ୍କୁ ଅଧିକ ଚିକିତ୍ସା ସହ ଅସ୍ତ୍ରୋପଚାର କରିବା ପାଇଁ ଚୟନ କରାଯାଇଛି।

ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ହଂସରାଜ ଜୈନଙ୍କ ନେତୃତ୍ୱରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରେ ଉକ୍ତ ମାଗଣା ଚକ୍ଷୁ ଚିକିତ୍ସା ଶିବିର ହେବାର ଅଛି। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ଦିବସରେ ମୁରିବାହାଲ ବ୍ଲକ ପତ୍ରପାଲି(କ) ଗ୍ରାମ ପଞ୍ଚାୟତର ସଦର ମହକୁମାଠାରେ ଚକ୍ଷୁ ଚିକିତ୍ସା ଶିବିର ହୋଇଥିଲା। ଶିବିରକୁ ପତ୍ରପାଲି(କ) ସରପଞ୍ଚ ରାଧେଶ୍ୟାମ ଦୀପ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଗ୍ରାମାଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର ହେବା ଦ୍ୱାରା ସାଧାରଣ ଜନତା କିପରି ଲାଭ ପାଇ ପାରୁଛନ୍ତି ସେ ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ରୂପେ ମୁରିବାହାଲ ସରପଞ୍ଚ ବିଶ୍ୱ ବିହାରୀ ଯୋଶୀ, ଡଙ୍ଗରପଡା ସରପଞ୍ଚ ରାମଦାଶ ମହାକୁର, ଲଖନା ସରପଞ୍ଚ ସଦାନନ୍ଦ ଦୀପ, ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।





ଚିକିତ୍ସା ପୂର୍ବରୁ ଲୋକଙ୍କୁ ସଚେତନ କରୁଥିବା ବିଜେଡି କର୍ମକର୍ତ୍ତାବୃନ୍ଦ।

ଉକ୍ତ ଶିବିରରେ ଡା. ଦେବାଶିଷ ସାହୁ, ଟେକନିସିଆନ ସୁନୀଲ କୁମାର ଦାସ, ଆସିଷ୍ଟାଣ୍ଟ ଦିଲୀପ ଟିପୁ ଉପସ୍ଥିତ ରହି ଚିକିତ୍ସା କରଥିଲେ। ଶନିବାର ମୁରିବାହାଲ ବ୍ଲକର ଗୁଡିଘାଟ ଓ ପରବର୍ତ୍ତୀ ଦିନଗୁଡିକରେ ସିନ୍ଦେକେଲା, ବେଲପଡା, ଧାମନଡ଼ଙ୍ଗା ଓ ମହଖଣ୍ଡରେ ଶେଷ ହେବ ବୋଲି ଆୟୋଜକ ମୁଖ୍ୟ ଜୈନ ଜଣାଇଛନ୍ତି। ଉକ୍ତ ଶିବିରକୁ ସଫଳ କରିବାରେ ଯୁଧିଷ୍ଠିର ଭରାସାଗରିଆ, ମଳୟ ପୁଟେଲ, ଜୟ କିଷାନ ବାଗ, ଛବିଳା ଭୋଇ, ଉମେଶ ବର୍ମା, ନକୁଳ ପୁଟେଲ କିଶୋର ପୁଟେଲ, ବାସୁଦେବ ସାହୁ, ଦିଲୀପ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।



ଏନ୍‌ସିପି ସୁପ୍ରିମୋ ଶରଦ ପାଓ୍ବାର ଇସ୍ତଫା ନିଷ୍ପତ୍ତି ବଦଳାଇବା ପରେ ମୁମ୍ବାଇସ୍ଥିତ ଦଳୀୟ କାର୍ଯ୍ୟାଳୟ ବାହାରେ ସମର୍ଥକମାନେ ଖୁସି ମନାଉଛନ୍ତି।

# ଭାଜପା ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥାଏ: ବିଜେଡି

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ଓଡ଼ିଶା ଭାଜପା ରାଜନୀତିରେ ଆପରାଧିକ ପୃଷ୍ଠଭୂମି ଥିବା ଲୋକଙ୍କୁ ଉତ୍ସାହିତ କରୁଥିବା ବେଳେ ରାଜ୍ୟରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି।

ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ ଝାରସୁଗୁଡ଼ା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ନାମରେ ହତ୍ୟା ଉଦ୍ୟମ ସମେତ ୧୨ଟି ମାମଲା ରହିଛି। ଓଡ଼ିଶା ଭାଜପା ସବୁବେଳେ ଆପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କୁ ହିଁ ସ୍ଥାନ ଦେଇଥାଏ। ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ବିରୋଧରେ ୧୩ଟି ଆପରାଧିକ ମାମଲା ବିଚାରାଧୀନ ରହିଛି। ଈରାଶିଷ ଆଚାର୍ଯ୍ୟଙ୍କ ବିରୋଧରେ ୧୪ଟି ମାମଲା ବିଚାରାଧୀନ ଅଛି। ସେହିପରି ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ବିରୋଧରେ ହତ୍ୟା ମାମଲା ସମେତ ୧୬ଟି ଆପରାଧିକ ମାମଲା ରହିଛି। କିଏ ବେଆଇନ କାର୍ଯ୍ୟ କରୁଛି ଏବଂ ଅପରାଧୀଙ୍କୁ କିଏ ସମର୍ଥନ କରୁଛି ତାହା ଓଡ଼ିଶାର ଲୋକମାନେ ଦେଖୁଛନ୍ତି। ସେମାନେ ଏହାର ଉପଯୁକ୍ତ ଉତ୍ତର ଦେଉଛନ୍ତି ବୋଲି ଲେନିନ କହିଛନ୍ତି। ଝାରସୁଗୁଡ଼ା ଉପନିର୍ବାଚନରେ ଭାଜପା ନିଜର ଆସନ୍ନ ପରାଜୟକୁ ଦେଖି ବିଜେଡି ନେତା ତଥା କର୍ମୀଙ୍କ ଉପରେ ନିର୍ବାଚନ ହିଂସା ଆରମ୍ଭ କରିଦେଇଛି। ପଦ୍ମପୁର ଏବଂ ବିଜେପୁର ଉପନିର୍ବାଚନରେ ଏବଂ ବର୍ତ୍ତମାନ ଝାରସୁଗୁଡ଼ା ଉପନିର୍ବାଚନରେ ପରାଜୟକୁ ଭୟ କରି ସେମାନେ ପୁଣି ଏଭଳି କାଣ୍ଡ ଆରମ୍ଭ କରିଛନ୍ତି।

ମେ' ୨ ତାରିଖରେ ଭାଜପା କର୍ମୀ ଓ ବହୁସମର୍ଥକ ବିଜେଡି କର୍ମୀ ଗୋବିନ୍ଦ ଝରାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ କ୍ଷେତ୍ରର ଗୌରପଡ଼ା, ଧୁବେନବୁଡ଼ା, କୁଲିହାମଲ, କୋଲାବିରା ବ୍ଲକରେ ବିଜେଡି କର୍ମୀଙ୍କ ଉପରେ ସେମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବିଜେଡି କର୍ମୀ ଗୋବିନ୍ଦ ଝରା ଗୁରୁତର ଆହତ ହୋଇଛନ୍ତି। ମେ' ୩ ତାରିଖରେ ଭାଜପା ବିଧାୟିକା କୁସୁମ ଟେଟେ ଓ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ତାଙ୍କର ଦଳବଳ ସହିତ ଲଇକେରା ବ୍ଲକର ନିର୍କିମୋଲଠାରେ ବିଜେଡି କର୍ମୀଙ୍କ ଉପରେ ଆକ୍ରମଣ କରିଥିଲେ। ଓଡ଼ିଶା ଭାଜପା ନେତାଙ୍କ ଆପରାଧିକ ମାମଲା ତଥା ଝାରସୁଗୁଡ଼ା ଉପନିର୍ବାଚନରେ ନିର୍ବାଚନୀ ହିଂସା ଦର୍ଶାଉଛି ଯେ ଆପରାଧିକ ରେକର୍ଡ ଥିବା ଲୋକଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଓଡ଼ିଶା ଭାଜପା କିପରି ଉତ୍ସାହିତ କରୁଛି। ଯେତେବେଳେ ନିର୍ବାଚନରେ ନିଶ୍ଚିତ ପରାଜୟ ଦେଖୁଛି ଭାଜପା ଏଭଳି ହିଂସାକାଣ୍ଡ ଭିଆଉଛି। ଏଥିପାଇଁ ରାଜ୍ୟର ଲୋକମାନେ ଓଡ଼ିଶା ଭାଜପାକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ ଝାରସୁଗୁଡ଼ା ଉପନିର୍ବାଚନରେ ମଧ୍ୟ ଅନୁରୂପ ଭାବେ ପ୍ରତ୍ୟାଖ୍ୟାନ କରିବେ ବୋଲି ଲେନିନ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲୋରା ମହାପାତ୍ର ଏବଂ ମଧୁସ୍ମିତା ସାହୁ ଉପସ୍ଥିତ ଥିଲେ।

# ପଞ୍ଚାୟତବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

## ନିର୍ବାଚନ ପରେ ପଦକ୍ଷେପ ନିଆଯିବ: ମନ୍ତ୍ରୀ

**ସମ୍ବଲପୁର/କୋଲାବିରା, ୫।୫(ବ୍ୟୁରୋ/ଡି.ଏନ.ଏ.)**

ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉ ନ ଥିବା ପ୍ରତିବାଦରେ ଶୁକ୍ରବାର ଝାରସୁଗୁଡା ଜିଲା କୋଲାବିରା ବ୍ଲକ ସମାସିଂହା ପଞ୍ଚାୟତବାସୀ ବୈଠକ କରି ଉପନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଜାଣିବା ପରେ ଅଞ୍ଚଳରେ ପ୍ରଚାର କରୁଥିବା ଦୁଇ ମନ୍ତ୍ରୀ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ନିର୍ବାଚନ ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

ଚାଷୀମାନେ ଅଭିଯୋଗ କରିଥିଲେ, ସୋଡ଼ାମାଲ ଗ୍ରାମ ଭେଡେନ ନଦୀ କୂଳରେ ଦୀର୍ଘଦିନ ହେବ ଏକ ମେଗା ଉଠା ଜଳସେଚନ ପ୍ରକଳ୍ପ ଅଚଳ ହୋଇରହିଛି। ପ୍ରକଳ୍ପ ଯେଉଁଠାରେ ନିର୍ମାଣ ହେବା କଥା


ଚାଷୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ ଟୁକୁନି ସାହୁ ଏବଂ ନିରଞ୍ଜନ ପୂଜାରୀ।

କରାଯାଇ ନାହିଁ। ଖାଲ ସ୍ଥାନରେ ନିର୍ମାଣ ହୋଇଥିବାରୁ ମରୁଡ଼ି ସମୟରେ ଚାଷ ପାଇଁ ପାଣି ମିଳୁନାହିଁ। ଅନ୍ୟପଟେ ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ପାଇପ୍ ଫାଟିଯାଇଛି। ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ ଭୋଟ ନ ଦେବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସହିତ ଭେଡେନ ନଦୀଠାରେ ବ୍ୟାରେଜ ନିର୍ମାଣ କରିବାକୁ ସେମାନେ ଦାବି କରିଥିଲେ। ଏହି ସମୟରେ ସମାସିଂହା ଅଞ୍ଚଳରେ ନିର୍ବାଚନ ପ୍ରଚାର କରୁଥିବା ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଓ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅସନ୍ତୁଷ୍ଟ ଚାଷୀଙ୍କୁ ଭେଟିଥିଲେ। ନିର୍ବାଚନ ସରିବା ପରେ ଏକ ଟିମ୍ ଭୁବନେଶ୍ୱରକୁ ଆସି ଆଲୋଚନା କରିବା ପାଇଁ ଉଭୟ ମନ୍ତ୍ରୀ କହିଥିଲେ। ଚାଷୀମାନେ ମନ୍ତ୍ରୀଙ୍କ କଥାରେ ସହମତ ହେବା ସହିତ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବା ସହ ୨୦୨୪ ନିର୍ବାଚନ ସମୟରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ।

# ଭାଜପାରେ ଯୋଗଦେଲେ ପଞ୍ଜାବ ପୂର୍ବତନ ବାଚସ୍ପତି

**ଚଣ୍ଡିଗଡ,୫।୫**

ଶିରୋମଣି ଅକାଳୀ ଦଳର ବରିଷ୍ଠ ନେତା ତଥା ପଞ୍ଜାବ ବିଧାନସଭାର ପୂର୍ବତନ ବାଚସ୍ପତି ଚରଣଜିତ ସିଂ ଅଟୱାଲ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା ଚରଣଜିତଙ୍କୁ ବିଧିବଦ୍ଧ ଭାବେ ଶୁକ୍ରବାର ଦଳରେ ସାମିଲ କରାଇଛନ୍ତି। ନିକଟରେ ସେ ଶିରୋମଣି ଅକାଳୀ ଦଳରୁ ଇସ୍ତଫା ଦେଇଥିଲେ। ଏହାର କିଛି ଦିନ ପୂର୍ବରୁ ତାଙ୍କ ପୁଅ ଇନ୍ଦର ଇକବାଲ ଅଟୱାଲ ଭାଜପାରେ ଯୋଗ ଦେଇଥିଲେ। ଦୀର୍ଘ ଦିନ ଧରି ଚରଣଜିତ ଭାଜପାରେ ଯୋଗଦେବା ନେଇ କଳ୍ପନାଜଳ୍ପନା ଲାଗିରହିଥିଲା। ସୂଚନାଯୋଗ୍ୟ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ଚରଣଜିତ ଲୋକ ସଭାର ଉପବାଚସ୍ପତି ଦାୟିତ୍ୱ ମଧ୍ୟ ନିର୍ବାହ କରିଥିଲେ। ଅପରପକ୍ଷେ ତାଙ୍କୁ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲଙ୍କ ପାଖ ଲୋକ ବୋଲି ବି ବିବେଚନା କରାଯାଏ।

# ବିପ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେଡି ପ୍ରତିନିଧି ଦଳ ଦାବିପତ୍ର ଦେଉଛନ୍ତି।

## ସିଇଓଙ୍କୁ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନରେ ହାରିବା ଭୟରେ ବିଜେପୁର ଓ ପଦ୍ମପୁର ଭଳି ହିଂସା ରାଜନୀତି ଭାଜପା ଆପଣାଇଥିବା ବିଜେଡି ଅଭିଯୋଗ କରିଛି। ଭାଜପା କର୍ମକର୍ତ୍ତା ବିପ୍ର ବନଛୋର ଓ ସେମାନଙ୍କ ସମର୍ଥକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ଗତ ୨ ତାରିଖରେ ଗୌଡ଼ପଡ଼ାର ବିଜେଡି କର୍ମୀ ଗୋବିନ୍ଦ ଝରା ପ୍ରଚାର କରୁଥିବା ବେଳେ ଭାଜପା କର୍ମୀ ବିପ୍ର ବନଛୋର ଓ ଦଳର ସମର୍ଥକ ଗୋବିନ୍ଦଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କିତ ଫଟୋ ଓ ଭିଡିଓ ସିଇଓଙ୍କୁ ବିଜେଡି ପ୍ରତିନିଧି ଦଳ ହସ୍ତାନ୍ତର କରିଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତିଙ୍କ ନେତୃତ୍ୱରେ ୪ ଜଣିଆ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତ।

## ଫୁର୍‌ସତ୍

# ଅପରେଶନ ମାଧ୍ୟମରେ ଉଚ୍ଚତା ବୃଦ୍ଧି

**ବର୍ଲିନ୍**

ଅଧିକ ସୁନ୍ଦର ଦେଖାଯିବାକୁ ଲୋକେ କେତେ କ'ଣ ପନ୍ଥା ଆପଣେଇଥା'ନ୍ତି। ଏପରିକି ଅନେକେ ମୁହଁର ପ୍ଲାଷ୍ଟିକ ସର୍ଜରି ମଧ୍ୟ କରାନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ପ୍ଲାଷ୍ଟିକ ସର୍ଜରି ଏକ ସାଧାରଣ କଥା। ହେଲେ କେହି ସୁନ୍ଦର ଦିଶିବା ପାଇଁ ଗୋଡ଼ ଲମ୍ବା କରିବା ଶୁଣିଛନ୍ତି? ଏହା ଅଜବ ଲାଗୁଥିବେ ବି ସତ। ରିପୋର୍ଟ ମୁତାବକ, ଜର୍ମାନୀର ୩୧ ବର୍ଷୀୟା ମେଡେଲର ଥେରେସିଆ ଫିଶ୍ଚର ଏପରି କରିଛନ୍ତି। ତାଙ୍କ କହିବା ମୁତାବକ, ତାଙ୍କର କମ୍ ଉଚ୍ଚତା ପାଇଁ ଲୋକେ ତାଙ୍କୁ ଅନେକ କଥା ଶୁଣାଉଥିଲେ। ଏଥିସହ ସେ ତାଙ୍କ ମଡେଲିଂ କ୍ୟାରିୟର ପାଇଁ ମଧ୍ୟ ନିଜର ଗୋଡ଼ ଲମ୍ବା କରିବା କଥା ଚିନ୍ତା କଲେ। ନିକଟରେ ସେ ୨ଟି ଅପରେଶନ ସାହାଯ୍ୟରେ ୨ଟି ଟେଲିସ୍କୋପି ରଡ଼ ଭର୍ତ୍ତି କରାଇଛନ୍ତି। ଏଥିପାଇଁ ତାଙ୍କୁ ୧୬୧ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧ କୋଟି ୩୧ ଲକ୍ଷ ୬୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଛି। ଅପରେଶନ ଯୋଗୁ ତାଙ୍କ ଉଚ୍ଚତା ୧୪ ସେ.ମି. ବୃଦ୍ଧି ପାଇ ୬ ଫୁଟ୍ ହୋଇଛି। ଏପରି କରିବା ଦ୍ୱାରା ତାଙ୍କୁ ବହୁତ ଫାଇଦା ମିଳିଛି। ଏବେ ତାଙ୍କର ୬ ନୂଆ ବୟଫ୍ରେଣ୍ଡ ହେବା ସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଇଛି। ଏଥିସହ ଖୁସି ଏବଂ ସନ୍ତୁଷ୍ଟି ମିଳିଥିବା ସେ କହିଛନ୍ତି। ହେଲେ ତାଙ୍କୁ ସୋସିଆଲ ମିଡିଆରେ ଲୋକଙ୍କ ଅନେକ କଥା ଶୁଣିବାକୁ ପଡୁଛି, ଯାହା ତାଙ୍କୁ କଷ୍ଟ ଦେଉଛି।



# ବାଂଲାଦେଶରେ 'ପଠାନ'

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହରୁଖ ଖାନ୍, ଦୀପିକା ପାଦୁକୋନ ଓ ଜନ ଆବ୍ରାହମଙ୍କ ଫିଲ୍ମ 'ପଠାନ' ଲୋକଙ୍କ ମନ ଜିଣିଛି। ପ୍ରାୟ ୪ ବର୍ଷ ପରେ ବଡ଼ ପରଦାକୁ ଫେରିଥିବା କିଙ୍ଗ ଖାନ୍‌ଙ୍କ ଜବରଦସ୍ତ ଲେଉଟାଣି ପରେ 'ପଠାନ୍' ମୁଭି ବକ୍ସ ଅଫିସରେ ସବୁଠାରୁ ଅଧିକ ଆୟ କରିଛି। ଫିଲ୍ମଟି ପୂର୍ବର ସମସ୍ତ ରେକର୍ଡକୁ ଭାଙ୍ଗି ଦେଇଛି। ସାରା ବିଶ୍ୱରେ ନିଜର ଜଲୱା ଦେଖାଇଥିବା ପଠାନ ଏବେ ପଡ଼ୋଶୀ ବାଂଲାଦେଶରେ ରିଲିଜ ହେବାକୁ ପ୍ରସ୍ତୁତ ହୋଇଗଲାଣି। ପଠାନ ଭାରତ ସମେତ ପ୍ରାୟ ୧୦୦ ଦେଶରେ ୨୫ ଜାନୁୟାରୀରେ ରିଲିଜ ହୋଇଥିଲା। ରିଲିଜର ପ୍ରଥମ ଦିନରୁ ହିଁ ଫିଲ୍ମ ଦମଦାର ଆୟ କରିବା ଆରମ୍ଭ କରିଥିଲା। ଏବେ ପ୍ରାୟ ସାଢେ ତିନି ମାସ ପରେ ପଠାନ ବାଂଲାଦେଶରେ ରିଲିଜ ହେବାକୁ ପ୍ରସ୍ତୁତ ହୋଇଯାଇଛି। ବାଂଲାଦେଶରେ ମୁଭି ମେ'୧୨ରେ ରିଲିଜ ହେବ ବୋଲି କୁହାଯାଉଛି। ୧୯୭୧ ପରେ ପଠାନ ପ୍ରଥମ ହିନ୍ଦୀ ମୁଭି ଭାବେ ବାଂଲାଦେଶରେ ରିଲିଜ ହେବ।


ଶାହରୁଖ ଖାନ୍

# ଛତା ଧରି ବାହାହେଲେ ବର



**ରାୟପୁର**

ଅନେକ ସମୟରେ ବିବାହକୁ ନେଇ ଭିନ୍ନ ଘଟଣା ଶୁଣିବାକୁ ମିଳିଥାଏ, ଯାହା ଅତ୍ୟନ୍ତ ରୋଚକ ହୋଇଥାଏ। ଯେପରିକି ବର ଜେସିବି ସାହାଯ୍ୟରେ ହେଉ କି କନ୍ୟାକୁ ବର ମୋଟରସାଇକେଲରେ ଆଣିବା ନଜରକୁ ଆସିଛି। ସେହିପରି ନିକଟରେ ଏକ ଭିନ୍ନ ବିବାହ ଦେଖିବାକୁ ମିଳିଛି, ଯାହା ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ବର-କନ୍ୟାଙ୍କ ବିବାହ ଚାଲିଥିବା ସମୟରେ ହଠାତ୍ ଜୋର୍‌ରେ ବର୍ଷା ହେଲା। କିନ୍ତୁ ବିବାହ ସମୟରେ ଅଗ୍ନିକୁ ସାକ୍ଷୀ ରଖି ୭ ଘେରା ବାକି ରହିଯାଇଥିଲା। ହେଲେ ସେହି ବର୍ଷାରେ ସେମାନେ ପରସ୍ପର ହାତ ଛନ୍ଦି ଛତା ତଳେ ୭ ଘେରା ବୁଲିଥିଲେ। ବ୍ରାହ୍ମଣ ଘର ଭିତରେ ଥାଇ ମନ୍ତ୍ରୋଚାରଣ କରୁଥିବା ଦେଖିବାକୁ ମିଳିଥିଲା। ଘଟଣାଟି ଛତିଶଗଡ଼ କବର୍ଦ୍ଧା ଜିଲାର ପଣ୍ଡରିଆ ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି। ଏହି ବିବାହର ଏକ ଭିଡିଓ ଜଣେ ବ୍ୟକ୍ତି ତାଙ୍କ ସୋସିଆଲ ମିଡିଆରେ ଛାଡ଼ିବା ପରେ ତାହା ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଲୋକେ ଏହି ଭିଡିଓକୁ ଅଧିକ ପସନ୍ଦ କରିଥିବା ଦେଖିବାକୁ ମିଳିଛି। ଏଥିରେ ଲୋକେ ଅନେକ ମଜାଳିଆ କମେଣ୍ଟ ମଧ୍ୟ ଦେଇଛନ୍ତି। ଜଣେ ଲେଖିଛନ୍ତି, ଦୁହିଁଙ୍କ ଡେଡିକେଶନକୁ ମାନିବାକୁ ପଡିବ। ଅନ୍ୟଜଣେ ଲେଖିଛନ୍ତି, ଲୋକେ ଅଗ୍ନିକୁ ସାକ୍ଷୀ ରଖି ବିବାହ କରିଥା'ନ୍ତି, ହେଲେ ଏମାନେ ପାଣିକୁ ସାକ୍ଷୀ ରଖି ବିବାହ କରୁଛନ୍ତି।

# ୧୦୬ ବର୍ଷୀୟା ଟାଟୁ ଆର୍ଟିଷ୍ଟ



**ମାନିଲା:** ବୟସ ୬୦/୭୦ ହେବା ବେଳକୁ ଲୋକେ ଅଣ୍ଟା ସଳଖି ପାରନ୍ତିନି। ବସା-ଉଠା କରିବାରେ ବହୁ କଷ୍ଟ ଅନୁଭବ କରନ୍ତି। ହେଲେ ଏମିତି ବି ଲୋକ ଅଛନ୍ତି, ଯେଉଁମାନେ ପରିଣତ ବୟସରେ ମଧ୍ୟ ଏମିତି କିଛି କରୁଛନ୍ତି, ଯାହା ଫଳରେ ସେମାନେ ଚର୍ଚ୍ଚାର ପରିସରକୁ ଆସନ୍ତି। ନିକଟରେ ଜଣେ ଟାଟୁ ଆର୍ଟିଷ୍ଟଙ୍କ ଚମତ୍କାର କଳାକୃତିକୁ ଦେଖି ସହଜରେ ତାଙ୍କ ବୟସ ବିଶ୍ୱାସ କରିହେଉନି। ରିପୋର୍ଟ ମୁତାବକ, ୧୦୬ ବର୍ଷୀୟା ଦାଦି ଗ୍ରାହକଙ୍କ ଦେହରେ ନିଖୁଣ ଭାବେ ତାଙ୍କ କଳାକୃତିର ଛାପ ଛାଡୁଛନ୍ତି। ସେ ୯୦ ବର୍ଷ ପୂର୍ବେ ଏହି ଟାଟୁ କରିବା ଆରମ୍ଭ କରିଥିଲେ। ସେ ମାରିୟା ଓଗୟେ ନାମରେ ଅଞ୍ଚଳରେ ବେଶ୍ ଜଣାଶୁଣା। ସେ ୧୬ ବର୍ଷ ବୟସରେ ବଟୋକ ଟାଟୁର ପାରମ୍ପରିକ କାର୍ଯ୍ୟ ତାଙ୍କ ବାପାଙ୍କଠାରୁ ଶିଖିଥିଲେ। ସେ ବସକାଲନ ନାମକ ଏକ ଗାଁରେ ଟାଟୁ କରୁଥିଲେ। ନିକଟରେ ଭୋଗ୍ ମାଗାଜିନ୍‌ରେ ତାଙ୍କୁ ଦେଖିବାକୁ ମିଳିଥିଲା, ଯେଉଁଥିରେ କି ସବୁଠୁ ବୟସ୍କା ମହିଳା ଟାଟୁ ଆର୍ଟିଷ୍ଟ ଭାବେ ମାଗାଜିନ୍‌ରେ ସେ ସ୍ଥାନ ପାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବର୍ଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫୋନ୍‌ପେରେ ୟୁପିଆଇ ଲାଇଟ୍ ଫିଚର

**ନୂଆଦିଲ୍ଲୀ,୫।୫**

ଫୋନ୍‌ପେ ନିଜ ଆପ୍‌ରେ ୟୁପିଆଇ ଲାଇଟ ଫିଚର ସାମିଲ କରିଥିବା ସମ୍ପର୍କରେ ଘୋଷଣା କରିଛି। ଏହି ଫିଚର ସହ ଗ୍ରାହକମାନେ ବିନା କୌଣସି ପିନ୍ ଏଣ୍ଟରକରି ସେମାନଙ୍କ ୟୁପିଆଇ ଲାଇଟ ଆକାଉଣ୍ଟରୁ ମାତ୍ର ଗୋଟିଏ କ୍ଲିକ୍‌ରେ ୨୦୦ଟଙ୍କାରୁ କମ୍ ମୂଲ୍ୟର ପେମେଣ୍ଟ କରିପାରିବେ । ଟ୍ରାଞ୍ଜାକ୍ସନ ପ୍ରକ୍ରିୟା ସିଧାସଳଖ ଅନ୍ ଡିଭାଇସ୍ ୟୁପିଆଇ ଲାଇଟ ବାଲାନ୍ସ ଡେବିଟ୍ ହେବା ପରେ ସମ୍ପୂର୍ଣ୍ଣ ହୋଇଯିବ । ଏହାଦ୍ୱାରା ଗ୍ରାହକଙ୍କ ବ୍ୟାଙ୍କ (ରିମିଟର ବ୍ୟାଙ୍କ)ର ମୁଖ୍ୟ ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ବାସ୍ତବିକ ସମୟରେ ଅନ୍ତର୍ଭୁକ୍ତ କରିବାକୁ ଆବଶ୍ୟକ ପଡ଼ି ନ ଥାଏ । ଏହି ଟ୍ରାଞ୍ଜାକ୍ସନ ନିୟମିତ ୟୁପିଆଇ ଟ୍ରାଞ୍ଜାକ୍ସନ ତୁଳନାରେ ଶୀଘ୍ର କରାଯାଇପାରିବ । ସମସ୍ତ ପ୍ରମୁଖ ବ୍ୟାଙ୍କଗୁଡ଼ିକ ଫୋନପେ ରେ ୟୁପିଆଇ ଲାଇଟକୁ ସମର୍ଥନ କରନ୍ତି ଏବଂ ଦେଶର ସମସ୍ତ ୟୁପିଆଇ ବ୍ୟବସାୟୀ ଏବଂ କ୍ୟୁଆର୍ ଏହାକୁ ଗ୍ରହଣ କରନ୍ତି । ଏହି ଫିଚର 'ଅନ୍-ଡିଭାଇସ୍' ବାଲାନ୍ସ ମାଧ୍ୟମରେ ପରିଚାଳିତ ହୋଇଥାଏ । ଉପଭୋକ୍ତା ନିଜର ଫୋନ୍‌ପେ ଆପ୍‌ରେ ଏକ ସରଳ ପ୍ରକ୍ରିୟା ମାଧ୍ୟମରେ ଏହି ଫିଚରକୁ ତତ୍କ୍ଷଣାତ ସକ୍ରିୟ କରିପାରିବେ ।

# ଏମ୍‌ଜି କୋମେଟ୍ ଇଭିର ଅନାବରଣ

**ଭୁବନେଶ୍ୱର,୫।୫**




ଦେଶର ପ୍ରମୁଖ ପ୍ରିମିୟମ କାର୍‌ସ ନିର୍ମାତା ଏମ୍‌ଜି ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇଲେକ୍ଟ୍ରି ଭେଇକିଲ(ଇଭି) ମଡେଲ 'ଏମ୍‌ଜି କୋମେଟ୍ ଇଭି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଏମ୍‌ଜି ଭୁବନେଶ୍ୱରଠାରେ ଏହାର ଅନାବରଣ ହୋଇଯାଇଛି। ଏହି ଅବସରରେ ସାମଲ ଗ୍ରୁପ୍‌ର ଚେୟାରମ୍ୟାନ ଗଙ୍ଗାଧର ସାମଲ, ଏମ୍ବିୟ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଅବିନାଶ ସାମଲ, ଏମ୍ବିୟ ହୁଇଲସ ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ ପାର୍ଥ ଗୁରୁ ଏବଂ ଏମ୍‌ଜି ଇଣ୍ଡିଆର ଏଏସ୍‌ଏମ୍ (ଓ ଆଣ୍ଡ ସି)ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏମ୍‌ଜି କୋମେଟ୍‌ର ଭାରିଆଣ୍ଟଗୁଡିକ ସ୍ୱତନ୍ତ୍ର ଷ୍ଟାଇଲିଂ ଏବଂ ଏଥିରେ ଅନେକ ବୈଶିଷ୍ଟ୍ୟ ଉପଲବ୍ଧ। ସେହିଭଳି ଉପଭୋକ୍ତାଙ୍କ ପାଇଁ ଏକ ବିସ୍ତୃତ ଶୃଙ୍ଖଳାର ଆଡ୍-ଅନ୍, ଆକ୍‌ସେସରି, ଫଙ୍କି ବଡି ରାପ୍ ଓ କୁଲ୍ ଷ୍ଟିକରଗୁଡିକ ସହିତ ବ୍ୟକ୍ତିଗତ ଷ୍ଟେଟ୍‌ମେଣ୍ଟ ସୃଷ୍ଟିକରିବା ପାଇଁ ମଧ୍ୟ ବିକଳ୍ପ ରହିଛି। ଏମ୍‌ଜି କୋମେଟ୍ ଇଭି ଏକ ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହାର ପେସ୍ ଭାରିଆଣ୍ଟର ପ୍ରାରମ୍ଭିକ ମୂଲ୍ୟ ୭.୯୮ ଲକ୍ଷ ଟଙ୍କା ରହିଛି।

# ହିରୋ ମୋଟୋକର୍ପର ବିକ୍ରି ଫଳାଫଳ

**ନୂଆଦିଲ୍ଲୀ,୫।୫**

ଦେଶର ପ୍ରମୁଖ ୨ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପର ୨୦୨୩-୨୪ ଆର୍ଥିକ ବର୍ଷର ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ଚଳିତ ଆର୍ଥିକ ବର୍ଷର ଏପ୍ରିଲ ମାସରେ ୩,୯୬,୧୦୭ ୟୁନିଟ୍ ଗାଡ଼ି ବିକ୍ରି କରିଥିବା ବେଳେ ଗତ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୪,୧୮, ୬୨୨ ୟୁନିଟ୍ ବିକ୍ରି କରିଥିଲା। ଏପରିକି ୨୦୨୩ ଏପ୍ରିଲରେ କମ୍ପାନୀ ମୋଟ ୩, ୬୮, ୮୩୦ ୟୁନିଟ୍ ମୋଟର ସାଇକେଲ ବିକ୍ରି କରିଥିଲା ବେଳେ ୨୦୨୨ ଏପ୍ରିଲରେ ୩, ୯୨, ୬୨୭ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ସେହିପରି ୨୦୨୨ ଏପ୍ରିଲରେ କମ୍ପାନୀ ୨୫, ୯୯୫ ୟୁନିଟ୍ ସ୍କୁଟର ବିକ୍ରି କରିଥିବାବେଳେ ୨୦୨୩ ଏପ୍ରିଲରେ ୨୭,୨୭୭ ୟୁନିଟ୍ ସ୍କୁଟର ବିକ୍ରି କରିଛି। ବିଶେଷକରି କମ୍ପାନୀ ଘରୋଇ ବଜାରରେ ମୋଟ ୩, ୮୬, ୧୮୪ ୟୁନିଟ୍ ଗାଡି ବିକ୍ରି କରିଥିଲାବେଳେ ରପ୍ତାନି ପରିମାଣ ୯,୯୨୩ ୟୁନିଟ୍ ରହିଛି। ୨୦୨୨ ଏପ୍ରିଲରେ କମ୍ପାନୀ ଯଥାକ୍ରମେ ୩, ୯୮, ୪୯୦ ୟୁନିଟ୍ ଏବଂ ୨୦,୧୩୨ ୟୁନିଟ୍ ରହିଥିଲ। ନୂଆ ଉତ୍ପାଦ, ମଜଭୁତ ଜିଡିପି ଅଭିବୃଦ୍ଧି ଓ ଗ୍ରାହକ ଚାହିଦା ଫଳରେ ଆଗାମୀ ମାସଗୁଡ଼ିକରେ କମ୍ପାନୀ ଉନ୍ନତ ଫଳାଫଳ ହାସଲ କରିବ ବୋଲି ଲକ୍ଷ୍ୟ ରଖିଛି।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏପ୍ରିଲରେ ୫,୩୧୩ ୟୁନିଟ୍ ବିକିଲା ହୋଣ୍ଡା

**ନୂଆଦିଲ୍ଲୀ,୫।୫**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ କାର୍ ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ମାସର ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷ ଏପ୍ରିଲ ମାସରେ କମ୍ପାନୀ ଘରୋଇ ବଜାରରେ ମୋଟ ୫,୩୧୩ ୟୁନିଟ୍ କାର୍ ବିକ୍ରି କରିଥିବା ବେଳେ ୨୩୬୩ ୟୁନିଟ୍ ଗାଡ଼ି ରପ୍ତାନି କରିଛି। ସେହିଭଳି ୨୦୨୨ ଏପ୍ରିଲରେ କମ୍ପାନୀ ଘରୋଇ ବଜାରରେ ମୋଟ ୭,୮୭୪ ୟୁନିଟ୍ ଗାଡ଼ି ବିକ୍ରି କରିଥିବାବେଳେ ୨୦୪୨ ୟୁନିଟ୍ ଗାଡି ରପ୍ତାନି କରିଥିଲା। ଏହି ପରିପ୍ରେକ୍ଷୀରେ ଏଚ୍‌ସିଆଇଏଲ୍ ନିର୍ଦ୍ଦେଶକ (ମାର୍କେଟ ଏବଂ ସେଲ୍‌ସ ) ୟୁଇଚି ମୁରାଟା କହିଛନ୍ତି, ଚଳିତ ବର୍ଷ ଏପ୍ରିଲ ମାସରେ ଆମର ବିକ୍ରି ଫଳାଫଳ ବେଶ୍ ଭଲି ରହିଛି। ଏପରିକି କମ୍ପାନୀର ଯୋଜନା ମୁତାବକ କାର୍ଯ୍ୟ ଜାରି ରହିଛି।


**9th Birthday of Little Angle**



(Barsha)
Barsha Priyadarshini Swain
Date of Birth- 06.05.2014
Wish you a very Happy Birthday. God bless you dear BARSHA
From: Pappa, Mumma with all Family Members and Relatives
ଧ-୦୨୭୫


# ମାଲାବାରର ବ୍ରାଇଡସ୍ ଅଫ୍ ଇଣ୍ଡିଆ କ୍ୟାମ୍ପେନିଂ

**ଭୁବନେଶ୍ୱର,୫।୫**



ଅନ୍ତଃରାଷ୍ଟ୍ରୀୟ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଏକ ଅଭିନବ ଅଭିଯାନ 'ବ୍ରାଇଡସ୍ ଅଫ୍ ଇଣ୍ଡିଆ-୨୦୨୩ କ୍ୟାମ୍ପେନିଂ'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ଓଡ଼ିଶା କ୍ଷେତ୍ରର ପ୍ରମୁଖ ତଥା ଏକ୍ସକ୍ଲୁସିଭ ଆଉଟ୍‌ଲେଟ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଶୋ'ରୁମ୍ ଶହୀଦନଗରଠାରେ ଶୁକ୍ରବାର ଏହାର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ ହୋଇଯାଇଛି। ଏହି ଅବସରରେ ମାଲାବାରର ଗ୍ରାହକ ତଥା ବ୍ରାଇଡଲମାନଙ୍କ ଦ୍ୱାରା ବ୍ରାଇଡସ୍ ଅଫ୍ ଇଣ୍ଡିଆ କ୍ୟାମ୍ପେନିଂର ଶୁଭାରମ୍ଭ କରାଯାଇଥିଲା। ବିଶେଷକରି ବ୍ରାଇଡସ୍ ଅଫ୍ ଇଣ୍ଡିଆ କ୍ୟାମ୍ପେନିଂର ୧୦ମ ଏଡିଶନକୁ ବ୍ରାଣ୍ଡ ନୂଆ ବ୍ରାଣ୍ଡ ଆମ୍ବାସାଡର ଆଲିଆ ଭଟ୍ଟ ଏବଂ ଅନୀଲ କାପୁର ଏକ ଛୋଟିଆ ଭିଡିଓ ଜରିଆରେ ବ୍ରାଣ୍ଡର ପ୍ରଚାର ଓ ପ୍ରସାର କରୁଛନ୍ତି। ସେହିଭଳି ଜଣାଶୁଣା ସ୍କ୍ରିପ୍ଟ ଲେଖକ ତଥା ସଙ୍ଗୀତକାର ଜୁହି ଚତୁର୍ବେଦୀ ଏବଂ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ କିଙ୍ଗସୁକ୍ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉକ୍ତ ଭିଡିଓ ପ୍ରସ୍ତୁତ କରାଯାଇଥିବା ବେଳେ ବଲିଉଡ୍ ନିର୍ଦ୍ଦେଶକ କୋକି ଗୁଲାଟୀ ସମ୍ପୂର୍ଣ୍ଣ ଭିଡିଓକୁ ସୁନ୍ଦର ଭାବେ ପରିକଳ୍ପନା ଓ ନିର୍ଦ୍ଦେଶନାରେ ନିର୍ମାଣ କରିଛନ୍ତି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ଚଳିତ ଥରର ବ୍ରାଇଡସ୍ ଅଫ୍ ଇଣ୍ଡିଆ କ୍ୟାମ୍ପେନିଂ ଏବଂ ଏଡିଶନ ସବୁ ବର୍ଗର ନବବିବାହିତମାନଙ୍କୁ ଆନନ୍ଦ ଓ ଖୁସି ଆଣିଦେବ। ସେହିଭଳି ବିବାହ ଉତ୍ସବ ଓ ନବବିବାହିତଙ୍କ ମଧ୍ୟରେ ରହିଥିବା ଆଶଙ୍କାଙ୍କୁ ଉକ୍ତ ଅଭିଯାନ ବେଶ୍ ସହାୟ ହେବ।


# Classified Everyday 0674-2580101, 2549949



AUTOMOBILE

**SALE**

Urgent Sale Hero Electric and Scootypep Running Scooter. Mobile-8763839132 D-0212



REAL ESTATE

**SALE**

Apartment sale near Sum Hospital Bhubaneswar. @ 4200/sqft.- Contact-9777433701. D-74853

**ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନପସନ୍ଦର ପ୍ଲଟ୍/ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

**4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact-9438362399.** D-0263

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0262

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

**1BHK flat for sale near Sundarpada, Bhubaneswar at minimum price-9776088188.** D-74856

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ-9938016295. D-74854

**ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.-** D-74855

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

Premium 3BHK Flat for Sale with 3 Balconies, BMC approved at N1/285, IRC Village, Nayapalli, Bhubaneswar. Contact - 7978145499. D-0266

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849



CONSTRUCTION

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork-SNV Construction. 9439295469. D-74842




All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74677

Newly open health benefits SPA special offer @ 799 Jaydev Vihar. 8018429809. D-75105

Newly open SPA positively health benefit with expert. Contact: 7751083098. D-74537

All types of professional body massage by professional therapy. 9556924059/ 7077933109. D-0202

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Spa full body Massage best Therapist Gents & ladies @799/- Bhubaneswar. Kajal-9337672475. D-0260

**Relax, Refresh your body, Mind at Saikrupa Spa with best therapies. 8984068077.** D-0145

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**3BHK flat available at 122A, Satyanagar for family. 9825315882, 7567765305.** D-0270

## AFFIDAVIT

By virtue of an affidavit SL. No.-1142 datd 27/04/2023 before Executive Magistrate, Khaira, Balasore I have changed my name from Ghanashyam Tiadi to Ghanashyam Panigrahi & my father's name from Late Laxman Tiadi to Late Harekrushna Panigrahi for all future purposes. Henceforth I shall be known as Ghanashyam Panigrahi aged about 65 years S/o Late Harekrushna Panigrahi Resident of vill- Kalyani, P.O.-Baghua, P.S.- Simulia, Dist.- Balasore, Pin-756182,Odisha. D-0269

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Renubala Pradhan aged about 48 years, W/o- Late Manoranjan Pradhan, Resident of At/P.O.- Mendhasal, P.S-Chandaka, Dist.- Khordha, Odisha, 752054, Aadhaar No- XXXXXXXX2300, do hereby affirm as under.That my correct name is Renubala Pradhan which has been reflected in my Aadhaar Card. That in the Service record /Service book of my husband my name is Renu Nayak instead of Renubala Pradhan. That I declare that Renubala Pradhan & Renu Nayak is one and same person who is myself. That this affidavit is required to be produced before the Concerned Authority for necessary purposes.That the facts stated above are true to the best of my knowledge. The above named deponent being identified by Nilamadhab. Subudhi, Advocate, Bhubaneswar appears before me and states on oath that the contents of this affidavit are true to the best of her knowledge. EXECUTIVE MAGISTRATE, BBSR. D-0268

I, Laxmi Narayan Panda, S/o. Pradeep Kumar Panda, R/o. Bikash Nagar, Badambadi, Cuttack have changed my name from Lakshmi Narayana Panda to Laxmi Narayan Panda for all future purposes. D-0264

I Sabitri Malik alias Minilata Malik(43), W/o- Niranjan Malik, Vill-Dadhibamanapur, P O - Patanamishrapur, PS- Naikanidihi, Dist-Bhadrak. I have a LIC policy bearing No-584925926, where my name is Sabitri Malik. In my bank passbook my name is Minilata Malik. Sabitri Malik and Minilata Malik same and one person. D-0271

## BUSINESS

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର **Shifting Service** ପାଇଁ ଯୋଗାଯୋଗ କରନ୍ତୁ। **9777097322.** D-0225

**House Colouring & Packers Movers for service at Bhubaneswar. 9777097322.** D-0224

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

IN THE COURT OF CIVIL JUDGE (S.D.), BALANGIR
C.S. NO. 214 OF 2021
Sanjukta Kumura ......Plaintiff
Vs.
Kuntala Kumura ......Defendant

NOTICE UNDER ORDER 5 RULE 20 OF CPC

To
Kuntala Kumura, aged about 55 years, S./o- Late Sadhu Bhue, R/o- vill.- Fased, P.O.- Fased, Civil Judgeship/P.S- Kantamal, Dist.- Boudh (Odisha)

Take notice that the petitioner Sanjukta Kumura has filed a Civil Suit against you. You are hereby noticed to appear before the Court in person or by a pleader duly well instructed and able to answer all materials relating to the this proceeding on 21-june-2023 and in default of your appearance on the day as mentioned, the Civil Suit will be heard and determined in your absence.

Given under my hand and the seal of Court, this 01 day of May 2023

By order
Sd./- Court of Civil Judge (S.D.), Balangir
D-0267

# ନାଟକ: ଜାନକୀ ପରିଣୟ

## ଅତୀତର ବହି


ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜାନକୀ ପରିଣୟ ନାଟକ ପ୍ରାରମ୍ଭିକ ପର୍ଯ୍ୟାୟର ଏକ ଉତ୍କୃଷ୍ଟ ସୃଷ୍ଟି। ଲୀଳାସୁଆଙ୍ଗର ଚମତ୍କାରିତାକୁ ଗର୍ଭସ୍ଥ କରି ମଞ୍ଚ ନାଟକର ସ୍ୱାଦ ଆଣିଦେବାରେ ଏହାର ଆଭିମୁଖ୍ୟ ସଫଳ। ପାରଳାଖେମୁଣ୍ଡିର ପଦ୍ମନାଭ ନାରାୟଣ ରଙ୍ଗମଞ୍ଚରେ ଏହା ଅନେକ ରାତି ମଞ୍ଚସ୍ଥ ହୋଇଥିଲା। ଜାନକୀ ପରିଣୟ ନାଟକଟି ତୈଲଙ୍ଗ ପଣ୍ଡିତ ରାମଭଦ୍ର ମଖୀନ୍ଦ୍ରଙ୍କ ଦ୍ୱାରା ସଂସ୍କୃତରେ ରଚିତ। ୧୯୦୦ ମସିହାରେ ତତ୍କାଳୀନ ପାରଳାଖେମୁଣ୍ଡି ରାଜକଲେଜ (ବର୍ତ୍ତମାନ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ବିଦ୍ୟାଳୟ)ର ଇତିହାସ ଅଧାପକ ରାମମୂର୍ତ୍ତି ମହାଶୟ ଗୋପୀନାଥଙ୍କୁ ଓଡ଼ିଆ ଭାଷାରେ ଜାନକୀ ପରିଣୟ ପରି ନାଟକଟିଏ ଅଛି କି ବୋଲି ଉପହାସ କରି ପଚାରିଥିଲେ। ସେ ସମୟରେ ତେଲୁଗୁ ଭାଷାରେ ଅନୂଦିତ ଜାନକୀ ପରିଣୟ ନାଟକଟି ଆନ୍ଧ୍ରର ଏଫ୍.ଏ. କ୍ଲାସ୍ ପାରଳାଖେମୁଣ୍ଡି ରାଜକଲେଜରେ ପାଠ୍ୟପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା। ଏହି ଉପହାସକୁ ଚାଲେଞ୍ଜ ରୂପେ ଗ୍ରହଣକରି ଗୋପୀନାଥ ଏହାକୁ ଓଡ଼ିଆରେ ଅନୁବାଦ କରି ରାମମୂର୍ତ୍ତିଙ୍କୁ ଦେଖାଇଥିଲେ ଏବଂ ସେ ଏହାକୁ ଏକ ଉତ୍କୃଷ୍ଟ ପୁସ୍ତକ ରୂପେ ସ୍ୱୀକାର କରିଥିଲେ। ଏହି ନାଟକଟି ପାରଳାଖେମୁଣ୍ଡି ରଙ୍ଗମଞ୍ଚରେ ମଞ୍ଚସ୍ଥ ହେବା ସହ ଉତ୍କଳ ସାହିତ୍ୟ ପ୍ରେସ୍, କଟକରୁ ୧୯୧୫ରେ ପୁସ୍ତକ ଆକାରରେ ପ୍ରକାଶ ପାଇଛି।



ଗୋପୀନାଥ ୨୧ ଅଗଷ୍ଟ ୧୮୬୯ରେ ଜନ୍ମଗ୍ରହଣ କରିଥିଲେ। ପିତା ରଘୁନାଥ ନନ୍ଦ ଓ ମାତା ରମାଦେବୀଙ୍କର ସେ ଦ୍ୱିତୀୟ ସନ୍ତାନ। ମାମୁଘର ଅଜା ମଞ୍ଜୁଷା ରାଜାଙ୍କ ରାଜବୈଦ୍ୟ। ତାଙ୍କର ନନ୍ଦବଂଶ ପୁରୀ ବଳଭଦ୍ରପୁର ଶାସନରୁ ସୁରଙ୍ଗୀ ଦେଇ ପାରଳାଖେମୁଣ୍ଡିରେ ପହଞ୍ଚିଥିଲେ। ପାରଳା ରାଜଗୁରୁ ସାହିରେ ଅବସ୍ଥାନ କରୁଥିଲେ। ତାଙ୍କ ପିତା ତଥା ଅନୁଜମାନେ ସଂସ୍କୃତ ଓ ବୈଦ୍ୟଶାସ୍ତ୍ରରେ ଧୁରୀଣ ଥିଲେ। ତାଙ୍କର ଅନୁଜ ବଳଭଦ୍ର ନନ୍ଦ ପଦ୍ମନାଭ ରଙ୍ଗାଳୟର ପରିଚାଳକ ଥିଲେ। ତାଙ୍କର ନାଟ୍ୟ ନିର୍ଦ୍ଦେଶନା ଓ ମଞ୍ଚ ପରିଚାଳନାରେ ଅପୂର୍ବ ଦକ୍ଷତା ଥିଲା। ଗୋପୀନାଥଙ୍କ ନାଟକଗୁଡ଼ିକ ତାଙ୍କରି ଉଦ୍ୟମରେ ମଞ୍ଚସ୍ଥ ହୋଇଥିଲା।

ଗୋପୀନାଥ ଓଡ଼ିଆ ସାହିତ୍ୟରେ ଶବ୍ଦତତ୍ତ୍ୱବୋଧ ଅଭିଧାନ (୧୯୧୬) ଓ 'ଓଡ଼ିଆ ଭାଷାତତ୍ତ୍ୱ' ପାଇଁ ଚିରଦିନ ଅମର ରହିବେ। ଓଡ଼ିଆ ଭାଷାରେ ଏଯାବତ୍ ଏପରି ଭାଷାତତ୍ତ୍ୱ ପୁସ୍ତକ ରଚିତ ହୋଇନାହିଁ। ସାରଳା ମହାଭାରତ, ବଳରାମଙ୍କ ରାମାୟଣ ଓ ଜଗନ୍ନାଥଙ୍କ ଭାଗବତର ସେ ଦୀର୍ଘ ସମାଲୋଚନା ରଚନା କରି ଉତ୍କଳ ସାହିତ୍ୟ, ମୁକୁର, ସତ୍ୟବାଦୀ ପ୍ରଭୃତି ପତ୍ରିକାରେ ଧାରାବାହିକ ପ୍ରକାଶ କରିଥିଲେ। ସଂସ୍କୃତ ପ୍ରତିସ୍ପର୍ଦ୍ଧୀ ଓ ସଂସ୍କୃତ ରାଗରାଗିଣୀରେ ସେ ଅନେକ କାବ୍ୟକବିତା ରଚନା କରିଥିଲେ। ରଥୋତ୍ସବ, ରାଧାମାଧବ ବିଳାସ, ଉଦ୍ଧବଦୂତ, ମେଘଦୂତ, ସ୍ନେହ ନିମନ୍ତ୍ରଣ, ପୀୟୂଷଧାରା, ବିହ୍ଲଣୀୟ କାବ୍ୟ ସହିତ ମୁକୁନ୍ଦାନନ୍ଦ ଭାଣ, ସୀତା ବନବାସ ନାଟକ, ବିକ୍ରମୋର୍ବଶୀୟ ନାଟକ, ଦ୍ରୌପଦୀ ବସ୍ତ୍ରହରଣ, ରାମାଶ୍ୱମେଧ ନାଟକ, ଉନ୍ନ ରାଘବ ନାଟକ ରଚନା କରିଥିଲେ। ଏହି ନାଟକଗୁଡ଼ିକରେ ଭରତଙ୍କ ନାଟ୍ୟଶାସ୍ତ୍ରର ଚାରୋଟି ଅଙ୍ଗ ଆହାର୍ଯ୍ୟ, ନାଟକ, ଆଙ୍ଗିକ ଓ ସାତ୍ତ୍ୱିକ ଯଥାରୀତିରେ ସ୍ଥାନ ପାଇଛି। ସଂସ୍କୃତ ଛନ୍ଦ ଓ ରାଗରାଗିଣୀରେ ଗୀତଗୁଡ଼ିକ ସଂଯୋଜିତ ହୋଇ ନାଟକକୁ ଚିତ୍ତାକର୍ଷକ କରିଛି।

ଜାନକୀ ପରିଣୟ ନାଟକଟି ଏକରାତ୍ରିର ଅଭିନୟ ପାଇଁ ଉଦ୍ଦିଷ୍ଟ। ଏଥିରେ ସୂତ୍ରଧାର, ନଟୀ ଚରିତ୍ର ମାଧ୍ୟମରେ ନାଟ୍ୟାରମ୍ଭ ହୋଇଛି। ଶାର୍ଦ୍ଦୂଳବିକ୍ରୀଡ଼ିତ, ଉପେନ୍ଦ୍ରବଜ୍ରା, ସ୍ରଗ୍ଧାରା, ମନ୍ଦାକ୍ରାନ୍ତା, ମାଳିନୀ ପ୍ରଭୃତି ବୃତ୍ତରେ ଗୀତ ସଂଯୋଜିତ। ଓଡ଼ିଆ ସାହିତ୍ୟରେ ଲୀଳା, ରସ ଓ ସଖୀନାଚର ସଙ୍ଗୀତ ପ୍ରାବଲ୍ୟ ସହିତ ଆଧୁନିକ ନାଟକର ସଂଳାପର ଅପରୂପ ସଂଶ୍ଳେଷରେ ପାରଳା ନାଟ୍ୟଧାରା ରନ୍ଧିମନ୍ତ। ଓଡ଼ିଆ ଭାଷାର ପ୍ରଥମ ନାଟକ ରଘୁନାଥ ପରିଚ୍ଛାଙ୍କ 'ଗୋପୀନାଥ ବଲ୍ଲଭ' ନାଟକରେ ଓଡ଼ିଶୀ ମହନୀୟ ସଙ୍ଗୀତ ଧାରା ପରୀକ୍ଷିତ। ସେହି ଧାରାର ଉତ୍କୃଷ୍ଟ ପରମ୍ପରାକୁ ଗୋପୀନାଥଙ୍କ ନାଟକାବଳୀ ସୁରକ୍ଷିତ କରିଛି। ଜାନକୀ ପରିଣୟ ନାଟକ ଅନେକ ରାଗରାଗିଣୀଯୁକ୍ତ ଗୀତରେ ସମୃଦ୍ଧ। ଏହି ଧରଣର ଉପାଦେୟ ଓ ପୌରାଣିକ ବା ଐତିହାସିକ ନାଟକ ଉତ୍କଳ ଭାଷାରେ ରଚିତ ନ ହୋଇଥିବାର ପଦ୍ମନାଭ ନାରାୟଣ ଦେବ ସ୍ୱୀକାର କରନ୍ତି।


ଜାନକୀପରିଣୟ
ନାଟକ।
ପାରଳାକିମିଡ଼ୀ ରାଜକଲେଜର ହେଡ଼ପଣ୍ଡିତ
ଶ୍ରୀ ଗୋପୀନାଥ ନନ୍ଦଶର୍ମାଙ୍କ ପ୍ରଣୀତ
ଓ
ପ୍ରକାଶିତ।
ପ୍ରଥମ ସଂସ୍କରଣ।
Printed by V. Kar.
The Utkal Sahitya Press,
CUTTACK.
1915.

ଜାନକୀ ପରିଣୟ ସାତୋଟି ଅଙ୍କରେ ବିଭକ୍ତ। ପ୍ରତି ଅଙ୍କରେ ଦୁଇଟି ଅଭିନୟ କେନ୍ଦ୍ର ଦର୍ଶିତ। ଏକପକ୍ଷରେ ରାବଣ, ଶୁକ, ସାରଣ, ବିଦ୍ୟୁଜିହ୍ୱର ଅଭିନୟ ଚାଲିଥିଲାବେଳେ ଅନ୍ୟପଟରେ ଋଷିଙ୍କ ଉପବନ ବା ସଖୀ ପରିବେଷ୍ଟିତା ସୀତାଙ୍କ ଅଭିନୟ ପ୍ରଦର୍ଶିତ। ଜାନକୀ ପରିଣୟ ପ୍ରସଙ୍ଗଠାରୁ ନାଟକଟି ଆରମ୍ଭ ହୋଇ ରାମାଭିଷେକ ପ୍ରସଙ୍ଗରେ ପରିସମାପ୍ତି ଘଟିଛି। ନାଟକରେ ତିରସ୍କରଣୀ ପ୍ରଭାବରେ ଚରିତ୍ର/ ବିମାନ ପ୍ରଭୃତି ଅଦୃଶ୍ୟ ହେବା ନାଟକୀୟତାକୁ ରନ୍ଧିମନ୍ତ କରିଛି। ଷଷ୍ଠ ଅଙ୍କରେ ପ୍ରେକ୍ଷଣିକା ମାଧ୍ୟମରେ ରାବଣକୁ ବାଳୀ ବଧର ଦୃଶ୍ୟ ଦେଖାଇ ସତର୍କ କରାଇ ଦିଆଯାଇଛି। ଅନ୍ୟପଟରେ ସୀତାଙ୍କୁ ଅନଳା ରାମଚନ୍ଦ୍ରଙ୍କ ଅଭିନୟ ସନ୍ଦର୍ଶନ ପାଇଁ ପ୍ରରୋଚିତ କରିଛି। ବିଶ୍ୱାମିତ୍ରଙ୍କ ପ୍ରଦତ୍ତ ରାକ୍ଷସାନ୍ଧକରଣ ଖଚିତ କଙ୍କଣ ଜାନକୀ ପିନ୍ଧିଥିବାରୁ ରାକ୍ଷସମାନେ ତାଙ୍କୁ ଦେଖିପାରି ନାହାନ୍ତି। ଆଧୁନିକ ନାଟକର ବିଭିନ୍ନ ଜୋନ୍‌ରେ ମଞ୍ଚକୁ ବିଭକ୍ତ କଲାପରି ଜାନକୀ ପରିଣୟରେ ଅନୁଘଟଣା ସଂଯୋଜନା ନାଟକକୁ ଚିତ୍ତାକର୍ଷକ କରିଛି। ନାଟକରେ ସନ୍ନିବିଷ୍ଟ ଘଟଣା ଓ ଚରିତ୍ରାବଳୀ ରାମାୟଣ କାହାଣୀଠାରୁ ଅନେକ ଭିନ୍ନ। ପ୍ରତିଟି ଅଙ୍କରେ କିଛି କିଛି କାଳ୍ପନିକ ଉପଘଟଣା ସଂଯୋଜିତ। ସମ୍ପୂର୍ଣ୍ଣ ନୂତନ, ଦ୍ୱନ୍ଦ୍ୱାତ୍ମକ ଓ ନାଟକୀୟ ଘଟଣାର ଚରିତ୍ରାୟନ ନାଟକକୁ ରୁଚିକର ଓ ଆକର୍ଷଣୀୟ କରିଛି। ନାଟକରେ କ୍ଲିଷ୍ଟ ଶବ୍ଦର ପ୍ରୟୋଗ ଥିଲେ ମଧ୍ୟ ଓଡ଼ିଆ ନାଟ୍ୟରୀତିକୁ ସଂସ୍କୃତ ବା ପ୍ରାଦେଶିକ ତେଲୁଗୁର ପ୍ରତିସ୍ପର୍ଦ୍ଧୀ କରି ଗଢ଼ି ତୋଳିବାରେ ପଣ୍ଡିତଙ୍କର ସଯତ୍ନ ପ୍ରୟାସ ପ୍ରଶଂସାଯୋଗ୍ୟ।

ମୋ: ୯୪୩୭୨୫୬୧୭୬

## କବିତା

### କବିତାର କଥା
**ପିନାକୀ ମିଶ୍ର**

ଝଡ଼ ପଶି ଆସିଛି ଝରକାଦେଇ
କବିତାର ପ୍ରଗାଢ଼ ନୀରବତା
ଚାହିଁଛି ତାଳଗଛକୁ

ଆକାଶର କି ଯାଏ !
କି ଯାଏ ବାଉଁଶରାଣୀର
କବିତାକକ୍ଷର ଅନ୍ଧାର ବି
ଝଡ଼ସାଥେ ମିଶି କବିତାକୁ କୋରୁଥାଏ।

ଫେରିପାରୁନି ପକ୍ଷୀ– କବିତା କାଠ
ଉଡ଼ିପାରୁନି ଶାବକ– ଦୋହଲେ ମନ
ସମ୍ଭାଳିପାରୁନି ପାଦପ– ଶବ୍ଦସବୁ ବିକ୍ଷିପ୍ତ
ଝଡ଼ ବୁଝେନା
କବିତା କିଶୋରୀର ଛନ୍ଦ ଆଉ ଭେଦ।

ଝର୍କାଦେଇ କୁଆପଥର ମାଡ଼,
ମେଘମେଦୁର କେତେ କଟାକ୍ଷ,
କେତେ କୁସ୍ୱାର କେତେ ବାଦ,
ଆଖି କୁଞ୍ଚୁହୁଏ, ଛାତି ଧକଧକ
କବିତାକକ୍ଷରେ ଆକ୍ରାନ୍ତ ଈଶ୍ୱରୀ
ଭାବ ପହଁରିପାରେନା,
ଦୁଶ୍ଚିନ୍ତାର ଦଳ ଗୋଡ଼ ଛନ୍ଦେ,

ନ ହେଲା ନାହିଁ ଫଗୁବସନ୍ତ
କୋଇଲି ଛନ୍ଦ, ମିଥୁନ ଆନନ୍ଦ
ଝଡ଼ର ବେଗ, ତାଳଗଛ ତାଳି
ସବୁ କବିତାର ପଥରୋଧରେ
କଣ୍ଟିଫୁଲ ଗୁମୁରେ।
ଯେତେ ପେଶ, ଯେତେ ପକାଅ ଫାଶ
ସେ ମୁହଁମାଡ଼ି ପଡ଼ିଥିବ
ଝଡ଼ ଥମୁ
ପୁଣି ଚାଲିବ କବିତାର
କଳ୍ପଛାଇ ଛନ୍ଦ, ଦୁରନ୍ତ ଉଡ଼ାଣ।

ଝଡ଼ର ଯେତେ ଅପମାନ
ସବୁ ସହିଛି କିଶୋରୀ,
ମାଛିଅନ୍ଧାରେ ଜହ୍ନ ଆସିବ,
ବିପଦରେ ଆହାପଦ,
କ୍ଷତାକ୍ତ ନାୟିକାର
ସାରାତନୁକୁ ଆଉଁଶିଦେଇ
ଡାକିବ ନଈପାଖକୁ
ଯିଏ ଅନେଶତ ଝଡ଼ ସହି
କାଳଜିଣା ସୁନ୍ଦରୀ କବିତା ବନିଛି।

ମୋ: ୯୪୩୮୧୧୮୩୯୭

### କିଛି ବାକି ରହେ
**ମଞ୍ଜୁଲତା ସିଂହ**

ଅନେକ କିଛି ଲେଖିଲା ପରେ ବି
ଉତାରି ହୁଏନା ହୃଦୟର
ନିଭୃତ କୋଣେ ସଂଗୋପିତ
କିଛି କାହାଣୀର ବର୍ଣ୍ଣମାଳା...
ଯିଏ ତିଆରି ପାରେ
ଅଶ୍ରୁମୟ ଉପନ୍ୟାସଟିଏ।

ସବୁ ସାମର୍ଥ୍ୟ ସତ୍ତ୍ୱେ
ତୋଳି ହୁଏନା କଣ୍ଟା ଆଡ଼େଇ ଫୁଲ।

ସ୍ମୃତିକୁ ଜୀବନ୍ୟାସ ଦେଇ
ଜୀବନକୁ ଫେରେଇ ଦେଇ ହୁଏନା
ହଜିଲା ମଧୁମୟ ମୁହୂର୍ତ୍ତ ସବୁକୁ।
ସକଳ ପ୍ରାପ୍ତି ଭିତରେ
ମିଳେନା ଜୀବନର ଆବେଗମୟ ଛନ୍ଦ।
ସାଉଁଟି ହୁଏନା କିଛି ଟୁକୁଡ଼ା କାଚଖଣ୍ଡକୁ
କ୍ଷତାକ୍ତ ହୃଦୟ ନିଗିଡ଼ା
ରକ୍ତ ଭିଜା ପାପୁଲିରେ।

ମୁକୁଳି ଫିଟି ପଡୁଥିବା ଇଚ୍ଛାମାନେ
ଫିଟି ପାରନ୍ତିନି ବ୍ୟାଧର ଫାନ୍ଦରୁ।
ସ୍ୱପ୍ନ ସବୁ ବାଟବଣା
ଆକାଶର ନୀଳାଭ ନୀଳିମାରେ।
ଥାକ ଥାକ ସାଇତା ସ୍ମୃତିର
ଶବ୍ଦମାନେ ବନ୍ଦୀ
ନିବୁଜ କୋଠରିର କାଠ ସିନ୍ଦୁକରେ।
ଅକସ୍ମାତ୍ ଫିଟିଗଲେ
ଫୁଟି ଯାଆନ୍ତି... କଣ୍ଟାରେ
ଫୁଲ ହୋଇ ଝରିପଡ଼ନ୍ତି ପ୍ରୀତିମଗ୍ନା
ଶବ୍ଦମୟ ଝରଣା ପରି
କାଗଜର ପ୍ରଶସ୍ତ ଛାତିରେ।

ତଥାପି ମୁଁ ଅନୁଭବେ
ମୋ' ଭିତରେ
କିଛି ବାକି ରହିଯିବାର...
ଶବ୍ଦ ହୋଇ ଉତୁରି ଯିବାର
ଅସାମର୍ଥ୍ୟରେ
ମୁଁ ଏକ ଆଚ୍ଛନ୍ନ ଅନ୍ଧକାର
ପାଲଟୁଥାଏ ଦିନ ପରେ ଦିନ।

ମୋ: ୮୮୪୭୮୫୨୯୧୭

### ଗୀତି କବିତା

### ମେଘମହ୍ଲାର
**ଦେବେନ୍ଦ୍ର ଦାସ**

ତୁମର ଆଭୂମ କେଶର ବିଳାସ
ଅନ୍ଧାରି ମାୟା କଲା
ତାକୁ ଘନ ଭାବି ଭ୍ରମରେ ମୟୂର
ପୁଚ୍ଛ ଟେକି ନାଚିଗଲା ॥୦॥

ଚମ୍ପକ ଦେହେ କଳା କୁନ୍ତଳ
କେତେ ଯେ ଉଉଳ ଦିଶେ
ଘନ କୁହୁଡ଼ିରେ ଶୁଭ୍ର ସକାଳ
ଯେମିତି ପଉଷ ମାସେ
ଏତେ ରୂପ ଭରି କେଉଁ ବିଧାଣି
ତୁମକୁ ଯେ ଗଢ଼ି ଦେଲା ॥୧॥

ଧୀର ସମୀରଣେ ଦୋହଲି ଗଲେ ସେ
ପୁରୁଷ ଅଳକ ରାଶି
ଭ୍ରମରେ ଭ୍ରମରା ଉଡ଼ି ଉଡ଼ି ଆସି
ସେହିଠାରେ ଯାଏ ବସି
ଏତେ କେତେ ଭଲ ରୂପର ମାଧୁରୀ
ତା'ର କି ତୁଳନା ହେଲା ॥୨॥

ମୋ: ୯୭୭୭୭୨୫୮୧୨

## ପୁସ୍ତକ ପରିଚୟ

### ଜୀବନ ଯେମିତି




**କବି:** ପ୍ରଦୀପ ବିଶ୍ୱାଳ
**ପ୍ରକାଶକ:** ଶାଳନ୍ଦୀ ବୁକ୍ସ,
ଜଗନ୍ନାଥ ବିହାର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୧୭୦/–

ମୋଟ ୩୨ଟି କବିତା ଆଲୋଚ୍ୟ କାବ୍ୟଗ୍ରନ୍ଥରେ ସ୍ଥାନିତ। 'ନିଜକଥା'ରେ କବି କହିଛନ୍ତି: ''କବିତା ସ୍ୱଚ୍ଛନ୍ଦ ଓ ସ୍ୱାଭାବିକ ହେବା କଥା। ତାକୁ ଜାଣିଶୁଣି କ୍ଲିଷ୍ଟ ଓ ଉଭଟ କରିବାର ଅର୍ଥ କିଛି ନାହିଁ। ମୋ' କବିତାରେ ମାର୍ଗ ସେଇ ଅନୁସାରେ ବାଛି ନେଇଥିଲି।'' ଆହୁରି ବି କହିଛନ୍ତି: ''ଜଣେ ସଚ୍ଚା କବି ଏକାଧାରରେ ପ୍ରେମିକ, ପୁଣି ବିଦ୍ରୋହୀ ଏବଂ ସର୍ବୋପରି ସନ୍ନ୍ୟାସୀ ହେବାକୁ ବାଧ୍ୟ। x x ମୋ' ଭିତରେ ମୁଁ ଏହା ଅନୁଭବ କରିଛି।'' ନିଜ କବିତାର ଅଙ୍ଗ ଓ ଆତ୍ମା ବିଷୟରେ ପ୍ରଦୀପ ଯାହା କହିଛନ୍ତି, ତାହା କିପରି ତାଙ୍କର ଏହି କବିତା ପୁସ୍ତକରେ ରୂପ ଘେନିଛି ତାହା ବିଚାରର ବିଷୟ। ବହି ଭିତରୁ ଏଥର ଆମେ ଦୁଇଟି ଉଦାହରଣ ନେବା। ୧. ''କଥା ଥିଲା/ ଯିବା ବଦ୍ରୀନାଥ/ କରିବା ତର୍ପଣ।/ ସବୁ କିଛି ହୁଏ ନାହିଁ/ ଆମ ଇଚ୍ଛା ମତେ/ କେହି ଜଣେ ବାଟ ଓଗାଳେ ଆମର।'' ('ଯିବାକୁ ଅଛି'– ପୃ: ୭୦) ୨. ''କାମନା ରହିତ/ ଜୀବନଟେ ପାଇଁ/ ଏତେ କୃଚ୍ଛ୍ର ସାଧନା/ ଏ ବି ତ ଗୋଟେ କାମନା/ ମହାଭାଗ।'' ('ସିଦ୍ଧାର୍ଥ'– ପୃ: ୮୭)। ଏହିପରି ବହିଟିର ପ୍ରାୟ କବିତାର ଭାଷା ଓ ଭଙ୍ଗୀ ସରଳ ଅଥଚ ଭାବଗର୍ଭୀ, ବକ୍ତବ୍ୟ ଶାଣିତ ଓ ଜୀବନମୁଖୀ। ରେଡିଓ, ସାଇକେଲ, କଲମ, ଘଣ୍ଟା, ଚଷମା, ଟୋପି, ଛତା ଓ ଜୋତା ଆଦିକୁ ନେଇ ହେଉ ବା ମେଘ, ବୋଉ, ଆକାଶ ବା ଅଯୋଧ୍ୟାକୁ ନେଇ ହେଉ; କବିତା ମାତ୍ରକେ ହୋଇଉଠିଛି ଆବେଦନମୁଖର। 'ଜୀବନ ଯେମିତି' କବିତା ବହିଟି ପାଠିକାପାଠକଙ୍କ ମହଲରେ ଯେ ଆଦୃତ ହେବ– ଏହି ଆସ୍ଥା ରଖିହେବ।

### ଅରୋଭୂମି




**ସମ୍ପାଦନା:** ହୃଷୀକେଶ ମଲ୍ଲିକ
**ପ୍ରକାଶକ:** 'ସାନନ୍ଦ',
ଶ୍ରୀଅରବିନ୍ଦ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ନିଃଶୁଳ୍କ

'ଶ୍ରୀଅରବିନ୍ଦ ନଗରାଞ୍ଚଳ ପ୍ରତିବେଶ ଉନ୍ନୟନ ସଂଘ, ଭୁବନେଶ୍ୱର'ର ବାର୍ଷିକ ମୁଖପତ୍ର 'ଅରୋଭୂମି: ୨୦୨୩' ପ୍ରକାଶ ପାଇଛି। ଏଥିରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ବହୁ କାଳଜୟୀ ଲେଖା (ଉଭୟ ଇଂଲିଶ୍ ଓ ଓଡ଼ିଆରେ) ସ୍ଥାନିତ ହେବା ସହ ଅନ୍ୟ ଯେଉଁ ବିଶିଷ୍ଟ ମାତୃପ୍ରେମୀ ଲେଖକଙ୍କର ଲେଖା ପ୍ରକାଶ ପାଇଛି, ସେମାନେ ହେଲେ– ଶ୍ରୀ ନଳିନୀକାନ୍ତ ଗୁପ୍ତ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଫେସର ଶ୍ରୀ ଗଣେଶୀ ଲାଲ୍, ଲଳିତ ମୋହନ ଘୋଷ, ଚନ୍ଦ୍ରଶେଖର ରଥ, ମହେନ୍ଦ୍ର ସ୍ୱାଇଁ, ଇଂ. ସୁବାସ ଚନ୍ଦ୍ର କର, ପ୍ରଫେସର ଶରତ ଚନ୍ଦ୍ର ରଥ, ପ୍ରପତ୍ତି, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ବିଶ୍ୱଜିତ୍ ପଟ୍ଟନାୟକ, ଚିତ୍ତରଞ୍ଜନ ମିଶ୍ର, ମଧୁସୂଦନ ମିଶ୍ର, ସାନ୍‌ଭି ପାଲ୍ ଓ ରୀତେଶ ମହାପାତ୍ର ପ୍ରମୁଖ। ଶ୍ରୀଅରବିନ୍ଦଙ୍କ ଦର୍ଶନ ଓ ନାନା ସାମାଜିକ ସଙ୍କଟର ସମାଧାନ ଦିଗରେ ତାଙ୍କର ଦିବ୍ୟଦୃଷ୍ଟିସମ୍ପନ୍ନ ବିଚାର ସମ୍ପର୍କରେ ପାଠକେ ପତ୍ରିକାଟିରୁ ବହୁ ମୂଲ୍ୟବାନ ତଥ୍ୟ ପାଇପାରିବେ। କଟକ ଜିଲାରେ ଅବସ୍ଥିତ 'ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ'ର ବୈଶିଷ୍ଟ୍ୟ ସମ୍ପର୍କରେ ବିଶ୍ୱବିଦ୍ୟାଳୟର କୁଳସଚିବ ମଧୁସୂଦନ ମିଶ୍ର ଲେଖିଥିବା ଲେଖାଟି ଏକବିଂଶ ଶତାବ୍ଦୀର ପୃଥିବୀରେ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ ଓ ଯୁଗୋପଯୋଗୀ କରାଇବା କ୍ଷେତ୍ରରେ ସ୍ୱାମୀ ଶ୍ରୀ କୃପାଳୁଜୀ ମହାରାଜଙ୍କ ଦୃଷ୍ଟିକୋଣକୁ ସ୍ପଷ୍ଟ କରିଛି। ମୁଖପତ୍ରର ସମ୍ପାଦନା କରିଛନ୍ତି ଡ. ହୃଷୀକେଶ ମଲ୍ଲିକ ଓ ଅନୁଷ୍ଠାନର ସଭାପତି– ଅଭିବ୍ୟକ୍ତି ଉପସ୍ଥାପନ କରିଛନ୍ତି 'ସାନନ୍ଦ'ର ସଭାପତି ଧୀରେନ୍ କୁମାର ବାରିକ। କାର୍ଯ୍ୟକାରୀ ସମ୍ପାଦକ ଅଛନ୍ତି ଅଭିମନ୍ୟୁ ଦାଶ ଓ ପ୍ରଚ୍ଛଦ ଆଙ୍କିଛନ୍ତି ପ୍ରଭଞ୍ଜନ ମହାନ୍ତି। ଉତ୍ତର–ଭୁବନେଶ୍ୱରର ଆବାସିକ–ମୁଖପତ୍ରଗୁଡ଼ିକ ମଧ୍ୟରେ 'ଅରୋଭୂମି'ର ସ୍ୱାତନ୍ତ୍ର୍ୟ ଅନୁସରଣୀୟ ହୋଇପାରିଛି।

## ଠିକଣା

ମିନି ଗଳ୍ପ

**ଶ୍ରୀମତୀ ରାଧାରାଣୀ ତ୍ରିପାଠୀ**

ମୁଁ ରହିବାର ଦୁଇମାସ ପରେ ମୋ' ସରକାରୀ କ୍ୱାର୍ଟର୍ସର ପାଖ କ୍ୱାର୍ଟର୍ସକୁ ମୋ' ଉପରିସ୍ଥ କର୍ମଚାରୀ ଜଣେ ରହିବାକୁ ଆସିଲେ। ଏଠାକୁ ଆସିବା ପୂର୍ବରୁ କ୍ୱାର୍ଟର୍ସଟା ଏକପ୍ରକାର ପରିତ୍ୟକ୍ତ ଅବସ୍ଥାରେ ଥିଲା। ଚାରିଆଡ଼େ କୁଡ଼କୁଡ଼ ଅଳିଆ ଆବର୍ଜନା ଆଉ ଅଗଣାସାରା ଅରମା ବଣରେ ଭରପୂର। କ୍ୱାର୍ଟର୍ସ ପରିସରକୁ ଦି' ମାସ ଲାଗି ମଣିଷ ବାସୋପଯୋଗୀ କରିପାରିଥିଲି ମୁଁ।

'ଆଚ୍ଛା ତ୍ରିବେଦୀବାବୁ! ଆପଣ ମୋତେ ଟିକିଏ ସାହାଯ୍ୟ କରିବେ। ଏଇ ଅଞ୍ଚଳର ପରିବେଶ ପରିସ୍ଥିତି ସହ ବିଲ୍‌କୁଲ୍ ଅପରିଚିତ ମୁଁ। ପ୍ଲିଜ୍ ମୋତେ ଅବଗତ କରାଇବେ ଏଠାକାର ସମସ୍ତ ଅସୁବିଧା ସୁବିଧା ବିଷୟରେ।' ଉପରିସ୍ଥ କର୍ମଚାରୀ ଜଣକ ମୋତେ ପରାମର୍ଶ ମାଗିଲେ।

ମୁଁ ଖୁସିରେ ରାଜି ହୋଇଗଲି। ଏଠାକାର ପରିବେଶ ପରିସ୍ଥିତି ବିଷୟରେ ମୁଁ ଯାହା ଜାଣିଥିଲି ସବୁକଥା କହିଗଲି। କାହା ସହିତ ସମ୍ପର୍କ ରଖିଲେ ଭଲ, କାହାଠୁ ଦୂରେଇ ରହିବା ଉଚିତ, କେଉଁଆଡ଼େ ଗଲେ ବିପଦ ଅଛି, ଏପରିକି କେଉଁ ଅଞ୍ଚଳରେ ରାଣୀ ମହୁମାଛିଙ୍କ ଭିଡ଼ ଲାଗେ ବୋଲି ସହରରେ ଜାଣିବା ଶୁଣିବା ମହଲରେ ଚର୍ଚ୍ଚା ହୁଏ। ସେସବୁ ତାଙ୍କୁ ଗୋଟିଗୋଟି କରି ଅବଗତ କରେଇଲି। ବଡ଼ ଆଗ୍ରହରେ ମୋ' କଥା ଶୁଣୁଥିଲେ ସେ। ମଝିରେ ମଝିରେ କିଛି ଟୀକାଟିପ୍ପଣୀ ବି କରୁଥିଲେ।

ଇତିମଧ୍ୟରେ କିଛିଦିନ ବିତିଗଲା। ମୋ' ଅଫିସ୍ କାମକୁ ନେଇ ବ୍ୟସ୍ତଥିଲି ମୁଁ। ଉପରିସ୍ଥ କର୍ମଚାରୀ ଜଣକ ବି ତାଙ୍କ କାମରେ ବ୍ୟସ୍ତ। କେତେବେଳେ କେମିତି ଦେଖାହେଲେ ପଦେଅଧେ କଥା ଯାହା ସାର। 'ଏଇ କିଛିଦିନ ହେଲା ପଡ଼ୋଶୀ କର୍ମଚାରୀଙ୍କ କ୍ୱାର୍ଟର୍ସକୁ ନହେଲା ଲୋକ ସବୁ ଆସୁଛନ୍ତି କୋଉଠୁ କୋଉଠୁ। ତୁମେ ତ ଘରେ ରହୁନ। କୋଉଠି କ'ଣ ହେଉଛି ଜାଣିବ କେମିତି? ତୁମେ ଯାହା କହିଲେ କୁହ ଶ୍ରୀମାନ୍, କାହିଁକି ଯେ ତୁମ ଉପରିସ୍ଥ



କର୍ମଚାରୀ ଜଣକ ଭଲଲୋକ ପରି ଲାଗୁନି ମୋତେ।' ଦିନେ ଶ୍ରୀମତୀ କହିଲେ।

'ହଉ ଦେଖିବା, ବୁଝିବା।' କଥାଟାକୁ ହାଲୁକା କରିବା ପାଇଁ ମୁଁ କହିଲି। 'ଲୋକଟା ସେମିତି କିଛି ଖରାପ କାମ କରୁଥିବା ପରି ତ ମୋତେ ଲାଗୁନି। ତା'ପରେ ଆମର ତ ଲୋକସମ୍ପର୍କ ଚାକିରି। ଏମିତି କେତେ ଲୋକଙ୍କ ସହିତ ଦେଖାସାକ୍ଷାତ୍ ହୁଏ ନିତିଦିନ। କାଳେ କାହାର କିଛି କାମ ଥିବ ବାବୁଙ୍କ ପାଖରେ। ସମସ୍ତଙ୍କୁ ଏମିତି ସନ୍ଦେହ ଦୃଷ୍ଟିରେ ଦେଖିଲେ ଏଇ ଦୁନିଆରେ କ'ଣ ଚଳିହେବ?'

'ହଁ ଯେ... ତୁମେ ଭଲ ଲୋକ ବୋଲି ଦୁନିଆର ସବୁଲୋକ ଯେ ନିଶ୍ଚିତ ରୂପେ ଭଲ ହେବେ, ତା'ର କିଛି ଗ୍ୟାରେଣ୍ଟି ଅଛି କି? ଆଜିକାର ଲୋକେ କୋଉଠୁ ଯାଇ କୋଉଠି ପହଞ୍ଚିଲେଣି, ହେଲେ ତୁମର ସେଇ ମାନ୍ଧାତା ଯୁଗର ବିଚାର ଗଲାନାହିଁ। ସେଇଟା ପୁଣି କ'ଣ ନା 'ଆପେ ଭଲ ତ ଦୁନିଆ ଭଲ'। ହୁଁ... ଭଲ ନା ଛେନାଗୁଡ଼! ବିରକ୍ତିରେ ମୁହଁ ଛିଞ୍ଚାଡ଼ି କହିଲେ ଶ୍ରୀମତୀ।

ଶ୍ରୀମତୀଙ୍କୁ ଆଉ ଅଧିକ କିଛି ନ କହି ଚୁପ୍ ରହିଲି ମୁଁ ସେଦିନ। ହେଲେ ସେଇ ଦିନଠୁ ଆମ ଉପରିସ୍ଥ କର୍ମଚାରୀଙ୍କ ଗତିବିଧି ଉପରେ ନଜର ରଖିବା ଆରମ୍ଭ କରିଦେଲି ତାଙ୍କ ଅଲକ୍ଷ୍ୟରେ। ଦିନେ ରାତିରେ ଆମ ଉପରିସ୍ଥ କର୍ମଚାରୀଙ୍କ କ୍ୱାର୍ଟର୍ସ ଭିତରୁ କିଛି ଚାପା କଣ୍ଠସ୍ୱର ସାଙ୍ଗକୁ ଖିଲିଖିଲି ହସ ଭାସି ଆସୁଥିବା ଲକ୍ଷ୍ୟକଲି। ଚୁପ୍‌ଚାପ୍ ପାଦ ଟିପିଟିପି ତାଙ୍କ କ୍ୱାର୍ଟର୍ସର ଝରକା ଫାଙ୍କରେ ଦେଖେ ତ ବାବୁଙ୍କ ଚଉକତି ଲାଗିଛି ଆମ ଅଞ୍ଚଳର ମାର୍କାପିଟା ରାଣୀ ମହୁମାଛିଙ୍କ ଭିଡ଼।

ଏସବୁ ଦେଖି କାନମୁଣ୍ଡା ମୋର ଝାଇଁଝାଇଁ କରିବାକୁ ଲାଗିଲା। ତା'ହେଲେ ଶ୍ରୀମତୀଙ୍କ କଥାଟା ସତ। କେବେଠୁ ଆମ ସହରର ସବୁତକ ରାଣୀ ମହୁମାଛି ତାଙ୍କ ବସା ବଦଳାଇ ଆମ ଉପରିସ୍ଥ କର୍ମଚାରୀଙ୍କ କ୍ୱାର୍ଟର୍ସରେ ଆସ୍ଥାନ ଜମାଇ ସାରିଲେଣି। ଆଉ ଆମକୁ ବିନ୍ଦୁବିସର୍ଗ କିଛି ବି ଜଣାନାହିଁ? ହେଲେ ଏବେ ଉପାୟ କ'ଣ? ଭୁଲ୍ ତ କରିସାରିଛି। ଅଜାଣତରେ ମୋ' ହୃଦୟ ଭିତରୁ ପଶ୍ଚାତାପର ସ୍ୱର ବାହାରିପଡ଼ିଲା। ମନେମନେ ନିଜକୁ ନିଜେ କହିବାକୁ ଲାଗିଲି ''ତା'ହେଲେ ଶାଗୁଣାକୁ ମୁଁ ଶବର ଠିକଣା ଦେଇଦେଲି... ?''

ମୋ: ୮୨୪୯୮୦୭୨୬୭

## କାଳକାଳକୁ



''କୂଳରେ ଠିଆହୋଇ କେବଳ
ପାଣିକୁ ଚାହିଁ ରହିଲେ
କେହି ସମୁଦ୍ର ଲଂଘିପାରେ ନାହିଁ।''
– ରବୀନ୍ଦ୍ରନାଥ ଠାକୁର

**ରବୀନ୍ଦ୍ରନାଥ ଠାକୁର**ଙ୍କ ଜନ୍ମ ୭ ମେ ୧୮୬୧ରେ ଓ ପରଲୋକ ୭ ଅଗଷ୍ଟ ୧୯୪୧ରେ, କଲିକତାରେ। ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ନାଟ୍ୟକାର, ଗୀତିକାର ଓ ଚିତ୍ରଶିଳ୍ପୀ ଏହି ବିଶାଳଚେତା ଲେଖକ ବଙ୍ଗଳା ସାହିତ୍ୟରେ ଏକ ନୂତନ ଗଦ୍ୟ ଓ ପଦ୍ୟ ରୀତିର ପ୍ରବର୍ତ୍ତକ ଥିଲେ। ବଙ୍ଗଳା ସାହିତ୍ୟରେ ଗ୍ରାମୀଣ ଭାଷାର ବ୍ୟବହାର କ୍ଷେତ୍ରରେ ସେ ଥିଲେ ବଙ୍ଗ ସାହିତ୍ୟିକଙ୍କ ମଧ୍ୟରେ ଅଗ୍ର ସ୍ମରଣୀୟ ଓ ଅନତିକ୍ରମଣୀୟ। ବିଶ୍ୱ ସାହିତ୍ୟକୁ ଯୁଗାନ୍ତକାରୀ ଅବଦାନ ପାଇଁ ୧୯୧୩ରେ ତାଙ୍କୁ ମିଳିଥିଲା ନୋବେଲ ପୁରସ୍କାର। ପୁରସ୍କୃତ ପୁସ୍ତକ ଥିଲା ୧୯୧୨ରେ ରଚିତ 'ଗୀତାଞ୍ଜଳି'। ବ୍ରିଟିଶ୍ ସରକାର ତାଙ୍କୁ ୧୯୧୫ରେ 'ନାଇଟ୍ ହୁଡ୍' ସମ୍ମାନରେ ଭୂଷିତ କରିଥିଲେ ବି ୧୯୧୯ରେ ପଞ୍ଜାବର ଅମୃତସରରେ ସଂଘଟିତ ବର୍ବର ଜାଲିଆନାୱାଲାବାଗ୍ ଗଣହତ୍ୟାର ପ୍ରତିବାଦରେ ତାହା ସେ ଫେରାଇ ଦେଇଥିଲେ। ରବୀନ୍ଦ୍ରନାଥ କହୁଥିଲେ– ''ବିଶ୍ୱାସ ଏକ ପକ୍ଷୀ, ଯିଏ ଆଲୋକକୁ ଅନୁଭବେ ଓ ଅନ୍ଧାର ଆହୁରି ବାକିଥିବା ପ୍ରତ୍ୟୁଷରେ ଗୀତଗାଏ।''

## କୁନିଫୁଲର ମହତଭାବ

ଲଘୁଗଳ୍ପ

**ଦେବେନ୍ଦ୍ର କର**

ମହମହ ବାସ୍ନାରେ କୁନିଫୁଲଟି ଚତୁର୍ଦ୍ଦିଗ ମହକାଇ ଦେଉଥାଏ। ଆଜି ସେ ଦିଅଁଙ୍କ ପାଖରେ ଲାଗିବ। ଫୁଲଚାଙ୍ଗୁଡ଼ିରେ ସାଙ୍ଗସାଥୀଙ୍କ ସହିତ ବାହାରି ପଡ଼ିଥାଏ ମନ୍ଦିର ଅଭିମୁଖେ। ମନରେ ତା'ର ଅଫୁରନ୍ତ ଆନନ୍ଦ। ସ୍ୱଚ୍ଛ ଧବଳ ରଙ୍ଗ, ହଳଦୀ ଟହଟହ ପରାଗ ରେଣୁ। ଶାନ୍ତ, କୋମଳ ନିଷ୍କପଟ ଚାହାଣି। ସକାଳର କାକରବୁନ୍ଦା ସ୍ପର୍ଶରେ ତା'ର ପ୍ରତିଟି ପାଖୁଡ଼ା ମୋତି ପରି ଚିକ୍‌ମିକ୍ ଦିଶୁଥାଏ। ଧୀରେଧୀରେ କୁନିଫୁଲର ଆଗ୍ରହ ଉତ୍କଣ୍ଠା ବଢୁଥାଏ। କଢ଼ିଟିବେଳୁ ଶୁଣିଛି ଭାଗ୍ୟରେ ଥିଲେ କୁଆଡ଼େ ଦିଅଁଙ୍କ ପାଖରେ ସ୍ଥାନ ମିଳେ। ଚାହୁଁ ଚାହୁଁ ଶୁଭକ୍ଷଣର ଆଗମନ ହେଲା। ପ୍ରଭୁଙ୍କ ଗର୍ଭଗୃହରେ ତା'ର ପାଦ ପଡ଼ିଲା। ପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ କରି କୁନିଫୁଲର ମନ ପ୍ରାଣ ମୁଗ୍ଧ ହୋଇଗଲା।

ମନେମନେ କହୁଥାଏ ଏ ଜଗତର ସ୍ରଷ୍ଟା ସତରେ କେଡ଼େ ସୁନ୍ଦର! ଶାନ୍ତ, ସୁନ୍ଦର କମନୀୟ ରୂପକାନ୍ତି। ହାତରେ ଶସ୍ତ୍ର, ଗଳାରେ ଅଳଙ୍କାର, ଶରୀରରେ ବିବିଧ ରଙ୍ଗର ବସ୍ତ୍ର ଆଉ ପାର୍ଶ୍ୱରେ କେତେ ଦେବଦେବୀ। ସେବକ ମହାଶୟ କୁନିଫୁଲଟିକୁ ପ୍ରଭୁଙ୍କ ମଥାରେ ସ୍ଥାନ ଦେଲେ। ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ଧ୍ୱନିରେ ଗର୍ଭଗୃହ କମ୍ପିଉଠିଲା।

ତା' ସାଙ୍ଗକୁ ଚନ୍ଦନ, ଧୂପଦୀପ, କର୍ପୂର ମହକ। ପୂଜକ ମହାଶୟଙ୍କ ମନ୍ତ୍ର ଉଚ୍ଚାରଣ କୋଣ ଅନୁକୋଣକୁ ଛୁଇଁଗଲା। ଦୀପ ଆଲୋକରେ ପ୍ରଭୁଙ୍କ ମୁଖମଣ୍ଡଳ ସ୍ୱର୍ଣ୍ଣ ପରି ଝଲସି ଉଠିଲା। ଭକ୍ତିମୟ ହୋଇଉଠିଲା ସମଗ୍ର ମନ୍ଦିର ଆଉ ଏହାର ଚତୁଃପାର୍ଶ୍ୱ। ଭକ୍ତଗଣ ଧାଡ଼ିବାନ୍ଧି ଛୁଟି ଆସିଲେ। କୁନିଫୁଲର ଆଗ୍ରହ ଉତ୍କଣ୍ଠା ଧୀରେଧୀରେ ତୁଟି ଆସିଲା। ଏବେ ସେ ଖୁବ୍ ଅଣନିଃଶ୍ୱାସି ଅନୁଭବ କଲା। ନିରୁପାୟ ହୋଇ କୁନିଫୁଲଟି କଇଁକଇଁ ହୋଇ କାନ୍ଦିଲା।



ଭଗବାନ୍ ତା' କାନ୍ଦ ସହି ନ ପାରି ପ୍ରଶ୍ନ କଲେ– ତୁମେ କାନ୍ଦୁଛ କାହିଁକି? କୁନିଫୁଲ କହିଲା– ପ୍ରଭୁ, ଭକ୍ତର ମନ ପ୍ରାଣ ଆଜି କାମନାରେ ପରିପୂର୍ଣ୍ଣ। ଦିଅଁଙ୍କ ଗୃହରେ କେବଳ ଦିଅ ଦିଅ ସ୍ୱର ଗୁଞ୍ଜରିତ ହେଉଛି। ଦୁନିଆଯାକର ଲୁହ, କୋହ, ଦୁଃଖ, କ୍ଷୋଭ ଆଜି ତୁମ ଚତୁଃପାର୍ଶ୍ୱରେ ପରିପୂର୍ଣ୍ଣ। ଏସବୁ ତ ମତେ ଆବର୍ଜନା ପରି ପ୍ରତୀୟମାନ ହେଉଛି। ଆପଣ ତ ସଭିଙ୍କର ପାଳନକର୍ତ୍ତା, ରକ୍ଷାକର୍ତ୍ତା ଓ ଶୁଭଚିନ୍ତକ। ସବୁ ପରେ ବି ଆପଣଙ୍କ ପ୍ରତି ଏତେ ଅବିଚାର କାହିଁକି? କର୍ମ ଅନୁଯାୟୀ ଫଳ ତ ପୂର୍ବ ନିର୍ଦ୍ଧାରିତ। ଏଠି ଆପଣ ଦୋଷୀ ହେଲେ କିପରି?

ସବୁ କଥା ଶୁଣି ଭଗବାନ୍ ଅଳ୍ପ ହସି କହିଲେ– ତୁମେ କୁନି ଅଥଚ ତୁମ ଭାବନା ଖୁବ୍ ଉଚ୍ଚ। ସମସ୍ତେ ଯଦି ତୁମ ପରି ଭାବିବେ ଏ ଜଗତରୁ ଦୁଃଖ ସମସ୍ୟା ନିମିଷକ ମଧ୍ୟରେ ଦୂର ହୋଇଯିବ। ମୋହ, ମାୟା, କାମନାରେ ବଶୀଭୂତ ଏ ଦୁନିଆ। ମଣିଷ ସବୁ ଜାଣି ବି ଅଭିନୟ କରୁଚି। ଆଉ ମନୁଷ୍ୟ ଯାହାକୁ ସମସ୍ୟା କହି ବ୍ୟତିବ୍ୟସ୍ତ ହେଉଛି ଏସବୁ ତ ଜୀବନର ଅଂଶ ମାତ୍ର। ଭଲା ଜୀବନର ଅଂଶକୁ ବାଦ୍ ଦେଇ କ'ଣ ଜୀବନ ନିର୍ବାହ ସମ୍ଭବ। ମଣିଷ ଯାହା ଚାହେଁ ତାହା ପାଏନି, ଯାହା ତା' ପାଇଁ ଉପଯୁକ୍ତ ମୁଁ ତାହା ହିଁ ପ୍ରଦାନ କରେ। ହେଲେ ନିର୍ବୋଧ ମଣିଷ କ'ଣ ବୁଝିପାରୁଚି। ଭଗବାନ୍ ପୁଣି କହିଲେ– ମନରୁ ଭୟ, ଘୃଣା, ଅସନ୍ତୋଷ ଭାବ ପରିହାର କରିନିଅ। ଜୀବନ ସ୍ୱଳ୍ପ ସମୟର, ଆଉ ପ୍ରତ୍ୟେକ କ୍ଷଣ ପାଇଁ ଲୋଡ଼ା କେବଳ ତ୍ୟାଗ, ସମର୍ପଣ ଓ ସେବା ମନୋବୃତ୍ତି। ନିଜ ପାଇଁ ନୁହେଁ ଯିଏ ଅନ୍ୟ ପାଇଁ ବଞ୍ଚେ, ତା' ଜୀବନ ହୁଏ ସାର୍ଥକ। ସବୁ କଥା ଶୁଣି କୁନିଫୁଲ ମୁହଁରେ ହସ ଫୁଟିଉଠିଲା। ଏବେ ସେ ଭଗବାନ୍‌ଙ୍କ ନାମ ଜପିବାକୁ ଲାଗିଲା। ତା' ସ୍ୱରରେ ଭରି ରହିଥିଲା ଗଭୀର ଭକ୍ତିଭାବ।

ମୋ: ୯୯୩୭୯୬୩୯୧୦

# ଗୁଜରାଟ ଟାଇଟନ୍ସର ବୃହତ୍ ବିଜୟ

**ଜୟପୁର,୫।୫**

ସୱାଇ ମାନସିଂହ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍‌ରେ ୪୮ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୯ ଉଇକେଟରେ ହରାଇ ବୃହତ ବିଜୟ ହାସଲ କରିଛି ଗୁଜରାଟ ଟାଇଟନ୍ସ। ରଶିଦ୍ ଖାନ୍ ଓ ନୁର୍ ଅହମଦଙ୍କ ଘାତକ ବୋଲିଂ ବଳରେ ରାଜସ୍ଥାନ ୧୭.୫ ଓଭରରେ ୧୧୮ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ୧୩.୫ ଓଭରରେ ୧ ଉଇକେଟ ହରାଇ ଆବଶ୍ୟକ ରନ୍ ହାସଲ କରି ନେଇଥିଲା ଗୁଜରାଟ। ଯଶସ୍ୱୀ ଜୟସ୍ୱାଲଙ୍କ ସ୍ଥାନରେ ରିୟାନ୍ ପରାଗ ଓ ମୋହିତ ଶର୍ମାଙ୍କ ସ୍ଥାନରେ ଶୁବମାନ୍ ଗିଲ୍‌ଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଖେଳାଇଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
**ବେଙ୍ଗାଲୁରୁ ବନାମ ଦିଲ୍ଲୀ**
**ସ୍ଥାନ:ଦିଲ୍ଲୀ,**
**ସମୟ: ରାତି ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ରାଜସ୍ଥାନ ପକ୍ଷରୁ ଅଧିନାୟକ ସଞ୍ଜୁ ସାମ୍‌ସନ୍ ସର୍ବାଧିକ ୩୦ ରନ୍ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ୧୪, ଦେବଦତ୍ତ ପଡିକଲ୍ ୧୨ ଓ ଟ୍ରେଣ୍ଟ ବୋଲ୍ଟ ୧୫ ରନ୍ କରିଥିଲେ। ସାମସନ୍ ୨୦ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଏକଦା ୪୭ ରନ୍‌ରେ ଗୋଟିଏ ଉଇକେଟ ହରାଇଥିବା ରାଜସ୍ଥାନ ୭୭ ରନ୍ ମଧ୍ୟରେ ୬ ଉଇକେଟ ହରାଇଥିଲା।ଦଳର ୭ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ରଶିଦ୍ ୧୪ ରନ୍‌ରେ ୩ ଓ ନୁର୍ ୨୫ ରନ୍‌ରେ ଦୁଇ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋଶୁଆ ଲିଟଲ, ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ମହମ୍ମଦ ଶାମି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୧୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଗୁଜରାଟ ପକ୍ଷରୁ ଶୁବମାନ ଗିଲ୍ ଓ ରିଦ୍ଧିମାନ ସାହା ପ୍ରଥମ ଉଇକେଟରେ ୭୧ ରନ୍ ଯୋଡିଥିଲେ। ଗିଲ୍ ୩୫ ବଲ୍ ଖେଳି ୩୬ ରନ୍ କରିଥିବା ବେଳେ ସାହା ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ବିଜୟୀ କରିଥିଲେ। ୩୪ ବଲ୍ ଖେଳି ୫ ଚୌକା ସହିତ ସାହା ୪୧ ରନ୍ କରିଥିବା ବେଳେ ପାଣ୍ଡ୍ୟା ୧୫ ବଲ୍‌ରୁ ୩ଟି ଲେଖାଏ ଛକା ଓ ଚୌକା ସହ ୩୯ ରନ୍ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଯୁଜବେନ୍ଦ୍ର ଚହଲ ଏକମାତ୍ର ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୧୭.୫ ଓଭରରେ ୧୧୮/୧୦ (ସଞ୍ଜୁ ସାମସନ୍-୩୦, ଟ୍ରେଣ୍ଟ ବୋଲ୍ଟ-୧୫, ଯଶସ୍ୱୀ ଜୟସ୍ୱାଲ-୧୪, ରଶିଦ୍ ଖାନ୍-୩/୧୪, ନୁର ଅହମ୍ମଦ-୨/୨୫)। ଗୁଜରାଟ ଟାଇଟନ୍ସ ୧୩.୫ ଓଭରରେ ୧୧୯/୧( ରିଦ୍ଧିମାନ ସାହା-୪୧*, ହାର୍ଦ୍ଦିକ୍ ପାଣ୍ଡ୍ୟା-୩୯*, ଶୁବମାନ ଗିଲ୍-୩୬, ଯୁଜବେନ୍ଦ୍ର ଚହଲ-୧/୨୨)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ରଶିଦ୍ ଖାନ୍।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୧୪ | +୦.୭୫୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୪ | ୧୧ | +୦.୬୩୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୪ | ୧୧ | +୦.୩୨୯ |
| ରାଜସ୍ଥାନ ରୟାଲ୍ସ | ୧୦ | ୫ | ୫ | ୧୦ | +୦.୪୪୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୦୩୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | -୦.୩୭୩ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩ | ୬ | ୬ | -୦.୭୬୮ |



ସ୍ତ୍ରୀ ଅଞ୍ଜଳି ଓ ଝିଅ ସାରାଙ୍କ ସହ ରୋଷେଇ କରୁଛନ୍ତି ସଚିନ ତେନ୍ଦୁଲକର।

# ଚୁଲିରେ ରୋଷେଇ କଲେ ସଚିନ୍ ତେନ୍ଦୁଲକର

**ମୁମ୍ବାଇ,୫।୫**

କ୍ରିକେଟର ଭଗବାନ ତଥା ଭାରତୀୟ କ୍ରିକେଟର କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ଚୁଲିରେ ରୋଷେଇ କରିଛନ୍ତି। ନିକଟରେ ସେ ନିଜର ୫୦ ତମ ଜନ୍ମ ଦିବସ ପାଳନ କରିଥିଲେ। ଏହି ଅବସରରେ ନିଜ ଗ୍ରାମରେ ସେ ଏକ କାଠ ଚୁଲିରେ ରୋଷେଇ କରିଥିଲେ। ଶୁକ୍ରବାର ତେନ୍ଦୁଲକର ନିଜ ଟୁଇଟର ଆକାଉଣ୍ଟରେ ଏହି ଫଟୋ ଶେୟାର କରିଥିଲେ। ଏହା ସହିତ କ୍ୟାପ୍‌ଶନ୍ ଲେଖିଥିଲେ 'ଜୀବନରେ ତୁମେ ସବୁଦିନ ଅର୍ଦ୍ଧଶତକ ମାରିବାର ସୁଯୋଗ ପାଇ ନଥାଅ, ନିଜ ଲୋକଙ୍କ ସହିତ ହିଁ ଏହାର ମଜା ଉଠାଇ ହୁଏ। ନିକଟରେ ଏମିତି ଏକ ଅର୍ଦ୍ଧଶତକର ମଜା ମୁଁ ଗାଁର ନିରୋଳା ପରିବେଶରେ ନେବାରେ ସମର୍ଥ ହେଲି। ଏହି ଫଟୋରେ ସଚିନଙ୍କ ସହିତ ପତ୍ନୀ ଅଞ୍ଜଳି ଓ ଝିଅ ସାରା ନଜର ଆସିଥିଲେ। ଏହା ସହ ସେ କ୍ୟାପସନ୍‌ରେ ଅର୍ଜୁନଙ୍କୁ ମିସ୍ କରୁଥିବା ମଧ୍ୟ ଉଲ୍ଲେଖ କରିଛନ୍ତି।

# ଇଣ୍ଡିଆନ୍ ଓମେନ୍ସ ଲିଗ୍: ଓଏଫ୍‌ସିର ବୃହତ୍ ବିଜୟ

## ବାଲା, ମାଳତୀ, କରିଷ୍ମାଙ୍କ ଡବଲ ଗୋଲ



ଓଡ଼ିଶା ଏଫ୍‌ସି ଓ ଚର୍ଚ୍ଚିଲ ବ୍ରଦର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭୁବନେଶ୍ୱର,୫।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଜରାଟରେ ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)ର ବୃହତ୍ ବିଜୟ ହୋଇଛି। ଶୁକ୍ରବାର ଶାହିବାଗରେ ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୧୦-୦ ବୃହତ୍ ବ୍ୟବଧାନରେ ଜିତି ନେଇଥିଲା। ଓଏଫ୍‌ସି ପକ୍ଷରୁ ଅଧିନାୟିକା ନାନ୍‌ଗୋମ୍ ବାଲା ଦେବୀ (୬, ୨୧ ମିନିଟ), ମାଳତୀ ମୁଣ୍ଡା (୬୫, ୯୦+୧ ମିନିଟ) ଓ କରିଷ୍ମା ଓରାମ(୧୮ଓ ୪୫+୩) ମିନିଟରେ ଡବଲ ଗୋଲ ସ୍କୋର କରିଥିଲେ।

ଶୁକ୍ରବାର ମ୍ୟାଚ ଆରମ୍ଭରୁ ଓଏଫ୍‌ସି ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମ୍ୟାଚର ଷଷ୍ଠ ମିନିଟରେ ବାଲା ଦେବୀ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାର ୬ ମିନିଟ ପରେ ଯଶୋଦା ମୁଣ୍ଡାଙ୍କ ଗୋଲରେ ଓଏଫ୍‌ସି ୨-୦ରେ ଆଗୁଆ ହୋଇଥିଲା। ୧୮ ତମ ମିନିଟରେ ଡିଫେଣ୍ଡର କରିଷ୍ମା ଓରାମ ଗୋଲ ସ୍କୋର କରିଥିବା ବେଳେ ୨୧ତମ ମିନିଟରେ ବାଲା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ମିଡ୍ ଫିଲ୍ଡର କାର୍ତ୍ତିକା ଅଙ୍ଗମୁଥୁ ୩୯ତମ ମିନିଟରେ ଯଶୋଦାଙ୍କ ପାସ୍‌ରୁ ଗୋଲ ସ୍କୋର କରିବା ସହିତ ଦଳକୁ ୫-୦ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ୪୫+୩ ମିନିଟରେ କରିଷ୍ମା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଓଏଫ୍‌ସି ୬-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମାଳତୀ ମୁଣ୍ଡା ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଏସ୍ ଲିଣ୍ଡା କୋମ୍ ଓ ଫୌଷ୍ଟିନା ଓରୋନିଓ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୫୬ତମ ମିନିଟରେ ଫୌଷ୍ଟିନା ସ୍କୋର କରିଥିବା ବେଳେ ୬୦ ତମ ମିନିଟରେ ଫୌଷ୍ଟିନାଙ୍କ ଆସିଷ୍ଟରେ ସ୍କୋର କରିଥିଲେ ଲିଣ୍ଡା। ୬୫ ତମ ମିନିଟରେ ଡିଫେଣ୍ଡର ସୋନାଲି ଚେମଟେଙ୍କ ପାସ୍‌କୁ ଗୋଲରେ ପରିଣତ କରି ଓଏଫ୍‌ସିର ଅଗ୍ରଣୀକୁ ୯-୦ରେ ପହଞ୍ଚାଇଥିଲେ ମାଳତୀ ମୁଣ୍ଡା। ମ୍ୟାଚ୍ ଶେଷ ହେବାକୁ କିଛି ମିନିଟ ରହିଥିବା ବେଳେ ଇଞ୍ଜୁରୀ ଟାଇମରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମାଳତୀ। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଲର୍ଡସ ଏଫ୍‌ଏ କୋଚିକୁ ଭେଟିବ।

# ମାଉଣ୍ଟ ଏଲବ୍ରୁସରେ ସିଦ୍ଧାର୍ଥ



ସିଦ୍ଧାର୍ଥ ରାଉତରାୟ

**ଭୁବନେଶ୍ୱର,୫।୫ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶାର ପର୍ବତାରୋହଣକାରୀ ସିଦ୍ଧାର୍ଥ ରାଉତରାୟ ୟୁରୋପର ସର୍ବୋଚ୍ଚ ଗିରି ଶୃଙ୍ଗ ମାଉଣ୍ଟ ଏଲବ୍ରୁସ ଆରୋହଣ କରିଛନ୍ତି। ମେ ୩ ତାରିଖରେ ସିଦ୍ଧାର୍ଥ ଏହି ପର୍ବତ ଚଢିଥିଲେ। ଶୁକ୍ରବାର ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଥିବା ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ଏହା ପୂର୍ବରୁ ମାଉଣ୍ଟ ଭିନସେଣ୍ଟ, ମାଉଣ୍ଟ କିଲିମାଞ୍ଜାରୋ ଏବଂ ମାଉଣ୍ଟ ଏଭରେଷ୍ଟ ଆରୋହଣ କରି ସାରିଛନ୍ତି।

# ଡବ୍ଲ୍ୟୁଟିସି ଫାଇନାଲ ଖେଳିବେନି ରାହୁଲ

**ନୂଆଦିଲ୍ଲୀ, ୫।୫ (ପି.ଟି.):** ଭାରତର ଟପ୍ ଅର୍ଡର ବ୍ୟାଟର ଲୋକେଶ ରାହୁଲ ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲରେ ଖେଳିବେ ନାହିଁ। ଶୁକ୍ରବାର ସେ ଏହା ସ୍ପଷ୍ଟ କରିଛନ୍ତି। ମେଡିକାଲ ଟିମ୍‌ର ପରାମର୍ଶ ଅନୁସାରେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହେବ। ଲକ୍ଷ୍ନୌ ଅଧିନାୟକ ରାହୁଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ଆହତ ହୋଇଥିଲେ। ଆହତ ଲାଗି ଯେଉଁ ଖେଳାଳିମାନେ ଉପଲବ୍ଧ ହେବେ ନାହିଁ ସେମାନେ ହେଲେ ଯଶପ୍ରୀତ ବୁମ୍‌ରା, ଶ୍ରେୟସ ଆୟାର ଓ ରିଷଭ ପନ୍ତ।

# ଶୌର୍ଯ୍ୟ ସ୍ୱରୂପ, ସୋହିନୀଙ୍କୁ ଡବଲ୍ ଟାଇଟଲ୍



ଅତିଥି ଓ କର୍ମକର୍ତ୍ତାଙ୍କ ସହ କୃତୀ ପ୍ରତିଯୋଗୀ।

**ଭୁବନେଶ୍ୱର,୫।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଭୁବନେଶ୍ୱର ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୧୬ ବର୍ଷରୁ କମ୍ ସର୍ବଭାରତୀୟ ଓଟିଏ-ଏଆଇଟିଏ ଟେନିସ ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗର ଶୌର୍ଯ୍ୟ ଏସ୍ ସ୍ୱରୂପ ଓ ଓଡ଼ିଶାର ସୋହିନୀ ଏସ୍ ମହାନ୍ତି ଡବଲ୍ ଟାଇଟଲ୍ ହାସଲ କରିଛନ୍ତି। ସୌର୍ଯ୍ୟ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ଟାଇଟଲ୍ ହାସଲ କରିଥିଲେ। ଅନ୍ୟପକ୍ଷରେ ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ଟାଇଟଲ୍ ହାସଲ କରିଥିଲେ ସୋହିନୀ। ସିଙ୍ଗଲ୍ସରେ ଦ୍ୱିତୀୟ ସିଡେଡ ଶୌର୍ଯ୍ୟ ୭-୫, ୧-୬ ଓ ୬-୩ ସେଟ୍‌ରେ ଓଡ଼ିଶାର ଆଦିତ୍ୟ ବିକ୍ରମ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ସେହିପରି ବାଳକ ଡବଲ୍ସ ବର୍ଗରେ ନିଜ ରାଜ୍ୟର ଅରିତ୍ର ସାସମଲଙ୍କୁ ସାଥୀ କରି ସେ ଓଡ଼ିଶାର ଆଦ୍ୟି ବିକ୍ରମ ଓ ଆଦିତ୍ୟ ସିଂ ଜାଦୋନଙ୍କୁ ୬-୩ ଓ ୭-୫ ସେଟରେ ପରାସ୍ତ କରିଥିଲେ। ବାଳିକା ସିଙ୍ଗଲ୍ସରେ ସୋହିନୀ ଓଡ଼ିଶାର ଅଭିପ୍ସା ଦେହୁରୀଙ୍କୁ ୬-୧, ୬-୦ ସେଟରେ ପରାସ୍ତ କରିଥିଲେ। ବାଳିକା ଡବଲ୍ସରେ ସେ ଆଦ୍ରିକା ପଟ୍ଟନାୟକଙ୍କୁ ସାଥୀ କରି ଖେଳିଥିବା ବେଳେ ଅନ୍ୟତମ ଓଡ଼ିଆ ଯୋଡି ଅଭୀପ୍ସା ଦେହୁରୀ ଓ ପ୍ରିଶା ଦାସଙ୍କୁ ୬-୧ ଓ ୬-୨ ସେଟରେ ପରାସ୍ତ କରିଥିଲେ। ୮ ରାଜ୍ୟର ୬୪ ପ୍ରତିଯୋଗୀ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟେନିସ ଆସୋସିଏଶନ୍(ଓଟିଏ)ର ଯୁଗ୍ମ ସଚିବ ତଥା ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡା, କ୍ରୀଡା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ବିଜୟୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଟିଏ ପରିଚାଳନା ଅଧିକାରୀ ସମ୍ମିତ ପଟ୍ଟନାୟକ ଓ ଟୁର୍ଣ୍ଣାମେଣ୍ଟ ରେଫରୀ ଯତୀନ୍ ବସ୍ୟ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିଜେତାଙ୍କୁ ୨୫ ଓ ରନର୍ସ ଅପ୍ ପ୍ରତିଯୋଗୀଙ୍କୁ ୨୦ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିଥାଏ।

**ସର୍ବଭାରତୀୟ ଟେନିସ୍ ଟୁର୍ଣ୍ଣାମେଣ୍ଟ**

# ବିହାର, ମହାରାଷ୍ଟ୍ର, କର୍ଣ୍ଣାଟକ ବିଜୟୀ

**ରାଉରକେଲା ଅଫିସ, ୫।୫**

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ତ୍ରୟୋଦଶ ଜାତୀୟ ସବ୍-ଜୁନିୟର ମହିଳା ହକି ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ଦିବସରେ ପ୍ରଥମ ମ୍ୟାଚ୍ ବିହାର ଓ ତେଲଙ୍ଗାନା ମଧ୍ୟରେ ହୋଇଥିଲା। ବିହାର ୪-୧ରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ମହାରାଷ୍ଟ୍ର ଦଳ ୧୧-୦ ଗୋଲରେ ଦାଦ୍ରାନଗର ହାବେଳୀକୁ ହରାଇଥିଲା। ତୃତୀୟ ମ୍ୟାଚରେ କର୍ଣ୍ଣାଟକ ୮-୦ରେ ପଣ୍ଡିଚେରୀକୁ ପରାସ୍ତ କରିଥିଲା। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ଦେଶର ୨୮ଟି ରାଜ୍ୟର ହକି ଦଳ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କୁ ୮ଟି ପୁଲରେ ଭାଗ କରାଯାଇଛି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ହକି ଇଣ୍ଡିଆର ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଓ ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ଅତିଥି ଭାବେ ଯୋଗ ଦେଇଥିଲେ।

# ପ୍ରଥମ ଦିନରେ ଓଡ଼ିଶା ଖେଳାଳିଙ୍କୁ ୩ ପଦକ

**ଭୁବନେଶ୍ୱର,୫।୫(ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁ ସ୍ଥିତ ଶ୍ରୀ କାନ୍ତିବୀରା ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ସ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିର ପ୍ରଥମ ଦିନରେ ଓଡ଼ିଶା ଆଥଲେଟଙ୍କୁ ୩ ପଦକ। ୧୨ଦେଶର ୨୯୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ପକ୍ଷରୁ ଜୟନ୍ତୀ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପଙ୍କଜ ଭୁଏ ରୌପ୍ୟ ଓ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମହିଳା ୧୦୦ ମିଟର ଟି୩୫/୪୨/୪୭/୬୨ ବର୍ଗରେ ଜୟନ୍ତୀ ୧୩.୨୮ ସେକେଣ୍ଡର ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶ୍ରୀଲଙ୍କାର କୁମୁଦିକା ଦୟାନି ରୌପ୍ୟ ଓ ଅନ୍ୟତମ ଭାରତୀୟ ଖେଳାଳି ପ୍ରୀତି ପାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ୧୦୦ ମିଟର ଟି୧୩ ବର୍ଗରେ ପଙ୍କଜ ଭୁଏ ୧୨.୩୪ ସେକେଣ୍ଡର ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଶଟ୍ ପୁଟ୍‌ର ଏଫ୍-୫୪ ବର୍ଗରେ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୬.୯୧ ମିଟର ଦୂରକୁ ଶଟପୁଟ ଫିଙ୍ଗିଥିଲେ।



ପଙ୍କଜ ଭୁଏ



ଜୟନ୍ତୀ ବେହେରା



ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ

# ସୁନ୍ଦରଗଡ଼, ବରଗଡ଼ ବିଜୟୀ

**ଭୁବନେଶ୍ୱର,୫।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୬୨ତମ ଜାତୀୟ ପୁରୁଷ ସିନିୟର ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର କ୍ୱାର୍ଟରଫାଇନାଲ ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ଶୁକ୍ରବାର ସୁନ୍ଦରଗଡ଼ ଓ ବରଗଡ଼ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ସୁନ୍ଦରଗଡ଼ ୪-୧ ଗୋଲ୍‌ରେ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କିଶୋର ଖାଡିଆ (୬୮ତମ ଓ ୭୩ ତମ ମିନିଟ) ଦୁଇଟି ଗୋଲ୍ ଦେଇଥିବା ବେଳେ ଦୀପକ ମୁଣ୍ଡା (୫୨ତମ) ଓ ସ୍ୱାଧୀନ ବଡେଇ (୭୮ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଛନ୍ତି। ପ୍ରଶାନ୍ତ ବେହେରା, ଦିଲୀପ ରାଉତ, ଦେବାଶିଷ ବାଗ୍ ଓ ଉତ୍କଳମଣି ବେହେରା ମ୍ୟାଚ ଅଫିସିଆଲ ଦାୟିତ୍ୱ ତୁଲାଇଥିବା ବେଳେ ଯୁଗଳ କିଶୋର ଦାସ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଫୁଟ୍‌ବଲ ଆରେନାଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ବରଗଡ଼ ୩-୨ ଗୋଲ୍‌ରେ ଝାରସୁଗୁଡାକୁ ହରାଇ ଦେଇଛି। ଏହି ମ୍ୟାଚରେ ବରଗଡ଼ ପକ୍ଷରୁ କ୍ରିଷ୍ଣା ହରିପାଲ (୩୪ତମ ଓ ୬୯ତମ ମିନିଟ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଫ୍ରାନ୍‌ସିସ୍ ଲାକ୍ରର (୪୨ତମ) ଗୋଟିଏ ଗୋଲ୍ ଦେଇଥିଲେ। ଝାରସୁଗୁଡ଼ା ତରଫରୁ ଅବିନାଶ ମୁଣ୍ଡା (୬୧ତମ) ଓ ଘନଶ୍ୟାମ ମାଝି (୪୫ତମ) ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଭୀମ ଛେତ୍ରୀ, ପ୍ରଦୀପ୍ତ ନାୟକ, ଲକ୍ଷ୍ମଣ ସେଠ୍ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ମ୍ୟାଚ ଅଫିସିଆଲ ଏବଂ ସୁଜିତ ପାତ୍ରୋ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।



ବରଗଡ଼ ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ